ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-53 ◆SUNDAY ◆17 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୩ ◆ରବିବାର ◆୧୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)

ପ୍ରଳୟଙ୍କରୀ ବନ୍ୟା
ଉତ୍ତର ପାକିସ୍ତାନରେ ୩୪୪ ମୃତ

■ **ଇସଲାମାବାଦ୍, ୧୬।୮ (ଏଜେନ୍ସି):** ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାକିସ୍ତାନର ଉତ୍ତରାଞ୍ଚଳ ଧ୍ୱସ୍ତ ହୋଇଯାଇଛି । ଶତାଧିକ ଗାଁ ଭାସିଯାଇଥିବା ବେଳେ ରାସ୍ତାଗୁଡ଼ିକ ଭୁଶୁଡ଼ି ପଡ଼ିଛି । ଏହି ବିପର୍ଯ୍ୟୟରେ ଗତ ୪୮ ଘଣ୍ଟା ମଧ୍ୟରେ ୩୪୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଅଧିକ ଆହତ ହୋଇଛନ୍ତି । ଖାଇବର ପଖତୁନଖୱାରେ ସର୍ବାଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ବିଭିନ୍ନ ନଦୀରେ ଆସିଥିବା ବନ୍ୟା କାରଣରୁ କେବଳ ଏହି ଅଞ୍ଚଳରେ ୩୦୭ ଜଣ ମୃତ୍ୟୁବରଣ କରିଛନ୍ତି । ଏହି ଅଞ୍ଚଳରେ ଅନେକ ଗାଁ ପାଣିରେ ବୁଡ଼ି ନିଶ୍ଚିହ୍ନ ହୋଇଯାଇଛି । ଏବେ ବି ପ୍ରବଳ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି । ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଏକ ହେଲିକପଟର ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି । ଅନେକ ଅଞ୍ଚଳ ▶ପୃଷ୍ଠା-୭

ବର୍ଷା ବିପାତ

କିସ୍ତୱାର ବିପର୍ଯ୍ୟୟ
୬୫ ମୃତ, ଏବେ ବି ୨୦୦ ନିଖୋଜ

■ **ଶ୍ରୀନଗର, ୧୬।୮ (ଏଜେନ୍ସି):** ଜମ୍ମୁ- କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁଁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଗଲାଣି । ମାଟିତଳେ ଏବେ ବି ଶତାଧିକ ଲୋକ ଦବି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ନିଖୋଜ ରହିଥିବା ଅତିକମରେ ୨୦୦ ଲୋକଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି ଏବଂ ଏଥିରେ ସେନାକୁ ନିୟୋଜିତ କରାଯାଇଛି । ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖରେ ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ବଡ଼ ଧରଣର ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ମିଳିଥିଲା । ପାଣିରେ ଶତାଧିକ ଘର ଭାସି ଯାଇଥିବା ବେଳେ ଭୂସ୍ଖଳନରେ ଅନେକ ଘର ଓ ଲୋକେ ମାଟି ତଳେ ଚାପି ହୋଇରହିଛନ୍ତି । କିସ୍ତୱାର ଜିଲ୍ଲାର ଚୋସିତି ଗ୍ରାମ ଧ୍ୱସ ହୋଇଯାଇଛି । ▶ପୃଷ୍ଠା-୭

ଆଶା ବଢ଼ାଇଲା ଆଲାସ୍କା

ଆମେରିକା-ରୁଷ୍-ୟୁକ୍ରେନ୍ ତ୍ରିପାକ୍ଷିକ ବୈଠକ ହେବ

ତିନି ଘଣ୍ଟା ଚାଲିଲା ଟ୍ରମ୍ପ-ପୁତିନ ବୈଠକ

ସୋମବାର ଆମେରିକା ଯିବେ ଜେଲେଁସ୍କି

■ **ୱାସିଂଟନ, ୧୬।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ଆଲାସ୍କା ଶିଖର ବୈଠକ ଶେଷ ହୋଇଛି । ଉଭୟ ନେତା ପ୍ରାୟ ତିନି ଘଣ୍ଟା ଧରି ଆଲୋଚନା କରିଛନ୍ତି । ସାରା ବିଶ୍ୱର ନଜର ଥିବା ଏହି ବୈଠକରେ ଦୁଇ ନେତା ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି । ୟୁକ୍ରେନ ଯୁଦ୍ଧରେ ଅସ୍ତ୍ରବିରତି ଅପେକ୍ଷା ସ୍ଥାୟୀ ଶାନ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି କଥାବାର୍ତ୍ତା ନେଇ ଦୁଇ ନେତା ସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାୟୀ ଶନ୍ତି ପାଇଁ ଟ୍ରମ୍ପ, ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ । ସେହି ବୈଠକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ତେବେ ଆଲାସ୍କା ବୈଠକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଲା ଯେ ଭାରତ ଉପରେ ଟ୍ରମ୍ପ ଆଉ ଅଧିକ ୨୫ ଭାଗ ଶୁଳ୍କ ଧାର୍ଯ୍ୟ କରିନପାରନ୍ତି ବୋଲି ସୂଚନା ଦେଇଛନ୍ତି ।

ଗତକାଲି ଆମେରିକାର ଆଲାସ୍କାରେ ଟ୍ରମ୍ପ ଓ ପୁତିନ ଏକାଠି ହୋଇଥିଲେ । ଏହାପରେ ଦୁଇ ନେତା ମିଳିତ ସାମ୍ବାଦିନ ସମ୍ମିଳନୀରେ ଯୋଗ ଦେଇଥିଲେ । ବୈଠକ ସକାରାତ୍ମକ ଥିଲା ବୋଲି ଟ୍ରମ୍ପ କହିଛନ୍ତି । କେତୋଟି ବିଷୟରେ ଦୁହେଁ ସହମତି ଜଣାଇଥିଲେ । କିନ୍ତୁ ଏହି ହାଇପ୍ରୋଫାଲ ବୈଠକରେ କୌଣସି ଚୁକ୍ତି ବା ଡିଲ୍ ହୋଇନାହିଁ । ବୈଠକ ସକରାତ୍ମକ ହୋଇଥିଲେ ମଧ୍ୟ ଅନ୍ତିମ ବୁଝାମଣା ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ହେଲେ ତାହାର ଅସଲ କାରଣକୁ ଶେଷ କରିବାକୁ ହେବ ବୋଲି ପୁତିନ କହିଛନ୍ତି । ଯଦି ୨୦୨୨ରେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଯୁଦ୍ଧ ▶ପୃଷ୍ଠା-୭

ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲାଗିବନି: ଟ୍ରମ୍ପ

■ **ଆଲାସ୍କା, ୧୬।୮ (ଏଜେନ୍ସି):** ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ସେ କହିଛନ୍ତି ଯେ ରୁଷ୍‌ଠାରୁ ତୈଳ କିଣୁଥିବା ଦେଶ ଉପରେ ଏବେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହୁଁ । ଦୁଇ ତିନି ସପ୍ତାହ ପରେ ଏହା ଉପରେ ବିଚାର କରିବାକୁ ପଡ଼ିପାରେ । ସେହିପରି ରୁଷ୍ ସହ ତୈଳ ବ୍ୟବସାୟ କରିବାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି । ଏହା ଦ୍ୱାରା ରୁଷ୍ ଏକ ବଡ଼ ତୈଳ ଗ୍ରାହକ ହରାଇଛି । ଚୀନ୍ ଉପରେ ଏଭଳି ଶୁଳ୍କ ଲଗାଇଲେ ରୁଷ୍ ପାଇଁ ବିଧ୍ୱଂସକ ସାବ୍ୟସ୍ତ ହେବ । ଆବଶ୍ୟକ ପଡ଼ିଲେ ଏହି ଶୁଳ୍କ ଲଗାଇବି, କିନ୍ତୁ ଲାଗୁଚି ଏପରି କରିବାକୁ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ରୁଷ ତୈଳ ଏବଂ ଅସ୍ତ୍ରଶସ୍ତ୍ର କିଣିବାକୁ ନେଇ ଗତ ୬ ତାରିଖରେ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ଥିଲେ । ଏହା ୨୭ ତାରିଖରୁ କାର୍ଯ୍ୟକାରୀ ହେବ । ଏହାକୁ ମିଶାଇ ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି । ତେବେ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ରୁଷ୍‌ରୁ ତୈଳ କ୍ରୟ ଉପରେ କୌଣସି କଟକଣା ଲଗା ଯାଇନାହିଁ ବୋଲି ଭାରତ ସ୍ପଷ୍ଟ କରିଛି । ତେବେ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଭାରତ ଆଶ୍ୱସ୍ତ ହୋଇଛି । ଆଉ ଅଧିକ ଶୁଳ୍କ ଲାଗିନପାରେ ।

୨୮ରେ ନୂଆଁଖାଇ

■ **ସମ୍ବଲପୁର, ୧୬।୮ (ସମିସ):** ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି । ଆସନ୍ତା ୨୮ ତାରିଖ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ମିନିଟ୍‌ରୁ ୧୦ଟା ୫୫ମିନିଟ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ । ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ । ଏହି କ୍ରମରେ ଶନିବାର ଅପରାହ୍ଣରେ ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀଶ୍ରୀବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି । ପଣ୍ଡିତସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ ।

୧୦:୩୩ ରୁ ୧୦:୫୫ ଲାଗିହେବ ନବାନ୍ନ

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଋସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ, ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥୀ ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ଅଗଷ୍ଟ ୨୮ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ । ଇଷ୍ଟଦେବୀମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ ।

ଆସୁଛି ଆଉ ଏକ ଲଘୁଚାପ
ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୬।୮ (ସମିସ):** ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ହୋଇଛି । ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ବିସ୍ତାରିତ ହୋଇଛି । ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୧୯ ତାରିଖ ଯାଏଁ ପ୍ରବଳ ବର୍ଷା ସହ ଝଡ଼ି ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛି । ଆଗକୁ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି । ଆସନ୍ତାକାଲିଠାରୁ ବର୍ଷା ଆହୁରି ବଢ଼ିବ । ପ୍ରବଳ ବର୍ଷା ସାଙ୍ଗକୁ ଝଟ୍‌କା ପବନ ଓ ବିଜୁଳି ଘଡ଼ଘଡ଼ି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟ୍‌କା ପବନ ହେବା ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆସନ୍ତାକାଲି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଅସଦାଚରଣ ଓ ନିର୍ଯାତନା
୨ ଭିସୁଟ୍ ପ୍ରଫେସର ନିଲମ୍ବିତ

■ **ସମ୍ବଲପୁର, ୧୬।୮ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ଦାଖଲ କରିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ପ୍ରଫେସରଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି । ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ ଆଦେଶନାମାକୁ ସାର୍ବଜନୀନ କରି ନଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ଏହି ବିଷୟରେ କୌଣସି ମତମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି ।

ପ୍ରାୟ ତିନିମାସ ତଳେ ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ନିର୍ଯାତନା ଅଭିଯୋଗ କରିଥିଲେ । କିନ୍ତୁ ତାଙ୍କ ବିରୋଧରେ କୌଣସି ▶ପୃଷ୍ଠା-୭

ଗଠନ ହେବ ୧୨ ନୂତନ ଏନ୍‌ଏସି

■ **ଭୁବନେଶ୍ୱର, ୧୬।୮ (ସମିସ):** ରାଜ୍ୟର ୭ ଜିଲ୍ଲାରେ ଆଉ ୧୨ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବ । ଏନେଇ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ଟି ଏନ୍‌ଏସି ଗଠନ ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ୨ଟି ଲେଖାଏଁ ଏନ୍‌ଏସି ଗଠନ ହେବ । ସେହିପରି ଅନୁଗୋଳ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାରେ ଗୋଟିଏ ଲେଖାଏଁ ଏନ୍‌ଏସି ଗଠନ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି । ଅନୁଗୋଳର ପାଲଲହଡ଼ା, ସୋନପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ଭଦ୍ରକ ଜିଲ୍ଲାର ତିହିଡି ଓ ଧୁଷୁରୀ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ପାଇଛି ।

ନବୀନ ଘୋଷଣା କରିଥିଲେ ୫୬

ନୂଆ ସରକାର କମାଇଦେଲେ ୪୪

ଗତକାଲି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୨୧ ନୂଆ ଏନ୍‌ଏସି ଗଠନ ନେଇ ଘୋଷଣା କରିଥିଲେ । ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହିତ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ । କିନ୍ତୁ ଆଜି ପ୍ରକାଶିତ ଚିଠା ବିଜ୍ଞପ୍ତିରେ ୧୨ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି । ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୩୪ ଏନ୍‌ଏସି ଗଠନ ହେବ ବୋଲି ୨୪ ଫେବୃଆରୀ ୨୦୨୪ ମସିହାରେ ଘୋଷଣା କରିଥିଲେ । ଏହା ସହ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିବର୍ତ୍ତନ କରାଯାଇଥାନ୍ତା । ସେହିପରି ୧୩ଟି ଜିଲ୍ଲା ପାଇଁ ୨୨ଟି ଏନ୍‌ଏସି ଗଠନ ହେବ ବୋଲି ମାର୍ଚ୍ଚ ୨୦୨୪ ମସିହାରେ ଘୋଷଣା କରାଯାଇଥିଲା । ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ଏବଂ ଲୋକଙ୍କ ଦାବିକୁ ▶ପୃଷ୍ଠା-୭

ପ୍ରେମ ପାଇଁ ସାଙ୍ଗ ସାଜିଲେ ବଇରୀ
ଘରୁ ଡାକିନେଇ ହାଣିଦେଲେ

■ **ଜଟଣୀ, ୧୬।୮ (ସମିସ):** ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜଟଣୀ ଅଞ୍ଚଳରେ ଗତକାଲି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି । ପ୍ରେମ ପାଇଁ ସାଙ୍ଗ ବଇରୀ ସାଜି ଘରୁ ଡାକିନେଇ ଆଉ ଜଣେ ସାଙ୍ଗକୁ ଖଣ୍ଡାରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଘଟଣାରେ ପୁଲିସ ବାଛରା ତଳସାହିର ଶୁଭରଞ୍ଜନ ବାରିକ ଓରଫ୍ ପେଣ୍ଟୁଙ୍କ ସମେତ ଅନ୍ୟ ଦୁଇ ଜଣ ନାବାଳକଙ୍କୁ ଗିରଫ କରିଛି ।

ପୁଲିସ ସୂଚନା ଅନୁଯାୟୀ, ଗୋଡ଼ାଧର୍ମସାଗରର ସ୍ମୃତି ରଞ୍ଜନ ନାୟକ(୧୯) ଏବଂ ତା'ର ଅନ୍ୟ ଜଣେ ନାବାଳକ ସାଙ୍ଗ ଗୋଟିଏ ଝିଅକୁ ପ୍ରେମ ନିବେଦନ କରି ଆସୁଥିଲେ । ସ୍ମୃତିରଞ୍ଜନ ସୋସିଆଲ ମିଡିଆରେ ଉକ୍ତ ଝିଅକୁ ପ୍ରେମ ନିବେଦନ କରିଥିବା ଜାଣିବା ପରେ ତା' ପ୍ରେମିକାର ପିଛା ଛାଡ଼ିଦେବାକୁ ଅଭିଯୁକ୍ତ ନାବାଳକ ତାକୁ ଧମକ ଦେଇ ଆସୁଥିଲା । ଏହି ଧମକପୂର୍ଣ୍ଣ ମେସେଜ୍ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ▶ପୃଷ୍ଠା-୭

ସମ୍ପତ୍ତି ପାଇଁ ପୁଅକୁ ପୋଡ଼ିଦେଲେ

ବାପା, ସାବତ ମା' ଏବଂ ସାବତ ଭାଇ ଗିରଫ

■ **ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସମିସ):** ସମ୍ପତ୍ତି ପାଇଁ ପୁଅକୁ ପୋଡ଼ି ମାରିଦେଲେ । ବାଲିପାଟଣା ବ୍ଲକ ସରିପୁର ଗାଁରେ ଗତ ଶୁକ୍ରବାର ଏଭଳି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ଜ୍ୟୋତିରଞ୍ଜନ ମଠିଆ । ଏହି ଘଟଣାରେ ବାଲିପାଟଣା ପୁଲିସ୍ ଅଭିଯୁକ୍ତ ବାପା ସୁରେନ୍ଦ୍ରନାଥ ମଠିଆ, ସାବତ ମାଆ ପ୍ରଭାତ

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ତ୍ରିରଙ୍ଗା ତଳେ ସଭିଏଁ ଏକାଠି

ସୋନପୁର, ୧୬।୮ (ସମିସ): ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଉତ୍ସବରେ ଓଡ଼ିଶାର ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ଜିଲ୍ଲାର ବରପୁତ୍ରମାନଙ୍କୁ ମନେପକେଇ ଆଜି ଏହି ଜିଲ୍ଲାର ଗୁରୁବାରି ମେହେର, ଲକ୍ଷ୍ମଣ ଶତପଥୀ ଓ ଚତୁର୍ଭୁଜ ମିଶ୍ରଙ୍କ ଭଳି ସଂଗ୍ରାମୀଙ୍କ ବଳିଦାନ ଆଗାମୀ ପିଢିଙ୍କୁ ପ୍ରେରିତ କରିବ ବୋଲି କହିଥିଲେ । ପାତାଳୀ ଶ୍ରୀକ୍ଷେତ୍ର ଓ ସନ୍ଥ କବି ଭୀମଭୋଇଙ୍କ ପାଇଁ ଏ ମାଟିର ଏକ ସ୍ୱତନ୍ତ୍ର ପରିଚୟ ଅଛି ବୋଲି କହିଥିଲେ । ଏ ମାଟିର ଉଚ୍ଚ କୋଟିର କଳା, ସଂସ୍କୃତି ଓ ପରମ୍ପରାକୁ ସେ ଭୁୟସୀ ପ୍ରଶଂସା କରିଥିଲେ । ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପରେଡ ଶେଷ ହେବାପରେ ସୋନପୁର ସହର ସ୍ଥିତ ଶିଶୁ ଗୃହର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷକ ବଣ୍ଟନ, ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ରୋଗୀମାନଙ୍କୁ ମନ୍ତ୍ରୀ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ । ପରେ ସୋନପୁର ବ୍ଲକ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତ ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧୀ ପୀଠ ଗସ୍ତକରି ଉପସ୍ଥିତ ସନ୍ୟାସୀ ଓ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ । ବିନିକା ବ୍ଲକ୍ ଅଧୀନ ଚରଦା ଗ୍ରାମକୁ କପିଳେଶ୍ୱର ଶିବ ମନ୍ଦିର ଓ ଚରଦେଇ ଦେବୀଙ୍କ ଦର୍ଶନ କରିଥିଲେ । ଅପରାହ୍ନରେ ମନ୍ତ୍ରୀ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମ ପଞ୍ଚାୟତ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର ଗସ୍ତ ସମୟରେ ରାସ୍ତାରେ ସୁବର୍ଣ୍ଣପୁର କୁଷ୍ଠାଶ୍ରମ ଗସ୍ତ କରି ଅନ୍ତେବାସୀଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡ଼ିକ ପଚାରି ବୁଝିଥିଲେ । ଏହି ପବିତ୍ର ଦିବସ ପାଳନ ଅବସରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ଡ.ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବୌଦ୍ଧ : ଜିଲ୍ଲା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ । ପରେଡରେ ସର୍ବମୋଟ ୩୭ ଟି ଦଳ ଅଂଶଗ୍ରହଣ କରିଥିଲେ । ଜୁନିଅର ସିଭିଲିଆନରେ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସରା - ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର - ଦ୍ୱିତୀୟ, ସିନିଅର ସିଭିଲିଆନରେ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ - ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ - ଦ୍ୱିତୀୟ, ନନ୍‌ସିଭିଲିଆନରେ ବୌଦ୍ଧ ଫଚାୟତ ମହାବିଦ୍ୟାଳୟର ଏନସିସି - ପ୍ରଥମ, ପି. ଏମ. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ - ଦ୍ୱିତୀୟ, ସେହିପରି ଶାରୀରିକ କ୍ରୀଡ଼ାରେ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚବିଦ୍ୟାଳୟ, ସରସରା - ପ୍ରଥମ, ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ - ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଗୌରୀ ଶଙ୍କର ପବ୍ଲିକ ସ୍କୁଲ - ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । କୁଳମଣି ଗିରି, ରିଜର୍ଭ ଇନ୍ସପେକ୍ଟର ପରିଚାଳନା କରିଥିବାବେଳେ ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ସୁବ୍ରତ କୁମାର ଜେନା ଏବଂ ବଣ୍ଟି ମିର୍ଦ୍ଧା ସହଯୋଗ କରିଥିଲେ । ନଗେଶ ଜେନା, ସତ୍ୟ ନାରାୟଣ ବିନ୍ଧାଣି ଏବଂ ସୂର୍ଯ୍ୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମର ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ୟୋସ୍ନାରାଣୀ ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଶରତ ଚନ୍ଦ୍ର ମିଶ୍ର, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ସଭାପତି, ଜିଲ୍ଲା ୟୁନିଅନ ପରିଷଦ ଚିତ୍ତରଞ୍ଜନ ଦାଶ, ପ୍ରଧାନ ଶିକ୍ଷୟତ୍ରୀ ପଦ୍ମଜା ପତି, ଗୋପାଳ କୃଷ୍ଣ ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ସେନା ବାହିନୀର ବୀର ଯବାନମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ତନ୍ମଧ୍ୟରେ ସୁବେଦାର ଅଞ୍ଜନ କୁମାର ଯୋଷୀ, ଏୟାର ଭେଟେରାନ ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ହାବିଲଦାର ଫଣୀ ହୋତାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସ୍ୱଚ୍ଛ ଭାରତ ପ୍ରଜ୍ଞାପନ ମେଢ଼ରେ ପ୍ରଥମ, ବୌଦ୍ଧ ବ୍ଲକ ଅନ୍ତୋଦୟ ଗୃହ ଯୋଜନା ମେଢ଼ କରି ଦ୍ୱିତୀୟସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ମିଶନ ଇ ୧, ଶିଶୁ ସୁରକ୍ଷା ବିଭାଗ, ବୌଦ୍ଧ ବନଖଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରଜ୍ଞାପନ ମେଢ଼କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

ବାଉଁଶୁଣି : ବୌଦ୍ଧ ଜିଲ୍ଲା ବାଉଁଶୁଣିରେ ସ୍ୱାଧୀନତା ଦିବସ ପାଳନ ରୌପ୍ୟ ଜୟନ୍ତୀ ଉତ୍ସବ ବାଉଁଶୁଣି ନୋଡାଲ ହାଇସ୍କୁଲ୍ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଦଶରଥ ମେହେର, ମୁଖ୍ୟ ଅତିଥି ରୁପଧର ନାଏକ, ପଦ୍ମଶ୍ରୀ ହଳଧର ନାଗ, ଆବାହକ ରାଜେନ୍ଦ୍ର ମେହେର, ସଂଯୋଜକ ପ୍ରବୀଣ ମିଶ୍ର, ବରିଷ୍ଠ ସଦସ୍ୟ ପ୍ରଭାସ କୁମାର ରଥ ଓ ଗୋକୁଳାନନ୍ଦ ଚାନ୍ଦଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ମିଳିତ ପରେଡ୍ କାର୍ଯ୍ୟକ୍ରମ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପୂର୍ବରୁ ୨୫ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀ ଙ୍କୁ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରଯାଇଥିଲା ।

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବୀରମହାରାଜପୁର କଲେଜର ଏନ୍‌ସିସି, ସ୍କାଉଟ ଗ୍ରୁପ୍, ରେଡକ୍ରସ୍ ଗ୍ରୁପ୍, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ, ଗଣପତି ଆଦର୍ଶ ଶିକ୍ଷା ନିକେତନ, ଓ ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ପରେଡରେ ଭାଗ ନେଇଥିଲେ । ମୁଖ୍ୟଅତିଥି ଭବେ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ରେଭିନ୍ୟୁ ଅଫିସର୍ ଅଜିତ୍ ମିର୍ଦ୍ଧା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହି, ବିଡିଓ ପୁରୁଷୋତ୍ତମ ଧରୁଅ, ଥାନା ଅଧିକାରୀ, ଅଗ୍ନି ସେବା ଅଧିକାରୀଙ୍କ ସହ ଅନେକ ଶିକ୍ଷକ, ସମାଜସେବୀ ଉପସ୍ଥିତି ଥିଲେ ।

ମନମୁଣ୍ଡା: ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦୀନବନ୍ଧୁ ସେଠୀଙ୍କ ନେତୃତ୍ୱରେ ଓ ସିଆର୍‌ସିସି ପ୍ରଜ୍ଞାନା ପାଢ଼ୀ, ଶିକ୍ଷୟିତ୍ରୀ ସ୍ୱାଗତିକା ମିଶ୍ର, ରୀନାରାଣୀ ବସ୍ତିଆ, ତପସ୍ୱନୀ ବାରିକ, ସସ୍ମିତା ମେହେର, ସ୍ୱର୍ଣ୍ଣଲତା ପୁରୋହିତ, ଶିକ୍ଷକ ଭରତ ସେନାପତି, ପ୍ରଶାନ୍ତ ତରିଆଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ପ୍ରଭାତ ଫେରି କରିଥିଲେ । ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସିଆରସିସି ଶ୍ରୀମତୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତା, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ମହାପାତ୍ର, ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ, ବୁଲବୁଲି ନାୟକ, ଉମାକାନ୍ତ ସାଣ୍ଡ , ସୁମିତ୍ରା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ହରଭଙ୍ଗା: ହରଭଙ୍ଗା ବ୍ଲକ୍‌ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଚାରିଛକ ଠାରେ ଥିବା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସିଂ ଜାତୀୟ ପତାକା ଉତ୍ତାଳନ କରିଥିଲେ । ଝାଡ଼ରାଜିଙ୍ଗ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦେଇ ପାରେଡରେ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ବିଭୁଦତ୍ତ ବୋଷ, ଭାଗବତ ମେହେର, ସୁଶାନ୍ତ ବେହେରା, ସଦାନନ୍ଦ ନାଏକ, ବିଜୟ ନାଏକ, ପ୍ରଭାତ ନାଏକ, ଅକ୍ଷୟ ମହାକୁଡ଼ ବାସୁଦେବ ସାହୁ, କୁମୁଦ ସାହୁ, ବୃନ୍ଦାବନପାତ୍ର, ସର୍ବେଶ୍ୱର ଖେତୀ, ଶାଶ୍ୱତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଡୁଙ୍ଗୁରିପାଲି: ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସଂଘ ସମ୍ପାଦକ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ କବି ଏବଂ ପ୍ରବଚକ ବିନୟ ଦଣ୍ଡସେନା ସଂଘ ସଭାପତି ପଦ୍ମବାଗ ଯାଦବଙ୍କୁ ଜାତୀୟ ପତାକା ଉତ୍ତୋଳନ କରିବା ସକାଶେ ନିମନ୍ତ୍ରଣ ଜଣାଇବା ପରେ ଶ୍ରୀବାଗ ଯାଦବ ଉତ୍ତୋଳନ କରିଥିଲେ । ସଂଘ ସଭାପତି ଶ୍ରୀବାଗ ଯାଦବ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଉଦ୍ବୋଧନ ଦେଇଥିଲେ । ବରିଷ୍ଠ ଆଇନଜୀବୀ ତପନ ଯୁଆଡ଼ି, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନା, ବରିଷ୍ଠ ସାମ୍ବାଦିକ ପ୍ରକାଶ ହାତୀ, ସାମ୍ବାଦିକ ସୁଦାମ ସାହୁ, ଉମାକାନ୍ତ ବାଗ୍, ରବୀନ୍ଦ୍ର ତ୍ରିପାଠୀ, ଗୋପାଳ ମାଝୀ, କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ ।

ତରଭା: ତରଭା ଏନ୍‌ଏସି ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ସମୟରେ ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବିସ୍କୁଟ ବଣ୍ଟନ କରାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ତରଭା ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ମୁଖ୍ୟ ଉତ୍ସବରେ ଏନଏସି ଅଧ୍ୟକ୍ଷା ବନ୍ଦିତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ନଗରପାଳ ଶ୍ରୀମତୀ ନାଏକ ତାଙ୍କର ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନେ ଭଲଭାବେ ଅଧ୍ୟୟନ କରିବା ସହିତ ମହାପୁରୁଷ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ । ଅତିଥି ଭାବରେ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାଏକ, ତହସିଲଦାର ଶ୍ୱତୋଲୀନା ମହାଣା, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ମାନସ ସାହୁ ଓ ସମସ୍ତ କାଉନସିଲର ମଞ୍ଚାସିନ ଥିଲେ । ପରେଡ଼ରେ ତରଭା ଏନ୍‌ଏସି ଅନ୍ତର୍ଗତ ୬ ଗୋଟି ବିଦ୍ୟାଳୟର ୧୪ ଗୋଟି ଟ୍ରୁପ ଯୋଗ ଦେଇଥିଲେ । ସିନିଅର ବିଭାଗରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରଥମ ଓ ଓଏଭି ଜାମକାନି ଦ୍ୱିତୀୟ, ଜୁନିୟର ବିଭାଗରେ ଶ୍ରୀହରି ବିଦ୍ୟାନିକେତନ ପ୍ରଥମ ଓ ବାଳିକା ହାଇସ୍କୁଲ ଦ୍ୱିତୀୟ, ସବ୍‌ଜୁନିୟର ବିଭାଗରେ ଗୁଡଓ୍ୱିଲ ପବ୍ଲିକ ସ୍କୁଲ୍ ପ୍ରଥମ ଓ ଶ୍ରୀହରି ବିଦ୍ୟା ନିକେତନ ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଖେଳ ଶିକ୍ଷକ ସଞ୍ଜୀବ ସାହୁ ପେରେଡ ପରିଚାଳନା କରିଥିବାବେଳେ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ ।

ପଲଶାଗୋରା ହାଇସ୍କୁଲରେ 'ଆସ ସ୍କୁଲ ଯିବା' ଶୋଭାଯାତ୍ରା

ପଲଶାଗୋରା,୧୬।୮ (ସମିସ): କଣ୍ଟାମାଳ ବ୍ଲକ୍ ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୬୩ ଜଣ ଅଭିଭାବକ ଯୋଗ ଦେଇଥିଲେ । ଅଧାରୁ ପଠଛାଡ଼ିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ କୁହାଯାଇଥିଲା । ଏହି ଶୋଭାଯାତ୍ରାରେ ଅନ୍ତର୍ନିବେସୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ଓ ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରି ଯୋଗଦେଇଥିଲେ ।

ମାଟ୍ରିକ ବ୍ଲକ୍ ଟପ୍ପର ଶୁଭମ ରଣାଙ୍କୁ ପୁରସ୍କୃତ କଲା ବ୍ଲକ୍ ପ୍ରଶାସନ

ଶଗଡା,୧୬।୮ (ସମିସ): ମାଟ୍ରିକ ପରୀକ୍ଷାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଞ୍ଚଳର ସମସ୍ତ ହାଇସ୍କୁଲର ପରୀକ୍ଷାର୍ଥୀ ମଧ୍ୟରୁ ଘଣ୍ଟାପଡା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ରଣା ବ୍ଲକ୍ ଟପ୍ପର ହୋଇଥିଲେ । ସ୍ୱାଧୀନତା ଦିବସରେ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ୱାଧୀନତା ଦିବସ ଅବସରରେ କଣ୍ଟାମାଳ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଉତ୍ସବରେ ବିଡିଓ ସାମିଜୟଶ୍ରୀ ରେଡ଼ି ସଭାପତିତ୍ୱ କରିଥିଲେ । କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ମୁଖ୍ୟ ଅତିଥି, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପୁରସ୍କୃତ ଛାତ୍ର ଶୁଭମକୁ ନିଜ ବିଦ୍ୟାଳୟରେ ଶନିବାର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଆଶୀର୍ବାଦ ପ୍ରଦାନ କରିଥିଲେ ।

ଭୀମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ

ଶଗଡ଼ା,୧୬।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜାତୀୟ ତ୍ରିରଙ୍ଗା ପତକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯାଇଛି । ଏହିକ୍ରମରେ ଘଣ୍ଟାପଡା ପଞ୍ଚାୟତର କୋଡିବାହାଲ କୁରୁକୁପାସ୍ଥିତ ମନବୋଧ ନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଭିମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥ ôଭାବେ ଘଣ୍ଟାପଡା ବନାଞ୍ଚଳ ଅଧିକାରୀ ସୁଧିର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ମନବୋଧ ନନ୍ଦଙ୍କ ସଭାପତିତ୍ୱରେ ଘଣ୍ଟାପଡା ଥାନାଧିକାରୀ ବାଲ୍ମିକ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚାଭିଳାଷୀ ହେବାକୁ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଘଣ୍ଟାପଡା ପଞ୍ଚାୟତ ସରପଞ୍ଚ ରୀତା କହଁର, ପ୍ରଭାତ ସାହୁ ଏବଂ ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସଭାପତି ବିପିନ ଭୋଇ ଯୋଗ ଦେଇ ସ୍ୱାଧୀନତା ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଘନଶ୍ୟାମ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାହାସ ବିଭାର ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

● ଛୁଟିରେ ରାଜସ୍ୱ ଅମଲା କର୍ମଚାରୀ

ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବଣାଇଁ, ୧୬।୮ (ସମିସ): ବଣାଇଁ ଥାନା ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥର ମା ବଲାଣିପାଟ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ମହୁଲପଦା ଥାନା ଅଧୀନ ଡାଲସୁଆଁ ଅଞ୍ଚଳର ପ୍ରଦୀପ ନାଏକ ଏକ ବାଇକ୍‌ରେ କୌଣସି କାର୍ଯ୍ୟରେ ବଣାଇଁ ଦେଇ ନିଜ ଶ୍ୱଶୁର ଘର ଅଭିମୁଖେ ଯାଉଥିବା ବେଳେ ବଲାଣିପାଟ ଛକ ନିକଟରେ ହଠାତ୍ ରାସ୍ତା ଉପରେ ଏକ ବଳଦ ଦୌଡ଼ି ଆସିଥିଲା । ଫଳରେ ଯୁବକ ଜଣକ ହଠାତ ବ୍ରେକ ଦେଇ ବାଇକ୍‌କୁ ନିୟନ୍ତ୍ରଣ କରିବା ବେଳେ ପଛରୁ ଯାଉଥିବା ଏକ ଅଜଣା ଗାଡି ଯୁବକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଯୁବକ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁହଁ ଏବଂ ଗୋଡ଼ରେ ଯୋର୍ ଆଘାତ ହୋଇଥିବା ବେଳେ ଅତ୍ୟଧିକ ରକ୍ତସ୍ରାବ ହୋଇ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ପୁଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

ବଣାଇଁ ବନଖଣ୍ଡ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ବଣାଇଁ, ୧୬।୮ (ସମିସ): ବଣାଇଁ ବନଖଣ୍ଡ ପକ୍ଷରୁ ଲଲେଇଛକ ସ୍ଥିତ ପଡ଼ିଆରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗହଣ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଏଥିରେ ବଣାଇଁ ବନଖଣ୍ଡର ସାତଟି ରେଞ୍ଜ ସୋଲ, ଜର୍ଡା, ତାମଡା, ବଣାଇଁ, କୁଳିପୋଷ, ବାରସୁଆ, କୋଇଡା ରେଞ୍ଜରୁ, ଆସିଥିବା ଫରେଷ୍ଟର, ବନରକ୍ଷୀ, ହାତୀ, ସ୍କାର୍ଡମାନଙ୍କୁ ନେଇ ଗଠିତ ୩ଟି ପ୍ଲାଟୁନ ଏହି ପରେଡରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା, ଏବଂ କାର୍ଯ୍ୟ କ୍ଷେତ୍ରରେ ଉତ୍ତମ ଉତ୍କୃଷ୍ଟତା ପ୍ରଦାନ କରିଥିବା କର୍ମଚାରୀ ମାନଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବଣାଇଁ ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା, ଦୁର୍ଯ୍ୟୋଧନ ଜେରେଇ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, କୈଳାସ ଚନ୍ଦ୍ର କିସାନ, ଧରଣୀଧର ସାହୁ ରଶ୍ମୀରଞ୍ଜନ ରାଉଳ, ପ୍ରଜ୍ଞାନ ପ୍ରଧାନଙ୍କ ସମେତ ବନପାଳ, ବନରକ୍ଷୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ ।

ଓଭରଲୋଡିଂ ହେଲା କାଳ

ଚକାଫାଟି ଓଲଟିଲା ଗ୍ରାନାଇଟ୍ ଗାଡ଼ି: ୨ ମୃତ, ୪ ଗୁରୁତର

ରାଉରକେଲା, ୧୬।୮ (ସମିସ)

ଓଭରଲୋଡିଂ ହେଲା କାଳ । ଫଳରେ ୧୪୩ ନମ୍ବର ଜାତୀୟ ରାଜପଥରେ ଟାୟାର ଫାଟି ଯିବାରୁ ରାଉରକେଲା ବେଦବ୍ୟାସ ଅଞ୍ଚଳରୁ ବଣେଇଁକୁ ଯାଉଥିବା ଏକ ଗ୍ରାନାଇଟ ବୋଝେଇ ପିକଅପ୍ ଭ୍ୟାନ ଓଲଟି ପଡ଼ିଥିଲା । ଫଳରେ ପିକଅପ୍ ଭ୍ୟାନ ଓ ଗ୍ରାନାଇଟ ଓ ଟାଇଲସ ଗଦା ତଳେ ଚାପି ହୋଇ ୨ ଯୁବକ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସେପଟେ ଜିଏସଟି ଫାଙ୍କିବାକୁ ଯାଇ ବୋଝେଇ ହୋଇ ଯାଉଥିବା ଗ୍ରାନାଇଟର ବିଲ୍ ଥିଲାକି ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଇଛି ।

ସୂଚନା ମୁତାବକ ଚାନ୍ଦିପୋଷ ଥାନା ଅଧୀନ ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲାର ବେଦବ୍ୟାସ ଠାରେ ଥିବା ମହାବୀର ଟାଇଲସରୁ ଗ୍ରାନାଇଟ ଓ ଟାଇଲସ ବୋଝେଇ ହୋଇ ଏକ ପିକଅପ୍ ଭ୍ୟାନ ବଣାଇଁର ଏକ କାରଖାନାକୁ ଯାଉଥିଲା । ତେବେ ଚାନ୍ଦିପୋଷ ଥାନା ଅଧୀନ ବିରତେଳା ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥରେ ଉକ୍ତ ପିକଅପ୍ ଭ୍ୟାନର ଟାୟାର ଫାଟି ଯିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ପିକଅପ୍ ଭ୍ୟାନରେ ଥିବା ଗ୍ରାନାଇଟ ଓ ଟାଇଲସ ତଳେ ଓଜାଡ଼ି ହୋଇ ଯାଇଥିଲା । ଏଥିରେ ଥିବା ୬ ଜଣଙ୍କ ମଧ୍ୟରୁ ଡାଲାରେ ବସିଥିବା ଦୁଇଜଣ ଶ୍ରମିକ ଗ୍ରାନାଇଟ ଓ ଟାଇଲସ ଗଦାତଳେ ଚାପିହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ଅନ୍ୟ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଚାନ୍ଦିପୋଷ ପୁଲିସ ଉଦ୍ଧାର କରି ଚିକିତ୍ସା ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି । ମୃତ ଦୁଇ ଶ୍ରମିକ ହେଲେ ଚିକା ଭୂମିଜ ଓ ଅଜୟ ମୁଣ୍ଡାରି । ସେମାନଙ୍କ ଘର ରାଉରକେଲାର ଜଲଦା ଅଞ୍ଚଳରେ ବୋଲି ସୂଚନା ମିଳିଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବଣାଇଁ ବ୍ୟବଚ୍ଛେଦ ଗୃହ ପଠାଇଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଅପରପକ୍ଷେ ଆବଶ୍ୟକତା ଠାରୁ ଢେର ଅଧିକ ଓଜନର ଗ୍ରାନାଇଟ ବୋଝେଇ ହୋଇ ଯାଉଥିବାରୁ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ନୂଆ ଟାୟାର ବଦଳରେ ରିସୋଲିଂ ଟାୟାର ଲାଗିଥିବାରୁ ଗରମ ହୋଇ ଟାୟାର ଫାଟି ଯାଇଥିବା କୁହାଯାଇଛି । କେବଳ ଆଜି ନୁହେଁ ପ୍ରାୟ ସମୟରେ ସମ୍ପୃକ୍ତ କମ୍ପାନୀରୁ ଓଭରଲୋଡିଂ ସାମଗ୍ରୀ ବିଶେଷ କରି ଗ୍ରାନାଇଟ ଲୋଡିଂ ହୋଇ ପଠା ଯାଉଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଆଜି ୨ ଜଣ ଶ୍ରମିକଙ୍କର ଜୀବନ ଚାଲିଗଲା ବୋଲି ଚର୍ଚ୍ଚା ଚାଲିଛି । ଅପରପକ୍ଷେ ଏହି ସାମଗ୍ରୀ କେତେ ଟନ୍ ବୋଝେଇ ହୋଇଥିଲା ଏବଂ ଏନେଇ ଆବଶ୍ୟକ ଜିଏସ୍‌ଟି ପୈଠ ହୋଇଥିଲା ନା ବିନା ବିଲରେ (କଚାରେ) ଚାଲାଣ ହେଉଥିଲା ତାହା ଜିଏସ୍‌ଟି ବିଭାଗ ପକ୍ଷରୁ ତଦନ୍ତ ହେବାର ଆବଶ୍ୟକତା ରହିଛି । କାରଣ ପୂର୍ବରୁ ମଧ୍ୟ ବିନା ବିଲରେ ଗ୍ରାନାଇଟ ଚାଲାଣ ହେଉଥିବା ନେଇ ଜିଏସ୍‌ଟି ପକ୍ଷରୁ ଚଢ଼ଉ ହୋଇଥିଲା ।

ସବୁଠି ଉଡ଼ିଲା ତ୍ରିରଙ୍ଗା

ଡାଲମିଆ ସିମେଣ୍ଟ

ରାଉରକେଲା, ୧୬।୮ (ସମିସ): ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ) ଅଗ୍ରଣୀ ସିମେଣ୍ଟ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ, 'ସେଲ୍ଯୁଟିଂ ୭୮' ମାଧ୍ୟମରେ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିଛି । ଏହି ଉପଲକ୍ଷେ ପୂର୍ବ ଭାରତର ଯୁଦ୍ଧ ବୀର ଏବଂ ପୂର୍ବତନ ସୈନିକମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ୭୮ ଜଣ ଯୁଦ୍ଧ ବୀରଙ୍କୁ ସମ୍ମାନିତ କରାଯାଇଥିଲା । ଓଡ଼ିଶାରେ ୨୫ ଜଣ ପୂର୍ବତନ ସୈନିକଙ୍କୁ ସେମାନଙ୍କର ଅସାଧାରଣ ସାହସ ଏବଂ ଦେଶ ପ୍ରତି ସମର୍ପିତ ସେବା ପାଇଁ ସମ୍ମାନିତ କରାଯାଇଥିଲା । ପ୍ରତ୍ୟେକ ଯୁଦ୍ଧ ବୀରଙ୍କୁ ଏକ ପ୍ଲାକ, ଟ୍ରଫି, ଶାଲ, ଭାରତୀୟ ଜାତୀୟ ପତାକା ଏବଂ ୭୮ ଜଣ ସମ୍ମାନିତ ଯୁଦ୍ଧ ବୀରଙ୍କୁ ନେଇ ଏକ ସ୍ମାରକୀ ଆଲବମ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ନାଗରିକ, ସ୍କୁଲ ଛାତ୍ରଛାତ୍ରୀ, ସମାଜର ନେତା ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉତ୍ସାହର ସହ ଭାଗ ନେଇଥିଲେ । ଏହି ଉଦ୍ୟମ ସମ୍ପର୍କରେ ମନ୍ତବ୍ୟ ଦେଇ ରାଜଗାଙ୍ଗପୁର ଡିସିବିଏଲର ଇଉନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ କହିଛନ୍ତି, ୮୫ ବର୍ଷରୁ ଅଧିକ ସମୟ ଧରି ଡାଲମିଆ ସିମେଣ୍ଟ କେବଳ ଭିତ୍ତିଭୂମି ନିର୍ମାଣ ପାଇଁ ନୁହେଁ ବରଂ ଦେଶକୁ ଏକତା ରଖୁଥିବା ମୂଲ୍ୟବୋଧକୁ ସମୁନ୍ନତ ରଖିବା ପାଇଁ ମଧ୍ୟ ଦୃଢ଼ ରହିଛି । ସେଲ୍ଯୁଟିଂ ୭୮' ମାଧ୍ୟମରେ ଏହି ବ୍ରାଣ୍ଡ ସମୂହରେ ସେହି ସମ୍ମାନିତ ବୀରଙ୍କୁ ସମ୍ମାନ ଜଣାଇଛି, ଯାହାଙ୍କର ସାହସ ଏବଂ ତ୍ୟାଗ ଆମର ସ୍ୱାଧୀନତାର ଭିତ୍ତିଭୂମି ଗଠନ କରିଛି । ଏହି ଉଦ୍ୟମ କେବଳ ସ୍ଥାୟୀ ନିର୍ମାଣ ନୁହେଁ, ବରଂ ଏକ ଦୃଢ଼, ଏକତ୍ରିତ ଏବଂ ଦମଦାର ଭାରତ ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରୁଛି । ଏହା ସହିତ, ଡାଲମିଆ ସିମେଣ୍ଟ - ରାଜଗାଙ୍ଗପୁର ୟୁନିଟରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଏଲ-୧ ଉତ୍ପାଦନ, ସହକାରୀ ମ୍ୟାନେଜର ଉଦୟ ଜୈଶ୍ୱାଲ ଏବଂ ଏଲ-୧ ମେକାନିକାଲ, ଭର୍ଟିକାଲ ରୋଲର ମିଲ ବିଶ୍ୱମ୍ବର ପାଣିଗ୍ରାହୀ ଉପସ୍ଥିତ ଥିଲେ । ଚେତନ ଶ୍ରୀବାସ୍ତବ, ସରୋଜ ଶ୍ରୀବାସ୍ତବ, ଡିଭିଏମ ରାଜଗାଙ୍ଗପୁର ପ୍ରିନ୍ସିପାଲ ଜୟଦେବ କର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ । ସୁବ୍ରତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ହକର୍ସ ଆସୋସିଏସନ୍

ରାଉରକେଲା : ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ୧ ନମ୍ବର ପଏଣ୍ଟ ଏବଂ ସେକ୍ଟର - ୨ ବସ୍‌ଷ୍ଟାଣ୍ଡ ୨ ନମ୍ବର ପଏଣ୍ଟ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଅବସରରେ ସିଆଇଟିୟୁର ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସକାଳ ପରିବାର ପକ୍ଷରୁ ପ୍ରଫୁଲ ଷଡ଼ଙ୍ଗୀ, ଜୟଦେବ ପଣ୍ଡା ଉପସ୍ଥିତ ଥିବାବେଳେ ବରିଷ୍ଠ ସାମ୍ବାଦିକ ଜିତେନ୍ଦ୍ର କୁମାର ମିଶ୍ର, ସଂଗ୍ରାମ ଭୂୟାଁଙ୍କ ସମେତ ରାଉରକେଲା ହକର୍ସ ଆସୋସିଏସନର ୧ ନମ୍ବର ବିତରଣ ପଏଣ୍ଟର ସଭାପତି ମିହିର ପାତ୍ର, ସମ୍ପାଦକ କିଶୋର ରାଉତ, ଅନିରୁଦ୍ଧ ଜେନା, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନିଳମଣୀ ନନ୍ଦ, ନିରଞ୍ଜନ ଦାସ, ୨ ନମ୍ବର ବିତରଣ ପଏଣ୍ଟର ଅଶୋକ ବିଶ୍ୱାଳ, ଶୁକେନ୍ଦୁ ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ମନୋଜ ପଟ୍ଟନାୟକ, ନବୀନ ମାଝୀ, ସନାତନ ମହାନନ୍ଦ, ସମୀର ରାଜହଂସ, ବିଚିତ୍ର ବାରିକ, ମହେଶ୍ୱର ସ୍ୱାଇଁ, ଶଶଧର ପଣ୍ଡା, ବିଷ୍ଣୁ ସେଠୀ, କେଶବ ଜେନା, ପ୍ରଦୀପ କଂସାରୀ, ଗୋଲଖ ସାହୁ, ରାଜକିଶୋର ନାୟକଙ୍କ ସମେତ ସମସ୍ତ ବିତରକ ଉପସ୍ଥିତ ଥିଲେ । ସେହିପରି ସେକ୍ଟର - ୨ ସ୍ଥିତ ହକର୍ସ ଆସୋସିଏସନ୍ ପକ୍ଷରୁ ସମ୍ପାଦକ ବିମାନ ମାଇତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମନୋଜ ପଟ୍ଟନାୟକ, ଆର୍ତ୍ତତ୍ରାଣ ମହାପାତ୍ର, ଅଶେଷ ବିଶ୍ୱାଳ, ନବୀନ ମାଝୀ, ରାଜକିଶୋର ପ୍ରଧାନ, ଶରତ ପଣ୍ଡା, ରାଜୁ ନାୟକ, ବ୍ରଜ ନାୟକ, କିଶୋରୀ ଜେନାଙ୍କ ସମେତ ଶତାଧିକ ହକର ଭାଇମାନେ ଉପସ୍ଥିତ ଥିଲେ ।

ଉଦିତନଗର ପଡ଼ିଆ

ରାଉରକେଲା : ରାଉରକେଲାର ଉଦିତନଗର ପଡ଼ିଆ ଠାରେ ପାଳନ ହୋଇଥିବା ୭୯ତମ ସ୍ୱାଧୀନତା ଦିବସରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ସେ କହିଥିଲେ ଯେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ରାଉରକେଲା ମହାନଗର ନିଗମର ପ୍ରୟାସରେ ସହରର ପରିମଳ ବ୍ୟବସ୍ଥା ସୁଦୃଢ଼ ହୋଇପାରିଛି । ଏହା ବ୍ୟତୀତ ସେ କହିଥିଲେ ଯେ ୨୦୨୩ରେ ପୁରୁଷ ହକି ବିଶ୍ୱକପ୍, ହକି ପ୍ରୋଲିଗ, ହକି ଇଣ୍ଡିଆ ଲିଗ୍ ରାଉରକେଲାରେ ସଫଳତାର ସହିତ ଆୟୋଜନ ପରେ ରାଉରକେଲା କ୍ରୀଡା ହବ ହୋଇପାରିଛି । ରାଉରକେଲାର ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ ଜିଲ୍ଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି ବୋଲି ସେ ବକ୍ତବ୍ୟରେ କହିଥିଲେ । ଆୟୋଜିତ ପରେଡରେ ୪୯ଟି ଦଳ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ କ୍ରୀଡ଼ା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ଶ୍ରୀକାନ୍ତ ଷଡ଼ଙ୍ଗୀ ପରିଚାଳନା କରିଥିଲେ ।

ଇସ୍ପାତ କାରଖାନା

ରାଉରକେଲା : ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେକ୍ଟର - ୬ ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ପାରେଡ ପରିଦର୍ଶନ କରିବା ସହ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ବିଦ୍ୟାର୍ଥୀଙ୍କ ବ୍ୟାଣ୍ଡର ତାଳେତାଳେ ୬୩ଟି କଣ୍ଟିଜେଣ୍ଟଙ୍କ ଚିତ୍ତାକର୍ଷକ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ରତନ କୁମାର ଏହି ଅବସରରେ ତାଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ । ଆରଏସପିର ଉତ୍ପାଦନ, ପରିବେଶ ପ୍ରବନ୍ଧନ, ସୁରକ୍ଷା, ମାନବ ସମ୍ବଳ, କ୍ରୀଡା, ସିଏସଆର, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉପଲବ୍ଧି ବିଷୟରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ଡିଆଇସି ଶ୍ରୀ ବର୍ମା ଉଦାହରଣୀୟ ସେବା ପାଇଁ ସିଆଇଏସଏଫ କର୍ମୀଙ୍କୁ ସେବା ମେଡାଲ ଓ ଆରଏସପି ଅଗ୍ନିଶମ ବିଭାଗୀୟ ଦଳଙ୍କୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରିଥିଲେ । ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା, ବିଶ୍ୱରଞ୍ଜନ ପଲାଇ, ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜେକେ ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ଉପାଧକ୍ଷା ଡକ୍ଟର ପ୍ରତିଜ୍ଞା ପଲାଇ, ରୀତାରାଣୀ, ବନ୍ଦନା ସିଂହ, ତଥା ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ସିଲିକନ ଷ୍ଟିଲ ମିଲ ବିଭାଗର ଅନିଲ କୁମାର ମଲ୍ଲିକ ଏବଂ ଆକାଂକ୍ଷା ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ସେକ୍ଟର - ୨୨ ଫୁଟବଲ ପଡ଼ିଆରେ ଡିଆଇସି ଶ୍ରୀ ବର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଆରଏସପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଦ୍ୱାରା ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବୋଲାଣି ଲୌହ ଖଣିର ସିଜିଏମ ଏମ ଶ୍ରୀନିବାସୁ ବୋଲାଣି ଫୁଟବଲ୍ ଗ୍ରାଉଣ୍ଡରେ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବିଆଇଏମ, କେଆଇଏମ ଓ ଟିଆଇଏମର ସିଜିଏମ ହିମାଂଶୁ ମିଶ୍ର ଟେନସା ଇସ୍ପାତ ହାଇସ୍କୁଲ

ଖେଳ ପଡ଼ିଆରେ ଆୟୋଜିତ ଅନ୍ୟ ଏକ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କେଆଇଏମ୍ ପ୍ରଶାସନିକ ଭବନରେ ଅନୁଷ୍ଠିତ ସମାରୋହରେ କେଆଇଏମର ଜିଏମ ମାଇନିଙ୍ଗ ଏକେ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଉତ୍ସବ ପାଳନ ଉପଲକ୍ଷେ ବୋଲାଣି ହସ୍ପିଟାଲରେ ଏକ ଫଳ ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଦୀପିକା ମହିଳା ଜାଗୃତି ସଂସ୍ଥାନ ସେକ୍ଟର - ୨୦ାରେ ଅନୁଷ୍ଠିତ ଅନ୍ୟ ଏକ ଉତ୍ସବରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା ସମସ୍ତ ଉପାଧକ୍ଷା, ସମ୍ପାଦିକା, ପରିଚାଳନା ପରିଷଦ ସଦସ୍ୟା ଏବଂ ସ୍ୱେଚ୍ଛାସେବୀଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ରାଉରକେଲା ଜିଲ୍ଲା କଂଗ୍ରେସ

ରାଉରକେଲା: ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ୭୯ ତମ ସ୍ୱାଧୀନତା ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଥିଲା । ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଜାତୀୟପତାକା ଉତ୍ତୋଳନ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କ ଫୋଟୋ ଚିତ୍ରରେ ପୁଷ

ଗାଁ'ରୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା

ରାଉରକେଲା, ୧୬।୮ (ସମିସ)

ସୁନ୍ଦରଗଡ଼ ସଦର ମହକୁମା ଠାରେ ଆୟୋଜିତ ୭୯ ତମ ସ୍ୱାଧିନତା ଦିବସରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଏହି ପବିତ୍ର ଦିବସ ଉପଲକ୍ଷେ ମନ୍ତ୍ରୀ ଡ. ମହାଲିଙ୍ଗ ଜିଲ୍ଲାବାସୀଙ୍କୁ ମୁକ୍ତି, ଅହିଂସା, ଶାନ୍ତି ଓ ସଦିଚ୍ଛା ର ମହାନ୍ ପର୍ବ ସ୍ୱାଧୀନତା ଦିବସ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦେଶର ମୁକ୍ତି ପାଇଁ ପ୍ରାଣ ବଳି ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜାତୀୟବାଦୀ ନେତୃବୃନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରି ଭଗବାନ ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମରେ ଅଗଣିତ ବୀର ସନ୍ତାନ ମାନେ ନିଜ ଜୀବନକୁ ବାଜି ଲଗେଇ ଆଗେଇ ଆସିଥିଲେ। ନିର୍ମଳ ମୁଣ୍ଡା, ଜଗନ୍ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ, ଓକିଲ ଧନଞ୍ଜୟ ମହାନ୍ତି, ଚିରଞ୍ଜିଲାଲ ଶର୍ମା, ଅରାମ ପ୍ରସାଦ ବର୍ମା, ଗଙ୍ଗା ସିଂ, ଫତେ ଚାନ୍ଦ ଭଳି ଅନେକ ପ୍ରମୁଖ ବୀର ସନ୍ତାନ ମାନେ ଇଂରେଜ ବିରୋଧୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିଥିଲେ ବୋଲି ସେ କହିଥିଲେ। ସମ୍ମିଳିତ ପରେଡରେ ଶ୍ରେଷ୍ଠ ବିବେଚିତ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ପରେପରେ ଜିଲ୍ଲା କ୍ରୀଡ଼ା ସଂସଦ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସ କ୍ଲବ ଏବଂ ଜିଲ୍ଲା ଓକିଲ ସଂଘ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେହିଭଳି ସନ୍ଧ୍ୟାରେ ସଂସ୍କୃତି ଭବନ ଠାରେ ଦେଶରୋବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସୁନ୍ଦରଗଡ଼ ପୌରପରିଷଦର ଅଧକ୍ଷା ତନୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା, ଆଇଏଏସ୍ ଶିକ୍ଷାନବିଶ ଫାବୀ ରସିଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସକାଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ୍ ପରିବେଷଣ କରାଯାଇଥିଲା। ସେହିଭଳି ସହରମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

● ପ୍ରଗତି ଉତ୍କଳ ସଂଘ

ରାଉରକେଲା : ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘରେ ୭୯ତମ ସ୍ୱାଧୀନତା ଦିବସ ପାଳନ ସହ ୬୮ତମ ପ୍ରତିଷ୍ଠା ଦିବସ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରି ଉଦ୍ ବୋଧନ ଦେଇଥିଲେ। ଏଥିରେ ପାଠାଗାରର ସଦସ୍ୟ -ସଦସ୍ୟାମାନଙ୍କ ସହ ପାଠାଗାର ପରିସରରେ ପରିଚାଳିତ ଲିଟିଲ୍ ଏଞ୍ଜେଲସ ସ୍କୁଲର ଛାତ୍ର ଛାତ୍ରୀ, ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନେ ଯୋଗ ଦେଇଥିଲେ। ସଂଘର ପ୍ରତିଷ୍ଠା ଦିବସ ଡ. ପ୍ରଭାତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଡ. ମଲ୍ଲିକଙ୍କ ସହ ଅନ୍ୟତମ ଉପସଭାପତି ରଶ୍ମୀରଞ୍ଜନ ବୋଇତାଇଙ୍କ ସହଯୋଗରେ ସର୍ବସମ୍ମତି କ୍ରମେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ପ୍ରତାପ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ରଶ୍ମି ରଞ୍ଜନ ବୋଇତାଇ, ଡ. ପ୍ରଭାତ କୁମାର ମଲ୍ଲିକ ଏବଂ ଚିତ୍ତରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଭାବେ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ

ଦାସ, କୋଷାଧକ୍ଷ ପ୍ରସନ୍ନ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ଗ୍ରନ୍ଥାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ଗ୍ରନ୍ଥାଗାରୀକ ବରୁଣ କୁମାର ନାହାକ ଏବଂ ପରୀକ୍ଷୀତ ଗୁରୁ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟିକୁ ଡ. ନଗେନ କୁମାର ଦାସ, ପ୍ରଦୀପ କୁମାର ପଟ୍ଟନାୟକ, ସତ୍ୟନାରାୟଣ ଦାଶ, ସ୍ମିତା ମିଶ୍ର, ରଶ୍ମୀ ସାହୁ, ଧରଣୀଧର ସାମଲ, ନାରାୟଣ ଚନ୍ଦ୍ର ମହନ୍ତ, ଆଶିଷ କୁମାର ଦାସ, ପ୍ରମୋଦ କୁମାର ପତି, ଶୁଭ୍ରାଂଶୁ ଶେଖର ମହାପାତ୍ର ଓ ଆଲୋକ କୁମାର ବୋଷ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥ ପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ଭାରତ ଭୂଷଣ ମହାନ୍ତି, ଶାନ୍ତନୁ କୁମାର ପରିଚ୍ଛା, ଶ୍ରୀଚରଣ ମହାନ୍ତି, ଶିବ ପ୍ରସାଦ ରାଓ, ଶୁଭେନ୍ଦ୍ର ଦାସ, ନିକୁଞ୍ଜ କିଶୋର ସ୍ୱାଇଁ, ଅରୁଣ କୁମାର ରଥ, ବିଭୂତି ଭୂଷଣ ପଣ୍ଡା, ନିରୋଦ କୁମାର ସାମନ୍ତରାୟ ଏବଂ ଅଜୟ କୁମାର ନାୟକ ମନୋନୀତ ହୋଇଛନ୍ତି। ଏହି ସଭାରେ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କ ସହ ସହରର ବହୁ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାଉରକେଲା: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଭାପତି ଭଗବାନ ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅକ୍ଷୟ ଦାସ ଯୋଗଦେଇ ଦିବସର ଇତିହାସ, ମହତ୍ତ୍ୱ ଓ ନଗରିକର କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ କୁମୁଦ ରଞ୍ଜନ ମହାନ୍ତି, ଗଗନ ରାଉତ, ସତ୍ୟଜିତ ସୁତାର, ଅମୂଲ୍ୟ ମିଶ୍ର, ଅମିୟ ଶତପଥୀ, ରଞ୍ଜନ ଦୀକ୍ଷିତ, କୁଞ୍ଜ ବିହାରୀ ପ୍ରଧାନ, ସଞ୍ଜୟ ଜେନା, ପୂର୍ଣ୍ଣଚନ୍ଦ୍ର ପଲାଇ, ପ୍ରଭାତ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ରାଉରକେଲା : ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୭୯ତମ ସ୍ୱାଧୀନତା ଦିବସ ଓ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ରାଉରକେଲା ଇସ୍ପାତ କାରାଖାନାର ଅବସରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ଭବାନୀଶଙ୍କର ଚାନ୍ଦେଲ, ଉପସଭାପତି ଚନ୍ଦନ ଲାଲ ଅଗ୍ରୱାଲ, ସମ୍ପାଦକ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ସଦସ୍ୟ ସୁଧାକର ଦୁବେ, ସଦସ୍ୟା ସୁନିତା ଓରାମ ଓ ଗୋମତୀ କେୱଟ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଉଷାରାଣୀ ପରିଚୟ ପ୍ରଦାନ କରିଥିଲେ। ମିଲି ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଶିଶୁ ବଟିକା ପ୍ରମୁଖା ସସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ଉତ୍ସବର ସାଂସ୍କୃତିକୁ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ରେଣୁ ଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ରାଉରକେଲା : ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପସଭାପତି ନିତ୍ୟାନନ୍ଦ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ପାଇଁ ଆମ ପୂର୍ବ ପୁରୁଷଙ୍କ ଅନେକ ତ୍ୟାଗ ଓ ବଳିଦାନକୁ ଆଦର୍ଶ ଭାବେ ଗ୍ରହଣ କରି କୌଣସି ବି ସ୍ଥିତିରେ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ବିକାଶଧାରାକୁ ବଜାୟ ରଖିବା ପ୍ରତ୍ୟେକ ଭାରତୀୟ ମାନଙ୍କ ବ୍ରତ ହେବା ଉଚିତ୍ ବୋଲି ସାଧାରଣ ସମ୍ପାଦକ ଭଗବାନ ରାଉତ କହିଥିଲେ। ଏହି ଅବସରରେ ଅକ୍ଷୟ ଦାସ, ଆଲୋକ ବେହେରା, ସୁଶାନ୍ତ ନାୟକ, ଅମୂଲ୍ୟ ସେଠୀ, କରୁଣାକର ମହାରଣା, କମଳ ଲୋଚନ ପଣ୍ଡା, ସଞ୍ଜୟ ସା ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା

ରାଉରକେଲା, ୧୬।୮ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନ ଏବଂ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜ୍ଞାନେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଭୋଟ ଚୋରି ଅଭିଯୋଗରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସର କର୍ମୀ ଏବଂ ନେତୃବୃନ୍ଦ ସନ୍ଧ୍ୟାରେ ମଧୁସୂଦନ ମାର୍ଗ ଛକରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ମୋଦି ସରକାର ବିରୋଧରେ ବିଭିନ୍ନ ନାରାବାଜି କରି ସହରର ମୁଖ୍ୟ ମାର୍ଗ ଦେଇ ଉଦିତନଗର ସ୍ଥିତ ଆମ୍ବେଦକର ଛକ ପର୍ଯ୍ୟନ୍ତ ପହଞ୍ଚିଥିଲେ। ବିଗତ ଦିନରେ ନିର୍ବାଚନ କମିଶନଙ୍କ ପକ୍ଷପାତିତା ହିଁ ବିଜେପିକୁ କ୍ଷମତାକୁ ଆଣିଛି। ସାଧାରଣ ଜନତା ଏହି ସରକାରକୁ ବାଛି ନାହାନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଦାସ ଅଭିଯୋଗ କରିଥିଲେ। ଏହି ମଶାଲ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ଆଇଏନଟିୟୁସି ସଭାପତି ନିହାର ଦାସ, ବରିଷ୍ଠ ନେତା ସବୀର ହୁସେନ, ନଚିକେତା ମହାପାତ୍ର, ସୁନୀଲ ପଟ୍ଟନାୟକ, ନାୱାବ ଆଖତର, ଖାଦାଲ ସେଠୀ, ସେବାଦଳ ମୁଖ୍ୟ ବିନୋଦ ରାଉତ, ବ୍ଲକ ସଭାପତି ରଘୁନାଥ ଦାସ, ସୁଧୀର ନାଥ, ସୁଦନ ଚୌଧୁରୀ, ରୁଦ୍ର ନାରାୟଣ ବେହେରା, ନାରୀନେତ୍ରୀ ରଞ୍ଜିତା ମଲ୍ଲିକ, ସୁନିତା ଲାକ୍ରା, ପ୍ରତିମା ପାଣିଗ୍ରାହୀ, ସରିତା ଟପ୍ପୋ, ଝୁନୁ ପଟ୍ଟନାୟକ, ଯୁବ ନେତା ଇସ୍ତେହାର ମୋହମ୍ମଦ, ସୁମିତ କଂସାରୀ, ରତିକାନ୍ତ ମଲ୍ଲିକ, ସିକନ୍ଦର ଅହମ୍ମଦ, ମନ୍ମଥ ସୁତାର, ସବୀର ଆନାୱାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ମୃତକଙ୍କ ପିତାଙ୍କୁ ହତ୍ୟା ଧମକ

ରାଉରକେଲା, ୧୬।୮ (ସମିସ): ଜଣେ ମୃତକଙ୍କ ପିତାଙ୍କୁ ହତ୍ୟାକାରୀମାନେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ପୁଲିସ ଏ ନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଛେଣ୍ଡ ଭିଏସ୍ଏସ୍ ମାର୍କେଟ ଠାରେ ଏପ୍ରିଲ ୯ ତାରିଖରେ କିଶାନଟୋଲା ଅଞ୍ଚଳର ମୁକେଶ କରଙ୍କୁ ସଂଘବଦ୍ଧ ହତ୍ୟା କରାଯାଇଥିଲା। ଉକ୍ତ ମାମଲାକୁ ଖାରଜ କରିବାକୁ ଧମକଚମକ ଦେଇ ମୃତକଙ୍କ ପିତା ସୁଧୀର କୁମାର କରଙ୍କୁ ହତ୍ୟା ଘଟଣାରେ ଜଡ଼ିତ ଥିବା ଦୁବୃର୍ତ୍ତମାନେ ହତ୍ୟା ଧମକ ଦେଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସୁଧୀର ଏକୁଟିଆ ଥିବାର ସୁଯୋଗ ନେଇ ୩ ଜଣ ଦୁବୃର୍ତ୍ତ ବନ୍ଧୁକ ଦେଖାଇ ଥାନାରୁ ମାମଲା ଖାରଜ କରିବାକୁ ଧମକାଇ ଥିଲେ। ଏହା ନକଲେ ପୁଅକୁ ଯେପରି ହତ୍ୟା କରାଗଲା ଠିକ୍ ସେପରି ତୋତେ ମଧ୍ୟ ହତ୍ୟା କରାଯିବ ବୋଲି ଧମକ ଦେଇ ପଳାଇ ଯାଇଥିଲେ ବୋଲି ସୁଧୀର ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସୁଧୀର ଶନିବାର ଥାନାରେ ଅଭିଯୋଗ କରିବାର କିଛି ସମୟ ପରେ ସୋସିଆଲ ମିଡିଆରେ ପୁଲିସ ଏଫଆଇଆର ରିଶିଭ କପି ମିଳିନଥିବା ଅଭିଯୋଗ କରିଥିଲେ।

● ସିରିଜ୍ ଦୁର୍ଘଟଣା

ବାପା, ଝିଅ ସମେତ ୫ ଆହତ; ଚାଳକ ଅଟକ

ରାଉରକେଲା, ୧୬।୮ (ସମିସ): ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉପଲକ୍ଷେ ସ୍ମାର୍ଟ୍ ସିଟି ରାଉରକେଲା ଚଳଚଞ୍ଚଳ ରହିଥିଲା ବେଳେ ପୂର୍ବାହ୍ନରେ ଏକ ହାଇୱା ସିରିଜ ଦୁର୍ଘଟଣା କରିବା ଘଟଣା ସହରକୁ ଦୋହଲାଇ ଦେଇଥିଲା। ଏଥିରେ ବାପା, ଝିଅ ସମେତ ୫ ଜଣ ଆହତ ହୋଇଥିବା ବେଳେ ଅଟୋ, କାର, ସ୍କୁଟି ଓ ୨ଟି ବାଇକ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ରଘୁନାଥପାଲି ଥାନା ଅଧୀନ ହନୁମାନ ବାଟିକା ସମ୍ମୁଖରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି।

ସୂଚନା ମୁତାବକ, ପାନପୋଷ ପଟୁ ହାଇୱା ହନୁମାନ ବାଟିକା ଛକ ଆଡ଼କୁ ଆସୁଥିଲା। ହଠାତ୍ ମନ୍ଦିର ସମ୍ମୁଖ ରାସ୍ତାରେ ଅଟୋକୁ ଧକ୍କା ଦେବା ପରେ କାର, ସ୍କୁଟି ଓ ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଛେଣ୍ଡ ଫେଜ୍ ୩, ଏମଆଇଜି ୨/୮୮ ବାସିନ୍ଦା ତୁଷାରକାନ୍ତ ମହାକୁଲ, ଦିବ୍ୟାଶ୍ରୀ ମହାକୁଲ୍, ଫର୍ଟିଲାଇଜରର ଆୟୁଷ ଗୁପ୍ତା, ଲାଠିକଟାର ବିବେକ ସିଂ ଓ ସମ୍ବଲପୁରର ବିଶ୍ୱରଞ୍ଜନ ବାରିକ ରାସ୍ତାରେ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ହାଇୱାକୁ ଅଟକାଇ ଚାଳକକୁ ଧରିବାରେ ସକ୍ଷମ ହୋଇଥିଲେ। ପୁଲିସ ସ୍ଥାନୀୟଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲା। ବର୍ତ୍ତମାନ୍ ସୁଦ୍ଧା ଆହତ ମାନେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ତେବେ ତୁଷାରକାନ୍ତ ଓ ଦିବ୍ୟାଶ୍ରୀ ସମ୍ପର୍କରେ ବାପା, ଝିଅ ଅଟନ୍ତି। ଚାଳକକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଦୁଷ୍କର୍ମକାରୀ ଓ ସହଯୋଗୀକୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ

ରାଉରକେଲା, ୧୬।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୁଷ୍କର୍ମକାରୀ ଓ ଦୁଷ୍କର୍ମ ପାଇଁ ସହଯୋଗ କରିଥିବା ତାର ମାଆକୁ ଦୋଷୀ ସାବ୍ୟସ୍ତ କରି ରାଉରକେଲାର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ପି. ସୁରିୟା ରାଓ ଉଭୟ ମାଆ ପୁଅଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ କରିବା ସହ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ପୀଡିତାକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ପାଇଁ ବିଚାରପତି ଦଣ୍ଡାଦେଶ ଘୋଷଣା କରିଛନ୍ତି। ଦୋଷୀ ଦୁଷ୍କର୍ମକାରୀ ହେଲେ ମୁକେଶ ତାଣ୍ଡି ଓ ତାର ମାଆ ଯଶୋଦା ତାଣ୍ଡି।

ଆର୍ଏସ୍ପିର ୪୫ କର୍ମଚାରୀ ପୁରସ୍କୃତ

ରାଉରକେଲା, ୧୬।୮ (ସମିସ): ରାଉରକେଲା ଇସ୍ପାତ କାରଖାନାର ୪୫ ଜଣ କର୍ମଚାରୀଙ୍କୁ ସିଭିକସେଣ୍ଟର ଠାରେ ଆୟୋଜିତ ସମ୍ମାନ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ୨୦୨୪ ବର୍ଷ ପାଇଁ ସମ୍ମାନଜନକ ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ପ୍ରଦାନ କରିଥିଲେ। କର୍ମଚାରୀମାନେ ନିଜ ଜୀବନସାଥୀଙ୍କ ସହ ଡିଆଇସିଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିଜେତାମାନେ ପୁରସ୍କାର ଆକାରରେ ସୋଡେକ୍ସୋ କାର୍ଡ ଯୋଗେ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଏବଂ ଏକ ପ୍ରଶଂସା ପ୍ରମାଣପତ୍ର ଲାଭ କରିଥିଲେ।

କର୍ମଚାରୀମାନଙ୍କୁ ନିଜନିଜ କାର

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ

ସମ୍ବଲପୁର, ୧୬।୮ (ସମିସ)

ସମ୍ବଲପୁର ମାଟି ସବୁ କ୍ଷେତ୍ରରେ ଜାତୀୟସ୍ତରରେ ନିଜ ପରିଚୟ ସୃଷ୍ଟି କରିପାରିଛି। ଇତିହାସ କହୁଛି ୧୮୫୭ ମସିହାରେ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ହୋଇଥିଲା, କିନ୍ତୁ ତାହାର ବହୁ ପୂର୍ବରୁ ସମ୍ବଲପୁର ମାଟିରେ ୧୮୫୭ର ବହୁ ପୂର୍ବରୁ ପ୍ରାୟ ୨୮ ବର୍ଷ ପୂର୍ବରୁ ବୀର ସୁରେନ୍ଦ୍ର ସାଏ ଇଂରେଜ ମାନଙ୍କ ବିରୋଧରେ ତାଙ୍କ ସଂଗ୍ରାମ ଆରମ୍ଭ କରିଥିଲେ। ଆଜି ବି ଆମେ ତାଙ୍କ ପରାକ୍ରମକୁ ମନେ ପକାଉଛୁ ବୋଲି ଶ୍ରୀ ପୂଜାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବଲପୁର ଜିଲ୍ଲା କୁଦୋପାଲି ମାଟିରେ ଇଂରେଜ ମାନଙ୍କ ବିରୋଧରେ ହୋଇଥିବା ନିର୍ଣ୍ଣାୟକ ଲଢ଼େଇରେ ବୀର ସୁରେନ୍ଦ୍ର ସାଏ ପରିବାରର ଛବିଳ ସାଏ ଏବଂ ତାଙ୍କ ସହ ୫୨ ଜଣ ରାଷ୍ଟ୍ରପାଇଁ ବଳିଦାନ ଦେଇଥିଲେ। ଗୋଟିଏ ଛୋଟ ଜାଗାରେ ଏତେ ସଂଖ୍ୟକ କ୍ରାନ୍ତିକାରୀ ରାଷ୍ଟ୍ରପତି ସମର୍ପିତ ହେବା ବିରଳ ଉଦାହରଣ ଏହି ଅଞ୍ଚଳ ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଥିଲେ। କ୍ରାନ୍ତି ଓ ମୁକ୍ତିର ପଥରେ ସମ୍ବଲପୁରର ଭୂମିକା ଅନନ୍ୟ। ମହାତ୍ମାଗାନ୍ଧୀ ୧୯୨୮ ଓ୧୯୩୪ ମସିହାରେ ଦୁଇଥର ସମ୍ବଲପୁର ଆଗମନ କରି ଓଡ଼ିଶାବାସୀଙ୍କୁ ସମ୍ବଲପୁରବାସୀଙ୍କୁ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଦେବାସହିତ ସତ୍ୟାଗ୍ରହରେ ସାମିଲ କରିଥିଲେ। ସମ୍ବଲପୁର ମାଟିର ସଂଗ୍ରାମୀ ମଦନ ମୋହନ ମିଶ୍ର, ଲକ୍ଷ୍ମୀ ନାରାୟଣ ମିଶ୍ର, ଭାଗୀରଥି ମିଶ୍ର, ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗୀରଥୀ ପଟ୍ଟନାୟକ, ନୃସିଂହ ଗୁରୁ, ଡାକ୍ତର ରାମଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ରାଏ ଲାଠ, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ପ୍ରଭାବତୀ ଦେବୀ, ପାର୍ବତୀ ଗିରି ପ୍ରମୁଖଙ୍କ ମହାନ ତ୍ୟାଗ ଓ କାରାବରଣ ଆଜି ଇତିହାସର ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଯାଇଛି। ଏହି ସଂଗ୍ରାମୀ ମାନଙ୍କ ତ୍ୟାଗ, ବଳିଦାନ ଓ ମୂଲ୍ୟବୋଧକୁ ସ୍ମରଣ କରିବା ସମୟ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସମ୍ବଲପୁରୀ ହସ୍ତତନ୍ତ, ସମ୍ବଲପୁରୀ ଲୋକନୃତ୍ୟର ଆଦର ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଥିବାବେଳେ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଓ ହସ୍ତତନ୍ତ ଶିଳ୍ପୀ ସର୍ବଭାରତୀୟ ସ୍ତରରେ ସମ୍ମାନିତ ହେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। କେବଳ ସେତିକି ନୁହେଁ ବରଂ ଡାଲଖାଇ, କରମା, ହୁମ-ବଉଲି ଆଦି ନୃତ୍ୟରେ ସମ୍ବଲପୁର ମାଟିର କଳା ଏବଂ ସଂସ୍କୃତି ସାରା ବିଶ୍ୱରେ ପ୍ରସ୍ଫୁଟିତ ହେଉଛି। ସମ୍ବଲପୁରର ବିଭିନ୍ନ ଉତ୍ସବାନୁଷ୍ଠାନ ପଞ୍ଚବାଦ୍ୟରେ ମୁଖରିତ ହେଉଛି। ଏହି ମାଟିର ବହୁତ ଜଣ ବରପୁତ୍ର ନିକଟ ଅତୀତରେ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଛନ୍ତି। 'ରଙ୍ଗବତୀ' ଆଉ କେବଳ ସମ୍ବଲପୁର ବା ଓଡ଼ିଶାର ନୃତ୍ୟ ନୁହେଁ, ତାହା ସାରା ପୃଥିବୀବାସୀଙ୍କୁ ମନ୍ତ୍ରମୁଗ୍ଧ କରିଛି। ସମ୍ବଲପୁରୀ ଭାଷାକୁ ରୁଦ୍ଧିମନ୍ତ କରିବା ପାଇଁ ପଦ୍ମଶ୍ରୀ ହଳଧର ନାଗଙ୍କ ଭୂମିକା ଅତୁଳନୀୟ। ଆମ ଅଞ୍ଚଳର ଦୁଇଜଣ ବରପୁତ୍ର ପ୍ରକୃତି କବି ଗଙ୍ଗାଧର ମେହେରଙ୍କ 'ବିଶ୍ୱ ଦେଖ ମଧୁମୟ' ଓ ସନ୍ଥକବି ଭୀମଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ସମସ୍ତଙ୍କ ଜୀବନ ଦର୍ଶନର ବାର୍ତ୍ତା ଦେଉଛି। ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠ, ହୁମାର ବକ୍ର ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ଆଦିକୁ ନେଇ ସମ୍ବଲପୁର ମନ୍ଦିରମାଳିନୀ ହୋଇପାରିଛି। ହୀରାକୁଦ ବନ୍ଧ ବିଶ୍ୱର ଅନ୍ୟତମ ଦୀର୍ଘତମ ବନ୍ଧ ଭାବରେ ଜାତୀୟ ମାନଚିତ୍ରରେ ସ୍ଥାନ ପାଇଛି ବୋଲି ସେ କହିଥିଲେ। ଗୁଦ୍‌ଗୁଦା ଭଳି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି। ସ୍ୱାତନ୍ତ୍ର୍ୟ ଅର୍ଜନ କରିଥିବା ଶୀତଳଷଷ୍ଠୀ ପରି ଭାଇଜିଉଁନ୍ତିଆ ଓ ପୁଅଜୀଉଁନ୍ତିଆ ପର୍ବରେ ଭାଇଚାରା ଓ ଆତ୍ମୀୟତା ମିଶି ରହିଛି। ଗଣପର୍ବ ନୂଆଖାଇ ସଂପ୍ରୀତି ଓ ସଦ୍‌ଭାବନାର ବାର୍ତ୍ତା ପ୍ରଚାର କରିଚାଲିଛି ବୋଲି ମନ୍ତ୍ରୀ କହିଥିଲେ।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମ୍ବୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

୧୯୮୦ ଛାତ୍ର ଆନ୍ଦୋଳନକୁ ମନେ ପକାଇଲେ

ସମ୍ବଲପୁର ତଥା ଗଙ୍ଗାଧର ମେହେର କଲେଜ ନେତୃତ୍ୱରେ ୧୯୮୦ ମସିହାରେ ହୋଇଥିବା ଓଡ଼ିଶାର ସବୁଠାରୁ ବଡ଼ ଛାତ୍ର ଆନ୍ଦୋଳନକୁ ମନ୍ତ୍ରୀ ଶ୍ରୀ ପୂଜାରୀ ମନେ ପକାଇଥିଲେ। ପ୍ରାୟ ଏକ ବର୍ଷ ଧରି ସେହି ଆନ୍ଦୋଳନ ଓଡ଼ିଶାରେ ଚାଲିଥିଲା। ରାଜ୍ୟର ସମସ୍ତ ସ୍କୁଲ କଲେଜ ଛାତ୍ରଛାତ୍ରୀ ସେଥିରେ ସାମିଲ ହୋଇଥିଲେ। ସେହି ଆନ୍ଦୋଳନ ସମୟରେ ବହୁ ଛାତ୍ରଛାତ୍ରୀ କାରାବରଣ କରିଥିଲେ, ଆହତ ମଧ୍ୟ ହୋଇଥିଲେ ଏବଂ ଓଡ଼ିଶାର ବିଭିନ୍ନ ଅଂଚଳର ୭ ଜଣ ସହିଦ ହୋଇଥିଲେ। ୧୦୮୧ ମସିହାରେ ସମାନ୍ତରାଳ ଭାବେ ଗଙ୍ଗାଧର ମେହେର କଲେଜ ପଡ଼ିଆରେ ଗଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ଜଣେ ରିକ୍ସା ଚାଳକ ପତାକା ଉତୋଳନ କରିଥିଲେ। କଲେଜ ପରିସର ଏବଂ ଚତୁଃପାର୍ଶ୍ୱରେ ହଜାର ହଜାର ଜନସମାଗମ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ଗଙ୍ଗାଧର ମେହେର କଲେଜ ଛାତ୍ରସଂସଦର ସଭାପତି ଥିଲେ ବର୍ତମାନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ଦୈନିକ 'ସକାଳ' କାର୍ଯ୍ୟାଳୟ

ସମ୍ବଲପୁର: ବରେଇପାଲି ଡେଙ୍ଗସର୍ଗୀସ୍ଥିତ ଦୈନିକ 'ସକାଳ' କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ଜେ. କିରଣ କୁମାର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଡିଏଭି ବିଦ୍ୟାଳୟ, ବୁର୍ଲା

ସମ୍ବଲପୁର: ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ଯୋଗଦେଇ ପତାକା ଉତ୍ତୋଳନ କରିବାସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପ୍ୟାରେଡରେ ଏନ୍‌ସିସି, ସ୍କାଉଟ୍ ଗାଇଡ୍, ଚାରୋଟି ଗୃହ ବିଭାଗର କ୍ୟାଡର, ବ୍ୟାଣ୍ଡ ଦଳ ସାମିଲ ହୋଇଥିଲେ। ଏହି ଅବସରରେ ଇଂରାଜୀ, ହିନ୍ଦୀ ଓ ଓଡ଼ିଆରେ ଯଥାକ୍ରମେ ପ୍ରଜ୍ଞାରୂପା ବହିଦାର, ଆକାଂକ୍ଷା ପଣ୍ଡା ଓ ଅଭିଜ୍ଞା ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଏକ ଦେଶଭକ୍ତି ସଙ୍ଗୀତ ପ୍ରସ୍ତୁତ କରାଯାଇଥିଲା। ଏହି ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ ଶ୍ରୀହର୍ଷ ପତି ଓ ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ ସଂଯୋଜନା ଓ ପରିଚାଳନା କରିଥିଲେ।

ପିନାକଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ

ସମ୍ବଲପୁର: ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ପିନାକଲ ଗ୍ରୁପ ଅଫ ଇନ୍‌ଷ୍ଟିଟ୍ୟୁସନ ଦ୍ୱାରା ୭୯ତମ ସ୍ୱାଧୀନତା ଦିବସ ହର୍ଷଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୦୦ଫୁଟ ଲମ୍ବର ଏକ ତ୍ରିରଙ୍ଗା ରାଲି କରାଯାଇଥିଲା, ଯାହା କି ପିନାକଲ କଲେଜ ରୁ ବାହାରି ବୁଢାରଜା ପର୍ଯ୍ୟନ୍ତ ଯାଇ ସେଠାରୁ ପୁଣି କଲେଜ କ୍ୟାମ୍ପସକୁ ଫେରିଥିଲା। ପିନାକଲ ଗ୍ରୁପ ଚେୟାରମ୍ୟାନ ବଳରାମ ମିଶ୍ର ପତାକା ଉତ୍ତୋଳନ କରି ଅଭିଭାଷଣ ଦେଇଥିଲେ। ପିନାକଲ କଲେଜ ଅଧ୍ୟକ୍ଷ ଭଗବାନ ମେହେର ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତାର ମହତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପିନାକଲ ଗ୍ରୁପର ନିର୍ଦ୍ଦେଶକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ମେଘପାଳ ପଞ୍ଚାୟତ

ସମ୍ବଲପୁର: ମେଘପାଳ ପଞ୍ଚାୟତରେ ଅଭିନବ ଭାବରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଶିକ୍ଷାର୍ଥୀଙ୍କୁ ସ୍କୁଲ ବ୍ୟାଗ, ପାଣିବୋତଲ ଓ ଟିଫିନ ବାକ୍ସ ଉପହାର ଦେଇ ସରକାରୀ ସ୍କୁଲ ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରାଯିବା ସହିତ ପଞ୍ଚାୟତ ପରିସରରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇ ପଞ୍ଚାୟତ ଆଉ ଏକ ଆଦର୍ଶ ସୃଷ୍ଟି କରିଛି। ଆୟୋଜିତ ଉତ୍ସବରେ ରେଡ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ପ୍ରତିମୂର୍ତ୍ତି ଲୋକାର୍ପିତ କରିଥିବାବେଳେ ପ୍ରାଥମିକ ଶ୍ରେଣୀରେ ପ୍ରବେଶ କରିଥିବା ପଞ୍ଚାୟତର ସମସ୍ତ ଶିକ୍ଷାର୍ଥୀଙ୍କୁ ଉପହାର ପ୍ରଦାନ କରିଥିଲେ। ସରପଞ୍ଚ ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମିତିସଭ୍ୟା ଲିଲିମା ଧରୁଆ, ସମାଜସେବୀ ଡ ରାଜାରାମ ଷଡ଼ଙ୍ଗୀ, ବାହାମ ସମିତିସଭ୍ୟ ପ୍ରଫୁଲ୍ଲ ମଗର ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଶ୍ରୀମତୀ ପ୍ରଧାନ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଆୟୋଜିତ ସଭାରେ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହିତ ସମସ୍ତ ୱାର୍ଡମେମ୍ବର, ପଞ୍ଚାୟତ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜେଡି ରାଜ୍ୟ ଯୁବ ସମ୍ପାଦକ ହୀରାଲାଲ ବେହେରା, ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

କାଇଁଶୀର ରୋଡ୍ ବିଜେଡି କାର୍ଯ୍ୟାଳୟ

ସମ୍ବଲପୁର : ଭାରତର ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ଉପସ୍ଥିତିରେ ଅଇଁଠାପାଲି କାଇଁଶୀର ରୋଡସ୍ଥିତ କାର୍ଯ୍ୟାଳୟରେ ହର୍ଷଉଲ୍ଲାସ ସହ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଇଂ. ଦାସ ଜାତୀୟ ପତାକା ଉତ୍ତାଳନ କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ରଚିନ୍ଦ୍ର କୁଅଁର, ଅଶୋକ ମହାକୁର, ଦିଲୀପ ଦାଶ, ସୀତାକାନ୍ତ ପଣ୍ଡା, ନାସିର ଖାଁ, ଭରତ ସୁନା, ଲିଂଗରାଜ ତ୍ରିପାଠୀ, ରାଜେଶ ଗୁପ୍ତା, ଇଂ. ନିଶିଥ ଆକାଶ, ଇଂ. ଦୀନେଶ ସେଠ, ଦିବ୍ୟଜ୍ୟୋତି ଦାନୀ, ମିତାଲି ସାହୁ, ସୌଭାଗିନୀ ସାହୁ, ନୀଳିମା ଭୋଇ, ସ୍ୱାତୀ ଲୁହା, ସନ୍ତୋଷିନୀ ମୁଣ୍ଡା, ସୁଜାତା ସାହୁ, ପଦ୍ମିନୀ ଜୟପୁରିଆ, ସରୋଜିନୀ ମୁଣ୍ଡା, ରାଜଶ୍ରୀ ସାହୁ, ଜୁଲି ସାହୁ, ରଞ୍ଜୁବାଲା ବେହେରା, ବର୍ଷାରାଣୀ ବେହେରା, କାମିନୀ ମୁଣ୍ଡା ପ୍ରମୁଖ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

ସମ୍ବଲପୁର ବିଜେଡି

ସମ୍ବଲପୁର : ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ଭୂତାପଡ଼ା ଛକ ସ୍ଥିତ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ଜନତା ଦଳର କର୍ମକର୍ତ୍ତା ତଥା ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଇଂ ପୂଜାରୀ କହିଥିଲେ ଯେ ଆଜି ଦିନରେ ଆମେ ଯେଉଁ ସ୍ୱାଧିନତା ପାଇଛେ ଯେଉଁ ବରପୁତ୍ର ମାନଙ୍କ ବଳିଦାନରୁ ତାଙ୍କୁ ଆମେ ସମସ୍ତେ ହୃଦୟରୁ ଆଜି ଦିନରେ ଶ୍ରଦ୍ଧାଞ୍ଜଳି ଦେବା ଆବଶ୍ୟକ, ଯାହାଙ୍କ ପାଇଁ ଆମେ ଆଜି ସ୍ୱାଧୀନ ଭାରତରେ ଛିଡା ହୋଇପାରିଛେ। ଆମର ବରପୁତ୍ର ମାନଙ୍କୁ ତେବେ ଯାଇ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ଯେବେ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ହେବ, ତେବେ ଯାଇ ଜନସାଧାରଣ ପ୍ରକୃତ ସ୍ୱାଧିନତାର ସ୍ୱାଦ ଚାଖିପାରିବେ।

ବରିଷ୍ଠ ନେତା ଗୋକୁଳ ମେହେର, ବସନ୍ତ ମିଶ୍ର, ସୁରୁବାବୁ ମେହେର, ଏମ୍ ଡି ସନାଉଲା, ବେଣୁଧର ଦାସ, ସତ୍ୟେନ୍ଦ୍ର ଦାସ, ପ୍ରଫୁଲ୍ଲ ଦାସ, ସଞ୍ଜୀବ ଷଡ଼ଙ୍ଗୀ, ସୁବାସ ଜେନା, ଧର୍ମରାଜ ମରେଇ, ପ୍ରଦୋଷ ମହାନ୍ତି, ବବି ସିଂ, ଅଜିମ୍ ଅଜ୍ଜୁ, ସୁରେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ଥାପା, ସୌରି ପାଣିଗ୍ରାହି, ଭାବେଶ ଚାନ୍ଦ, ଦେବାଶିଷ ପରିଡ଼ା, ଅନ୍ନୋଲ ଦାସ, ପ୍ରହଲ୍ଲାଦ ଗୁରୁ, ଆଶୁତୋଷ ସ୍ୱାଇଁ, ସୁକେଶ ସିଂ, ରବିନ୍ଦ୍ର ସିଂ, ସୁରେନ୍ଦ୍ର ସିଂ, ଶୟଦ ଶାହବୁଦ୍ଦିନ, ରୁଦ୍ର ଷଡ଼ଙ୍ଗୀ, ଏମ୍ ଡି ସକିର, ଶେଷଦେବ ଗୁରୁ, ଦୁଲାଳ ରାୟ, ଶୁଭେନ୍ଦୁ ସାହୁ, ଅସିତ୍ ରଣା, ବିଜୟ ପଣ୍ଡା, ସୁରେନ୍ଦ୍ର ଓରାମ, ହିମାଂଶୁ ପ୍ରଧାନ, ତପନ ମେହେର, ପ୍ରଶାନ୍ତ ନାୟକ, ଓଁକାର ନାୟକ, ରାଙ୍କୁ ଦାସ, ଗଣେଶ କରାଲି, ଭରତ କରାଲି, ଫିରୋଜ ରାଜା, ସୋମ ବେହେରା ଏବଂ ମହିଳା ଜନତା ଦଳରୁ ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ସଂଯୁକ୍ତା ମେହେର, ରଶ୍ମିରେଖା ତ୍ରିପାଠୀ, ତ୍ରିବେଣୀ ପଣ୍ଡା, ସ୍ୱେତା ନାୟକ, ସୁରେଖା ସାହୁ, ନନ୍ଦିନୀ ପ୍ରଧାନ, ଅନିତା ଓରାମ, ସରିତା ଦାସ, ମମତା ମହାନ୍ତି, ଲିଲୀମା ମଲ୍ଲିକ, ମାମି ଆୟନ୍, ଡଲି କଲେତ, ନୂରି ନାର୍ଶିଦା, ପାରୋ ମୁଣ୍ଡା, ବିଜୟ ଲକ୍ଷ୍ମୀ ଯାଦବ, ହସିନା ବେଗମ୍, ମୁନି ବେଗମ୍, ଖତିଯା ବେଗମ୍, ଜସ୍ମିନ୍ ଖାନ, ପୁଷ୍ପା ପଣ୍ଡାଙ୍କ ସମେତ ବିଜୁ ଜନତା ଦଳ, ଯୁବ, ଛାତ୍ର, ମହିଳା ଜନତା ଦଳର କର୍ମକର୍ତ୍ତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ହାଉସିଂବୋର୍ଡ କଲୋନୀ

ସମ୍ବଲପୁର: ସମ୍ବଲପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସ୍ଥାନୀୟ ମୁଦିପଡ଼ା ହାଉସିଂ ବୋଡର୍ କଲୋନୀଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ରୋଜିସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥି ଶ୍ରୀ ବହିଦାର ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମାଳୟା ମହଲା, ଅଷ୍ଟମୀ ପୋଢ଼, ପୂଜା ଦେ, ସ୍ୱାଗତିକା ସାମନ୍ତ ଏବଂ ଗୀତା ପୋଢ଼ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ହିନ୍ଦ୍ ମଜଦୁର ସଭା

ସମ୍ବଲପୁର : ହିନ୍ଦ ମଜଦୁର ସଭା କର୍ମଚାରୀ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହିରାକୁଦ ହିଣ୍ଡାଲକୋର ପାୱାର ଓ ଏଫ.ଆର.ପି ଉଭୟ ସ୍ଥାନରେ ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟରେ ଜାତୀୟ ପତକା ଉତ୍ତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ଓ ହିଣ୍ଡାଲକୋ କର୍ମଚାରୀ ସଂଘର ପରାମର୍ଶଦାତା ସଞ୍ଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ପତକା ଉତ୍ତୋଳନ କରିଥିଲେ। ଦୁର୍ଯ୍ୟୋଧନ ମହାନ୍ତି, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ରୋଶନ ସିଂ, ଯୋଗୀନ୍ଦ୍ର ବେହେରା, ସୁବ୍ରତ ପଣ୍ଡା, ସଞ୍ଜୀବ ପ୍ରଧାନ, ତୁଷାର ନାଥ, ବିଭୁତି ଭୂଷଣ ଦାସ, ମିଲୁଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶୋଇ, ହୃଦାନନ୍ଦ ପରିଜା, ହରେକୃଷ୍ଣ ସା, ରୁପେଶ ନାୟକ, ଜିଜିକାଲ ନାଗ, ଶେଖଚାନ୍ଦ ବାବୁ, ମନୋରଞ୍ଜନ ସାହୁ, ସୁମନ ସାମନ୍ତରାୟ, କିଶୋର ଖଡ଼ିଆ, ସୁବ୍ରତ ତ୍ରିପାଠୀ, ଆର୍ଯ୍ୟନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

ରେଳମଣ୍ଡଳରେ ସ୍ୱାଧୀନତା ଦିବସ

ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ପକ୍ଷରୁ ସମ୍ବଲପୁରର ରେଳ ଷ୍ଟାଡିୟମରେ ସ୍ୱାଧୀନତା ଦିବସ ପାଳ

ଝୁମ୍ପୁଡ଼ି ଘରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡା,୧୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଗାନ୍ଧୀନଗରର ଏକ ଝୁମ୍ପୁଡ଼ି କୁଡ଼ିଆରୁ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ବିକ୍ରମ (୬୦) ଓ ତାଙ୍କ ସ୍ତ୍ରୀ ଜାନକୀ (୫୫) ବୋଲି ଜଣାପଡ଼ିଛି। ଦୀର୍ଘବର୍ଷ ହେବ ଗାନ୍ଧୀନଗରରେ ଉଭୟ କୁଡ଼ିଆ କରି ରହିବା ସହ ଭିକ୍ଷାବୃତ୍ତି କରି ଚଳୁଥିଲେ। ତେବେ କିଛି ଦିନ ହେବ ତାଙ୍କ ଘର ବନ୍ଦ ଥିଲା। ଆଜି ଘରୁ ଦୁର୍ଗନ୍ଧ ବାହାରିବା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିଥିଲା। ତେବେ କେହି ଅଭିଯୋଗକାରୀ ନ ଆସିବାରୁ ପୌର ପରିଷଦ ପକ୍ଷରୁ ଉଭୟ ମୃତକଙ୍କ ଶବ ସତ୍କାର କରାଯାଇଥିବା ଜଣାପଡ଼ିଛି। ବୃଦ୍ଧଙ୍କ ଶବଟି ପଚିବା ଆରମ୍ଭ ହୋଇଯାଇଥିବାରୁ ଦିନକ ତଳୁ ତାଙ୍କର ମୃତ୍ୟୁ ହୋଇ ସାରିଥିବା ଆଶଙ୍କା କରାଯାଉଛି। ତେବେ ଏକା ସାଙ୍ଗରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ କିଭଳି ହେଲା ଓ କାହିଁକି ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କ ମୃତ୍ୟୁ କେଉଁ କାରଣରୁ ହେଲା ତାହା ସନ୍ଦେହ ଘେରରେ ରହିଛି। ପୁଲିସ ସୂଚନା ଅନୁସାରେ, ପ୍ରାୟ ୫ ବର୍ଷ ତଳେ ବିକ୍ରମ ସପତ୍ନୀକ ଏଠାକୁ ଆସିଥିଲେ। ଗତ କିଛି ମାସ ହେବ ସେ ଟିବି ରୋଗରେ ଆକ୍ରାନ୍ତ ହେବା ପରେ ଶଯ୍ୟାଶାୟୀ ହୋଇଥିଲେ। ଜାନକୀ ଭିକ୍ଷାବୃତ୍ତି କରି ଯାହା ପାଉଥିଲେ ସେଥିରେ ଦମ୍ପତି ଚଳୁଥିଲେ। ତେବେ କେଉଁ ପରିସ୍ଥିତିରେ ଉଭୟ ଏକାସାଙ୍ଗରେ ମୃତ୍ୟୁ ହୋଇଛି ତାହା ତଦନ୍ତ ପରିସର ରହିଛି।

ଭୁବନେଶ୍ୱର–ଝାରସୁଗୁଡ଼ା ବିମାନ ସେବା ଶୁଭାରମ୍ଭ

ସପ୍ତାହରେ ଚାଲିବ ୫ ଦିନ, ଲାଗିବ ୪୫ ମିନିଟର ସମୟ

ଭୁବନେଶ୍ୱର,୧୬।୮ (ସମିସ)

ଶନିବାର ଭୁବନେଶ୍ୱର ବିମାନ ବନ୍ଦରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଝାରସୁଗୁଡା ପର୍ଯ୍ୟନ୍ତ ବିମାନସେବାର ଶୁଭାରମ୍ଭ କରିଛନ୍ତି। ୭୬ ସିଟ୍ ବିଶିଷ୍ଟ ଷ୍ଟାର୍ ଏୟାରର ଏହି ବିମାନଟି ସପ୍ତାହକୁ ୫ ଦିନ ଅର୍ଥାତ୍ ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଚଳାଚଳ କରିବ। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ବିମାନ ବନ୍ଦରଠାରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଥିଲେ।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଐତିହାସିକ ପଦକ୍ଷେପ କେବଳ ପଶ୍ଚିମ ଓଡିଶାକୁ ରାଜ୍ୟର ରାଜଧାନୀ ସହିତ ନିକଟତର କରିବନି; ବରଂ ଶିଳ୍ପୋନ୍ନତି, ପର୍ଯ୍ୟଟନ ଓ ସାଂସ୍କୃତିକ ଆଦାନ-ପ୍ରଦାନକୁ ମଧ୍ୟ ଦ୍ରୁତ ଗତି ଦେବ। ଭୁବନେଶ୍ୱରରୁ ଏବେ ୪ଟି ଇଣ୍ଟରନେସ୍‌ନାଲ ଫ୍ଲାଇଟ୍–ସିଙ୍ଗାପୁର, ବ୍ୟାଙ୍କକ୍, ଦୁବାଇ ଓ ଆବୁଧାବୀକୁ ଚଳାଚଳ କରୁଛି ଏବଂ ଭୁବନେଶ୍ୱର ଓ ଝାରସୁଗୁଡାରୁ ଉଭୟ ନ୍ୟାସନାଲ ଓ ଇଣ୍ଟରନ୍ୟାସନାଲକୁ ମିଶାଇ ୩୯ଟି ରୁଟ୍‌ରେ ବିମାନ ଚଳାଚଳ କରୁଛି। ଓଡ଼ିଶା ଭିତରେ ଭୁବନେଶ୍ୱରରୁ ଜୟପୁର, ରାଉରକେଲା ଓ ଉତ୍‌କେଲାକୁ ବିମାନ ଚଳାଚଳ କରୁଥିଲା। ଆଜି ଝାରସୁଗୁଡା ସହିତ ଭୁବନେଶ୍ୱର ଆକାଶପଥରେ ଯୋଡି ହେଲା। ଆଗାମୀ ଦିନରେ ଆହୁରି ଅଧିକ ଡୋମେଷ୍ଟିକ୍ ଓ ଇଣ୍ଟରନେସ୍‌ନାଲ ଫ୍ଲାଇଟ ଚଳାଚଳ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଭୁବନେଶ୍ୱର ବିମାନ ବନ୍ଦରରେ ଏମ୍‌ଆର୍‌ଓ ବ୍ୟବସ୍ଥା ବିକଶିତ କରାଯିବା ପାଇଁ ଯୋଜନା ରହିଛି । ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ବ୍ୟବସ୍ଥା ପାଇଁ ଆମର ସମସ୍ତ ପଦକ୍ଷେପ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ।

ପ୍ରଦର୍ଶନୀ ମହିଳା କ୍ରିକେଟ୍‌ରେ ଲଖନପୁର ବିଜୟୀ

ଇବଥର୍ମାଲ,୧୬।୮ (ସମିସ): ଲଖନପୁର କୋଇଲା କ୍ଷେତ୍ର (ଏମସିଏଲ) ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ଅବସରରେ ବନ୍ଧବାହାଲ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରଦର୍ଶନୀ ମହିଳା କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ସିଏଲ ଲଖନପୁର କ୍ଷେତ୍ର ସ୍ଥାୟୀ ମହିଳା କର୍ମଚାରୀ ବନାମ କଣ୍ଟ୍ରାକଚୁଆଲ ମହିଳା କର୍ମଚାରୀଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ସଙ୍ଗମ ମହିଳା ମଣ୍ଡଳ ଲଖନପୁର କ୍ଷେତ୍ର ଅଧ୍ୟକ୍ଷା ରେଣୁ ପାଣ୍ଡେ ବ୍ୟାଟିଙ୍ଗ କରି ଓ ସେଣ୍ଟ୍ରାଲ ଲେବର ଏନଫୋର୍ସମେଣ୍ଟ ଅଧିକାରିଣୀ ରାଉରକେଲା ମିସ୍ ବିଦ୍ୟା ବଲିଙ୍ଗ କରି ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ମହିଳା କର୍ମଚାରୀ ଟିମ୍ ଟସ୍ ଜିଣି ପ୍ରଥମ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୦ ଅଭରରେ ୪ ୱିକେଟ ହରାଇ ୫୦ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳ ୬ ୱିକେଟ ହରାଇ ମାତ୍ର ୩୪ ରନ ସଂଗ୍ରହ କରି ପାରିଥିଲା। ଫଳରେ ଲଖନପୁର ସ୍ଥାୟୀ ମହିଳା କର୍ମଚାରୀ ଦଳ ବିଜୟୀ ହୋଇଥିଲା। ମ୍ୟାନ ଅଫ ଦ ମ୍ୟାଚ ସ୍ମିତା ଓରାମ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଭିଧ କୁମାର ପାଣ୍ଡେ, ମହାପ୍ରବନ୍ଧକ ସତ୍ୟ ଭୂଷଣ ବାରିକ, ମହାପ୍ରବନ୍ଧକ ଏକସାଭେସନ ଏମ୍ କେ ବର୍ମା, ଏଟିଏମ୍ ଏମ୍ ପ୍ରଦୀପ କୁମାର, ଏରିଆ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ, ଶ୍ରମିକ ସଂଗଠନ ନେତୃତ୍ୱ ରବୀନ୍ଦ୍ର ପ୍ରସାଦ, ରାମକୃଷ୍ଣ ତିୱାରୀ, ସଞ୍ଜୟ ପଟେଲ, ଏନ୍ ଜି ତଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ମଳୟ ପ୍ରଧାନ ଓ ସଚିନ ଖମାରୀ ଖେଳ ପରିଚାଳନା କରିଥିଲେ।

ଡକାୟତି ଯୋଜନାବେଳେ ପୁଲିସର ଚଢ଼ଉ, ୫ ଗିରଫ

ଝାରସୁଗୁଡା,୧୬।୮ (ସମିସ): ବ୍ରଜରାଜନଗର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୁଲିସ ଚଢ଼ଉ କରି ୫ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ଡକାୟତି ଦଳ ବିଭିନ୍ନ ମାରଣାସ୍ତ୍ର ଧରି ଓପିଏମ ନିକଟ ଇବ ନଦୀ ତଟରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିଲେ। ଖବରପାଇ ବ୍ରଜରାଜନଗର ଥାନା ପୁଲିସ ଏସ୍‌ଆଇ ଏମ ପାଣିଗ୍ରାହୀଙ୍କ ନେତୃତ୍ୱରେ ଚଢ଼ଉ କରି ୫ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ କିଛି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ ମାନେ ହେଲେ ବ୍ରଜରାଜନଗର ଥାନା ଷ୍ଟେସନପଡ଼ାର ଅଙ୍କିତ ଘୋଷ(୨୦), ରୋହିତ ସୁନା(୨୮), ମେନ ମାର୍କେଟ ବ୍ରଜରାଜନଗରର ଦୀପକ ସିଂହ(୩୭), ଗୁଆଳାପଡ଼ାର ରଞ୍ଜିତ ଯାଦବ(୩୩), ରାମରକ୍ଷାପଡ଼ା ଅଞ୍ଚଳର ପପୁ ସାହା ଓରଫ ଅଜୟ ସାହା(୩୭)। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ଚଢ଼ଉ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଗୋଟିଏ ଜୀବନ୍ତ ଗୁଳି, ଗୋଟିଏ ଚାପଡ଼, ଦୁଇଟି ଲୁହା ରଡ୍, ତିନୋଟି ଟର୍ଚ୍ଚ ଲାଇଟ, ଏକ ସ୍କୁଟି(ଓଡି ୨୩ କ୍ୟୁ ୪୫୪୧) କୁ ଜବତ କରିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପୁନର୍ଗଠିତ

ଝାରସୁଗୁଡା,୧୬।୮ (ସମିସ): ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକଖ ଅନ୍ତର୍ଗତ କେଜିପି ସରକାରୀ ଉଚ୍ଚ ବିଦ୍ୟାଳୟ ସାହ୍ନେଟିକ୍ରା ଠାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପୁନର୍ଗଠିତ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବରେ ଝାରସୁଗୁଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରାଜ କିଶୋର ଜେନା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ନାଏକ, ଚାନ୍ଦୁରାମ ଭୋଇ, ଅଶୋକ କୁମାର୍ ପଟେଲ ନିବାଚନ ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ଲଇକେରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ରନବିଡା ସମସ୍ତ ଙ୍କୁ ସ୍ୱାଗତ ଜଣାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ ରାଜ କିଶୋର ଜେନା ସଂଘ ଗଠନ ଓ ତାର ଉଦ୍ଦେଶ୍ୟ ଏବଂ ବିଭିନ୍ନ ପଦ ଗୁଡ଼ିକ କହିଥିଲେ। ସଭାପତି ଭାବେ ଦେବେନ୍ଦ୍ର ରନବିଡା, କାର୍ଯ୍ୟକାରୀ ସଭାପତି ତପନ କୁମାର ପୁରୋହିତ, ଉପ ସଭାପତି ଛତ୍ରଲାଲ କିସାନ, ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ନାଏକ, କାର୍ଯ୍ୟକାରୀ ସଂପାଦକ ନରୋତ୍ତମ ମେହେର, ମହିଳା ହେଲେ ସଭାନେତ୍ରୀ ବବିତା ଉର୍ମାଲ, ଉପ ସଭାପତି ସୋକିନି ନାଏକ, ଯୁଗ୍ମ ସଂପାଦକ କୁସୁମ ରଣା, କୋଷାଧ୍ୟକ୍ଷ ଲକ୍ଷ୍ମଣ ପଶାୟତ, ଅଡିଟର ଉପେନ୍ଦ୍ର କୁମାର କଣ୍ଢା ଓ ଅକ୍ଷୟ କୁମାର ନାଏକ ପ୍ରମୁଖ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ। ନୂତନ ଭାବେ ନିର୍ବାଚିତ ହୋଇଥିବା ସମସ୍ତ କର୍ମକର୍ତ୍ତା ଶପଥ ପାଠ ଗ୍ରହଣ କରିଥିଲେ। ଏଥିରେ ଲଇକେରା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

କୁମ୍ଭାରବନ୍ଧ କଲେଜର ପ୍ରତିଷ୍ଠା ଉତ୍ସବ

ଇବଥର୍ମାଲ,୧୬।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧସ୍ଥିତ ପିଏ ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ ଓ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଲେଜ ପରିସରରେ ଯୁକ୍ତ ଦୁଇ ଅଧ୍ୟକ୍ଷ ପାଣ୍ଡବ ପଟେଲଙ୍କ ଦ୍ୱାର ପତାକା ଉତ୍ତୋଳନ କରାଯାଇଥିଲା। ପରେ ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରୀ ପଣ୍ଡାଙ୍କ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଉପାନ୍ତ ଅଞ୍ଚଳରେ ଗିରିଧାରୀ ପଣ୍ଡା ଓ ତାଙ୍କ ସହଯୋଗୀ ସେ ସମୟରେ ଅନେକ କଠିନ ସମସ୍ୟା ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଷ୍ଠା କରିଥିବା କଲେଜର ଛାତ୍ରଛାତ୍ରୀ ପ୍ରତିଷ୍ଠାତା ପୁରୁଷଙ୍କ ସ୍ୱପ୍ନ ସାକାର କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଠାରୁ କୁମ୍ଭାର ବନ୍ଧ ଗ୍ରାମର ଇଞ୍ଜିନିୟର ସ୍ୱର୍ଗତ ଅରୁଣ କୁମାର ପଣ୍ଡାଙ୍କ ଝିଅ ଅର୍ପିତା ପଣ୍ଡା ପିତାମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ +୨ ଓ +୩ ଶ୍ରେଣୀରେ ପ୍ରଥମ ହୋଇଥିବା ପିଲାଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଥିବାରୁ ଇତିହାସ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଅତିଥି ଭାବେ ମହେନ୍ଦ୍ର କୁମାର ସାହୁ, ଉମାକାନ୍ତ ପଣ୍ଡା, ସୀତାରାମ ପଣ୍ଡା, ଡାକ୍ତର ସୌକତୁଲା ଖାଁ, ସୁରେନ୍ଦ୍ର ପାଢ଼ୀ, ଭୋ ନାଥ ବଢ଼େଇ, ସାବିର ଖାଁ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଯୁକ୍ତଦୁଇ ଅଧ୍ୟକ୍ଷ ଶ୍ରୀ ପଟେଲ ଅନର୍ସରେ ସମ୍ବଲପୁର ୟୁନିଭର୍ସିଟି ଟପ୍ପର ନମିତା ବାଘ, ଦୀପା ବିଶ୍ୱାଳ, କବିତା ସା, ଦୀପାଞ୍ଜଳି ସାହୁଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। +୩ ଅଧ୍ୟକ୍ଷ ରାଜକିଶୋର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଡ.ସଂଯୁକ୍ତା ହୋତା ମଞ୍ଚ ସଞ୍ଚାଳନ କରିଥିଲେ।

ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଲଖନପୁର ଚାମ୍ପିଅନ

ଝାରସୁଗୁଡା,୧୬।୮ (ସମିସ):

ଲଖନପୁର ବ୍ଲକ୍ ଲଖନପୁର ସଦଗୁରୁ ଆଶ୍ରମ ଦ୍ୱାରା ଲଖନପୁର ସମଲେଶ୍ୱରୀ ଖେଳପଡ଼ିଆରେ ଆୟୋଜିତ ହେଉଥିବା ତ୍ରିଦିବସିୟ ସ୍ୱାଧୀନତା ଦିବସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳକୁ ଭାଗ ନେଇଥିଲେ। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଏସଜିଏ ବଏଜ ଲଖନପୁର ଓ ଫ୍ରେଣ୍ଡସ କ୍ଲବ ବେଳପାହାଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏସଜିଏ ବଏଜ ଲଖନପୁର ଦଳ ବିଜୟ ଲାଭ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଖେଳରେ ବେଦାନ୍ତ ଅଧିକାରୀ ସଂଗୀତା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ଲଖନପୁର ଆଇଆଇସି ଶୋଭାକର ସେଠ, ହୃଷୀକେଶ ଦେହେରି, ପୀତାମ୍ବର ମିଶ୍ର, କିଶୋର ଚନ୍ଦ୍ର ପ୍ରଧାନ, ଝୁମେରଲାଲ ହାତୀ, ମୁରଲୀଧର ପଣ୍ଡା, ଚେମାକାନ୍ତ ପ୍ରଧାନ, ସଦଗରୁ ଆଶ୍ରମ ସଭାପତି ପ୍ରମାନନ୍ଦ ପ୍ରଧାନ, ସେକ୍ରେଟାରୀ ପ୍ରତାପ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଅନେକ ଫୁଟବଲ ପ୍ରେମୀ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ।

CAD-1496

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ODISHA REAL ESTATE REGULATORY AUTHORITY
ORERA

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526

ବିଜୁ ମେମୋରିଆଲ ହସ୍‌ପିଟାଲ

ରୋଗୀଙ୍କୁ ମିଳୁନି ଆବଶ୍ୟକ ଚିକିତ୍ସା

ପାରାଦୀପ,୧୬।୮ (ସମିସ)

ବନ୍ଦର ସହରରେ ଅବସ୍ଥିତ ବିଜୁ ମେମୋରିଆଲ ହସ୍‌ପିଟାଲରେ ରୋଗୀଙ୍କୁ ସଠିକ୍ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରା ନ ଯାଇ ରେଫର କରାଯାଉଛି। ଯାହାକି ବନ୍ଦର ସହରବାସୀଙ୍କୁ ବ୍ୟଥିତ କରୁଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

ସ୍ଥାନୀୟ ବିଜୁ ମେମୋରିଆଲ୍ ହସ୍‌ପିଟାଲ ସ୍ୱାସ୍ଥ୍ୟ ସେବାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ସ୍ଥାନୀୟବାସିନ୍ଦା। ନୂଆ ସରକାର ଆସିବା ପରେ ଭାବିଥିଲେ ହସ୍‌ପିଟାଲର କିଛି ପରିବର୍ତ୍ତନ ହେବ, ନିହାତି ଆବଶ୍ୟକ ନୂଆ ବିଭାଗ ଖୋଲିବ। କୌଣସି ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡିବନାହିଁ। ଖାଲିପଡ଼ିଥିବା ବିଭାଗରେ ଡାକ୍ତର ନିଯୁକ୍ତ ହେବେ। ଆବଶ୍ୟକ ମୁତାବକ ୧୦୮ ଆମ୍ବୁଲାନ୍ସ ସେବା ମିଳିବ। ଯେଉଁଠି ବର୍ତ୍ତମାନ ଗୋଟିଏ ରହିଛି। ଟ୍ରମାକେୟାର ସୁବିଧା ମିଳିବ। ସର୍ଜରୀ ବିଭାଗ ଆଦୌ ନାହିଁ। ଯେହେତୁ ବନ୍ଦର ସହରରେ ଦୁର୍ଘଟଣା ପ୍ରତି ମୁହୂର୍ତ୍ତରେ ଘଟୁଛି, ସ୍ୱତନ୍ତ୍ର ଭାବେ ସର୍ଜରୀ ବିଭାଗର ଆବଶ୍ୟକତା ରହିଛି। ବିଧାୟକ ନିର୍ବାଚିତ ହୋଇଥିବା ସମ୍ପଦ ସ୍ୱାଇଁ ମନ୍ତ୍ରୀ ପଦ ପାଇଥିଲେ ହେଁ ବିଜୁ ମେମୋରିଆଲ ହସ୍‌ପିଟାଲରେ ଚିକିତ୍ସା କ୍ଷେତ୍ରରେ କୌଣସି ସୁଧାର ଆସିପାରିନାହିଁ। ମନ୍ତ୍ରୀ ଦୁଇଥର ହସ୍‌ପିଟାଲକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିବାବେଳେ କାହିଁକି ଚିକିତ୍ସା କ୍ଷେତ୍ରରେ ସୁଧାର ଆସୁନି, ତାକୁ ନେଇ

ଏବେ ସାଧାରଣରେ ପ୍ରଶ୍ନ ଉଠିଛି। କଳ କାରଖାନାରେ କାମ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କିଛି ଚିନ୍ତା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଠାରେ ଉନ୍ନତ ଚିକିତ୍ସା ସ୍ୱପ୍ନ ହୋଇପଡ଼ିଥିବା ବେଳେ ଆବଶ୍ୟକ ୨୧ ଡାକ୍ତର ବଦଳରେ ୬ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଯେଉଁଠି ଚିକିତ୍ସା କ୍ଷେତ୍ରରେ ହାହାକାର ପରିସ୍ଥିତି ଉପୁଜିଛି। ସାମାନ୍ୟ ଦୁର୍ଘଟଣାରେ ଯଦି କିଏ ଆହତ ହେଉଛନ୍ତି, ତାଙ୍କୁ ସ୍ଥାନାନ୍ତରିତ କରାଯାଉଛି। ବନ୍ଦର ସହର ଓ ଏହାର ଆଖପାଖ ଅଞ୍ଚଳର ଲୋକେ ଭରସାରେ ଆସି ନିରାଶ ହୋଇଫେରୁଛନ୍ତି। ସବୁଠୁ ବଡ଼ କଥା ହେଲା ରୋଗୀଙ୍କୁ ସ୍ଥାନାନ୍ତରିତ କଲାବେଳେ ଆବଶ୍ୟକୀୟ ଅକ୍ସିଜେନ ବ୍ୟବହାରର ସୁବିଧା ସବୁବେଳେ ଉପଲବ୍ଧ ହେଉନାହିଁ। ଫଳରେ ବାଟରେ ରୋଗୀଙ୍କ ଜୀବନ ଯାଉଛି। ଏସବୁ ସମସ୍ୟା ଉପରେ ନଜର ଦିଆଯିବାକୁ ସାଧାରଣରେ ଦାବି ହେଉଛି।

୨ ବର୍ଷ ଶିଶୁକନ୍ୟାର ସନ୍ଦେହଜନକ ମୃତ୍ୟୁ

ତିର୍ତ୍ତୋଲ,୧୬।୮ (ସମିସ): କନକପୁର ଗ୍ରାମରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ଗ୍ରାମର ଧନେଶ୍ୱର ବେହେରାଙ୍କ ୨ ବର୍ଷର ଶିଶୁକନ୍ୟା ସୌମ୍ୟାଶ୍ରୀର ମୃତଦେହ ନିକଟସ୍ଥ ଏକ ପୋଖରୀରୁ ଶୁକ୍ରବାର ଅପରାହ୍ନ ୫ଟାରେ ଉଦ୍ଧାର କରାଯାଇଥିଲା। ଶରତ ଭଟ୍ଟଙ୍କ ଜ୍ୱାଇଁ ପାତିଆ ଧନେଶ୍ୱରଙ୍କ ୨ ବର୍ଷର ଝିଅକୁ ନିଜ ଘରକୁ ବୁଲାଇବାକୁ ନେଇଥିଲେ। କିଛି ସମୟ ପରେ ଝିଅ ମିଳି ନ ଥିଲା। ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ପୋଖରୀରୁ ଶିଶୁ କନ୍ୟାକୁ ଉଦ୍ଧାର କରିବା ପରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘରୁ ଝିଅକୁ ନେଇଥିବା ପାତିଆ କାହିଁକି ଛୋଟ ଝିଅକୁ ଜଗାରଖା କଲାନି ଓ ସେଥିପାଇଁ ଝିଅକୁ ସବୁ ଦିନ ପାଇଁ ହରାଇ ବସିଲୁ ବୋଲି ଅଭିଯୋଗ କରିବା ସହ କେହି ଝିଅକୁ ମାରି ଦେଇଥିବା ସନ୍ଦେହ କରି ଘଟଣାର ତଦନ୍ତ କରିବାକୁ ଶିଶୁକନ୍ୟାର ବାପା ଧନେଶ୍ୱର କନକପୁର ପୁଲିସ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ପୁଲିସ ପାତିଆଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ଆଜି ଜଗତସିଂହପୁରରେ ମୃତ ଶିଶୁ କନ୍ୟାର ଶବ ବ୍ୟବଚ୍ଛେଦ କରି ପରେ ପରିବାରକୁ ହସ୍ତାନ୍ତର କରିଛି।

ମହିଳା ପୁଲିସ କର୍ମଚାରୀଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

ରାଜନଗର, ୧୬।୮ (ସମିସ): ରାଜନଗର ଥାନାର ମହିଳା କର୍ମଚାରୀଙ୍କୁ ଅଭିଯୁକ୍ତ ମାଡ଼ ମାରିଛନ୍ତି। ମହିଳା ନିର୍ଯାତନା ମାମଲାରେ ତଦନ୍ତ ପାଇଁ ଯାଇଥିବାବେଳେ ଅଭିଯୁକ୍ତ ମହିଳା ଏଏସଆଇଙ୍କୁ ମାଡ଼ ମାରିଛନ୍ତି। ମହିଳା ଏଏସଆଇଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ ୨୭୦/୨୦୨୫ରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ନରେଶ ସାହୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ରାଜନଗର ଥାନା ଅନ୍ତର୍ଗତ ସାତଭାୟା ପଞ୍ଚାୟତ ବଗପାଟିଆର ନିତ୍ୟାନନ୍ଦ ମଣ୍ଡଳ ଓ ତାଙ୍କ ପତ୍ନୀ କବିତା ମଣ୍ଡଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିତ୍ୟାନନ୍ଦ କବିତାଙ୍କୁ ମାଡ଼ ମାରିବା ଯୋଗୁଁ କବିତା ବାପଘରକୁ ଚାଲିଆସିଛନ୍ତି। ତେବେ ନିତ୍ୟାନନ୍ଦ ତାଙ୍କର ୩ ବର୍ଷ ଓ ୮ ବର୍ଷର ଦୁଇ ଝିଅଙ୍କୁ ଛାଡି ନ ଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ପାଇଁ କବିତା ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରି ମାଆ ପାଖକୁ ଫେରାଇ ଆଣିବା ପାଇଁ ରାଜନଗର ଥାନା ଏଏସଆଇ ସୁଜାତା ନାୟକ ଆଜି ନିତ୍ୟାନନ୍ଦଙ୍କ ଘରେ ପହଞ୍ଚି ଦୁଇ ଛୋଟ ଝିଅଙ୍କୁ ଉଦ୍ଧାର କରିବା ସମୟରେ ନିତ୍ୟାନନ୍ଦ ମହିଳା ଏଏସଆଇଙ୍କୁ ଧକ୍କା ମାରିଥିଲେ। ମହିଳା ଏଏସଆଇ ପଡିଯାଇଥିଲେ। ତାଙ୍କର ହାତ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଛି। ସାଥୀରେ ଥିବା ପୁଲିସ ସଙ୍ଗେ ସଙ୍ଗେ ନିତ୍ୟାନନ୍ଦଙ୍କୁ କାବୁ କରି ନେଇଥିଲେ। ପୁଲିସ ନିତ୍ୟାନନ୍ଦଙ୍କୁ ଧରି ସାଙ୍ଗରେ ଥାନାକୁ ଆସିଥିଲା। ଦୁଇ ଝିଅଙ୍କୁ ମଧ୍ୟ ପୁଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ଥାନାରେ ଦୁଇ ଝିଅଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଛି। ପୋଲିସ ଏଏସଆଇଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଗିରଫ କରାଯାଇ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୧୬।୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ପରେ ଦେଶାତ୍ମବୋଧକ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପରିଷଦ ଅଧକ୍ଷା ସରିତା ସାହୁ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, କର୍ମଚାରୀ ଓ ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ।

ଭୋଟ ଚୋରି ଅଭିଯୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୧୬।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଭୋଟ ଚୋର ଅଭିଯୋଗରେ ମଶାଲ ଶୋଭାଯାତ୍ରା କଜଳା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ତିନିମୁହାଣି ଛକଠାରେ ଶେଷ ହୋଇଥିଲା। ନିର୍ବାଚନ ଆୟୋଗ ପରି ଏକ ସମ୍ବିଧାନିକ ଅନୁଷ୍ଠାନକୁ ହାତବାରିଶି କରି ଏ ଦେଶର ଗଣତନ୍ତ୍ରକୁ ହତ୍ୟା କରାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲାର କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ ଅଭିଯୋଗ କରିଥିଲେ। ବିଜେପି ସରକାର ଦିବାଲୋକରେ ଗଣତନ୍ତ୍ରର ଅପହରଣ କରିଛି ବୋଲି ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ମହାକାଳପଡା ନେତା ବିଭ୍ରଂଶୁ ଲେଙ୍କା, ପାଟକୁରା ନେତା ରତିକାନ୍ତ କାନୁନଗୋ, ରାଜନଗର ଯୁବ ନେତା ପ୍ରଶାନ୍ତ ରାଉତ, ହଳଧର ସେଠୀ, ପୂର୍ବତନ ଚେୟାରମ୍ୟାନ ଆକବର ଅଲ୍ଲୀ, ଫକୀର ଚରଣ ଖଟୁଆ, ଦଳିତ ନେତା ସର୍ବେଶ୍ୱର ସେଠୀ, ନିରଞ୍ଜନ ରାଉତ, ଉମେଶ ତ୍ରିପାଠୀ, ସସ୍ମିତା ପଣ୍ଡା, ସ୍ମୃତିରଞ୍ଜନ ପାଢ଼ୀ, କିଶୋର ସାହୁ, ରବିନାରାୟଣ ବେହେରା, ଦର୍ପ ସାହୁ, ରଞ୍ଜିତ ସାହୁ, ଯୁବ ନେତା ଉମେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣବେଶ

ବାଲିକୁଦା,୧୬।୮ (ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣ ବେଶ ପ୍ରତିଯୋଗିତା ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସଭାପତି ରମେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ମୁଖ୍ୟବକ୍ତା ଭାବେ ଉପସଭାପତି ଶ୍ରୀମତୀ ପ୍ରମିଳା ମୁଦୁଲି, ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ଶରତ ଲେଙ୍କା, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ବୈରାଗୀ ରାଉତ, ଭୁବନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭାରତୀୟ ହିନ୍ଦୁ ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ କହିଥିଲେ। ସେ ଧର୍ମାନ୍ତରୀକରଣକୁ ଘୋର ନିନ୍ଦା କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସଙ୍କୁଳ ପ୍ରମୁଖ ଶିଶିର କାନୁନଗୋ ସ୍ୱାଗତ ଭାଷଣ, ପ୍ରଧାନଆଚାର୍ଯ୍ୟ ସସ୍ମିତ ସାହୁ ଅତିଥି ପରିଚୟପ୍ରଦାନ କରିଥଲେ। ଧନେଶ୍ୱର ଦାସ ସ୍ମୃତି କମିଟି ପକ୍ଷରୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ପୁଣ୍ୟ ପୁଷ୍ପିତାଙ୍କୁ ତହସିଲଦାର ସମ୍ବର୍ଦ୍ଧିତ କରିବା ସହ ଜ୍ଞାନ ବିଜ୍ଞାନ ମେଳା, ଭାଷଣ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ନିକୁଞ୍ଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପ୍ରଚାର ପ୍ରସାର ପ୍ରମୁଖ ସୁଦାମ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁଜୀ ବିଜୟ ବେହେରା, ସୁବାସ ବିଶ୍ୱାଳ, ବିଜୟ ମୁଦୁଲି, ସଞ୍ଜୟ ମହାନ୍ତି, ଗୁରୁମା ମମତାରାଣୀ ପରିଜା ପ୍ରମୁଖ ସହଯୋଗ କରିଥିଲେ।

ତେରଗାଁ ଲୁଣାନଦୀ ଫେରିଘାଟ ଘାଟିଆକୁ କାରଣଦର୍ଶାଅ ନୋଟିସ

ମହାକାଳପଡ଼ା, ୧୬।୮ (ସମିସ) ମହାକାଳପଡ଼ା ବ୍ଲକ ତେରଗାଁ ଲୁଣାନଦୀ ଫେରିଘାଟର ଘାଟିଆଙ୍କୁ ତେରଗାଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦୁଇଦିନ ପୂର୍ବେ ଘାଟିଆ ଜଣକ ଡଙ୍ଗାରେ ଯାତ୍ରୀଙ୍କୁ ନଦୀ ପାର କରୁଥିବା ସମୟରେ ମାତାଲ ଅବସ୍ଥାରେ ରହିଥିଲା। ସ୍ରୋତ ଭରା ଏହି ନଦୀ ମଝିରେ ଡଙ୍ଗା ଚାଲୁଥିବାବେଳେ ଘାଟିଆ ଜଣକ ଏପଟ ସେପଟ ଝୁଲି ପଡ଼ି ଯାତ୍ରୀଙ୍କ ଉପରେ ପଡିଥିଲେ। ନଦୀ ମଝିରେ ଡଙ୍ଗା ଥିବାରୁ ଯାତ୍ରୀ ଭୟଭୀତ ହୋଇଥିଲେ। କୂଳରେ ଡଙ୍ଗା ଲାଗିବା ପରେ ଯାତ୍ରୀ ଘାଟିଆଙ୍କ ଏତାଦୃଶ ଆଚରଣରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିଥିବାରୁ ସେମାନଙ୍କ ବାଇକ୍ ଓ ଯାତ୍ରୀଙ୍କୁ ଅଧଘଣ୍ଟା ପର୍ଯ୍ୟନ୍ତ ଡଙ୍ଗାରୁ ଓହ୍ଲାଇବାକୁ ସୁଯୋଗ ଦେଇ ନ ଥିଲେ। କିଛି ଯାତ୍ରୀ ଏ ନେଇ ତେରଗାଁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଘାଟିଆ କାହା କଥା ଶୁଣି ନ ଥଠଲା। ପ୍ରାୟଘଣ୍ଟାଏ ପରେ ଯାତ୍ରୀ ହୀନସ୍ତା ହୋଇ ଡଙ୍ଗାରୁ ଓହ୍ଲାଇଥିଲେ। ଏ ନେଇ ତେରଗାଁ ପଞ୍ଚାୟତ ପକ୍ଷରୁ ସମ୍ପୃକ୍ତ ଘଟିଆକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳ କହିଛନ୍ତି।

ଅପରେସନ ସିନ୍ଦୁର ଆର୍ଟ ପ୍ରତିଯୋଗିତାରେ ଛାତ୍ରୀ ପୁରସ୍କୃତ

ରାଜନଗର,୧୬।୮ (ସମିସ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପବିତ୍ର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଅପରେସନ ସିନ୍ଦୁରକୁ ନେଇ ଜିଲ୍ଲାସ୍ତରୀୟ ଆର୍ଟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଆର୍ଟ ପ୍ରତିଯୋଗିତାରେ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ଜ୍ୟୋତିମୟୀ ଲେଙ୍କାଙ୍କ ଦ୍ୱାରା କାନଭାସରେ ଆଙ୍କିଥିବା ପ୍ରତିଛବି ଶ୍ରେଷ୍ଠତ୍ୱ ଲାଭ କରିଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର ଆୟର ଜ୍ୟୋତିର୍ମୟୀଙ୍କ ଚିତ୍ରକୁ ପ୍ରଶଂସା କରିବା ସହ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ।

୧୭ନଂ ଜୋନ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୧୬।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୭ନଂ ଜିଲ୍ଲା ପରିଷଦ ଜୋନ ତଥା କଣ୍ଟାବଣ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସ୍ୱାଗତ ଦାସଙ୍କ ନେତୃତ୍ୱରେ ଖଡିଅଣ୍ଡା ଶିବ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି କଖାରୁଣୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଜେପି ନେତା ଆଡଭୋକେଟ ଭାରତ ଦାସ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ଜିଲ୍ଲା ପ୍ରତିନିଧି ସଞ୍ଜୟ ସ୍ୱାଇଁ, ବରିଷ୍ଠ ନେତା ସୁଶାନ୍ତ ଦାସ, ପ୍ରିୟଙ୍କା ଶତପଥୀ, ପ୍ରାକ୍ତନ ସୈନିକ ପ୍ରଦୀପ ସାହୁ, ରାକେଶ ନାୟକ, ବିପିନ ନାୟକ, ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ସହ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

ରତାଦିଆ ଖଣ୍ଡସାହି ରାଜସ୍ୱ ଅଫିସରେ ଉଡ଼ିଲାନି ଜାତୀୟ ପତାକା

ଡେରାବିଶ,୧୬।୮ (ସମିସ): ଡେରାବିଶ ତହସିଲ ଅଧୀନ ରତାଦିଆ ଖଣ୍ଡସାହି ରାଜସ୍ୱ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉଡ଼ାଯାଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଅଞ୍ଚଳବାସୀଙ୍କ ପକ୍ଷରୁ ଡେରାବିଶ ତହସିଲଦାର, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ସାରାଦେଶରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟସମେତ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଏପରିକି ବ୍ୟକ୍ତିବିଶେଷଙ୍କ ଘରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିବାବେଳେ ଏହି କାର୍ଯ୍ୟାଳୟର ଅଧିକାରୀ ପାଳନ ନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ତୁଳସୀ କ୍ଷେତ୍ରରେ ଜନ୍ମାଷ୍ଟମୀ

କେନ୍ଦ୍ରାପଡ଼ା,୧୬।୮ (ସମିସ): ତୁଳସୀ କ୍ଷେତ୍ରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ତୁଳସୀ କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ରାତ୍ରଧୂପ ସମ୍ପନ୍ନ ପରେ ରତ୍ନ ସିଂହାସନରୁ ପୂଜାପଣ୍ଡାଙ୍କ ଦ୍ୱାରା ଆଜ୍ଞାମାଳ ଭୋଗ ମଣ୍ଡପକୁ ଅଣାଯାଇ ପୁରାଣ ପଣ୍ଡାଙ୍କୁ ଦିଆଯାଇ ପୁରାଣ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଜନ୍ମ ଇତିବୃତ୍ତି ଉପରେ ପାଠ କରାଯାଇଥିଲା। ବାଳଗୋପାଳଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ଜନ୍ମ ନୀତି, ଲାଭିଷ୍ୱର୍ଶ ସ୍ନାନ, ମଙ୍ଗଳାର୍ପଣ କରାଯିବା ପରେ ମାଖନ କ୍ଷୀର ମିଶ୍ରି ଲଡୁ ଭୋଗ ଅର୍ପଣ କରାଯାଇଥିଲା। ଭୋଗ ସମ୍ପନ୍ନ ପରେ ଆଳତି କରାଯାଇ ଅସ୍ଥାୟୀ ଝୁଲଣ କରାଯାଇ ବିଜେ କରାଯାଇଥିଲା। ପରେ ଗୋପାଳଙ୍କୁ ଯମୁନା ସ୍ନାନ କରାଯାଇ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା।

ବସନ୍ତପୁର ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ଗରଦପୁର,୧୬।୮ (ସମିସ):ବସନ୍ତପୁର ଶ୍ରୀଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତ

ମାଟ୍ରିକ ଏ-୧ ପାଇଁ ଏବେଠୁ ପ୍ରସ୍ତୁତି

୪୮୧ ଛାତ୍ରଛାତ୍ରୀଙ୍କୁ ୩୪୨ ବିଷୟ ବିଶେଷଜ୍ଞ

ଢେଙ୍କାନାଳ,୧୬।୮ (ସମିସ)

ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରିଣୀ ବିନୀତା ସେନାପତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ମୋଟ ୧୯ ଉଚ୍ଚ ବିଦ୍ୟାଳୟରେ ୪୮୧ ଏ-୧ ଗ୍ରେଡ୍ ଆଶାୟୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ୩୪୨ ବିଷୟ ବିଶେଷଜ୍ଞଙ୍କୁ ନେଇ ଶନିବାରଠାରୁ ସ୍ୱତନ୍ତ୍ର କୋଚିଂ କ୍ଲାସର ଶୁଭାରମ୍ଭ ହୋଇଛି। ଏହି ଶିକ୍ଷାଦାନ ପ୍ରତ୍ୟେକ ଶନିବାର ସକାଳ ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁରହିବ। ଜିଲ୍ଲାର ବିଭିନ୍ନ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରୁ ପ୍ରଧାନଶିକ୍ଷକମାନଙ୍କ ଦ୍ୱାରା ଚୟନ କରାଯାଇଥିବା ୪୮୧ ଛାତ୍ରଛାତ୍ରୀଙ୍କୁ ନିଜ ବ୍ଲକରେ ନିକଟସ୍ଥ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଭୁବନର ନୂଆଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୨ଜଣ, ମଠକରଗୋଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧ ଜଣ, ଢେଙ୍କାନାଳ ବିବି ହାଇସ୍କୁଲରେ ୩୫ଜଣ, କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୭ଜଣ, ଗଁଦିଆ ବ୍ଲକ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦ଜଣ, କପିଳାସ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୧ଜଣ, କାମାକ୍ଷାନଗର ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ୪୨ଜଣ, ଆଲୁଅଝରଣ ଉଚ୍ଚ ବିଦ୍ୟାଳୟରେ ୪୪ଜଣ, କଙ୍କଡ଼ାହାଡ଼ ବ୍ଲକ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬ଜଣ, କନ୍ଧରା ଦଧିବାମନଜୀୟୁ ଉଚ୍ଚ ବିଦ୍ୟାଳୟରେ ୧୦ଜଣ, ଓଡ଼ାପଡ଼ା ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦ଜଣ, ଶ୍ରୀଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪ ଜଣ, ପରଜଙ୍ଗ ସାଆନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪ଜଣ, ବାରିହାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୭ଜଣ, ହିନ୍ଦୋଳ ରାସୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୪ଜଣ, ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୮ଜଣ, ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫ଜଣ, ପାରିକୁଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯ ଜଣ ଏଭଳି ମୋଟ ୪୮୧ଜଣ ଛାତ୍ରଛାତ୍ରୀଙ୍କୁ ଆଜିଠାରୁ ସ୍ୱତନ୍ତ୍ର ଭାବରେ ଶିକ୍ଷାଦାନ କରାଯାଉଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବ୍ଲକ ଶିକ୍ଷାଧିକାରୀମାନେ ନିଜ ନିଜ ବ୍ଲକରେ ଥିବା କୋଚିଂ ସ୍ଥାନଗୁଡ଼ିକ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବ୍ଲକର ନୋଡାଲ ପ୍ରଧାନଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀ ତଥା ସମ୍ପୃକ୍ତ ଶିକ୍ଷକମାନଙ୍କ ସମ୍ପୂର୍ଣ୍ଣ ଉପସ୍ଥାନ ନିଶ୍ଚିତ କରାଇବା ପାଇଁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତଥା ଅନ୍ୟ ଅଧିକାରୀମାନେ କୋଚିଂ ସେଣ୍ଟରଗୁଡ଼ିକୁ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏହି ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ୨୦୨୬ ମାଟ୍ରିକ ପରୀକ୍ଷାରେ ଏ-୧ ହାସଲ କରିବା ପାଇଁ କୋଚିଂର ବ୍ୟବସ୍ଥା କରାଯାଇଛି।

ପୋଖରୀରେ ବୁଡ଼ି ଯୁବକ ମୃତ

ପରଜଙ୍ଗ,୧୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାରିହାପୁର ପଞ୍ଚାୟତ ଗୋବିନ୍ଦପୁର ସାହି ନିକଟରେ ଥିବା ପୋଖରୀରୁ ଶୁକ୍ରବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସାହିର ନିରାକାର ଖଟୁଆଙ୍କ ସାନପୁଅ ଲୁଲୁ ଖଟୁଆ (୨୨)। ପୂର୍ବାହ୍ନ ପ୍ରାୟ ୧୧ଟାରେ ଲୁଲୁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବା ଆରମ୍ଭ କରିଥିଲେ। ପୋଖରୀ ହୁଡ଼ାରେ ଲୁଲୁଙ୍କ ଚପଲ ଓ ସାର୍ଟ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ପକ୍ଷରୁ ପରଜଙ୍ଗ ଦମକଳ କେନ୍ଦ୍ରକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚିବା ବେଳକୁ ଲୁଲୁଙ୍କୁ ପରିବାର ଲୋକ ଓ ଗ୍ରାମବାସୀ ଉଦ୍ଧାର କରି ଉପରକୁ ଆଣିସାରିଥିଲେ। ପରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡିକାଲ ପଠାଇଇଛି। ଏ ନେଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

ଗଁଦିଆ ବ୍ଲକରେ ପୁଣି ବ୍ୟାପିଲା ଡାଇରିଆ; ୨ ମୃତ, ୨ ଗୁରୁତର

ଗଁଦିଆ,୧୬।୮ (ସମିସ): ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମନ୍ଦାର ପଞ୍ଚାୟତ ରାଏପୁର ଗ୍ରାମ ଶବରସାହିରେ ଡାଇରିଆରେ ଆକ୍ରାନ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାରଠାରୁ ଏହି ଗ୍ରାମରେ ଡାଇରିଆ ବ୍ୟାପିଛି। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ଶ୍ରୀନିବାସ ଦେହୁରୀଙ୍କ ମୃତ୍ୟୁ ହୋଇଥିବାବେଳେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ସୁନୀଲ ଦେହୁରୀଙ୍କ ମୃତ୍ୟୁ ଘଟିଛି। ମଙ୍ଗ ଦେହୁରୀ ଏବେ କଟକ ବଡ଼ ମେଡିକାଲରେ ଓ କବିରାଜ ଦେହୁରୀ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏହି ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପୂର୍ବତନ ସରପଞ୍ଚ ଦିଲୀପ କୁମାର ସାହୁ, ଭ୍ରମରବର ରାଉତ, ଆର୍ତ୍ତବନ୍ଧୁ ବେହେରା ଓ ବିଶ୍ୱନାଥ ବେହେରା ପ୍ରମୁଖ ସାହିରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସତ୍ୟନାରାୟଣ ଇକୋ ରିସର୍ଟ ପୋଖରୀରେ ବୁଡ଼ି ଯୁବକ ମୃତ !

ଢେଙ୍କାନାଳ,୧୬।୮ (ସମିସ): ସଦର ଥାନାର ଭାପୁର ଫାଣ୍ଡି ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ଥିବା ସତ୍ୟନାରାୟଣ ଇକୋ ରିସେର୍ଟ ପୋଖରୀରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉତ୍ତରାଖଣ୍ଡର ତେଜସ ଆହୁଜା (୨୩)। ତେଜସ ତାଙ୍କ ପରିବାର ସହ ଏଠାକୁ ବୁଲିବାକୁ ଆସିଥିଲେ। ଶନିବାର ସକାଳେ ତେଜସ ସତ୍ୟନାରାୟଣ ରିସର୍ଟରେ ଥିବା ପୋଖରୀକୁ ଯାଇଥିଲେ। ତେବେ ଅସାବଧାନତା ଯୋଗୁଁ ସେ ପାଣିରେ ବୁଡ଼ି ଯାଇଥିବା କୁହାଯାଉଛି। ଖବର ପାଇ ଭୋର ୫ଟାରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆଠଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାପୁର ଫାଣ୍ଡି ଅଧିକାରୀ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ତେଜସଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

ଗଁଦିଆ,୧୬।୮ (ସମିସ): ଗନ୍ଦିଆ ଗୋଷ୍ଠାସମ୍ବଳ କେନ୍ଦ୍ର ସହଦେବ ବିଦ୍ୟାପୀଠରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯିବା ସହ ପୁନଃନିର୍ଦ୍ଧାରଣ ଓ ଅଭିଭାବକ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୩୫ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ଶ୍ରବଣ ବିଷେଷଜ୍ଞ ସାରଦା ପ୍ରସନ୍ନ ସାହୁ, ମନସ୍ତତ୍ତ୍ୱବିତ ଶୁଭ୍ରମ ମହାଶୟା, ଅଲିମକୋର ଡାକ୍ତର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପରୀକ୍ଷାନିରୀକ୍ଷା କରି ଉପକରଣ ପ୍ରଦାନରେ ସହାୟତା କରିଥିଲେ। ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଗନ୍ଦିଆ ବିଡିଓ ପବିତ୍ର କୁମାର ବେହେରା, ବିଇଓ ମନୋରଞ୍ଜନ ଦଳେଇ, ଏବିଇଓ ସୁବାସ ଚନ୍ଦ୍ର ସ୍ୱାଇଁ, ଗୋଷ୍ଠୀସମ୍ବଳ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ପ୍ରକାଶ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଶ୍ରମ ପରିସରରେ ଅନ୍ତେବାସୀଙ୍କୁ ଦୁଷ୍କର୍ମ

ଅଭିଯୁକ୍ତ ବାବା ଗିରଫ

କମାକ୍ଷାନଗର/ଭୁବନ,୧୬।୮ (ସମିସ): କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମସ୍ଥିତ ଆଶ୍ରମ ପରିସରରେ ଶୁକ୍ରବାର ଜଣେ ଅନ୍ତେବାସୀଙ୍କୁ ବାବା ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କୁ ଘଟଣାସ୍ଥଳକୁ ନେଇ ସାଇଣ୍ଟିଫିକ ଟିମ ଓ ପୁଲିସ ଛାନଭିନ କରିବା ପରେ ଅଭିଯୁକ୍ତ ବାବା ମଦନମୋହନ ପରିଡ଼ା ଓରଫ ମଧୁ ମଙ୍ଗଳ ଦାସଙ୍କୁ ଗିରଫ କରିଛି। ଆଶ୍ରମ ପରିସରକୁ ପୀଡ଼ିତାଙ୍କୁ ନେଇ ସେଠାରେ ଥିବା ରୁମଗୁଡ଼ିକୁ ଖୋଲିବା ସହ ତା' ଭିତରେ କ'ଣ ସବୁ ଚାଲିଥିଲା ସେ ବିଷୟରେ ପୁଲିସ ତଦନ୍ତ କରିଛି। ଆଶ୍ରମରେ ଆଉ କେଉଁମାନେ ସବୁ ରହୁଥିଲେ, କ'ଣ ସବୁ ଦୈନନ୍ଦିନର କାର୍ଯ୍ୟ ହେଉଥିଲା ସେ ବିଷୟରେ ମଧ୍ୟ ତଥ୍ୟ ନେଇଛି। ଦୀର୍ଘ ୧୫ ବର୍ଷ ହେବ ବାବା ଏଠାରେ ରହି ଆଶ୍ରମ ଚଳାଇ ଆସୁଥିଲେ। ସୂଚନା ଅନୁସାରେ ଶୁକ୍ରବାର ବାବା ମଧୁମଙ୍ଗଳ ଦାସ ଜଣେ ଅନ୍ତେବାସୀ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ମହିଳା ଜଣକ କିଛି ଦିନ ହେବ ଆଶ୍ରମର ରହି ପ୍ରଥମେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହ ମନ୍ଦିରର ଦାୟିତ୍ୱ ନେଉଥିଲେ। କିନ୍ତୁ ପରେ ବାବା ତାଙ୍କୁ ସେଠାରେ ଥିବା ଭୋଜନାଳୟର ଦାୟିତ୍ୱ ଦେଇଥିଲେ। ପରେ ଆଶ୍ରମ ପରିସରରେ ତାଙ୍କୁ ଜୋରଦବରଦସ୍ତ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି ମହିଳା। ତେବେ ଏ ସମ୍ପର୍କରେ ପୁଲିସ କହିଛି ପୀଡ଼ିତା ସେଠାରେ କିଛିଦିନ ହେଲା ରହିଥିବା ବେଳେ ତାଙ୍କ ସହ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାବାଙ୍କୁ ଗିରଫ କରାଯାଇଛି। ତେବେ ତାଙ୍କୁ ଫସାଇ ଦିଆଯାଇଥିବା ଅଭିଯୁକ୍ତ ବାବା କହିଛନ୍ତି। ଅନ୍ୟପଟେ ତଦନ୍ତ ଚାଲୁ ରହିଥିବା କମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ କହିଛନ୍ତି।

ସର୍ବାଧିକ ରକ୍ତଦାନ ପାଇଁ ଟାଟା ଷ୍ଟିଲ ମେରାମଣ୍ଡଳୀ ସମ୍ମାନିତ

୨୦୨୪-୨୫ ବର୍ଷରେ ୧୧୨୭ ୟୁନିଟ୍ ରକ୍ତ ସଂଗୃହୀତ

ଢେଙ୍କାନାଳ,୧୬।୮ (ସମିସ): ସମାଜସେବା କାର୍ଯ୍ୟକ୍ରମ ପ୍ରତି ନିଜ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସଏମ) ଢେଙ୍କାନାଳ ଜିଲ୍ଲାରେ ଶିଳ୍ପକ୍ଷେତ୍ରରେ ସର୍ବାଧିକ ରକ୍ତଦାନ କରିଥିବା ସଙ୍ଗଠନ ଭାବେ ଦ୍ୱିତୀୟ ବର୍ଷ ପାଇଁ ସମ୍ମାନ ପାଇଛି। ୨୦୨୪-୨୫ରେ ଟିଏସଏମର ମେଡିକାଲ୍ ସର୍ଭିସେସ୍ ବିଭାଗ ଦୁଇଟି ସ୍ୱଇଚ୍ଛୁକ ରକ୍ତଦାନ ଶିବିର ଆୟୋଜନ କରି ୧୧୨୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହାକୁ ଢେଙ୍କାନାଳ ବ୍ଲଡ୍ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ଟିଏସଏମକୁ ଜିଲ୍ଲାରେ ଶିଳ୍ପମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଶୀର୍ଷରେ ପହଞ୍ଚାଇ ପାରିଛି। ସ୍ୱାଧୀନତା ଦିବସ ୨୦୨୫ ଅବସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍, ଏବଂ ଏସପି ଅଭିନଭ ସୋନକର ଅନୁଷ୍ଠାନକୁ ସମ୍ମାନିତ କରିଛନ୍ତି। ଡା. ଅବିନାଶ ଦାଶ, ଶ୍ରୀଦୀପ ପାଣି ଟିଏସଏମ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ।

ଡିସିସି ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ

ଢେଙ୍କାନାଳ,୧୬।୮ (ସମିସ): ଡିସିସି ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଢେଙ୍କାନାଳ ବିବେକାନନ୍ଦ ବିଦ୍ୟାମନ୍ଦିର ପରିସରରେ ସଚେତନ ନାଗରିକ ଫୋରମ ତତ୍ତ୍ୱାବଧାନରେ ଏହି ସ୍କୁଲ ପରିଚାଳିତ ହେଉଛି। ମୁଖ୍ୟଅତିଥି ଭାବେ ସ୍କୁଲ ସଭାପତି ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଫୋରମର ଯୁଗ୍ମ ସମ୍ପାଦକ ଦିଲୀପ ରାଉତ, ସମାଜସେବୀ କିଶୋର ଚନ୍ଦ୍ର ବେହେରା, ଇଂ ସ୍ୱାଗତ ସିଂ, ଆଇନଜୀବୀ ଗିରିଜା ମହାନ୍ତି ଯୋଗଦେଇଥିଲେ।

କୁନି ପିଲାମାନେ ରାଧାକୃଷ୍ଣ ବେଶରେ ଆସିଥିଲେ। ସ୍କୁଲ ଅଧ୍ୟକ୍ଷ ରୁଦ୍ରପ୍ରସାଦ ହୋତା, ଶିକ୍ଷୟିତ୍ରୀ ବିଚିତ୍ରା ସାହୁ, କବିତା ପାଣି, ସ୍ୱରୂପାରାଣୀ ଶତପଥୀ, ସାଗରିକା ରାଉତ, ବିଭାମୟୀ ବେହେରା, ଶୁଭସ୍ମିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୋରମର ଉପଦେଷ୍ଟା ପଙ୍କଜ ନାୟକ, ସମ୍ପାଦକ ଭରତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

ନିଶାମୁକ୍ତ ଭାରତ ଅଭିଯାନ

ଢେଙ୍କାନାଳ,୧୬।୮ (ସମିସ): ଅକ୍ଷମ କଲ୍ୟାଣ ସମିତି ପରିସରରେ ୫ମ ନିଶାମୁକ୍ତ ଭାରତ ଅଭିଯାନ ସମୂହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୃଷ୍ଟିହୀନ ବିଦ୍ୟାଳୟ ଓ ବଧିର ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଏଥିରେ ଭାଗନେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ଅକ୍ଷମ କଲ୍ୟାଣ ସମିତି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ସଭ୍ୟ ଶରତ କୁମାର ସାହୁ, ପ୍ରଦୀପ କୁମାର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା

ଢେଙ୍କାନାଳ,୧୬।୮ (ସମିସ): ସ୍ଥାନୀୟ ସୁନ୍ଦରୀଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଢେଙ୍କାନାଳ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଢେଙ୍କାନାଳ ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ, ବାବୁଚାନ୍ଦ ମହାଳିକ, ଢେଙ୍କାନାଳ ଜିଲ୍ଲା ନିରୀକ୍ଷକ ଗଣେଶ୍ୱର ପାତ୍ର ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୧୮୬ ଶିଶୁ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିବା ସହ ପତ୍ରବାଚନ, ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ଓ ଲୋକନୃତ୍ୟରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ନଗେନ କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ କଥନ, ସହ ପ୍ରଧାନଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ବିଜ୍ଞାନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

ପରଜଙ୍ଗ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ପରଜଙ୍ଗ,୧୬।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭଗର ବରିଷ୍ଠ ଛାତ୍ରଛାତ୍ରୀ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ମୁଖ୍ୟଅତିଥି, ପଦାର୍ଥ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ବିକାଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପକ ଅଞ୍ଜନ କୁମାର ମହାରଣା, କୁଳମଣି ମେହେର, ଅଧ୍ୟାପିକା ଦେବୀକୃପା ପ୍ରଜ୍ଞାପାରମିତା ଦଳବେହେରା ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ପାଦିକା ପ୍ରତିମା ସାହୁ, ଯସ୍ମିନ ବିଶ୍ୱାଳ, ତୃପ୍ତିମୟୀ ସାହୁ, ଶାଶ୍ୱତୀ ନାୟକ, କାଜଲ ବେହେରା, ଚମାନି ମୁଣ୍ଡା, ରେନିମୟୀ ରାଉତ, ଆଶା ଦାସ, ଲିପି ଦାସ, ପ୍ରିୟଙ୍କା ପରିଡ଼ା, ସୁଶ୍ରୀତା ନାଥ ପ୍ରମୁଖ ଉପସ୍ଥିତ ଥିଲେ।

ଗାୟତ୍ରୀ ପରିବାର ସହଯୋଗରେ ଯୋଗ ଓ ନୈତିକ ଶିକ୍ଷା

ଜିଲ୍ଲାବ୍ୟାପୀ ସବୁଠି ଉଡ଼ିଲା ତ୍ରିରଙ୍ଗା

ନୀଳଗିରି, ୧୬।୮ (ସମିସ)

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୯ ତମ ସ୍ୱାଧୀନତା ଦିବସ୍ ଉତ୍ସବ ନୀଳଗିରି ଷ୍ଟାଡିୟମ ପରିସରରେ ପାଳିତ ହୋଇ ଯାଇଛି । ନୀଳଗିରି ଉପ-ଜିଲ୍ଲାପାଳ ଡ.ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ସୋନମ୍ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିବା ଦେଖାଯାଇଛି ।

ଜଳେଶ୍ୱର ବ୍ଲକ : ରାଇବଣିଆ ବିଜେପି ମଣ୍ଡଳ ପକ୍ଷରୁ ରାଇବଣିଆ ମଣ୍ଡଳ ସଭାପତି ସଞ୍ଜିବ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ ଚନ୍ଦ୍ର ଦାସ ପତାକା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ଉତ୍ସବରେ ରାଇବଣିଆ ଶକ୍ତି କେନ୍ଦ୍ରର ପୂର୍ବତନ ସମିତି ସଭ୍ୟ ଦିଗମ୍ବର ଦାସ ସଭାପତିତ୍ୱ ତଥା ମଞ୍ଚ ଆହ୍ୱାନ କରିଥିଲେ । ଏହା ସହିତ ରାଇବଣିଆ ତାରିଣୀ ମନ୍ଦିର ଠାରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ନୂତନ କାର୍ଯ୍ୟାଳୟର ଶୁଭ ଉଦଘାଟନ କରିଥିଲେ ।

କାଳିପଦା: ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ବ୍ଲକରେ ଚେୟାରମ୍ୟାନ ରଞ୍ଜିତା ନାୟକ ଜାତୀୟ ପତାକାକୁ ଉତ୍ତୋଳନ କରିଥିବାବେଳେ ବିଡ଼ିଓ ରାଧା ରଞ୍ଜନ ଦାସ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୁବର୍ଣ୍ଣ ରେଖା ପ୍ରେସ କ୍ଲବରେ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସନ୍ୟାସୀ ବେହେରା, ଗୋପାଳ କୃଷ୍ଣ ବିଶ୍ୱାଳ, ଆରତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ତହସିଲରେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ,ଖପରାପଦା ଶିଶୁ ବିଦ୍ୟା ମନ୍ଦିରରେ ମନ୍ମଥ କୁମାର ସାହୁ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ବରିଷ୍ଠ ନାଗରିକ ପରିଷଦରେ ନାରାୟଣ ପ୍ରସାଦ ସାହୁ ଜାତୀୟ ପତାକାକୁ ଉତ୍ତୋଳନ କରିଥିବା ବେଳେ ସନ୍ୟାସୀ ବେହେରା, ଡାକ୍ତର ବାଙ୍କିମ ଚନ୍ଦ୍ର ଜେନା, ପ୍ରାକ୍ତନ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜାମଶୂଳୀ ଲକ୍ଷ୍ମୀ ନାରାୟଣ କଲେଜରେ ଅଧ୍ୟକ୍ଷ ପ୍ରାଧାପକ ଦିବ୍ୟେନ୍ଦୁ ଗିରି ଜାତୀୟ ପତାକାକୁ ଉତ୍ତୋଳନ କରି ଥିଲେ । ଜାମଶୂଳୀ ଜୟ ଚଣ୍ଡୀ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ପତାକା ଉତ୍ତୋଳନ ସଭାରେ କଲେଜ ଅଧ୍ୟକ୍ଷ ଦିବ୍ୟେନ୍ଦୁ ଗିରି ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସହଦେବ ପରିଡା, ସରୋଜ ଗିରି, ସୁକୁମାର ଗିରି, ସୀତାଂଶୁ କୁମାର ସାହୁ, ଅଶୋକ ଗିରି, ଅଜୟ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ । ଜାମ କୁଣ୍ଡା ହାଇସ୍କୁଲରେ ସ୍ୱାଧୀନତା ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କଇନଗିରି ବିଜୟ ବାବୁ ଛକରେ ଡ. ସୁକାନ୍ତ କୁମାର ଗିରି ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ ।

ଭୋଗରାଇ : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ପରିସରରେ ୭୯ ତମ ସ୍ୱାଧିନତା ଦିବସ ଅନୁଷ୍ଠିତ ହୋଇଯାଇଛି । ସକାଳେ ସରପଞ୍ଚ ମମତା ସାହୁ ଉପସ୍ଥିତ ହୋଇ ଜାତୀୟ ପତକା ଉତ୍ତୋଳନ କରିଥିଲେ । ଅପରାହ୍ନରେ ସରପଞ୍ଚ ମମତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭୋଗରାଇ ବିଡ଼ିଓ ପ୍ରଶାନ୍ତ ମହାରଣା, ମୁଖ୍ୟବକ୍ତା ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ବ୍ଲକ ଏନଆରଜିଏସ୍ ଅଧିକାରୀ ଜଗବନ୍ଧୁ ବେହେରା, ବି ଏମ୍ ଷ୍ଟାଲିମ ମିଶ୍ର, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଦିବସ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପଞ୍ଚାୟତର ସମସ୍ତ ବିଦ୍ୟାଳୟକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ପଞ୍ଚାୟତରସ୍ୱୟଂ ସହାୟତା ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ଏକ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ଖୁଦିରାମ ଟୁଡୁ, ଏଡିଓ ରମେଶ ଗିରି, ବଂଶୀଧର ସାହୁ, ରାକେଶ ତୋଳା, ଅତୁଲ ମହାନ୍ତି, ଶଙ୍କର ଜେନା, ଶଙ୍କର ଗିରି ପରିଚାଳନା କରିଥିଲେ । କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ କରିଥିଲେ ।

ସୋର: ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ୭୯ ତମ ସ୍ୱାଧିନତା ଦିବସ ଯୁବକ ସଂଘର କ୍ଷୀରକୋଣୀସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଯୁବକ ସଂଘ ର ସଭାପତି କମଳ ଲୋଚନ ବାରିକ ପତାକା ଉତ୍ତୋଳନ କରିଥିଲେ । ସଂ ର କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ସ୍ଲୋଗାନ ଦାସ, ବିମ୍ବାଧର ବେହେରା, ଜିତେନ୍ଦ୍ର ବେହେରା ଉପସ୍ଥିତ ଥିଲେ ।

ସିମୁଳିଆ : ପଞ୍ଚାୟତ ସମିତିରେ ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ ପତକା ଉତ୍ତୋଳନ କରିଥିଲା ବେଳେ ତହସିଲ ଅଫିସରେ ଅତିରିକ୍ତ ତହସିଲଦାର, ଆର. ଡି ରେ ଏସ ଡି ଓ. ସଞ୍ଜୟ କୁମାର ସାହୁ, ସିମୁଳିଆ ଥାନାରେ ଆଇଆଇସି ଶ୍ରବଣ କୁମାର ମହାରଣା ଓ ଇରିଗେସନ ରେ ଏସଡିଓ ମନୋଜ କୁମାର ନାୟକ ପତାକା ଉତ୍ତୋଳନ କରିଥିଲେ ।

ଜଳେଶ୍ୱର ରୋଟାରୀ କ୍ଲବ : ଆନ୍ତର୍ଜାତିକ ଅଗ୍ରଣୀ ସେଛାସେବୀ ସଂଗଠନ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । କ୍ଲବର ସଭାପତି ସୁବୀର କୁମାର ସେନାପତି ପତାକା ଉତ୍ତୋଳନ କରିଥିଲେ । ପ୍ରାକ୍ତନ ସଭାପତି ରୋ ପ୍ରଫୁଲ୍ଲ କୁମାର ଦାସ, ଆଇପିପି ଭାସ୍କର ରଙ୍ଗନ ସ୍ୱାଇଁ, ବିକାଶ କୁମାର ଧର, ପ୍ରବୀର କୁମାର ପ୍ରଧାନ, ସୁରେଶ କୁମାର ଦାସ, ସୁବ୍ରତ କୁମାର ରଣା, ଲକ୍ଷ୍ମୀଧର ହାଁସଦା, ଡଃ.ଦିପ୍ତିମୟୀ ମହାପାତ୍ର, ଅଶୋକ କୁମାର ମହାନ୍ତି, ଲେଲିନ କୁମାର ପ୍ରଧାନ, ନନ୍ଦନ କୁମାର ଦତ୍ତ, ରାଜେଶ କୁମାର ଖଟୁଆ ପ୍ରମୁଖ ଅଭିଭାଷଣ ରଖିଥିଲେ । ସଂପାଦକ ଅଂଶୁମାନ ରାଉତ ଧନ୍ୟବାଦ ଦେଇଥିଲେ ।

ସୋର : ସୋର ବ୍ଲକର ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ବ୍ଲକ ପରିସରରେ ବିଧାୟକ ମାଧବ ଧଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ସମୟରେ ବ୍ଲକ୍ ଅଧ୍ୟକ୍ଷା ଅନୁସୟା ମଲିକ, ବିଡ଼ିଓ ସତ୍ୟନାଥ ନାୟକ ଓ ବ୍ଲକ୍ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେହିପରି ପୌର ପାଳିକା ପକ୍ଷରୁ ରାଧାନାଥ ପଡ଼ିଆ ପରିସରରେ ବ୍ଲକ ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ପୌରାଧ୍ୟକ୍ଷା ସସ୍ମିତା ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହି ପରି ଭାବେ ସୋର ବ୍ଲକ ଓ ସୋର ପୌରପାଳିକାରେ ବିଭିନ୍ନ ବିଦ୍ୟାଳୟ ସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି ।

ଉତ୍ତରେଶ୍ୱର ଜାଭିୟର୍ସ ହାଇସ୍କୁଲ: ସୋର ଉତ୍ତରେଶ୍ୱର ଜାଭିୟର୍ସ ହାଇସ୍କୁଲର ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଚେୟାରମ୍ୟାନ ଇଂ ବନମାଳୀ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାପରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫେକ୍ଟରାଲ ବ୍ୟାଙ୍କ ସୋର ଶାଖାର ପରିଚାଳକ ସୁଧାଂଶୁ ମୋହନ ଏବଂ ନଦୀଗାଁ ଶାଖା ପରିଚାଳକ ପ୍ରଣୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭୋଲ୍‌ଟାଜ କମ୍ପାନୀ ପ୍ରଦତ୍ତ ଏକ ଥଣ୍ଡା ପାନୀୟ ବ୍ୟବସ୍ଥାକୁ ଉଦ୍‌ଘାଟିତ କରାଯାଇଥିଲା । ବିଦ୍ୟାଳୟର ଉପାଧ୍ୟକ୍ଷ ପର୍ଶୁରାମ ବେହେରା ପରିଚାଳନା କରିଥିବା ବେହେଳ ଦୀପ୍ତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଚନ୍ଦନେଶ୍ୱର: ଚନ୍ଦନେଶ୍ୱର ବସଷ୍ଟାଣ୍ଡ ଠାରେ ହୁଗୁଳି ଗ୍ରାମପଞ୍ଚାୟତ ତରଫରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପରେଡ଼ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହୁଗୁଳି ଗ୍ରାମପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ମୌରସି ତପନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣି ସଭାରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ ସ୍ୱାଧୀନତାର ସୁରକ୍ଷା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଜାଗ୍ରତ ହେବାକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଭାବେ ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଇଂ ଅଭିଜିତ ଦାସ, ସନ୍ତୋଷ କୁମାର ଜେନା, ଗୋଛିଦାତେଘରୀ ପୂର୍ବତନ ସରପଞ୍ଚ ନଗେନ୍ଦ୍ରନାଥ ପାତ୍ର, ଅଂଶୁମାନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ସମିତି ସଭ୍ୟ ଗୋବିନ୍ଦ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିଭଳି ଚନ୍ଦନେଶ୍ୱର ଉପ ଡାକଘର, ଚନ୍ଦନେଶ୍ୱର ବିଜେପି ମଣ୍ଡଳ କାର୍ଯ୍ୟାଳୟ, ଚନ୍ଦନେଶ୍ୱର ଜିପିଏଲଏଫ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟ ମାନଙ୍କରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ।

କାଛଭଉଁରୀ ପଞ୍ଚାୟତ: ଭୋଗରାଇ ବ୍ଲକ କାନ୍ôଥଭଉଁରୀ ପଞ୍ଚାୟତ ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ପୁରସ୍କାର ବିତରଣୀ ସଭାକୁ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ବକ୍ତବ୍ୟ ଦେଇଥିଲେ । ସମିତି ସଭ୍ୟ ପ୍ରଦୀପ ଦାସ, କାଛଭଉଁରୀ ଅନାଦି ଏକାଡେମୀର ପ୍ରଧାନ ଶିକ୍ଷକ ଅତନ୍ୟୁ କୁମାର ହୋତା, ପ୍ରଧାନ ଶିକ୍ଷକ ଭୁବନ ଚନ୍ଦ୍ର ବେହେରା, ଶ୍ରଦ୍ଧାପୁର ସେବା ସମବାୟ ସମିତିର ସଭାପତି ଗୁଣାକର ମାଝୀ, ସରିତ ସ୍ୱପନ ପଣ୍ଡା, ମିହିର କୁମାର ପଣ୍ଡା, ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଲାୟନ୍ସ କ୍ଲବ ଏମ୍‌ପାୱାର : ଲାୟନ୍ସ କ୍ଲବ ଏମପାୱାର ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପୌରପାଳିକାର ୫ ନମ୍ବର ୱାର୍ଡ ଅଧିନ ଅଙ୍ଗନବାଡି କେନ୍ଦ୍ରରେ କ୍ଲବର ସଭାପତି ରିତିକ ଜି ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାଉନସିଲର ମିତା ପଟ୍ଟନାୟକ, ମିତା ମାନ୍ନା, ସେଖ ଆୟୁବ ଶିବୁ, ଧୀରେନ ନାୟକ, ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଚକୋଲେଟ ପ୍ରଦାନ କରିଥିଲେ ।

ବାଲିଆପାଳ: ବାଲିଆପାଳ ବ୍ଲକ ପରିସରରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ ପତାକା ଉତ୍ତୋଳନ କରିଥିଲେ । ଉତ୍ସବରେ ବିଡିଓ ରାଧାରଞ୍ଜନ ଦାସ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ । ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ,ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଇଓ ସତ୍ୟରଞ୍ଜନ ଭୁୟାଁ ପତାକା ଉ।ଳନ କରିଥିଲେ । ବାଲିଆପାଳ ଥାନା ପରିସରରେ ଥାନାଅଧିକାରୀ ଗୋବିନ୍ଦ ବେହେରା,ସୁବର୍ଣ୍ଣରେଖା ଯୁବକ୍ରୀଡା ସଂସଦ ପରିସରରେ ସଂସଦର ସଭାପତି ଡ.ସନ୍ତୋଷ କୁମାର ଦାସ ପତକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ସେହିପରି ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସଂଞ୍ଜୟ କୁମାର ଜେନା, ଉଦୟନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ମୁରଲୀ ମୋହନ ସାହୁ, ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ଡାଙ୍ଗରପଦା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନା, ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗୌରାଙ୍ଗ ରାଉତ, ବାଲିବିଲ ବାଲିଚତରଠାରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ଦେଉଳା ଫଚାୟତ କାର୍ଯ୍ୟାଳୟରେ ସରଫଚ ସରୋଜ ପିଳା, ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ସୁନାରୁଇ ଗ୍ରାମ କମିଟି ପକ୍ଷରୁ ଅନୁଷ୍ଠିତ କାର୍ଯକ୍ରମରେ ଶିକ୍ଷାବିତ୍ ମହେଶ୍ୱର ସେଠୀ ପତାକା ଉତତୋଳନ କରିଥିଲେ ।

ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ : ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଲଙ୍ଗଳେଶ୍ୱର ପ୍ରେସକ୍ଲବ ଆନୁକୁଲ୍ୟରେ ୭୯ ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଛାତ୍ର ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ।

ରାଜଘାଟ: ବସ୍ତା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୯ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ନରଣପୁର ଗ୍ରାମ ଠାରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।ସେହିପରି ସଦାନଦପୁର ପଞ୍ଚାୟତ କାର୍ଯ୍ୟାଳୟ ରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବସ୍ତା ଥାନରେ ଆଇ.ଆଇ.ସି ରଞ୍ଜିତ କୁମାର ସାହୁ, ଅମର୍ଦାରୋଡ ଫାଣ୍ଡିରେ ଏସ ଆଇ ବିଜୟ କୁମାର ବାରିକ, ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ବେଣୁଧର ବେହେରା, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ରାଜେଶ କୁମାର ସେଠୀ, ଅମର୍ଦ୍ଦା ଏଞ୍ଜେଲ ଟ୍ୟୁଟରିଆଲରେ କବି ପୂର୍ଣ୍ଣ ଚନ୍ଦ୍ର ମହାଳିକ, ନଟାକଟା ପଞ୍ଚାୟତରେ ଯୁଗ୍ମ ଭାବେ ସରପଞ୍ଚ ବନ୍ଦନା ସେଠୀ ଓ ସମବାୟ ସମିତିର ସଭାପତି ଦୀପକ କୁମାର ସାହୁ,କୁଳିଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଭେଲୋରା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରାକ୍ତନ ଶିକ୍ଷକ ଅରବିନ୍ଦ ଦାସ ମହାପାତ୍ର, ଭେଲୋରା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଦୁର୍ଗାରାଣୀ ଜେନା, ସନ୍ତୋଷପୁର ପଞ୍ଚାୟତ କାର୍ଯ୍ୟାଳରେ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, କୁଳିଦା ଜନସେବା କେନ୍ଦ୍ରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ମହାନ୍ତି, ଭେଲୋରା ଖଇରେଶ୍ୱର ଯୁବ ସଂଗଠନ ରେ ଗୌରାଙ୍ଗ ପ୍ରଧାନ, କରୁଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଜୟନ୍ତ କୁମାର ରଣା, କରୁଆ ପଞ୍ଚାୟତର କୈବଲ୍ୟ କ୍ଷେତ୍ର ଟ୍ରଷ୍ଟରେ ଜଗନ୍ନାଥ ବ୍ରହ୍ମଚାରି,ରଘୁନାଥପୁର ଗ୍ରାମ ପଞ୍ଚାୟତର ମଧୁପୁରା ଗ୍ରାମର ଉଦୀୟମାନ ଯୁବକମାନଙ୍କ ଦ୍ୱାରା ଗଢିଉଠିଥିବା ଡାଇନାମିକ ବୟେଜ୍ କ୍ଲବ ଆନୁକୂଲ୍ୟରେ ଉପେନ୍ଦ୍ର ନାଥ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଆ

ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ସୋର, ୧୬।୮ (ସମିସ): ଔପଦା ବ୍ଲକ ତରତୁଆ ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡି ଯାଇଥିବା ବେଳେ ସୋର ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଗ୍ରାମର ଶ୍ୟାମସୁନ୍ଦର ମହାନ୍ତି ଗତକାଲି ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ହୁଡାରେ ତାଙ୍କ ଗାମୁଛା ପଡ଼ିଥିବା ଦେଖି ପୋଖରୀରେ ଖୋଜାଖୋଜି କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସୋରରୁ ଏକ ଦମକଳ ସେଠାରେ ପହଞ୍ଚି ପୋଖରୀରୁ ତାଙ୍କୁ ଉଦ୍ଧାର କରି ସନ୍ଧ୍ୟାରେ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିଲେ। ଆଜି ପୂର୍ବାହ୍ନରେ ଈଶ୍ୱରପୁର ଫାଣ୍ଡି ପୁଲିସ ସୋର ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର, ୧୬।୮ (ସମିସ): ସୋର ତହସିଲ ପକ୍ଷରୁ ଏକ ପଥର ବୋଝେଇ ଡମ୍ପର ଜବତ କରାଯାଇ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଗତ ୧୪ ତାରିଖ ବିଳମ୍ବିତ ରାତିରେ ସୋର ବାଗୁଡି ରାସ୍ତାରେ ବେଧଡକ ପଥର ଚାଲାଣ ହେଉଥିବା ଖବର ପାଇ ସୋର ତହସିଲଦାର ଦୈତାରି ମଲିକ ଚଢ଼ାଉ କରିଥିଲେ। ଏହି ସମୟରେ ବାଗୁଡି ଖଦାନରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଓ ୧୧ ଭି ୪୬୩୧ ନମ୍ବର ବିଶିଷ୍ଟ ଡ଼ମ୍ପରକୁ ଜବତ କରି ଥାନା ପରିସରରେ ରଖିବା ସହ ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ୬୦ ରୁ ଉଦ୍ଧର୍ ଗାଡି ପଥର ଢାଳି ଚମ୍ପଟ ମାରିଥିଲେ। ଏଠାରେ ପୂର୍ବରୁ ବସାଯାଇଥିବା ପୁଲିସ କ୍ୟାମ୍ପକୁ ପୁନଶ୍ଚ ବସାଇ ପଥର ଲୁଟ ରୋକିବାକୁ ଦାବି ହୋଇଛି।

ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଓ ଭାଗବତ ପାଠ

ଖଇରା,୧୬।୮ (ସମିସ): ଖଇରା ବ୍ଲକ ଅଧୀନ ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିର ଓ ସରସ୍ୱତୀ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ପିଲା ମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ସାଙ୍ଗକୁ ଭାଗବତ ଆଲୋଚନା ଅନୁଷ୍ଠିତ ହୋଇ ଯାଇଛି। ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ବିଷାରଦ ତଥା ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଦେଇ କୃଷ୍ଣ ଚରିତ ଶୁଣାଇବା ଅବସରରେ ରାଧାକୃଷ୍ଣ ନାମ ଉଚ୍ଚାରଣରେ କୋଟିଏ ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି କହିଥିଲେ। ଡା ଉପେନ୍ଦ୍ର ପ୍ରସାଦ ଖଟୁଆ ମୁଖ୍ୟଅତିଥି, ଲମ୍ବୋଦର ନନ୍ଦ ସମ୍ମାନନୀୟ ବକ୍ତା, ମଧୁସୁଦନ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ତ୍ରିପାଠୀ, ସହ ସମ୍ପାଦକ ସୁଦାମ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଚାର୍ଯ୍ୟ ଜୟନ୍ତ କୁମାର ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହାଛଡା ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବାଣପୁର ସରସ୍ୱତୀ ଶିଶୁ ମନ୍ଦିର, କ୍ଷିରିପଦା ସରସ୍ୱତୀ ଶିଶୁ ମନ୍ଦିର, ଖଇରା ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।

ଭତ୍ତା ନେବାକୁ ଆସି ବୃଦ୍ଧ ନିଖୋଜ

ନୀଳଗିରି, ୧୬।୮ (ସମିସ): ଜଣେ ୬୬ବର୍ଷୀୟ ବୃଦ୍ଧ ଭତ୍ତା ଟଙ୍କା ନେଇ ଏଯାବତ୍ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କଲା ପରେ ବି ବୃଦ୍ଧର ସନ୍ଧାନ ନମିଳିବାରୁ ଶେଷରେ ତାଙ୍କ ପୁଅ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଜାମୁଡ଼ିହା ପଞ୍ଚାୟତର ବାଘମରା ଗ୍ରାମର ମୁକୁନ୍ଦ ସିଂ(୬୬) ନିଜର ବାର୍ଦ୍ଧକ୍ୟ ଭତ୍ତା ଆଣିବା ପାଇଁ ଗତ ୧୪ତାରିଖ ଦିନ ୧୧ଟା ସମୟରେ ଚାଲି ଚାଲି ଜାମୁଡିହା ପଞ୍ଚାୟତ ଅଫିସ୍‌କୁ ଯାଇଥିଲେ। ସେଠାରୁ ଭତ୍ତା ନେଇ ଫେରିଥିବା କିଛି ଲୋକେ ଦେଖିଥିଲେ। ମାତ୍ର ସନ୍ଧ୍ୟା ପରେ ଘରକୁ ମୁକୁନ୍ଦ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ବନ୍ଧୁବାନ୍ଧବ ଘରେ ଖୋଜା ଖୋଜି କରିବା ସହ ନିକଟସ୍ଥ କେନାଲରେ ମଧ୍ୟ ଖୋଜା ଖୋଜି କଲା ପରେ ବି ସନ୍ଧାନ ପାଇ ନ ଥିଲେ। ଶେଷରେ ନିରୁପାୟ ହୋଇ ପୁଅ ଅକ୍ଷୟ ସିଂ ଶନିବାର ଦିନ ଥାନାରେ ଅଭିଯୋଗ କରିଛନ୍ତି।

ଦୁର୍ଘଟଣାରେ ବାଇକ ଚାଳକ ମୃତ

ବାଲେଶ୍ୱର,୧୬।୮ (ସମିସ): ବାଲେଶ୍ୱର ସଦର ଥାନା ଅର୍ନ୍ତଗତ ମେଘଡମ୍ବରୁ ନିକଟସ୍ଥ ଡିଆରଡିଓ ରାସ୍ତାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜେଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ସଦର ଥାନା ଅର୍ନ୍ତଗତ ବାରିଙ୍ଗିଆ ଅଂଚଳର ବାପୁନ ସିଂ(୨୨)। ଆଜି ସକାଳେ ବର୍ଷା ହେଉଥିବା ସମୟରେ ମେଘଡମ୍ବରୁ ନିକଟସ୍ଥ ଡିଆରଡିଓ ରାସ୍ତାରେ ସେ ଏକ ବାଇକ ଯୋଗେ ଆସୁଥିଲା। ଏହି ସମୟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ପିକଅପ ଭ୍ୟାନକୁ ଭାରସାମ୍ୟ ହରାଇ ପିଟିଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲା। ଏଣୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ପୁଲିସ ଘଟଣା ସ୍ଥଳରେ ପହଁଚି ବାଇକଟିକୁ ଜବତ କରିବା ସହ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ମଧ୍ୟ ଚଳାଇଛି।

ବହୁ ପ୍ରତୀକ୍ଷାର ଅନ୍ତଃ

ବସ୍ତାକୁ ଏନ୍‌ଏସି ଘୋଷଣା, କାର୍ଯ୍ୟକାରିତାକୁ ଅପେକ୍ଷା

ବସ୍ତା ବ୍ଲକ, ୧୬।୮ (ସମିସ)

ସ୍ୱାଧୀନତା ଦିବସର ପରଦିନ ବାଲେଶ୍ୱର ଜିଲ୍ଲାର ବସ୍ତାକୁ ଏନ୍‌ଏସି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଶନିବାର ୧୨ଟି ଏନ୍‌ଏସି ଘୋଷଣା ହୋଇଛି ସେଥି ମଧ୍ୟରେ ବସ୍ତା ରହିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସରକାର ବସ୍ତାକୁ ଏନ୍‌ଏସି ଘୋଷଣା କରିଥିଲେ। ମାତ୍ର ନିର୍ବାଚନ ପରେ ସରକାର ପରିବର୍ତ୍ତନ ହେବା ପରେ ଏହି ଏନ୍‌ଏସି ଘୋଷଣା ରେ ସୀମିତ ହୋଇ ରହି ଯାଇଥିଲା। ଯାହାକୁ ନେଇ ବସ୍ତାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସ୍ତାକୁ ଏନ୍‌ଏସି ଘୋଷଣା ପାଇଁ ଦାବି ଜୋର ଧରିଥିଲା। ଏ ନେଇ ବସ୍ତା ବିଜେପି ନେତୃମଣ୍ଡଳୀ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ବସ୍ତା କୁ ଏନ୍ ଏ ସି ଘୋଷଣା ପାଇଁ ଦାବି କରିବା ପରେ ଖୁବ୍‌ଶୀଘ୍ର ଏନ୍‌ଏସି ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଶନିବାର ଏନ୍ ଏ ସି ଘୋଷଣା ହୋଇଛି। ଏହି ଘୋଷଣା ପରେ ବସ୍ତା ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ଏହା କେବେ କାର୍ଯ୍ୟକାରିତା ହେବ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବସ୍ତା ରେ ଜନସଂଖ୍ୟା ବଢ଼ିଥିବା ବେଳେ ସେହି ତୁଳନା ରେ ବିକାଶର ଅନେକ ଆବଶ୍ୟକତା ରହିଛି। ଏନ୍ ଏ ସି କାର୍ଯ୍ୟକାରୀ ହେଲେ ରାସ୍ତା ସମ୍ପ୍ରସାରଣ, ଆଲୋକି କରଣ, ବ୍ୟବସାୟୀଙ୍କ ପାଇଁ ମଣ୍ଡି, ମାର୍କେଟ କମ୍ପ୍ଲେକ୍ସ, ସହିତ ପାଣି, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସେବା, ଶିକ୍ଷା ର ଉନ୍ନତି ହେବ ବୋଲି ଲୋକେ ଆଶା ବାନ୍ଧିଛନ୍ତି।

- ବସ୍ତା ଏବେ ବିକାଶ ର ନୂଆ ଫର୍ଦ୍ଦ ଯୋଡି ହେବ। ବସ୍ତା ବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଉଛି।

  ପ୍ରଦୀପ କୁମାର ପଣ୍ଡା (ଜିଲ୍ଲା ସଭାପତି, ଉତ୍ତର)

- ପୂର୍ବ ସରକାରଙ୍କ ଘୋଷଣା ବାସ୍ତବ ରୂପ ନେବାକୁ ଯାଉଛି। ଏହା ଦ୍ୱାରା ବସ୍ତା ର ବିକାଶ ସହିତ ଲୋକେ ଅନେକ ସୁବିଧା ସୁଯୋଗ ପାଇ ପାରିବେ।

  ସୁବାସିନୀ ଜେନା, ବିଧାୟିକା ବସ୍ତା

- ବସ୍ତା ଏନ୍‌ଏସି ଘୋଷଣା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହି ଘୋଷଣା ପୂର୍ବରୁ ଥରେ ବିଜେଡି ସରକାର କରିଥିବା ବେଳେ ଏଥର ବିଜେପି ସରକାର କରିଛି। ଦେଖିବାକୁ ରହିଲା କେତେ ଶୀଘ୍ର ଏହା କାର୍ଯ୍ୟକାରୀ ହେଉଛି।

  ସତ୍ୟ ନାରାୟଣ ଗୁପ୍ତା, କଂଗ୍ରେସ ବ୍ଲକ ସଭାପତି

- ଦୀର୍ଘ ବର୍ଷ ଧରି ଜେଏମଏମ ବସ୍ତାକୁ ଏନ୍‌ଏସି ଘୋଷଣା ପାଇଁ ଦାବି କରି ଆସିଛି। ଏହି ଘୋଷଣା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଘୋଷଣାରେ ସୀମିତ ନ ରହି ତୁରନ୍ତ କାର୍ଯ କାରୀ ହେବା ଦରକାର। କାରଣ ଅନେକ ବର୍ଷ ଧରି ବସ୍ତା ବିକାଶଠାରୁ ବହୁ ଦୂରରେ ଅଛି।

  କମଲ ଲୋଚନ ବାରିକ, ଜେଏମଏମ ରାଜ୍ୟ ସଭାପତି

ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଜଳେଶ୍ୱର କୋର୍ଟ ଗସ୍ତ

ଜଳେଶ୍ୱର,୧୬।୮ (ସମିସ) : ବାଲେଶ୍ୱର ଜିଲ୍ଲା ପ୍ରଶାସନିକ ଦାୟିତ୍ୱରେ ଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି କୃଷ୍ଣ ରାମ ମହାପାତ୍ର ଶନିବାର ପୂର୍ବାହ୍ନରେ ଜଳେଶ୍ୱର କୋର୍ଟ ଗସ୍ତରେ ଆସିଥିଲେ। ପରିସରରେ ଏକ ବର୍ଷଧରି ନିର୍ମାଣାଧୀନ ଥିବା ୧୦ କୋଟି ଟଙ୍କାର କୋର୍ଟ ଗୃହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ କୋର୍ଟ ପରିସର ପରିଦର୍ଶନ କରିଥିଲେ। ପରେ ବାର ହଲ୍ ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଉଚ୍ଚ ନ୍ୟାୟାଳୟର ବିଚାରପତି କୃଷ୍ଣରାମ ମହାପାତ୍ର, ବାଲେଶ୍ୱର ଜିଲ୍ଲା ଜଜ୍ ସତ୍ୟ ନାରାୟଣ ମିଶ୍ର, ସିଜିଏମ ଜନକ ରାଉତଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରିବା ସହିତ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାକ୍ତନ ବାର ସଭାପତି ଅନିଲ କୁମାର ପରିଡା ଅତିଥି ପରିଚୟ, ଉଦ୍ଦେଶ୍ୟ ଜ୍ଞାପନ ସହିତ ମହକିଲ ଓ ଓକିଲଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଜଳେଶ୍ୱର ରେ ସଭିଲ ଜଜ କମ୍ ଜେଏମଏଫସି କୋର୍ଟ ନିକଟରେ ଖୋଲିବାକୁ ଥିବା ବେଳେ ପ୍ୟାମିଲି କୋର୍ଟ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ମାମଲାର ବିଚାର ଜଳେଶ୍ୱର କୋର୍ଟରେ କରିବା ଲାଗି ଅବଗତ କରାଯାଇଛି। ଏହା ସହିତ ଆଇନଜୀବୀ ଓ ଲୋକଙ୍କ ଲାଗି ପାର୍କିଂର ସୁବ୍ୟବସ୍ଥା କରିବାକୁ ଓକିଲ ସଂଘ ପକ୍ଷରୁ ଜଣାଯାଇଛି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ପିନାକୀ ସ୍ୱାଇଁ, ଜେଇ ଅନିଲ ଦାସ, ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି, ପୂର୍ତ୍ତବିଭାଗ ଏସଡିଓ ଅବିନାଶ ବେହେରା ପ୍ରମୁଖ ଲେ ଆଉଟ୍ ସମୀକ୍ଷା କରିଥିଲେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନୂତନ କୋର୍ଟ ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବରିଷ୍ଠ ଆଇନଜୀବି ଚନ୍ମୟ ଦାସ, ସତ୍ୟ ସୁନ୍ଦର ଦାସ, ଜିତାଂଶୁ ନନ୍ଦୀ, ଅବଧୁତ ଜେନା, ସୁଶାନ୍ତ ଦାସ, ଗିରିଜା ଶଙ୍କର ଦାସ, ପ୍ରବିର ରାଉଳ, ଇଶାକ୍ ବେଗ୍,ଦେବ କାନ୍ତ କାସ୍ତ, ସିଦ୍ଧାର୍ଥ ଦାସ, ରାଜେଶ ପାତ୍ର,ସତ୍ୟ ନାରାୟଣ ଦାସ, ଶ୍ରୀକୃଷ୍ଣ ଗୁପ୍ତା, ସବ୍ୟସାଚୀ ଦାସ, ପତିତପାବନ ପ୍ରଧାନ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟ ପରିଦର୍ଶନରେ ହାଇକୋର୍ଟ ବିଚାରପତି

ଭୋଗରାଇ,୧୬।୮ (ସମିସ): ଭୋଗରାଇ ବ୍ଲକସ୍ଥିତ ଭୋଗରାଇ ଗ୍ରାମ୍ୟ ନ୍ୟାୟଳୟ ତଥା ଜେଏମଏଫସି କୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି କୃଷ୍ଣରାମ ମହାପାତ୍ର ଆସି ପରିଦର୍ଶନ କରି ଫେରିଛନ୍ତି। ତାଙ୍କ ସହିତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ବିଚାରପତି ସତ୍ୟନାରାୟଣ ମିଶ୍ର,ସି ଜେ ଏମ୍ ଜନକ ରାଉତ,କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ଏଡିଏମ୍ ସୁଧାକର ନାୟକ ଉପସ୍ଥିତ ହୋଇ କୋର୍ଟର ଭିତ୍ତି ଭୂମି ପରିଦର୍ଶନ କରିଛନ୍ତି।

ଏହି ଅବସରରେ କୋର୍ଟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି କୋର୍ଟ ପରିସରରେ ଅନୁଷ୍ଠିତ ଏକ ବୈଠକରେ ବାର ଏସୋସିଏସନ ର ସଭାପତି କୁଞ୍ଜବିହାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ହାଇକୋର୍ଟର ବରିଷ୍ଠ ବିଚାରପତି ଶ୍ରୀ ମହାପାତ୍ର,ମୁଖ୍ୟବକ୍ତା ଭାବ ଜିଲ୍ଲା ବିଚାରପତି ଶ୍ରୀ ମିଶ୍ର,ସମ୍ମାନିତ ଅତିଥି ,ସି ଜେ ଏମ୍ ଶ୍ରୀ ରାଉତ ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର ଏସୋସିଏସନ ର ସମ୍ପାଦକ ବିଜନ କୁମାର ଦେ,ମଦନ ପଣ୍ଡା,ରାଜ କୁମାର ଦାସ, ମୃତ୍ୟୁଞ୍ଜୟ ଦାସ,ତାରାପଦ ଜେନା,ସୁଖେନ୍ଦୁ ବାରିକ,ମଦନ ମୋହନ ରାଉଳ,ଜୟକୃଷ୍ଣ ମହାନ୍ତି,ଚନ୍ଦନ ଜେନା,ପ୍ରଦୀପ ଜେନା,କମଳ ମହାନ୍ତି,ନନ୍ଦଦୁଲାଲ ଜେନା,ଅରୂପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ମୋହରିର ସଂଘ ପକ୍ଷରୁ ଆନ୍ଦୋଳନ ଜାରି

ଗୋଟିଏ ଦିନରେ କୋଟିଏ ରାଜସ୍ୱହାନୀ

ବାଲେଶ୍ୱର,୧୬।୮ (ସମିସ): ରାଜ୍ୟ ସରକାରଙ୍କ କୌଣସିଲିଖିତ ନିର୍ଦ୍ଦେଶ ନଥିବା ସତ୍ତ୍ୱେ ଜିଲ୍ଲା ସବ ରେଜିଷ୍ଟ୍ରାର ମନମୁଖୀ ଭାବେ ବିଭିନ୍ନ ପ୍ରକାର ଦଲିଲକୁ ଗ୍ରହଣ ନ କରି ଫେରାଇ ଦେଉଥିବାରୁ ସାଧାରଣ ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ଗତ ୧୧ତାରିଖରେ ଜିଲ୍ଲା ମୋହରିର ସଂଘ ପକ୍ଷରୁ୧୬ଦଫା ଦାବି କରାଯାଇ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନ ଆଜି ୬ଦିନରେ ପହଁଚିଛି। ଏହି ଆନ୍ଦୋଳନରେ ଆଜି ମୋରିର ସଂଘର ରାଜ୍ୟ ସଭପତି ଗଣପତି ସ୍ୱାଇଁ ଯୋଗଦେଇ ଆନ୍ଦୋଳନ କାରୀଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଗୋଟିଏ ଦିନରେ ରାଜ୍ୟ ସରକାର କୋଟିଏରୁ ଅଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ତେବେ ଆନ୍ଦୋଳନକୁ ୬ଦିନ ହୋଇଯାଇଥିବା ବେଳେ ପାଖାପାଖି ୬କୋଟିରୁ ଅଧିକ ଟଙ୍କା ରାଜସ୍ୱ ହରାଇସାରିଲେଣି। ଏଣୁ ସରକାର ମୋହରିର ସଂଘର ଏହି ଦାବିକୁ ପୂରଣ କରିବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଥିବା ଫଳରେ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ତାକୁ ଦୃଷ୍ଟିଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏହାଛଡା ସାଧାରଣ ଲୋକେ ତାଙ୍କର କୌଣସି ଜରୁରୀ କାର୍ଯ୍ୟ କରିପାରୁ ନାହାନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ, ପୈତୃକ ସମ୍ପତିରେ ନବାଳକର ଅବିଭକ୍ତ ସମ୍ପତିକୁ ହସ୍ତାନ୍ତର ଦଲିଲ ଜିଲ୍ଲା ଜଜଙ୍କ ଅନୁମତି ବିନା ରେଷ୍ଟ୍ରୀ କରୁ ନାହାନ୍ତି, ଓଡ଼ିଶା ହାଇକୋର୍ଟ ଡବ୍ଲ୍ୟୁପି(ସି) ମକଦ୍ଦମାର ନିର୍ଦ୍ଦେଶକୁ ଅମାନ୍ୟ କରି ଅବିଭକ୍ତ ସମ୍ପତି ମଧ୍ୟରୁ ଗଣେ ଅଂଶୀଦାର ତାର ଅଂଶ ବାବଦ ସମ୍ପତିକୁ ଅସ୍ତାନ୍ତର କରିବା ଦଲିଲ ରେଜେଷ୍ଟ୍ରି କରାଯାଉ ନାହିଁ, ଜଣେ ଖତିଆନ ପ୍ରଭା ମୃତ୍ୟୁ ପରେ ରେଭେନ୍ୟୁ ଅଫିସରଙ୍କ ଠାରୁ ହାସଲ କରିଥିବା ଉତ୍ତରାଧିକାରୀ ସାର୍ଟିଫିକେଟ ପାଂଚ ବର୍ଷର ପୁରଣା ହେଲେ ତାହାକୁ ଗ୍ରହଣ କରୁ ନାହାନ୍ତି,ରେଜିଷ୍ଟ୍ରେସନଆଇନ ଅନୁସାରେ ଜରୁରୀ ପରିସ୍ଥିତିରେ ଭିଜିଟ ଦଲିଲ ରେଜେଷ୍ଟ୍ରି କରୁ ନାହାନ୍ତି କିମ୍ବା ପାର୍ଟ ଭିଜିଟ ମଧ୍ୟ କରୁ ନାହନ୍ତି। ଏପରି ୧୬ଦଫା ଦାବି ଉପସ୍ଥାପନ କରାଯାଇଛି। ଏପରିକି ସଂଘ ପକ୍ଷରୁ ଜିଲ୍ଲାପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ କୌଣସି ଆଲୋଚନା ମଧ୍ୟ କରାଯାଉ ନାହିଁ। ଏହି ଧାରଣାରେ ରାଜ୍ୟ ସମ୍ପାଦକ ଅଜୟ ପରିଜା,ରାଜ୍ୟ ଉପସଭାପତି ଗିରିଶ ଦତ୍ତ, ଜିଲ୍ଲା ସଭାପତି ନିରାକାର ରାଉତ, ଜିଲ୍ଲା ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ରମାକାନ୍ତ ଦାସ, ଗଦାଧର ବେହେରା, ନିଗମାନନ୍ଦ ରଥ, ସଂଗ୍ରାମ ପାତ୍ର, ହରେକୃଷ୍ଣ ମହାନ୍ତିଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ସିଟି

୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ

ଜାତୀୟ ସଙ୍ଗୀତରେ କମ୍ପିଲା ଗାନ୍ଧୀମାର୍ଗ

ଭୁବନେଶ୍ୱର, ୧୭।୮ (ସମିସ)

୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀର ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶାତ୍ମକ ସଙ୍ଗୀତ ଏବଂ ସ୍ଲୋଗାନ୍‌ରେ ପୂରା ଗାନ୍ଧୀମାର୍ଗ କମ୍ପି ଉଠିଥିଲା। ଏହି ଅବସରରେ ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ପ୍ୟାରେଡ୍ ୫୦ଟି ପ୍ଲାଟୁନ ଅଂଶଗ୍ରହଣ କରିଥିଲେ। ଏହି ପ୍ଲାଟୁନଗୁଡ଼ିକ ମଧ୍ୟରେ ୧୨୦ ବାଟାଲିୟନ, ସୀମା ସୁରକ୍ଷା ବଳ, ସିଆରପିଏଫ, ଆଇଟିବିପି, ଏସଓଜି ଚନ୍ଦକା, ଆନ୍ଧ୍ରପ୍ରଦେଶ ସଶସ୍ତ୍ର ପୁଲିସ ବାହିନୀ, ଭୁବନେଶ୍ୱରସ୍ଥିତ ବିଭିନ୍ନ ସ୍କୁଲର ଏନସିସି, ସ୍କାଉଟ ଓ ଗାଇଡ, ରେଡ୍‌କ୍ରସ ପ୍ରଭୃତି ଯୋଗଦେଇଥିଲେ। ଭାରତୀୟ ପୁଲିସ ସେବା ଅଧିକାରୀ ଅନନ୍ୟା ଅବସ୍ଥି ପ୍ୟାରେଡ୍ ପରିଚାଳନା କରିଥିଲେ।

୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ପରେଡ୍‌ରେ ଭାଗ ନେଇଥିବା ପ୍ଲାଟୁନମାନଙ୍କୁ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ଲାଟୁନମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁରସ୍କାର ପ୍ରଦାନ କରିଥିଲେ। ସର୍ବୋତ୍ତମ ୟୁନିଫର୍ମ ସଶସ୍ତ୍ର ବାହିନୀ ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍ ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍‌ଓଜି, ଏନସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ସ୍କୁଲରେ ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ, କଳ୍ପନା ଛକ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡରେ କ୍ୟାପିଟାଲ୍ ଗାର୍ଲସ୍ ହାଇସ୍କୁଲ, ୟୁନିଟ୍-୨ ପୁରସ୍କୃତ ହୋଇଥିଲେ। ସେହିପରି ୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଜିଆଇ ଟ୍ୟାଗ୍ ଉତ୍ପାଦ' ପ୍ରଥମ ପୁରସ୍କାର ପାଇଥିବାବେଳେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସହରାଞ୍ଚଳ ପରିବହନ' ପାଇଁ ଦ୍ୱିତୀୟ ପୁରସ୍କାର ପାଇଥିଲେ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର 'ମଲଫିମୋଡାଲ ଟ୍ରାନ୍ସପୋର୍ଟ' ତୃତୀୟ ପୁରସ୍କାର ପାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ସମାପ୍ତ ହେବା ପରେ ପ୍ୟାରେଡ୍ କମାଣ୍ଡର କ୍ୟାମୀନାରା ଓ ଜୟହିନ୍ଦ୍ ଧ୍ୱନୀ ଦେଇଥିଲେ। ଉତ୍ସବସ୍ଥଳରୁ ସମସ୍ତ ପ୍ୟାରେଡ୍ ଦଳ ପ୍ରସ୍ଥାନ କରିବା ପରେ ମୁଖ୍ୟମନ୍ତ୍ରୀ ମଞ୍ଚରୁ ପ୍ରସ୍ଥାନ କରିଥିଲେ।

ଗଞ୍ଜେଇ ଭର୍ତ୍ତି ଇନୋଭା ଜବତ; ୬ ଗିରଫ

ଭୁବନେଶ୍ୱର, ୧୬।୮ (ସମିସ): ବେଆଇନ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଫୁଲବାଣୀ ସଦର ଥାନା ଅଞ୍ଚଳର ରହିମ୍ ଦିଗାଲ (୨୦), ତା'ର ଭାଇ କିରଣ ଦିଗାଲ (୨୦), ଫିରିଙ୍ଗିଆ ଥାନା ଅଞ୍ଚଳର, ଅଙ୍କିତ ସାହୁ (୧୯), ଅଜୟ ଦିଗାଲ (୨୩), ତା'ର ଭାଇ ବିଜୟ ଦିଗାଲ (୨୦) ଓ ଜଙ୍କିଆ ମୁଣ୍ଡା ଆମ୍ବର ଦେବାଶିଷ ବେହେରା (୨୫)।

ପୁଲିସ ସୂଚନା ଅନୁସାରେ, ଏକାମ୍ର ପାର୍କ ନିକଟରେ ଗଞ୍ଜେଇ ଡିଲ୍ ଚାଲିଥିବା ନୂଆପଲ୍ଲୀ ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଧଳା ଇନୋଭା ଗାଡ଼ିକୁ ଅଟକାଇବା ସହ ଗାଡ଼ିରେ ଥିବା ୬ ଜଣଙ୍କୁ ଅଟକ ରଖିଥିଲା। ଗାଡ଼ିର ତଲାସି ବେଳେ ଡିକିରୁ ଗୋଟିଏ ଜରି ବସ୍ତା ଜବତ କରିଥିଲା। ବସ୍ତା ଭିତରୁ ୨୨ କିଲୋ ଗଞ୍ଜେଇ ଜବତ କରିଥିଲା ଏଥିସହିତ ଦୁଇ ଜଣଙ୍କ ଠାରୁ ୬୦୦ ଟଙ୍କା ନଗଦ ମଧ୍ୟ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ତମାଣ୍ଡୋ ଅଞ୍ଚଳରୁ ସାଲିଆ ସାହିକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ପୁଲିସ ସ୍ୱୀକାର କରିଥିଲେ। ନୂଆପଲ୍ଲୀ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିବା ସହ ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି।

● ବିଏମ୍‌ସିର ଟିକସ ସୁଧାର

ଘରୋଇ ସଂସ୍ଥା କରିବ ଆସେସ୍‌ମେଣ୍ଟ

ଭୁବନେଶ୍ୱର, ୧୬।୮ (ସମିସ): ବିଏମ୍‌ସିରେ ହୋଲ୍ଡିଂ ଟିକସ ଆଦାୟରେ ସଂସ୍କାର କରାଯିବ। ଆଗାମୀ ଦିନରେ ହୋଲ୍ଡିଂ ଟିକସ ଆଦାୟ ପାଇଁ ଟ୍ୟାକ୍ସ କଲେକ୍‌ଟରଙ୍କ ବଦଳରେ ଏକ ଘରୋଇ ସଂସ୍ଥା ଦ୍ୱାରା ବିଏମ୍‌ସି ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନର ଆସେସ୍‌ମେଣ୍ଟ କରିବ। ଅସେସ୍‌ମେଣ୍ଟ ଯେତେ ଅଧିକ ହେବ ସଂସ୍ଥାକୁ ସେତେ ଅଧିକ ଲାଭ ହେବ। ନ ହେଲେ କୌଣସି ଟଙ୍କା ମିଳିବ ନାହିଁ ବୋଲି ଟେଣ୍ଡର ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଏଣୁ ଆସେସ୍‌ମେଣ୍ଟ୍ ବେଳେ ଅନିୟମିତତା କିମ୍ବା ପ୍ରିୟାପ୍ରୀତି ତୋଷଣ ହୋଇ ପାରିବ ନାହିଁ ବୋଲି କୁହାଯାଇଛି।

■ ରାଜସ୍ୱ ବଢ଼ିବା ଆଶାରେ ବିଏମ୍‌ସି

ପ୍ରଫିଟ୍ ସେୟାରିଂ ବ୍ୟବସ୍ଥାରେ ବିଏମ୍‌ସି ଏବଂ ଉକ୍ତ ସଂସ୍ଥା ମଧ୍ୟରେ ଲାଭାଂଶ ବଣ୍ଟାଯିବ। ଏହି ସଂସ୍ଥା ଆସନ୍ତା ୧ବର୍ଷ ମଧ୍ୟ ରାଜଧାନୀର ସମସ୍ତ ଘରକୁ ଆସେସ୍‌ମେଣ୍ଟ କରିପାରିବ ବୋଲି ବିଏମ୍‌ସି ଲକ୍ଷ ରଖିଛି। ଏନେଇ ବିଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଅସନ୍ତା ସପ୍ତାହ ମଧ୍ୟରେ ଟେଣ୍ଡର ଖୋଲାଯିବ। ଏହାପରେ ଟେଣ୍ଡର ମିଳିଥିବା ଘରୋଇ ସଂସ୍ଥା ରାଜଧାନୀର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଏବଂ ଘର ଗୁଡ଼ିକର ଆସେସ୍‌ମେଣ୍ଟ କରିବେ ବୋଲି ବିଭାଗୀୟ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି।

କିନ୍ନରଙ୍କ ଆନ୍ଦୋଳନ ସଫଳ ହେଲା: ସଂଘ

ଭୁବନେଶ୍ୱର, ୧୬।୮ (ସମିସ): କିନ୍ନରମାନଙ୍କ ସୁରକ୍ଷା ଅଧିକାର ଆଇନ-୨୦୧୯କୁ କାର୍ଯ୍ୟକାରୀ କରିବା ସହ ସେମାନଙ୍କୁ ଚାକିରି କ୍ଷେତ୍ରରେ ସଂରକ୍ଷଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ରାଜ୍ୟ ସରକାର ପ୍ରତ୍ୟେକ ସରକାରୀ କାଗଜପତ୍ରରେ ପୁରୁଷ ଓ ମହିଳାମାନଙ୍କ ପରି ତୃତୀୟ ଲିଙ୍ଗି ଏବଂ ଅନ୍ୟାନ୍ୟ କାଟାଗୋରୀଙ୍କ ନିଯୁକ୍ତି ପାଇଁ ପ୍ରତ୍ୟେକ ଜିଲ୍ଲାପାଳ, ପବ୍ଲିକ ସର୍ଭିସ୍ କମିସନର, ସବ୍ ଅର୍ଡ଼ିନାସ୍ ଷ୍ଟାଫ୍ ସିଲେକ୍ସନ କମିଶନ, ଷ୍ଟାଫ୍ ସିଲେକ୍ସନ କମିଶନ, ଷ୍ଟେଟ୍ ସିଲେକ୍ସନ ବୋର୍ଡ଼ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏସଏସପିଡ଼ି କିନ୍ନର କମିଟିର ପୂର୍ବତନ ଅଧ୍ୟକ୍ଷ ତଥା କିନ୍ନର ମହାସଂଘର ସଭାପତି ପ୍ରତାପ କୁମାର ସାହୁ, ସ୍ୱିଟି ସାହୁ, ମେନକା ପରିଡ଼ା ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଦେଇଛନ୍ତି। ଏ ନେଇ ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ଯଦି ରାଜନୈତିକ କ୍ଷେତ୍ରରେ କିନ୍ନରମାନଙ୍କ ପାଇଁ ୫% ସ୍ଥାନ ସଂରକ୍ଷର କରନ୍ତେ ତା'ହେଲେ କିନ୍ନରମାନେ ଆହୁରି ରାଜନୈତିକସ୍ତରରେ ଦୃଢ଼ ହୋଇପାରନ୍ତେ।

'ସକାଳ' ଓ 'ନନ୍ଦିଘୋଷ ଟିଭି' କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮ (ସମିସ): ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ ଟିଭି' ର ଭଗବାନପୁରସ୍ଥିତ କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସକାଳ'ର ସିଇଓ ସୁବ୍ରତ କୁମାର ଦାସ, ପ୍ରକାଶକ ଅମିତ୍ କୁମାର ମଲ୍ଲିକ, ନନ୍ଦିଘୋଷ ଟିଭିର ସିଓଓ ଯବର ସିଂହ ପନୱର, ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜମିଶ୍ର ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ 'ସକାଳ' ବ୍ୟୁରୋ ମୁଖ୍ୟ ରଣଜିତ ମହାନ୍ତି, ମାନବସମ୍ବଳ ବିଭାଗ ମୁଖ୍ୟ ଯୀଷ୍ଣୁ ମହାନ୍ତିଙ୍କ ସମେତ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ।

ଏଜି ରିକ୍ରିଏସନ କ୍ଲବରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮ (ସମିସ): ଏଜି ଛକସ୍ଥିତ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟ, କେଶରୀ ନଗରସ୍ଥ ଅଡିଟ-୨, ପୁରୁଣା ଓ ନୂଆ ଏଜି କଲୋନୀ ତଥା ଏଜି ରିକ୍ରିଏସନ କ୍ଲବରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟ କାର୍ଯ୍ୟାଳୟଓ ପୁରୁଣା ଏଜି କଲୋନୀରେ ପ୍ରଧାନ ମହାଲେଖାକାର ଡି. ସାହୁ, ଅଡିଟ-୨ରେ ମହାଲେଖାକାର ଅତୁଲ ପ୍ରକାଶ ଏବଂ ରିକ୍ରିଏସନ କ୍ଲବ ଓ ନୂଆ କଲୋନୀରେ ପ୍ରଧାନ ମହାଲେଖାକାର (ଅଡିଟ-୧) ସୁବୁ ଆର. ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ଭରତ ଚନ୍ଦ୍ର ବେହେରା, ବିଭ୍ରାଂଶୁ ଶେଖର ନାୟକ, ସଞ୍ଜୟ କୁମାର, କୃଷ୍ଣ ଚନ୍ଦ୍ର ସାହୁ, ଏନ. ନାଗାରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷଣ ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜେଶ ସିଂହ, ଦୁଷ୍ମନ୍ତ କୁମାର ସାହୁ ଓ ଶିବନାଥ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ୟୁନିଟ୍-୮ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ

ଭୁବନେଶ୍ୱର, ୧୬।୮ (ସମିସ): ୟୁନିଟ -୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ଓ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରି ହୋଇଥିଲା। କାର୍ଯ୍ୟକ୍ରମରେ କର୍ଣ୍ଣେଲ ଶିଶିର ଘୋଷ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହା ସହିତ ଜନ୍ମାଷ୍ଟମୀ ଅବସରରେ ସାମୁହିକ ଭାଗବତ ପାଠ, ଯଜ୍ଞ, ପୂଜାର୍ଚ୍ଚନା ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ସ୍ୱଦେଶ ରଞ୍ଜନ ମିଶ୍ର, ସଭାପତି ରଘୁନାଥ ନନ୍ଦ, ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆର୍ଯ୍ୟସମାଜରେ ଶ୍ରାବଣୀ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୮ (ସମିସ): ଭୁବନେଶ୍ୱର ଆର୍ଯ୍ୟ ସମାଜରେ ଶ୍ରାବଣ ପୂର୍ଣ୍ଣିମା ଠାରୁ ୭ ଦିନ ଧରି ଚାଲୁଥିବା 'ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ'ର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଙ୍ଗ ପ୍ରିୟବ୍ରତ ଦାସ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ବେଦ ପ୍ରବକ୍ତା ଯୋଗେଶ ଶର୍ମା ଜ୍ଞାନ ପ୍ରାପ୍ତ କରିବାକୁ ବେଦରେ ପ୍ରବୃତ୍ତ ହେବାକୁ ହେବ ବୋଲି କହିଥିବା ବେଳେ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ରଗ୍‌ବେଦର ମନ୍ତ୍ର ବ୍ୟାଖ୍ୟା କରିଥିଲେ। ଆର୍ଯ୍ୟସମାଜର ଉପସଭାପତି ଙ୍ଗ ବ୍ରଜବନ୍ଧୁ ପଣ୍ଡା ବେଦାନୁକୁଳ ଆଚରଣ ହିଁ ଆନନ୍ଦର ସ୍ରୋତ ବୋଲି କହିଥିଲେ। ସମ୍ପାଦକ ବୀରେନ୍ଦ୍ର କର 'ଶ୍ରାବଣୀ ଉପାକର୍ମ' ଓ 'ବେଦ ସ୍ୱାଧ୍ୟାୟ ପର୍ବ'ର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଶନ୍ନୋଦେବୀ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ସଦସ୍ୟା ବନ୍ଦନା ମିଶ୍ର ବେଦ ମନ୍ତ୍ର ବ୍ୟାଖ୍ୟା କରିଥିଲେ। ଆୟୋଜିତ ସାମବେଦ ପାରାୟଣ ଯଜ୍ଞରେ ଯଜମାନ ଥିଲେ ଯଜ୍ଞାଶିଷ ମହାପାତ୍ର ଓ ତାଙ୍କ କନ୍ୟା। ଏହାପରେ ବୈଦିକ ଭଜନ ପରିବେଷିତ ହୋଇଥିଲା। ଛାତ୍ରୀ ସ୍ୱୟଂସିଦ୍ଧା ପଣ୍ଡା ସ୍ୱାମୀ ଦୟାନନ୍ଦଙ୍କ ଜୀବନୀ ଉପରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ

ଡାକ୍ତର ଗୋପାଳ ଚନ୍ଦ୍ର ଦାଶ, ରବିନାରୟଣ ମହାନ୍ତି, ସହ ସମ୍ପାଦକ ସୁନୀଲ କୁମାର ଦେ ପ୍ରମୁଖ ପରିଚାଳନା କରିଥିଲେ। ଆର୍ଯ୍ୟସମାଜ ବ୍ୟତୀତ ଭୁବନେଶ୍ୱରର ୭ଟି ସ୍ଥାନରେ ବେଦ ପାରାୟଣ ଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲ।

ଓଇଏସ୍ ଓ ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୧୬।୮ (ସମିସ): ଓଡ଼ିଶା ପରିବେଶ ସମିତି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ଲୋକାଲ୍ ହେଡ୍ ଅଫିସର ପୃଷ୍ଠପୋଷକତାରେ ଜଟଣୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଜ୍ୟୋତ୍ସ୍ନା ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍‌ର ଆଞ୍ଚଳିକ ପରିଚାଳକ ଭଗତ ବେହେରା ଏବଂ ଅନ୍ୟତମ ଅତିଥି ରୂପେ ବ୍ୟାଙ୍କ୍ ପରିଚାଳକ ମନୋଜ ସୋନାନୀ ଯୋଗ ଦେଇଥିଲେ। ଏଥିସହିତ ଓଇଏସ୍ ଉପସଭାପତି ଡ଼. ଲାଲା ଏକେ ସିଂହ, ଯୁଗ୍ମ ସମ୍ପାଦକ ଡ଼. ସୁରଭି ଜୈନ, ସଂଯୋଜକ ନାରଦ ବରଣ ଖୁଣ୍ଟିଆ, ସଦସ୍ୟଗଣ ଡ଼. ସୁଧାକର କର, ପର୍ଶୁରାମ ପଣ୍ଡା, ବିଶ୍ୱନାଥ ପୁହାଣ, ସ୍ୱପ୍ନା ବେହେରା ଏବଂ ରେଖା ଦାସ ଯୋଗଦେଇଥିଲେ। ଓଇଏସ୍ ସଭ୍ୟ ରମେଶ ଚନ୍ଦ୍ର ପଣ୍ଡା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରିଥିଲେ ଏବଂ ୬୦୦ରୁ ଅଧିକ ବଉଳ, ଅର୍ଜୁନ, କରଞ୍ଜ, ଅଶୋକ, ଆମ୍ବ, ପଣସ ପରି ବିଭିନ୍ନ ଜାତିର ଚାରା ରୋପଣ କରାଯାଇଥିଲା

ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟରେ ପ୍ରତି ଘରେ ତ୍ରିରଙ୍ଗା

ହଂସପାଳ, ୧୬।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପ୍ରତି ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି, ଛାତ୍ର ସଭାପତି ବ୍ରହ୍ମଲାଭ ହରିଚନ୍ଦନ, ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଡ଼ିଓ ରଶ୍ମିତା ନାଥ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପରେ ବିଧାୟକ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ପତାକା ଉତୋଳନ କରିଥିଲେ ଏବଂ ଗାନ୍ଧୀ ମୂର୍ତ୍ତି ଓ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତି ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ଅତି ସୁନ୍ଦର ଭାବରେ ପରିଚାଳନା କରିଥିଲେ। ମିଶନ ଶକ୍ତି ମା ମାନଙ୍କୁ ନେଇ ଏକ ପଦଯାତ୍ରା ବ୍ଲକ କାର୍ଯ୍ୟାଳୟରୁ ବାହାରି ଜାତୀୟ ସ୍ଲୋଗାନ ଏବଂ ସଙ୍ଗୀତ ସହ ଟଙ୍କପାଣି ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ।

କୃଷ୍ଣ ସିଂହଙ୍କୁ 'ମଧୁଲିତା' ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ

ଭୁବନେଶ୍ୱର, ୧୬।୮ (ସମିସ): ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ସ୍ୱତନ୍ତ୍ର ସଂଖ୍ୟା ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବର୍ଷିୟାନ୍ ଭୂଦାନ ଓ ସର୍ବୋଦୟ ନେତା, ବିଶିଷ୍ଟ ଶିକ୍ଷାବିତ୍, ସମାଜ ସଂସ୍କାରକ, ବରିଷ୍ଠ କବି ଓ ଲେଖକ ତଥା କୋରାପୁଟର ଗାନ୍ଧୀ ଭାବେ ସୁ-ପରିଚିତ କୃଷ୍ଣ ସିଂହଙ୍କୁ ୨୦୨୫ ମସିହା ପାଇଁ "ମଧୁଲିତା ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ"

ଭୁବନେଶ୍ୱର ସିଟି

ଗଳିଗଳିରେ ଉଡ଼ିଲା ତ୍ରିରଙ୍ଗା ପତାକା

ଭୁବନେଶ୍ୱର, ୧୬।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଛି । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୃକ୍ଷ ଚାରାରୋପଣଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା ।

ହାଇଟେକ ପ୍ଲାଜା ଆନେକ୍ସ

ହାଇଟେକ୍ ପ୍ଲାଜା ଅନେକ୍ସ, ସୁନ୍ଦରପଦାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ସମାଜସେବୀ ରଶ୍ମୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସୋସାଇଟି ତତଫରୁ ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନା ଦାସ, ଆର କେ ମିଶ୍ର, ଏଲ୍ ପି ମହାନ୍ତି, ସବ୍ୟସାଚୀ ମିଶ୍ର, ଆର କେ ସୁବୁଦ୍ଧି, ନିରଞ୍ଜନ ପଣ୍ଡା, ହରିବନ୍ଧୁ ସାହୁ, କେ.ସି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିସହିତ ସୋସାଇଟି ପରିସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଏବଂ ଏହାର ପଦକ୍ଷେପ ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା । ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

ନାଲ୍‌କୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ଦେଶର ସମସ୍ତ ୟୁନିଟ୍ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟଗୁଡ଼ିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କର୍ପୋରେଟ୍ କାର୍ଯ୍ୟାଳୟରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ପତାକା ଉତ୍ତୋଳନ କରିଥିଲେ । ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମଡି ଶ୍ରୀ ସିଂହ ନାଲକୋ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଦେଶ ପ୍ରତି ସେମାନଙ୍କର ସମର୍ପଣକୁ ସୁଦୃଢ଼ କରିବା ସହ, ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଏବଂ ଉତ୍କର୍ଷତାର ପରବର୍ତ୍ତୀ ସ୍ତରରେ ପହଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ । ନାଲକୋ ସିଏସଆର କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ପିଲାମାନଙ୍କ ନିମନ୍ତେ ପରିଚାଳିତ ଆବାସିକ ଶିକ୍ଷା କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁଷ' ର ଛାତ୍ରଛାତ୍ରୀ ମାନେ ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । କିସ୍ ବିଦ୍ୟାଳୟରୁ ଆସିଥିବା ଏହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାଭେବାଧକ ଏବଂ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

ଓଡିଏମ୍ ପବ୍ଲିକ୍ ସ୍କୁଲ

ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନସିସି ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଯୁଗ୍ମ ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୌମ୍ୟରଞ୍ଜନ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟ କାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଅତିଥିଙ୍କୁ ସମ୍ମାନିତ କରିବା ସହ ବିଜେତା ହାଉସକୁ ପୁରସ୍କୃତ କରିଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆଭିତ୍ରାଣ ମିଶ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଶେଷରେ ପିଲାମାନଙ୍କ ଦ୍ୱାରା ଦେଶାଭାବାଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସୁନ୍ଦରପଦା

ସୁନ୍ଦରପଦାସ୍ଥ ଗୋଖିବାବା କ୍ଲବରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ନୀଳମଣି ମିଶ୍ର ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପରେଶ କୁମାର ମିଶ୍ର ପତାକା ଉତ୍ତୋଳନ କରିଥିଲେ । ସେହିପରି ନୃସିଂହ ଦାସ ମୁଖ୍ୟବକ୍ତା ଭାବେ ଓ ମୁରଲୀ ମନୋହର ପାତ୍ରଙ୍କୁ ମଞ୍ଚ ପରିଚାଳନା କରିଥିଲେ । କ୍ଲବର ସମ୍ପାଦକ ମନୋଜ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଯଶୋଦା ମା ଫାଉଣ୍ଡେସନ

ଅନ୍ଧାରୁଆ ପାଖ ଚୂନକୋଳି ବସ୍ତିରେ ଯଶୋଦା ମା ଫାଉଣ୍ଡେସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଫାଉଣ୍ଡେସନର ଅଧ୍ୟକ୍ଷା ନିବେଦିତା ଲେଙ୍କା ଏବଂ ରୋଟାରୀ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ ।

ବିଜେଇଏମ୍ ସ୍କୁଲ ପତାକା ଉତ୍ତୋଳନ

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ଯୋଗ ଦେଇ ପତାକା ଉତ୍ତୋଳନ କରି କରିଥିଲେ । ବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ୱାମିନାରା ଦିଆଯାଇଥିଲା । 'ନୂଆ ଭାରତ' ବିଷୟକୁ ନେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବିଜେ ଏଜୁକେସନ୍ ସୋସାଇଟି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଲାୟନ୍ସ କ୍ଲବ୍ ଭୁବନେଶ୍ୱରର ସଭାପତି ଲାୟନ୍ ପ୍ରଶାନ୍ତ କୁମାର ପରିଡ଼ା, ଲାୟନ୍ସ କ୍ଲବ୍‌ର ସଦସ୍ୟ, ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ବିଦ୍ୟାଳୟର କ୍ୟାପ୍‌ଟେନ୍ ସ୍ୱଙ୍ଗ ରାୟ ଚୌଧୁରୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ଭାଇସ୍ କ୍ୟାପ୍‌ଟେନ୍ ହରିଓମ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋଲକପୁରୀ ଉଡ଼ିଲା ତ୍ରିରଙ୍ଗା ଝଣ୍ଡା

ଭୁବନେଶ୍ୱର ମହାନିଗମସ୍ଥିତ ଗୋଲକପୁରୀଠାରେ ସେଠିକାର ବାସିନ୍ଦାମାନଙ୍କର ସହଯୋଗରେ ଶୁକ୍ରବାର ୭୯ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏହି ଉତ୍ସବରେ ସମସ୍ତ ବରିଷ୍ଠ କନିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଜ୍ୟୋତିର୍ବିଦ୍ ପ୍ରମୋଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ଏବଂ ଭୁବନେଶ୍ୱର ମହାନଗର ନିଗମ ଅଧିକାରୀମାନଙ୍କର ନୂତନ ରାସ୍ତା ନିର୍ମାଣ ଗମନାଗମନର ସୁବିଧାକୁ ପ୍ରଶଂସା କରିଥିଲେ । ଜଳ ହିଁ ଜୀବନ, ସରକାରଙ୍କର ପ୍ରତ୍ୟେକ ବାସଗୃହକୁ ଧାରାବାହିକ ଭାବରେ ଯେଉଁ ଜଳ ଯୋଗାଣ ପ୍ରକଳ୍ପର ଯୋଜନା କରାଯାଇଛି, ତାକୁ ତୁରନ୍ତ ଗୋଲକପୁରୀରେ ଥିବା ସମସ୍ତ ବାସିନ୍ଦାଙ୍କୁ ଜାରୁରିକାଳୀନ ପରିସ୍ଥିତିରେ ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ଗୋଲକପୁରୀ ବାସିନ୍ଦାଙ୍କ ସଭାପତି ଗୀତାଞ୍ଜଳି ରଥ ସମସ୍ତଙ୍କର ସହଯୋଗ ପାଇଁ ଅନୁରୋଧ କରିଥିଲେ ।

ନିଖିଳ ଓଡ଼ିଶା ପାଇକ ମହାସଂଘ

ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ସ୍ୱାଧୀନତା ଦିବସ କଳ୍ପାନସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇ ଯାଇଛି । ମହାସଂଘର ରାଜ୍ୟ ସଭାପତି ଡଃ. ଅଶୋକ କୁମାର ପାଲଟାସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ପାଇକ ଗୁରୁ ତଥା ରାଜ୍ୟ ସଂଯୋଜକ କେଦାର ନାଥ ଦାସ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ପାଇକ ବିଦ୍ରୋହକୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ରାଜ୍ୟ ସଭାପତି ଶ୍ରୀ ପଲଟାସିଂହ ଦାବି କରିଥିଲେ । ପାଇକ ପରମ୍ପରା ଅନୁଯାୟୀ ସୁକାନ୍ତ ଷଣ୍ଢ ତାଙ୍କୁ ସାମରିକ ଅଭିବାଦନ ପ୍ରଦାନ କରିଥିଲେ । ପାଇକ ରାଣୀ ସସ୍ମିତା ମଙ୍ଗରାଜ ଯୋଗ ଦେଇଥିବା ବେଳେ କୃଷକ ନେତା ଗୋବିନ୍ଦ ଜେନା, ରମେଶ ଚନ୍ଦ୍ର ପାତଳାସିଂହ, ସମରଜିତ୍ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

୩୪ ନମ୍ବର ୱାର୍ଡ

ସତ୍ୟନଗର ଉନ୍ନୟନ ଓ ସାଂସ୍କୃତିକ ପରିଷଦ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମେୟର ସୁଲୋଚନା ଦାସ, କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ, ବାସୁଦେବ ଷଡଙ୍ଗୀ, ଅନୁଷ୍ଠାନର ସଭାପତି ଲୋକନାଥ ପଣ୍ଡା, ସମ୍ପାଦକ ରାଜେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ । ରାଜ୍ୟସ୍ତରୀୟ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାବୋଧ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଛି । ନିବେଦିତା ଭଞ୍ଜ ଧନ୍ୟବାଦ ଦେଇଥିଲେ ।

ଏଆଇଟିୟୁସି

ଏଆଇଟିୟୁସି ରାଜ୍ୟ ଅଫିସରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ଉତ୍ସବରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଜାତୀୟ ପତାକା ଉତ୍ତୋଳନ କରି ଦେଶର ସମ୍ବିଧାନକୁ ରକ୍ଷା କରିବା ପାଇଁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବା ସକାଶେ ଆହ୍ୱାନ ଜଣାଇଥିଲେ ।

ବସ୍ତି ଉନ୍ନୟନ ମହାସଂଘ

ନିଖିଳ ଓଡ଼ିଶା ବସ୍ତି ଉନ୍ନୟନ ମହାସଂଘ ପକ୍ଷରୁ ନୀଳକଣ୍ଠ ନଗର ମୁଣ୍ଡା ବସ୍ତିଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ସୁର ଜେନା ପତାକା ଉତ୍ତୋଳନ କରି ଶ୍ରମିକ-ବିରୋଧୀ ଶ୍ରମ ଆଇନ ଓ ଲେବରକୋଡ୍ ପ୍ରତ୍ୟାହାର ସହିତ ବସ୍ତିବାସିନ୍ଦାମାନେ ସଂଗଠିତ ହୋଇ ବସ୍ତି ଉଚ୍ଛେଦ ବିରୋଧରେ ସଂଗ୍ରାମ ଚଳାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଦେବ ସାହୁ, ସନ୍ତୋଷ ନାୟକ, ଅର୍ଜୁନ ସେଠୀ ଓ ଚିତ୍ରସେନ ବେହେରା, ବୁଧୁଆ ଦାସ, ଡାକ ହେମ୍ବ୍ରମ୍ ଓ ନାନିକା ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ

ଉତ୍କଳ ଦୃଷ୍ଟିହୀନ ସଂଘର ଭାବଗ୍ରାହୀ ଆଦର୍ଶ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ଦିବ୍ୟାଙ୍ଗ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ୮୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାବୁନ, ସର୍ଫ, କେଶ ତେଲ, ବ୍ରସ୍, ପେଷ୍ଟ୍, ଲୁଗାଧୁଆ ସାବୁନ ଆଦି ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ ହସପିଟାଲରେ କାର୍ଯ୍ୟରତ ଡାକ୍ତର ଜଶ କୁମାର ସାହୁ, ୟୁଏସଆଇ ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ, ସଦସ୍ୟ ସତ୍ୟାନନ୍ଦ ନାୟକ, ମ୍ୟାନେଜିଂ ଟ୍ରଷ୍ଟି ଡ. ରଶ୍ମୀରେଖା ସାହୁ, ସଂଗଠନର ଅଧ୍ୟକ୍ଷ ବନୋଜ ତ୍ରିପାଠୀ, ଆବାହକ ପ୍ରତିକ୍ଷା ମିଶ୍ର, କୋଷାଧ୍ୟକ୍ଷ ଅତୁଲବାଳା ଦାସ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ସିଂ ପରିଚାଳନା କରିଥିଲେ ।

ରାଜଭବନ

ରାଜଭବନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଶୁକ୍ରବାର ସକାଳେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଆରକ୍ଷୀ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସଲାମି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ । (ସୁମିତ୍ରା)

ସୁରେନ୍ଦ୍ରସାଏ ବିଦ୍ୟାମନ୍ଦିର

ଭିଏସ୍‌ଏସ୍ ନଗରସ୍ଥିତ ସୁରେନ୍ଦ୍ରସାଏ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କର୍ପୋରେଟର ପ୍ରଭାସିନୀ ମହାନ୍ତି ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାସହ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ସାଏଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଂଶୀଧର ବାରିକ, ସମ୍ପାଦକ ବିପିନି ବିହାରୀ ରାୟ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରାଉତ କର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଚାଳନା କମିଟିର ଅନ୍ୟ ସଭ୍ୟ ସୁରେଶ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦେହୂରୀ, ଦେବରାଜ ଭୋଇ, ପ୍ରଦୀପ ସ୍ୱାଇଁ, ସାମ୍ବାଦିକ ନିମାଇଁ ଚରଣ ଦାସ ଉପସ୍ଥିତ ଥିଲେ ।

ଓୟୁଟିଆର

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଆଶିଷ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍

ସ୍ୱାଧୀନତା ଦିବସ ଅବସରରେ ଇନ୍ଦିରାପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଆଧ୍ୟାତ୍ମିକବାଦୀ ସ୍ୱାମୀଜୀ ନିତ୍ୟାନନ୍ଦ ସାହୁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମର୍ଣ୍ଣିଂ ୱାକର୍ସ ଆସୋସିଏସନର ଆବାହକ ଶକ୍ତିରଞ୍ଜନ ମହାନ୍ତି ଏବଂ ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥଶର୍ମା, ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରବୀର କୁମାର ଦାସ, ଦିଲ୍ଲୀପ କୁମାର ପାଢ଼ୀ, ସିଦ୍ଧାର୍ଥ ସାମଲ, ଅନୀଲ ପଣ୍ଡା, ମୋହନ ପ୍ରଧାନ ପ୍ରମୁଖ ଆସୋସିଏସନର ସଦସ୍ୟମାନେ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

ଜେଏମ୍ ସ୍କୋର୍ଟସ ଏକାଡେମୀ

ଜେଏମ ସ୍କୋର୍ଟସ ଏକାଡେମୀର ୧୨ ତମ ପ୍ରତିଷ୍ଠା ଦିବସ ଓ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ମହେଶ୍ୱର ବେହେରା, ସମ୍ମାନୀତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟା ଶ୍ରଦ୍ଧାଞ୍ଜଳି ଶତପଥୀ, ସଭାପତି ମୂରଲୀଧର ଦଳବେହେରା ଯୋଗ ଦେଇଥିଲେ । ଏକାଡେମୀର ଅଧ୍ୟକ୍ଷା ମୀରା ରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଯଶୋବନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ପ୍ରଶାନ୍ତ ମହାନ୍ତି, ରବି ନାରାୟଣ, ଅମରେଶ୍ୱର ପରିମାଣିକ ଆଦି ଏଥିରେ ସହଯୋଗ କରିଥିଲେ । ଏଥିରେ ଚକେଇସିଆଣି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ସହ ଗୁରୁଜୀ ଓ ଗୁରୁମା ଯୋଗ ଦେଇଥିଲେ ।

ଯାଁଳା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ

ଯାଁଳା: ଯାଁଳା ଓ ଏହାର ଆଖପାଖ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ଅନୁଷ୍ଠାନ ମାନଙ୍କରେ ୭୯ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯାଁଳା, ଗଙ୍ଗପଡ଼ା, ଅଙ୍ଗାରପଡ଼ା, ମଦନପୁର, ନଁପୁଟ, ଛତାବର ଆଦି ପଞ୍ଚାୟତ ଗୁଡିକରେ ସରପଞ୍ଚ ମାନେ ପତାକା ଉତ୍ତୋଳନ କରିଥିଲେ । ସେହିଭଳି ଯାଁଳା ଶିଶୁବିକାଶ ବିଦ୍ୟାଳୟରେ ସାମ୍ବାଦିକ ବୁଲା ବାରିକ ସତ୍ୟବା

୭୯ତମ ସ୍ୱାଧୀନତା ଦିବସରେ ସବୁଠି ତ୍ରିରଙ୍ଗାର ଉତ୍ସାହ

ନିଶ୍ଚିନ୍ତକୋଇଲି, ୧୬।୮ (ସମିସ): ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ଅଶୋକ ମହାନ୍ତିଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୋଜି ସେଠୀ ଜାତୀୟପତାକା ଉତ୍ତୋଳନ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀ ମହାପାତ୍ର ଓ ସତ୍ୟଭାମା ବିଶୋଇଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୂର୍ବତନ ସମିତିସଭ୍ୟ ଜ୍ୟୋତିପ୍ରକାଶ ସ୍ୱାଇଁ, ବହୁ ସମିତିସଭ୍ୟ ସଭ୍ୟା ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସଭାପତି ଶରତଚନ୍ଦ୍ର ଦାଶଙ୍କ ସଂଯୋଜନାରେ ବରିଷ୍ଠ ସଭ୍ୟ ରମେଶଚନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ନବଉତ୍କଳ ଲେଖକ ପରିଷଦ ଓ ଉର୍ବୀ ପତ୍ରିକା ତରଫରୁ ଶୀଖରକବି ଶ୍ରୀଧରଶେଖର ମହାପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ପ୍ରବାଚକ ଶରତଚନ୍ଦ୍ର ରଥ ଯୋଗ ଦେଇଥିବା ବେଳେ ସାହିତ୍ୟିକ ଶାରଦାପ୍ରସାଦ ମିଶ୍ରଙ୍କ ସମେତ ବହୁ ଲେଖକ, କବି ଓ ଜନସାଧାରଣ ଉପସ୍ଥିତ ଥିଲେ। ନବ ସରସ୍ୱତୀ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ସଭାପତି ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ଦ୍ୱାରା ଜାତୀୟପତାକା ଉତ୍ତୋଳନ ହେବା ପରେ ଛାତ୍ରଛାତ୍ରଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସମ୍ପାଦକ କ୍ଷୀରୋଦ ଦାସ, ନିରଞ୍ଜନ ସାହୁ, ପ୍ରଭାକର ଦାସ, ଦେବେନ୍ଦ୍ର ଲେଙ୍କା ଓ ଗଂଜନ ବେହେରା ଯୋଗ ଦେଇଥିଲେ। ସେହିପରି ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ଓଝା ଏବଂ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିମାଇଁଚରଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଳିଆ କାଶିପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପରିଡ଼ା ଜାତୀୟପତାକା ଉତ୍ତୋଳନ କରିଥିଲା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ଅଧକ୍ଷା ଡ. ତରୁଲତା ଦେବୀ ପତାକା ଉତ୍ତୋଳନ କରିଥିଲା ବେଳେ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ. ପୁଷ୍ପିତା ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ ପଣ୍ଡା ପତାକା ଉତ୍ତୋଳନ କରିଥିଲା ବେଳେ ସମ୍ପାଦକ ଜୀବନାନନ୍ଦ ଦାଶଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

ସେହିପରି ସୁକରପଡ଼ା ପଞ୍ଚାୟତ ଏବଂ ସେବା ସମବାୟ ସମିତି ଆନୁକୂଲ୍ୟରେ ସରପଞ୍ଚ ମନୋଜ ମଲିକଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଶିକ୍ଷାବିତ୍ ପ୍ରଭାତ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ଏବଂ ଜାତୀୟ ସଂଗୀତ ଓ ଦେଶାତ୍ମବୋଧ ସଂଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣୀ ସଭାରେ ସମବାୟବିତ୍ ଅକ୍ଷୟ ଘଡ଼ାଇ, ସମିତିର ସଭାପତି ସେକ୍ ସଲ୍ଲାଉଦ୍ଦିନ୍, ସମ୍ପାଦକ ଜିତେନ୍ଦ୍ର ଘଡ଼ାଇ, ସମାଜସେବୀ ସେକ୍ ମହମ୍ମଦ ଇବ୍ରାହିମ୍, ସେକ୍ ବୁରାନ୍ ପ୍ରମୁଖ ଯୋଗ ଦେଇଥିଲେ।

ନିଆଳି: ଏବିଏସ୍ ଅକ୍ସଫୋର୍ଡ ସ୍କୁଲ, ନିଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିଆଳି ସରକାରୀ ହାଇସ୍କୁଲ, ନିଆଳି ନୀଳମଣି ହାଇସ୍କୁଲ, ନରିଶୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ବଜାର ପରିକ୍ରମା କରିଥିଲେ। ନିଆଳି ତହସିଲ କାର୍ଯ୍ୟାଳୟରେ ତହସିଲଦାର ତାରେଣୀ ଗଂଜନ ରାୟ ପତାକା ଉତ୍ତୋଳନ କରିଥିବା ବେଳେ ନିଆଳି ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧକ୍ଷ ଉମେଶ ବେହେରା ପତାକା ଉତ୍ତୋଳନ କରିଥିଲେ। ବିଡିଓ ଧର୍ମଗଂଜନ ପଣ୍ଡା ଓ ସହକାରୀ କନିଷ୍ଠଯନ୍ତ୍ରୀ ରାମରତନ ଭୂୟାଁ ଉପସ୍ଥିତ ଥିଲେ। ନିଆଳି ଜଳସେଚନା ଉପଖଣ୍ଡ କାର୍ଯ୍ୟାଳୟରେ ଏସ୍‌ଡିଓ ସୁଧାକର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ଯନ୍ତ୍ରୀ ଜ୍ୟୋତିରଂଜନ ନାୟକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ନିଆଳି ଥାନା ଓ ଏବିଏସ୍ ଅକ୍ସଫୋର୍ଡ ସ୍କୁଲରେ ନିଆଳି ଥାନାଧିକାରୀ ବିଜୟ କୁମାର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ଏସ୍‌ଏନ୍ ନବୀନ୍, ପହଙ୍ଗା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ପହଙ୍ଗା ହାଇସ୍କୁଲରେ ସମାଜସେବୀ ଶଶୀକାନ୍ତ ଲେଙ୍କା ପତାକା ଉତ୍ତୋଳନ କରିଥିଲେ। ପହଙ୍ଗା ସୁଭାଷ ବୋଷ ମେମୋରିଆଲ୍ ଟ୍ରଷ୍ଟରେ ସମାଜସେବୀ ଦେବାଶିଷ ବାରିକ୍ ପତାକା ଉତ୍ତୋଳନ କରିଥିବା ବେଳେ ପହଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରିଚାଳନା କମିଟି ସଭାପତି ପ୍ରଭାକର ରାଉତ ପତାକା ଉତ୍ତୋଳନ କରିଥିଲେ। ସେହିପରି ସ୍ୱାଧୀନତା ଦିବସରେ ଜନ୍ମାଷ୍ଟମୀ ପଡିଥିବାରୁ ନିଆଳି ଅଞ୍ଚଳର ସମସ୍ତ ଶିଶୁ ମନ୍ଦିରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରଦର୍ଶନ କରାଯାଇଥିଲା।

କଣ୍ଟାପଡ଼ା: କଣ୍ଟାପଡ଼ା ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ଜୀନା ଭୋଇ, ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ସହ ଏସ୍ ଭି ନିରତାରରେ ନିର୍ଦ୍ଦେଶକ ଡ. ପତିତ ପାବନ ମହାନ୍ତି, ଗୋବିନ୍ଦପୁର ମହାବିଦ୍ୟାଳୟରେ ପିଜି କାଉନସିଲ ଅଧକ୍ଷ ଡ ଗଗନ ବିହାରୀ ବେଉରା, କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କିରନ ହେମ୍ବ୍ରମ୍, ଓଲଟପୁର ଥାନାରେ ଆଇଆଇସି କାଦମ୍ବିନି ପରିଡା, ଗୋବିନ୍ଦପୁର ଥାନାରେ ଓଆଇସି ସୋନିଲା ଆନନ୍ଦ, ବ୍ରାହ୍ମଣବାଟୀ ପଞ୍ଚାୟତରେ ସରପଞ୍ଚ ସଞ୍ଜୟ ରାଉତରାୟ, ବାଗଲପୁର ପଞ୍ଚାୟତରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଏବଂ ଓଲଟପୁର ଥାନା ଦେଉଳିସ୍ଥିତ କଳିଙ୍ଗ ପୂର୍ବତନ ସାମରିକ ସଂଘ କାର୍ଯ୍ୟାଳୟରେ ସଭାପତି ଭେଟରାନ ଶ୍ରଦ୍ଧାନନ୍ଦ ଦାଶ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଟାଙ୍ଗୀ: ଟାଙ୍ଗୀ ଅଞ୍ଚଳରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବିଡିଓ ଏନ୍ ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ଅଧକ୍ଷତାରେ ପଞ୍ଚାୟତସମିତି ଅଧକ୍ଷା ମିନାକ୍ଷୀ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ ଥାନାରେ ଆଇଆଇସି ଶିବପ୍ରସାଦ ଭଦ୍ର ପତାକା ଉତ୍ତୋଳନ କରିଥିଲେ। ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନୂଆ କ୍ୟାମ୍ପସ ପରିସରରେ ଅଧକ୍ଷ ତ୍ରିଦେବ ବେହେରା ପତାକା ଉତ୍ତୋଳନ କରିଥିଲେ। ସ୍ୱାଭିମାନ ସେବା ସଂଘ ସଙ୍କପୁର ପରିସରରେ ସମ୍ପାଦକ ଦୁଷ୍ମନ୍ତ ସାହୁଙ୍କ ଅଧକ୍ଷତାରେ ସଭାନେତ୍ରୀ ଅନୁରାଧା ନାୟକ ପତାକା ଉତ୍ତୋଳନ କରିଥିଲେ। ସେହିପରି କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଗଙ୍ଗାଧର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁବାସଚନ୍ଦ୍ର ବେହେରା, ମଧୁସୂଦନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

କିଶନନଗର: କିଶନନଗର ତହସିଲସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଏନ୍‌ବିଓସି (ଜାତୀୟ ଦିବସ ପାଳନ କମିଟି) ପକ୍ଷରୁ ଅଧକ୍ଷ ତଥା ତହସିଲଦାର କ୍ଷୀରୋଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖିଜର ହୁସେନ ପ୍ୟାରେଡ ପରିଚାଳନା କରିଥିଲେ। ସରପଞ୍ଚ ସୁଜାତା ସେଠୀ, ଉତ୍କଳ ବିକାଶ ପରିଷଦର ସଭାପତି, ଜଂ ପ୍ରଭାତ ସେଠୀ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ଖିତିନ୍ଦ୍ର ମିତ୍ର, ଅଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ମହମ୍ମଦ ଆସଫାକ, କାଙ୍ଗାଳି ଚରଣ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମୀ, ଜନସାଧାରଣ ଯୋଗ ଦେଇଥିଲେ। ସେହିପରି ବାର୍‌ଦା ମା' ଆମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୁଦାମ କୁଟୀର ନିକଟରେ ମଞ୍ଚର ସଭାପତି ନାରାୟଣଚନ୍ଦ୍ର ସିନା ପତାକା ଉତ୍ତୋଳନ କରିଥିଲେ।

ସେହିପରି କଟକ ସଦର ପକ୍ଷରୁ କନ୍ଦରପୁର ଓଝା ମାର୍କେଟ କମ୍‌ପ୍ଲେକ୍ସରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ବାଲିସାହି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମଞ୍ଚର ସଭାପତି ଦୁଃଶାସନ ବେହେରା ସଭାପତିତ୍ୱ କରିଥିଲେ।

ତ୍ରିଶୂଳିଆ: ତ୍ରିଶୂଳିଆ ଛକ ବଜାର କମିଟି ସଭାପତି ଅଜୟ ମୁଦୁଲିଙ୍କ ଅଧକ୍ଷତାରେ ନୂତନ ବସଷ୍ଟାଣ୍ଡରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। କ୍ଲଷ୍ଟର ଶିକ୍ଷକ ବାବୁଲି ଜେନା, ଶିଶୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ବହୁ ବୃଦ୍ଧିଜୀବୀ, ବଣିକ ସଂଘ ଉପସ୍ଥିତ ଥିଲେ। ସେହିପରି ବାରଙ୍ଗ ଅଗ୍ନିଶମ ବାହିନୀର ନରଣପୁର କାର୍ଯ୍ୟାଳୟରେ ସୋମନାଥ ସାହୁଙ୍କ ନେତୃତ୍ୱରେ, ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ. ତୁଷାର ଜ୍ୟୋତିରଞ୍ଜନଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ବାରଙ୍ଗ ବ୍ଲକ୍ ପରିସରରେ ଅଧକ୍ଷା ସାବିତ୍ରୀ ଦଳାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ସ୍ୱାଗତ ଦାସ, ଅତିରିକ୍ତ ବିଡିଓ ବିଜୟକେତନ ଚୌଧୁରୀ ସାରଦ ପ୍ରସନ୍ନ ଦାଶ, ମିଶନଶକ୍ତି ମହିଳା ସଂଗଠନ ମହିଳା ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ। କୁହେଇଁପଡା ପଞ୍ଚାୟତ କାର୍ଯ୍ୟାଳୟରେ ରିତାଞ୍ଜଳି ସାମଲଙ୍କ ଉପସ୍ଥିତିରେ ସମାଜସେବୀ ଉପେଶ ପାଳ ପତାକା ଉତ୍ତୋଳନ କରିଥିଲେ। ସମିତି ସଭ୍ୟ ପ୍ରଚିନା ଦାସ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବାରଙ୍ଗ ଥାନା ପରିସରରେ ଥାନଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସୁଦର୍ଶନ ସେଠୀ, ଜ୍ୟୋତ୍ସ୍ନା ପଟ୍ଟନାୟକ, ସଞ୍ଜୟ ହାଁସଦା, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାରଙ୍ଗ ଶାଖା କାନାରା ବ୍ୟାଙ୍କରେ ପରିଚାଳକ ଚିନ୍ମୟ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଝୁନ୍ ଝୁନ୍ ୱଲା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ନେତୃତ୍ୱରେ ୭୯ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅନ୍ୟପକ୍ଷରେ, ମୁଣ୍ଡଳିସ୍ଥିତ ସିଆଇଏସଏଫରେ ମୁଖ୍ୟଅତିଥି ଭାବେ

ସିଆଇଏସଏଫର ନିର୍ଦ୍ଦେଶକ ତଥା ଆଇପିଏସ ରାଜବିନ୍ଦର ସିଂହ ଭାଟି ପତାକା ଉତ୍ତୋଳନ କରିଥିଲେ। ସେହିପରି ୩ୟ ବାଟାଲିୟନ୍ ଏନ୍‌ଡିଆରଏଫ ଦୁର୍ଗପତି ବର୍ଦ୍ଧମାନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧିକାରୀ ଧନଞ୍ଜୟ କୁମାରଙ୍କ ସହିତ ଅନ୍ୟ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବାରଙ୍ଗ ପ୍ରେସ କ୍ଲବ୍ ଉପସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ କୋଷାଧକ୍ଷ ପ୍ରକାଶଚନ୍ଦ୍ର ସାହୁ, ସମ୍ପାଦକ ତ୍ରିଲୋଚନ ଦାସ, କମଳାକାନ୍ତ ନାୟକ, ତାପସ ଜେନା, ଅନନ୍ତ ସ୍ୱାଇଁ, ଗୌତମ ରାଉତ, ଜିତେନ୍ଦ୍ର ସାସମଲ ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ।

ଚୌଦ୍ୱାର: ମ୍ୟୁନିସିପାଲ ହାଇସ୍କୁଲରେ ବିଧାୟକ ସୌଭିକ ବିଶ୍ୱାଳ ପତାକା ଉତ୍ତୋଳନ କରିବା ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଓ ସ୍ଥାନୀୟ ନାଗରିକ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ବିଶ୍ୱାଳ ପରେଡ୍ ଦଳକୁ ପୁରସ୍କୃତ କରିବା ସହ ୫୭ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେହିପରି ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପତାକା ଉତ୍ତୋଳନ କରିଥିଲେ। ଚୌଦ୍ୱାର ମହାବିଦ୍ୟାଳୟରେ ଅଧକ୍ଷା ରଶ୍ମି ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଲଙ୍ଗା କାରଖାନାରେ ଉପସଭାପତି ବିନୟ ଅଗ୍ରୱାଲ ପତାକା ଉତ୍ତୋଳନ କରିଥିଲେ। ଶିଶୁ ସଦନରେ ମୁଖ୍ୟ ଦାମୋଦର ସାହୁ ପତାକା ଉତ୍ତୋଳନ କରିବା ସହିତ ଜନ ସେବକ ହସପିଟାଲ ଓ ଗାନ୍ଧୀଛକସ୍ଥିତ ଜାଭିୟର୍ସ ହାଇସ୍କୁଲରେ ପତାକା ଉତ୍ତୋଳନ କରିଥିଲେ। ଚୌଦ୍ୱାର ଥାନାରେ ଅଇଆଇସି ବିଶ୍ୱରଞ୍ଜନ ସାହୁ ପତାକା ଉତ୍ତୋଳନ କରିଥିଲେ। ପ୍ରେସ କ୍ଲବରେ କ୍ଲବ ସଭାପତି ତଥା ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କ୍ଲବ ଉପଦେଷ୍ଟା ଅଧାପକ ସୌରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେମଚାନ୍ଦ ନାୟକ, ଡା. ଅଖତାର ହୋସେନ, ଶିକ୍ଷାବିତ୍ ଶିବପ୍ରସାଦ ପତି, ସାମ୍ବାଦିକ ଗଙ୍ଗାଧର ସାହୁ, ଆଶୁତୋଷ ଦାସ, ପ୍ରକାଶ ନାୟକ, ଅଜିତ ସ୍ୱାଇଁ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ବିମଳ ବେଉରା, ଲକ୍ଷ୍ମୀପ୍ରିୟା ଜେନା, ବିଶ୍ୱଜିତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସେକ୍ ଗୁଲଫାମ ଓ ଏସ୍.କେ.ମୁଜାମିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଠଗଡ଼: ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆଠଗଡ ଷ୍ଟାଡିୟମଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ମହାସମାରୋହରେ ପାଳିତ ହୋଇଛି। ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ପ୍ରହ୍ଲାଦ ନାରାୟଣ ଶର୍ମା ମୁଖ୍ୟଅତିଥି ଭାବେ ପତାକା ଉତ୍ତୋଳନ ପୂର୍ବକ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୩୮ ଜଣ କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ପରେଡ୍ ଦଳ, ବିଭିନ୍ନ ସେବାକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବା ସହ ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ସ୍ମୃତି ସମ୍ମାନରେ ଜଣେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୨ ପ୍ଲାଟୁନ ପରେଡରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି, ଭାରପ୍ରାପ୍ତ ଥାନାଧିକାରୀ ସୁମତୀ ମହାନ୍ତି, ଆଠଗଡ ଚିକିତ୍ସାଳୟର ଅଧିକାରୀ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଆଠଗଡର ସମସ୍ତ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ, ଆଠଗଡ ବହୁ ଜନସାଧାରଣ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ସୂଚନା ଓ ଲୋକସଂପର୍କ ଅଧିକାରୀ ତାପସ ଓଝା ପରିଚାଳନା କରିଥିବା ବେଳେ ପୂର୍ବତନ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

ଆଠଗଡ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଆଠଗଡ ସହକାରୀ ଜିଲ୍ଲାପାଳ ମାନସ କୁମାର ବେହେରା ମୁଖ୍ୟ ଅତିଥିଭାବେ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଆଠଗଡ଼ ସାମ୍ବାଦିକ ସଙ୍ଘର ସମ୍ପାଦକ ବିଭୁତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ସନାତନ ରାୟ, ସର୍ବେଶ୍ୱର ପଣ୍ଡା, ଯଶୋବନ୍ତ ବାରିକ, ସତ୍ୟପ୍ରକାଶ ରଥ, ପତିତପାବନ ରାଉତ, ବିଷ୍ଣୁପ୍ରସାଦ ଦାସ, ଶୈଳେନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମହାପାତ

ଗଜପତି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

'ବ୍ରିଟିଶ ବିରୋଧରେ ହୀରାମଣିଙ୍କ ଲଢ଼େଇ ଆମ ପାଇଁ ଆଦର୍ଶ'

ପାରଳାଖେମୁଣ୍ଡି, ୧୬।୮ (ସମିସ)

ଗଜପତି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡ଼ିୟମରେ ପାଳନ କରାଯାଇଥିଲା। ବାଣିଜ୍ୟ ଓ ପରିବହନ, ଇସ୍ପାତ୍ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ୧୯୯୨ ଅକ୍ଟୋବର ୨ରେ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିଥିବା ଐତିହ୍ୟ ସମ୍ପନ୍ନ ଗଜପତି ଜିଲ୍ଲାର ଦେଶ ଭକ୍ତ ସଂଗ୍ରାମୀମାନେ ବ୍ରିଟିଶ ବିରୁଦ୍ଧରେ ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। କେବଳ ପୁରୁଷମାନେ ନୁହନ୍ତି ଏ ମାଟିର ହୀରାମଣି ବିଷୋୟୀ, ନିଜର ଦିବଂଗତ ସ୍ୱାମୀ କୃଷ୍ଣଚନ୍ଦ୍ର ବିଷୋୟୀଙ୍କ ଆନ୍ଦୋଳନକୁ ତୀବ୍ର କରିବାକୁ ନିଜେ ସେନାପତିର ଦାୟିତ୍ୱ ନେଇ ଇଂରେଜୀ ବାହିନୀ ବିରୁଦ୍ଧରେ ତୀବ୍ର ଯୁଦ୍ଧ କରିଥିଲେ ଯାହା ଏ ମାଟିର ପ୍ରତ୍ୟେକ ରମଣୀ ପାଇଁ ଆଦର୍ଶ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଜାତୀୟ ଉତ୍ସବରେ ଜିଲ୍ଲାପାଳ ମଧୁମିତା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀ ଓ ମୁନିନ୍ଦ୍ର ହୋନେଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, କମାଣ୍ଡାଣ୍ଟ ୩ୟ ବାଟାଲିୟନ ଅଶୋକ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ଓ ଉପଜିଲ୍ଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ପରେଡକୁ ଆର୍‌ଆଇଅଫ୍ ପୁଲିସ୍ ନିରଞ୍ଜନ ନାୟକ ପରିଚାଳନା କରିଥିଲେ। ପରେଡରେ ୨୬ ଦଳ ଭାଗ ନେଇ ଥିବାବେଳେ ବରିଷ୍ଠ ବିଭାଗରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ ଓ ମହିଳା ମହାବିଦ୍ୟାଳୟ ପାରଳାଖେମୁଣ୍ଡି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସେହିପରି କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ସେଣ୍ଟ ଭିନିସେଣ୍ଟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଦ୍ୱିତୀୟ ସ୍ଥାନ ରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସହଯୋଗ କରିଥିଲେ।

● କନ୍ଧମାଳ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

'କଷ୍ଟଲବ୍ଧ ସ୍ୱାଧୀନତା ବଜାୟ ରଖିବାକୁ ଆହ୍ୱାନ'

ଫୁଲବାଣୀ, ୧୬।୮ (ସମିସ): କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ମାଦିକୁଦା ପୁଲିସ ରିଜର୍ଭ ପଡ଼ିଆରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶକୁ ସ୍ୱାଧୀନ କରିବା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ସ୍ମୃତିଚାରଣ କରି ଏହି କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କନ୍ଧମାଳ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ କନ୍ଧମାଳ ଜିଲ୍ଲାର ଅବଦାନ ଅବିସ୍ମରଣୀୟ ବୋଲି ମନ୍ତ୍ରୀ ଦେଇଥିଲେ। ଆୟୋଜିତ ପରେଡରେ ପୁଲିସ ବାହିନୀ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ହର ଘର ତ୍ରିରଙ୍ଗା ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ ସେଠୀ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

ବାଲିଗୁଡ଼ା: ବାଲିଗୁଡ଼ା ମହାସଂସ୍ଥିତ ବିଜେଡି କାର୍ଯ୍ୟାଳୟରେ ମୁଖ୍ୟଅତିଥି ଭାବରେ ବାଲିଗୁଡ଼ା ବ୍ଲକ ସଭାପତି ତଥା ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥି ରୂପେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଯୋଗ ଦେଇଥିଲେ। ଏହାପରେ ଯୋଗଦାନ ଦେଇଥିବା ସହ ସହ ବିଜେଡି କର୍ମୀ ଙ୍କ ସହ ଏକ ସଭାର ଆୟୋଜନ କରାଯାଇଥିଲା।

ସେହିପରି ବାଲିଗୁଡା ମିନିଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ଉପଜିଲ୍ଲାପାଳ ପ୍ରଣୀତା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦଙ୍କ ସହିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ଉପଜିଲ୍ଲାପାଳ ବାଲିଗୁଡ଼ା ମୁଖ୍ୟ ଚିକିତ୍ସାଳୟ, କାରାଗାର ଓ ବନବାସୀ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରିଥିଲେ।

ଅପହଞ୍ଚ ସିଣ୍ଡିବୁରରେ ପତାକା ଉତ୍ତୋଳନ କଲେ ବିଧାୟକ

ଗୁମ୍ମା, ୧୬।୮ (ସମିସ): ପାହାଡ଼ ପର୍ବତ ଶିଖରରେ ଅବସ୍ଥିତ ଗୁମ୍ମା ବ୍ଲକ ଭୁବନି ପଞ୍ଚାୟତ ସିଣ୍ଡିବୁର ଗ୍ରାମବାସୀ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ। ପକ୍କା ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟାଳୟ, ସରକାରୀ ସୁବିଧା ପାଇବାକୁ ହେଲେ ୧୫କିମି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

ରାସ୍ତା ପାଇଁ ଦେଲେ ପ୍ରତିଶ୍ରୁତି, ଗାଁରେ ମିଳିବ ଭଉତା

ଖବର ଜାଣିବା ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ୭୯ତମ ସ୍ୱାଧୀନତା ଦିବସ ଉକ୍ତ ସିଣ୍ଡିବୁର ଗ୍ରାମରେ ପାଳିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ଶୁକ୍ରବାର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଉକ୍ତ ଗାଁକୁ ପାଦଚଲା ଘାଟି ବହାଡ଼ ରାସ୍ତାରେ ୪କିମି ଚାଲିଚାଲି ଯାଇ ଗ୍ରାମବାସୀଙ୍କ ସହିତ ମିଶି ପତାକା ଉତ୍ତୋଳନ କରିଥିଲେ। ଗାଁକୁ ପକ୍କା ରାସ୍ତା ନଥିବାବେଳେ ବିଧାୟକ ପାଣ୍ଠିରୁ ଉକ୍ତ ଗାଁର ରାସ୍ତା ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ପ୍ରଦାନ ସହିତ ସିଣ୍ଡିବୁର ଗ୍ରାମର ବିକାଶ ତ୍ୱରାନ୍ୱିତ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ସହ ଗୁମ୍ମା ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଗୋସାଣୀ ବ୍ଲକ ଅଧକ୍ଷ, ବିଜେଡ଼ି ଆଦିବାସୀ ନେତା ଜେମ୍ବୁ ରାଇକା, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ସ୍ଥାନୀୟ ସରପଞ୍ଚ/ସମିତି ସଭ୍ୟ, ପ୍ରୀତମ ପାଲ, ଅଜୟ ବଡ଼ ନାୟକ ଓ ବହୁ ସଂଖ୍ୟାରେ ବିଜେଡି ନେତା ଚାଲି ଚାଲି ଉକ୍ତ ଗାଁକୁ ଯାଇଥିଲେ। ଏନେଇ ବିଡ଼ିଓ ଶ୍ରୀ ମାରାଣ୍ଡି ସିଣ୍ଡିବୁର ଗ୍ରାମ ପାଇଁ ବ୍ଲକ ଏବଂ ପଞ୍ଚାୟତସ୍ତରରୁ ପକ୍କା ରାସ୍ତା ନିର୍ମାଣ ଯଥାଶୀଘ୍ର ଆରମ୍ଭ କରିବା ସହ ବାର୍ଦ୍ଧକ୍ୟ ଭଉତା ଗାଁକୁ ଯାଇ ଦିଆଯିବ ବୋଲି କହିଛନ୍ତି।

ବ୍ରାହ୍ମଣୀଗାଁ: ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଲ୍ୟାମ୍ପ୍ କାର୍ଯ୍ୟାଳୟ, ବନ ବିଭାଗ

କାର୍ଯ୍ୟାଳୟ, ଭାରତୀୟଷ୍ଟେଟ୍ ବ୍ୟାଙ୍କ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ପ୍ରଭାତଫେରି ସହ ପତକା ଉତ୍ତୋଳନ କରାଯାଇଥିଲା। ଛାତ୍ରଛାତ୍ରୀ ସହର ପରିକ୍ରମା କରି ସ୍ଥାନୀୟ ଥାନା ପରିସରରେ ଏକତ୍ର ହୋଇଥିଲେ। ସେଠାରେ ଥାନାର ଭାରପ୍ରାପ୍ତ ଅଧିକାରୀବିଜୟ କୁମାର ହାଇବୁରୁ ପତକା ଉତ୍ତୋଳନ କରିଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

ରାଇକିଆ: ରାଇକିଆ ବିଜୟ ହାଇସ୍କୁଲ୍‌ରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ରାଇକିଆ ବିଡିଓ ସବ୍ୟସାଚୀ ସାହୁ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷା କ୍ଷେତ୍ରରେ ଟପ୍ପର ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ତହସିଲଦାର ଦିଲୀ ବେହେରା, ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ଏମପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଧାୟକ ପ୍ରତିନିଧି ତାରିଣୀ ପରିଛା, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ବିଇଓ କେଶବ ମଲ୍ଲିକଙ୍କ ସମେତ ବିଦ୍ୟାଳୟର ଛାତ୍ରୀ ଛାତ୍ର, ଶିକ୍ଷକ, ଶିକ୍ଷୟତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରମୁଖ ଯୋଗ ଦେଇଥିଲେ।

ଜି.ଉଦୟଗିରି: ଜି.ଉଦୟଗିରି ହାବକ ହାଇସ୍କୁଲ ଖେଳପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଥିବା ବେଳେ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ବିଭିନ୍ନ ସଂଗଠନ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଉପଖଣ୍ଡସ୍ତରୀୟ ଉତ୍ସବରେ ଅତିରିକ୍ତ

ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମଲିକ ପତାକା ଉତ୍ତୋଳନ କରି ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ମିଳିତ ପରେଡ଼ରେ ହାବକ ହାଇସ୍କୁଲ ଏନସିସିର ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲା। ସେହିଭଳି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସମ୍ପାଦକ ଅରୁଣକୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପରିଷଦ ଅଧକ୍ଷା ଦେବସ୍ମିତା ଶତପଥୀ ଅତିଥି ଭାବେ ଯୋଗ ଦେଇ ପତାକା ଉତୋଳନ କରିଥିଲେ। ବ୍ୟବସାୟୀ ସଙ୍ଘରେ ସଭାପତି ସମୀର କୁମାର ପାଢ଼ୀ, ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ଅଧକ୍ଷ ଶିବରାମ ସାହୁ, ପ୍ରେସ କ୍ଲବରେ ସଭାପତି ରାମକୃଷ୍ଣ ଚୌଧୁରୀ, କୁଇ ସମାଜରେ କୁଇସାମଜ କୋଷାଧକ୍ଷ ଉଦେଶନ ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତ, କତିଙ୍ଗିଆରେ କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଗୁମ୍ମା: ଗୁମ୍ମା ବ୍ଲକ ଆଦର୍ଶ ବିଦ୍ୟାଳୟରେ ପାରଳାଖେମୁଣ୍ଡି ବିଧାୟକ ଙ୍ଗ.ରୂପେଶ କୁମାର ପାଣିଗ୍ରାହୀ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଧାୟକ ଗୁମ୍ମା ଖ୍ରୀଷ୍ଟିଆନ ସାହିରେ ଓ ତାଙ୍କଲଡ଼ା

ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟଅତିଥି ଭାବେ ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଦ୍ୟାଳୟ ଅଧକ୍ଷ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୁମ୍ମା ବ୍ଲକ କାର୍ଯ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

ପାରଳାଖେମୁଣ୍ଡି: ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠରେ ଥିବା ମାନସିକ ଅନଗ୍ରସର ନିୟତି ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଅଧକ୍ଷା ସ୍ନେହଲତା ପାଣିଗ୍ରାହୀଙ୍କ

ଅଧକ୍ଷତାରେ ହୋଇଥିବା ଉତ୍ସବରେ ଡାଇଟ୍‌ର ଅଧକ୍ଷ ଡାକ୍ତର ମୁର୍ମୁ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ତନୁଜା ଶତପଥୀ, କୋଷାଧକ୍ଷ ଲୋକନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ହରି ମୋହନ ପଟ୍ଟନାୟକ, ସଞ୍ଜୟ ମଲ୍ଲିକ, ମୁଖଲିଙ୍ଗ ଗଡ଼ିକାକା ମଧ ନିଜ ବକ୍ତବ୍ୟ ରଖିଥିଲେ।

ନୂଆଗଡ଼: ନୂଆଗଡ଼ ବ୍ଲକ ସଦରମହକୁମାସ୍ଥିତ ଲକ୍ଷ୍ମୀନୃସିଂହ ବିଦ୍ୟାପୀଠ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ପ୍ରଥମେ ବିଭିନ୍ନ

ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟମାନେ ବଜାର ପରିକ୍ରମା କରିଥିଲେ। ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର ଯୋଗ ଦେଇ ପତାକା ଉତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ, କାନାରା ବ୍ୟାଙ୍କ ପରିଚାରକ ଶ୍ରୀକାନ୍ତ ପାଣିଗ୍ରାହୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଦାରିଙ୍ଗବାଡି: ଦାରିଙ୍ଗବାଡି ଆଇଟିଆଇ ପଡ଼ିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ଅଧକ୍ଷ ସୁଶାନ୍ତକୁମାର ପ୍ରଧାନଙ୍କ ସମେତ ବିଡ଼ିଓ ପ୍ରୀତିରଞ୍ଜନ ରଥ, ଅତିରିକ୍ତ

ତହସିଲଦାର ସ୍ୱାଇଁ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ପ୍ଲାହେରି ସରପଞ୍ଚ ପାଉଲ ପ୍ରଧାନ ଉପସ୍ଥିତ ଥିଲେ। ମୁଖ୍ୟଅତିଥିଙ୍କୁ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡ଼ିଓ ପ୍ରୀତିରଞ୍ଜନ ରଥ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ, ଡିଏସପି ତଥା ଦାରିଙ୍ଗବାଡି ଥାନା ଅଧିକାରୀ କନକ କୁମାର ମାଝୀ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପତିତପାବନ ରାଉତ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେଡ଼ ପ୍ରତିଯୋଗିତାରେ ଜଜ୍ ଭାବେ ଅଗ୍ନିଶମ

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ଛତ୍ରପୁର,୧୬।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଛତ୍ରପୁରରେ ପାଳିତ ହୋଇଯାଇଛି। ଛତ୍ରପୁର ସ୍ଥିତ ପୁଲିସ ପରେଡ ପଡିଆ ଠାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଜନତାଙ୍କୁ ଉଦବୋଧନ ଦେଇ କହିଥିଲେ ସ୍ୱାଧୀନତା ସଂଗ୍ରାମରେ ଓଡିଶା ତଥା ଗଞ୍ଜାମର ଅବଦାନ ଅତୁଳନୀୟ। ଜିଲ୍ଲାସ୍ତରୀୟ ପରେଡ୍‌ରେ ୩୫ଟି ଦଳ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକାଙ୍କ ସଂଯୋଜନାରେ ପରେଡ୍ କମାଣ୍ଡର ଆର୍.ଆଇ.ଅଫ୍ ପୁଲିସ୍ ଅମୂଲ୍ୟ ନାୟକ ଏବଂ ସେକେଣ୍ଡ-ଇନ୍-କମାଣ୍ଡ ସର୍ଜେଣ୍ଟ ବିକାଶ ଚନ୍ଦ୍ର ସେନାପତି ପ୍ୟାରେଡ୍ ପରିଚାଳନା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା, ସୁନୀଲ କୁମାର କେର୍କେଟାଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା-୨୦୨୫ ଟପ୍ପର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁରର ଆଶୁତୋଷ ସେଠୀ ଓ ସୁଶ୍ରୀ ଅର୍ପିତା ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ଛତ୍ରପୁର ସ୍ଥିତ ଖେଳ ପଡିଆରେ ପ୍ରଶାସନ ଏକାଦଶ ଏବଂ ଛତ୍ରପୁର ପ୍ରେସ କ୍ଲବ୍ ଏକାଦଶଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ବିଜୟ ହାସଲ କରିଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା, ସୁନୀଲ କୁମାର କେର୍କେଟା ଉପ ଜିଲ୍ଲାପାଳ ଶିବାଶୀଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ।

ଭଞ୍ଜନଗର: ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସ୍ୱାଧୀନତା ଦିବସରେ ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ କୁମାର ଦଳବେହେରା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ଜେନା ସଭା ପରିଚାଳନା କରିଥିବାବେଳେ ଅମର ବିଳାସ ବେହେରା, ପଦ୍ମନାଭ ପ୍ରଧାନ, ପର୍ଶୁରାମ ସ୍ୱାଇଁ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ସୁବାସ ଚନ୍ଦ୍ର ତାରିଣୀ ମଞ୍ଚାସୀନ ଥିଲେ। ଅନିଲ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ

ବେଗୁନିଆପଡା: ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ର ବିଭିନ୍ନ ସରକାରୀ /ବେସରକାରୀ କାର୍ଯ୍ୟାଳୟ, ଶିକ୍ଷ୍ୟା ଅନୁଷ୍ଠାନ ଦଳୀୟ କାର୍ଯ୍ୟାଳୟ ଗୁଡିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବେଗୁନିଆପଡା ବ୍ଲକ ପରିସରରେ ଅଧକ୍ଷା ରେଣୁ ଗୌଡ଼ ପତାକା ଉତ୍ତୋଳନ କରିଥିବା ବେଳେ, ବିଡ଼ିଓ ସସ୍ମିତା ଶତପଥୀଙ୍କ ସମେତ ଏବିଡ଼ିଓ ନିରଞ୍ଜନ ବେହେରା ଓ ସମସ୍ତ

ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ, ବେଗୁନିଆପଡା ଥାନାରେ ସବ ଇନିସ୍ପେକ୍ଟର ଟୁନା ପାଡିକା ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇଥିଲା। କୋଦଳା ତହସିଲ କାର୍ଯ୍ୟାଳୟରେ ତହସିଲଦାର ସଶ୍ମିତା ଶତପଥୀ, ଥାନା ଠାରେ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଏନ୍ଏସି କାର୍ଯ୍ୟାଳୟ ଠାରେ ଅଧକ୍ଷ୍ୟ ସୂର୍ଯ୍ୟ ନାରାୟଣ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ଉପାଧକ୍ଷ୍ୟ ରଞ୍ଜିତା ସେଠୀ,କାଉନ ସିଲର, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ପରିମଳ ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

କବିସୂର୍ଯ୍ୟନଗର: କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାଉନସିଲର ଏସ. କମଳା, ସଂଯୁକ୍ତା ପ୍ରଧାନ, ସୁଦେଷ୍ଣା ପ୍ରଧାନ, ନିବେଦିତା ବେହେରା, ପଲ୍ଲବୀ ସାହୁ, ସ୍ୱପ୍ନାରାଣୀ ପାଲ, ଲକ୍ଷ୍ମୀପ୍ରିୟା ସାହୁ, ଆଶାଲତା ବିବି, ନିର୍ବାହୀ ଅଧିକାରୀ, ଅଧକ୍ଷ ବିକ୍ରାନ୍ତ କୁମାର ସାହୁ, ମନୋରଞ୍ଜନ ମହାପାତ୍ର, ଦେବୀପ୍ରସାଦ ସ୍ୱାଇଁ, ବିପିନ ବିହାରୀ ଶତପଥୀ, ଶ୍ରୀକାନ୍ତ ମହାପାତ୍ର, ଜଗଦୀଶ ମିଶ୍ର, ମନମୋହନ ଜେନା, ବିଶ୍ୱଜିତ ମହାପାତ୍ର, ଅଶୋକ କୁମାର ଜେନା ପ୍ରମୁଖ ମଂଚାସୀନ ଅତିଥି ଥିଲେ।

ରମ୍ଭା: ଶୁକ୍ରବାର ରଘୁନାଥପୁର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ସ୍ୱାଧିନତା ଦିବସରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିମୟୀ ଦାସ, ସ୍ୱପ୍ନାରାଣୀପାତ୍ର, ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ,ସିଲି ପଲାଇ,ସୁନିତା ସାହୁ, ସୂର୍ଯ୍ୟ

କାନ୍ତି ନାହାକ, ସ୍ମୃତିରେଖା ବେହେରା, ଦେବାଶିଷ ବେହେରା ସମତେ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

ପୋଲସରା: ପୋଲସରା ଓ ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ ପତାକା ଉତ୍ତୋଳନ କରିଥିବା ବେଳେ ଏନଏସି କାର୍ଯ୍ୟାଳୟରେ ଅଧକ୍ଷା ସଂଗୀତା ବେହେରା ପତାକା ଉତ୍ତୋଳନ କରିଥିଲେ। ସେହିପରି ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି।

ଖଲ୍ଲିକୋଟ: ଖଲ୍ଲିକୋଟ ବ୍ଲକ, ଏନ୍ଏସି ଓ ଖଲ୍ଲିକୋଟ ଥାନାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଦେବାଶିଷ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା କୁମାରୀ ଦାଶ, ବିଜେପି ଘୁମୁସର ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ଯୁବ ବିଜେପି ନେତା ଅରୁଣ କୁମାର ଖୁଣ୍ଟିଆ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ସୁଭଜିତ କୁମାର, ଶମ୍ଭୁ ପ୍ରଧାନଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ସାନଖେମୁଣ୍ଡି: ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଯୋଗ ଦେଇଥିଲେ। ସାନଖେମୁଣ୍ଡି ତହସିଲ୍ କାର୍ଯ୍ୟାଳୟ ରେ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟରେ ସୁଶ୍ରୀ ସୋରେନ ବସ୍ତିଆ, ପାଟପୁର ଥାନାରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡ଼ିପିଓ ଭବାନୀ ବେହେରା ପତାକା ଉତ୍ତୋଳନ କରିଥିଲେ।

ପୁରୁଷୋତ୍ତମପୁର: ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ପିଙ୍କି ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ,ବିଚାର ବିଭାଗୀୟ ଅଦାଲତରେ ଆସିଷ୍ଟାଣ୍ଟ ସେସନ୍ ଜଜ୍ ଶରତ କୁମାର ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଅନନ୍ୟା ଅପରମିତା ଉପସ୍ଥିତ ଥିଲେ। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏସଡିପିଓ ସୁଜିତ କୁମାର ନାୟକ, ଥାନାରେ ଥାନା ଅଧିକାରୀ ରାଜେଶ କୁମାର ନାୟକ, ପ୍ରେସ କ୍ଲବ, ହିନ୍ଦୀ ପ୍ରଚାର ସଭାରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ରଥ, ଏନଏଏସିରେ ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିନୋଦ କୁମାର ବେହେରା, ସନ ସାଇନ୍ ଇଣ୍ଟରନେସନାଲ୍ ସ୍କୁଲରେ ସଭାପତି ପ୍ରଫୁଲ୍ଲ କୁମାର ରଥ ପତକା ଉତ୍ତୋଳନ କରିଥିବା ବେଳେ ଅଧକ୍ଷ ସୁନୀଲ କୁମାର ମହାନ୍ତି ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ।

ବେଲଗୁଣ୍ଡା: ବେଲଗୁଣ୍ଡା, ବ୍ଲକ ଓ ଏନଏସିର ବହୁ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବରେ ବେଲଗୁଣ୍ଡା ତହସିଲଦାର/ବିଡ଼ିଓ କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପରେଡରେ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ନାରାୟଣ ସାହୁ, କାଉନସିଲର ଦିବ୍ୟ ରଞ୍ଜନ ଦାଶ,ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମହାପାତ୍ର ଓ ସନ୍ତୋଷ କୁମାର ପଣ୍ଡା,ସାଇ ଆଇଟିଆଇ ଅଧକ୍ଷ ମଧୂସୂଦନ ମହାପାତ୍ର, ସାହିତ୍ୟ ଘର ସଭାପତି ମୋତିଲାଲ ପତି, ସମାଜସେବୀ ଭି.ଦେବୀ ପ୍ରସାଦ ପାତ୍ର, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ବେଲଗୁଣ୍ଡା ସମବାୟ ସମିତି ଲିଃ ସଭାପତି ସନ୍ତୋଷ କୁମାର ସୁବୁଦ୍ଧି, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଚୌଧୁରୀ ଯୋଗଦେଇଥିଲେ। ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସ୍ଥିତ ଥିବା ବେଳେ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ସଂଯୋଜନା କରିଥିଲେ।

ବୁଗୁଡ଼ା: ବୁଗୁଡ଼ା ମିଡିଆ କ୍ଲବରେ ସଭାପତି ଅନିଲ ପଟ୍ଟନାୟକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି ଯୁ.ପୂର୍ଣ୍ଣଚନ୍ଦ୍ର ପାତ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି , ନିୟୁଏରା ପବ୍ଲିକ୍ ସ୍କୁଲରେ ସଭାପତି କାଳୀ ଚରଣ ଦାଶ, ବି.ଏନ୍.ପବ୍ଲିକ୍ ସ୍କୁଲରେ ଏମ୍‌ଡି ଚନ୍ଦନ ଚର୍ଚ୍ଚିତ ପାତ୍ର, ପିପୁଲ୍ସ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣା, ପିପୁଲ୍ସ କଲେଜରେ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ମନୋଜ କୁମାର ସ୍ୱାଇଁ, ମାଣିତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଅନୁପ କୁମାର ପଣ୍ଡା, ବାଲିପଦର ଡିଗ୍ରୀ କଲେଜରେ ଅଧକ୍ଷ ଗୋପୀନାଥ ମହାନ୍ତି ଓ ଫାଣ୍ଡିରେ ଅଧିକାରୀ କେ.ନିଳାଦ୍ରୀ ରେଡି, ଏନ୍ଏସି କାର୍ଯ୍ୟାଳୟରେ ଅଧକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ କାର୍ଯ୍ୟାଳୟରେ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ତାପସ ରାଉତ, ଜେଏମ୍ଏଫ୍‌ସି

କୋର୍ଟରେ ବିଚାରପତି ସୁଧାଶ୍ରୀ ସୁରଝାଲିଆ, ପୁଲିସ ଥାନାରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଦିଗପହଣ୍ଡି: ଦିଗପହଣ୍ଡି ଦେୱାନି ଅଦାଲତ ପରିସରରେ ବରିଷ୍ଠ ବିଚାରପତି ମହାଶ୍ୱେତା ପରିଜା ପତାକା ଉତ୍ତୋଳନ କରିଥିବା ବେଳେ ଜେଏମ୍ଏଫସି କୋର୍ଟର ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ସଦସ୍ୟ ଓ ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋଷ କୁମାର ସାହୁ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧକ୍ଷା ଯମୁନା ନାଇକ ପତାକା ଉତ୍ତୋଳନ କରିଥିବା ବେଳେ

ବିଡ଼ିଓ ଅନାମିକା ପାଣ୍ଡେ, ଏବିଡିଓ ଉମେଶ ସେଠୀ, ଆଇନଜୀବୀ ହରପ୍ରସାଦ ରଥ, ନକୁଳ ପ୍ରଧାନ, ବିଏସଏସଓ ରଶ୍ମି ପ୍ରକାଶିନୀ ଜାନି ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଖେମୁଣ୍ଡି ଓକିଲ ସଂଘରେ ସଭାପତି ହୃଦୟରଞ୍ଜନ ମେକାପ, ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥି, ଦିଗପହଣ୍ଡି ପୋଲିସ ଥାନାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର, ବୀଣାପାଣି ନର୍ସରୀ ସ୍କୁଲରେ ସମ୍ପାଦକ ବଳରାମ ମହାରଣା, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କୀର୍ତ୍ତିକେଶ୍ୱର ପ୍ରଧାନ, ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ କୋରେଶ୍ରୁ ସେଠୀ, ବାଲାଜୀ କ୍ଲବରେ ଆଇନଜୀବି ହରପ୍ରସାଦ

ରଥ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଧରାକୋଟ: ଧରାକୋଟ ରଥପଦା ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ପରେଡରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଥାନାରେ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ, ବ୍ଲକ କାର୍ଯ୍ୟାଳୟରେ

ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଶଙ୍କର ନାରାୟଣବେହେରା, ସରକାରୀ ଯୁକ୍ତ ତିନି ମହାବିଦ୍ୟାଳୟରେ ଅଧକ୍ଷ ଡ ସୁଜିତ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ଅତିଥି ଭାବରେ ସାମ୍ବାଦିକ ହୃଦାନନ୍ଦ ଜେନା ଉପସ୍ଥିତ ରହିଥିଲେ। ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧାପକ ବଳରାମ ସ୍ୱାଇଁ, ଶିଶୁବିକାଶ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଶୁ ଚିକିତ୍ସାଳୟରେ ଡାକ୍ତର କିରଣ ବିଷୋୟୀ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଇଁ ତୁଷାର ପାଢ଼ୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛଅ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆସିକା: ଆସିକା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ତ୍ରିବେଣୀ ନାହାକ, ବିଡ଼ିଓ ଲିପିନା ଦାସ, ତହସିଲ କାର୍ଯ୍ୟାଳୟ ରେ ତହସିଲଦାର ସଙ୍ଗୀତା ସେନ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅଧକ୍ଷା ବିନେତା ସ୍ୱାଇଁ ଓ ରାଜେଶ କୁମାର ମହାପାତ୍ର, ପୁଲିସ ଥାନାରେ ଆସିକା ଉପ ଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା ଓ ଥାନା ଅଧିକାରୀ କୁଳମଣୀ ସେଠୀ, କୋଟିନଡା ଥାନାରେ ଥାନା ଅଧିକାରୀ ଦାମୋଦର ବିହାରୀ, ବନ ବିଭାଗରେ ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ଶରତ କୁମାର ବେହେରା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଶେରଗଡ: ଶେରଗଡ ବ୍ଲକ ପରିସରରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ତହସିଲ ପରିସରରେ ତହସିଲଦାର ତ୍ରିଦେବ ରଥ, ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ମାଜିଷ୍ଟ୍ରେଟ ଶ୍ରୀକାନ୍ତ କୁମାର ପାଢୀ, ଓଡିଶା ମୋଟର ଚାଳକ ସଂଘ ଶେରଗଡ ଶାଖା ଓ ଶେରଗଡ ମିଡିଆ ହାଉସ ପକ୍ଷରୁ ସଭାପତି ମେଘନାଦ ଦାସ, ଶେରଗଡ ଥାନା ପରିସରରେ ଥାନାଧିକାରୀ ବରେନ୍ଦ୍ର ସିଅଳ, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, କରଡାକଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡଃ ବିଘ୍ନେଶ୍ୱର ପାଣିଗ୍ରାହୀ, ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ପତାକା ଉତ୍ତୋଳନ କରିଥିଲେ।

ପାତ୍ରପୁର: ପାତ୍ରପୁର କୋର୍ଟରେ ବିଚାରପତି କ୍ରିଷ୍ଣା ମିଶ୍ର, ବ୍ଲକ୍ କାର୍ଯ୍ୟାଳୟ ଠାରେ ଅଧକ୍

ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ

● ଆଦାନୀ ଧାମରା ପୋର୍ଟ

ଭଦ୍ରକ, ୧୬।୮(ସମିସ): ୭୯ତମ ସ୍ୱାଧୀନତା ଦିବସ ଆଦାନୀ ଧାମରା ପୋର୍ଟରେ ପାଳିତ ହୋଇଯାଇଛି। ପୋର୍ଟର ମାନବ ସମ୍ବଳ ବିଭାଗ ମୁଖ୍ୟ ବାସୁକୀ ନାଥ ମୁଖ୍ୟଅତିଥି ଭାବେ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। କର୍ମଚାରୀ ଓ ଛାତ୍ରଛାତ୍ରୀ ଜାତୀୟସଙ୍ଗୀତ ଗାନ କରିଥିଲେ। ପରେ ପୋର୍ଟ ସୁରକ୍ଷା କର୍ମଚାରୀ ଓ ପାର୍ଶ୍ୱବର୍ତ୍ତୀ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡ଼ ପ୍ରଦର୍ଶନ କରିବା ସହ ସୁରକ୍ଷାକର୍ମଚାରୀ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ।

● ଆଦାନୀ ଡିଏଭି ପବ୍ଲିକ ସ୍କୁଲ

ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ଆଦାନୀ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ଡ. ଦେବାଶିଷ ମୁଖାର୍ଜୀ ମୁଖ୍ୟଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ମୋନାଲିସା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାତୀୟସଙ୍ଗୀତ, ଝଣ୍ଡା ଗୀତ, ସ୍ଲୋଗାନ ମାଧ୍ୟମରେ ଦେଶଭକ୍ତିର ଭାବ ଉତ୍ପନ୍ନ ହୋଇଥିଲା। ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ବିଶ୍ୱାଳ ଓ ଆଦ୍ୟାଶା ଅଦିରୂପା ଭୂୟାଁ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତ୍ୟାଗ ବିଷୟେର ହୃଦୟସ୍ପର୍ଶୀ ଭାଷଣ ଦେଇଥିଲେ। ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଓ କଷ୍ଟ୍ୟୁମ୍ ପ୍ୟାରେଡ ମଧ୍ୟ ହୋଇଥିଲା। ସୁଶ୍ରୀ ଉଷାଶ୍ରୀ ବେହେରା ସ୍ୱାଧୀନତାର ସତ୍ୟ ସାର୍ଥକତା ବିଷୟେର ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଆଦାନୀ ଫାଉଣ୍ଡେଶନର ପି.ଓ. ମୃଣ୍ମୟ କୁମାର ମାନ୍ନା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷକମାନଙ୍କର ନିର୍ଦ୍ଦେଶ ପାଳନ କରିବା ଓ ଉଚ୍ଚ ମେନାଭାବ ସହିତ ଦେଶମାଟି ପାଇଁ କାମ କରିବାକୁ ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ସମସ୍ତଙ୍କୁ ସାମାଜିକ ସମସ୍ୟାର ସମାଧାନ ପାଇଁ ଶପଥ ନେବା, ନିଷ୍ଠା ଓ ସମପର୍ଣ ଭାବ ସହିତ ସେବା କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

● ଗାନ୍ଧୀ ବାଳାଶ୍ରମ

ଐତିହାସିକ ଗାନ୍ଧୀ ବାଳାଶ୍ରମରେ ଅନ୍ତେବାସୀମାନେ ଏକ ସୁସଜ୍ଜିତ ଗାଡ଼ି ସହ ସାଇକେଲ ଓ ବାଇକ୍‌ରେ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଜିଲ୍ଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷତା.ଦେବରାଜ ପାଣିଗ୍ରାହୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ପେର ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା.ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଗାନ୍ଧୀ ବାଳାଶ୍ରମ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ମୁସ୍ତାକ ଗୌହର, ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧରଣୀଧର ସେଠୀ, ସାଇ ସାରଳା ଫାଉଣ୍ଡେଶନର ଜ୍ଞାନ ରଞ୍ଜନ ବାରିକ, ହରିହର ବାରିକ, ଚାଇଲ୍ଡଲାଇନର ଚନ୍ଦ୍ରକାନ୍ତ ଗୋଛାୟତ, ଉତ୍କଳମଣି ସେବା ମନ୍ଦିରର ଅଧୀକ୍ଷକ ଧନଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ହୋଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ପାଣିଗ୍ରାହୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ ଶାରଳା ଫାଉଣ୍ଡେସନ୍ ତରଫରୁ ଆୟୋଜିତ ବିଭିନ୍ନ କ୍ରୀଡ଼ାରେ କୃତୀ ପ୍ରତୋଯାଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋବେସନ ଅଧିକାରୀ ତଥାଗତ ଜେନା ଧନ୍ୟବାଦ ଦେଇଥିଲେ।

● ମଦରସା କାଦରିଆ ହବିବିୟା

ଭଦ୍ରକ ପୁରୁଣା ବଜାରସ୍ଥିତ ମଦରସା କାଦରିଆ ହବିବିୟାରେ ମୁଖ୍ୟଅତିଥି ଭାବେ ମଦରସା ଶିକ୍ଷକ ହାଫିଜ୍ ଓ କାରୀ ଜମିଲ ଅଖତର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଶିକ୍ଷକ ଶେଖ ଫକରୁଦ୍ଦିନ, ସମ୍ପାଦକ ଇଂ ହବିବୁଲ୍ଲା ଖାନ, ଶିକ୍ଷକ ଶେଖ ମଇରାଜୁଦ୍ଦିନ, ହାଜି ସବୀର ଅଲୀ, ହାଜି ତବାରକ ଅଲୀ ଓ ମଦରସାର ସମସ୍ତ ଛାତ୍ର ଉପସ୍ଥିତ ଥିଲେ।

● ଜିଲ୍ଲା ବିଜେଡି

ଭଦ୍ରକ ବିଜୁ ଜନତା ଦଳ ତରଫରୁ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନଠାରେ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ ସଭାପତି ଏମଡି ଜକାଉଲ୍ଲା, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ ବହୁ ବରିଷ୍ଠ ପଦାଧିକାରୀ ଓ ସଦସ୍ୟବୃନ୍ଦ ଯୋଗ ଦେଇଥିଲେ।

● ମଦରସା ଫୈଜାନେ ଗରିବ ନୱାଜ

ଭଦ୍ରକ କୁଆଁସସ୍ଥିତ କଣ୍ଟାବଣିଆ ଗ୍ରାମରେ ମଦରସା ଫୈଜ଼ାନେ ଗରିବ ନୱାଜରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ମଦରସା ସଭାପତି ଶେଖ ଗୋଲାମ ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ମଦରସା ସମ୍ପାଦକ ଶେଖ ସାହିଦ ରଫିକ, ଇସ୍ତିୟାକ ଖାନ, ଶେଖ ଅବଦୁଲ ବାରୀ, ଶେଖ ଆସିକ, ଅବଦୁଲ ରହିମ ଆବିଦ ଅଲି, ଶିକ୍ଷକ ହାଫିଜ଼ ଓ କାରୀ ୱାଲିଉର ରେହେମାନ, ଶିକ୍ଷକ ହାଫିଜ଼ ଓ କାରୀ ଇଜ଼ାଜ ଅହେମଦ ଏବଂ ମଦରସାର ସମସ୍ତ ସଭ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

● ରୋଭର୍ସ କ୍ଲବ

ପୁରୁଣା ବଜ଼ାରସ୍ଥିତ ରୋଭର୍ସ କ୍ଲବରେ ମୁଖ୍ୟଅତିଥି ଭାବେ କ୍ଲବର ସମ୍ପାଦକ ହରୀ ନନ୍ଦୀ ଜାତୀୟପତାକା ଉତ୍ତୋଳନ କରିଛନ୍ତି। ହାଜି ଏସଏମ ଫାରୁକ, ହାଜି କାସିମ ଖାନ, ହାଜି ଅବୁ ହୋସେନ ପ୍ରମୁଖ ଉପସ୍ଥିତ ଥିଲେ।

ଧାମନଗର: ଧାମନଗର ଏନଏସି ପକ୍ଷରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରାଯାଇଥିଲା। ଧାମନଗର ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତହସିଲରେ ତହସିଲଦାର ସାଇଶ୍ରୀ ଲୋକନାଥପ୍ରସାଦ ସେଠୀ, ଏନଏସିରେ ଅଧ୍ୟକ୍ଷା ନିବେଦିତା ଜେନା, ଧାମନଗର କୋର୍ଟ ପରିସରରେ ନୂତନ ବିଚାରପତି ଚିନ୍ମୟ ଦାସ, ଏସ୍‌ଡିପିଓ ଅଫିସରେ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଥାନାରେ ଆଇଆଇସି ଗୋପାଳକୃଷ୍ଣ ଜେନା ଜାତୀୟ ପତାକା ଉତୋଳନ କରିଥିଲେ। ସେହିଭଳି ଦମକଳ କେନ୍ଦ୍ରରେ ଅଧିକାରୀ ବିଶ୍ୱଜିତ ରାଉତ, ସିଡିପିଓ ଅଫିସରେ ସି ଡି ପି ଓ ଦମୟନ୍ତୀ ଦେ, ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଅଧିକାରୀ ସତ୍ୟାନନ୍ଦ ପାତ୍ର, ମହତାବ ସେବା ସଦନ ପରିସରରେ ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟଠାରେ ସମ୍ପାଦକ ସଜ୍ଜାକାନ୍ତ ପଣ୍ଡା, ଅକ୍ସଫୋର୍ଡ ପବ୍ଲିକ ଇସ୍କୁଲ ପରିସରରେ ଅଧ୍ୟକ୍ଷ ଶରତଚନ୍ଦ୍ର ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶରତଚନ୍ଦ୍ର ମହାନ୍ତି, ଓକିଲ ସଂଘରେ ସଭାପତି ଅଶୋକ ଦାସ, ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷା ତନବିର ଆବିଦ୍, ଅବକାରୀ ଥାନାରେ ଓଆଇସି ଅଭିଳାଷ ପାଲ, ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ରେଞ୍ଜର ସୁଷ୍ମାରାଣୀ ସାହୁ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ବନ୍ତ/ଆଗରପଡ଼ା: କଳିଙ୍ଗ କମ୍ପ୍ୟୁଟର୍ସ ପକ୍ଷରୁ ନିର୍ଦ୍ଦେଶକ ବିନୋଦ ଧଳ ସାମନ୍ତ ପତାତା ଉତ୍ତୋଳନ କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶିକା ମୋନାଲିସା ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ଆଗରପଡ଼ା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ସଭାପତି ରାମଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୋବିନ୍ଦଚନ୍ଦ୍ର ଶତପଥୀ, ସଂପାଦକ ରବିନ୍ଦ୍ର ଆଇଚ, ବରିଷ୍ଠ ସଭ୍ୟ ସନାତନ ପଲେଇ, ସୁଦର୍ଶନ ଦଳେଇ, ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ୪୦ରୁ ଉଦ୍ଧର୍ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଥାନା, ଦମକଳ କେନ୍ଦ୍ର ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ଭଣ୍ଡାରିପୋଖରୀ/ବାରିକପୁର: ଭଣ୍ଡାରିପୋଖରୀ ବ୍ଲକର ସବୁ ପ୍ରାନ୍ତରେ ୭୯ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ

ଜାତୀୟ ପତାକା ଉତୋଳନ କରିବା ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନାଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ମେଡିକାଲ ଠାରେ ଡାକ୍ତର କମଳାକାନ୍ତ ସ୍ୱାଇଁ, ଥାନାରେ ଆଇଆଇସି କମଳାକାନ୍ତ ଦାସ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କଠାରେ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ବିଇଓ କାର୍ଯ୍ୟାଳୟଠାରେ ଏବିଓ ଅକ୍ଷୟ ଜେନା, ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଠାରେ ଏସଇ ଶରତ ଚନ୍ଦ୍ର ଘଡ଼େଇ ଓ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କଦାସ ଜାତୀୟ ପତାକା ଉତୋଳନ କରିଥିଲେ। ଏହାଛଡା ବିଷ୍ଣୁପୁର ପଞ୍ଚାୟତ ଅଫିସରେ ସରପଞ୍ଚ ଅମୂଲ୍ୟ ନାୟକ, ଦକ୍ଷିଣବାଡଠାରେ ସରପଞ୍ଚ ବର୍ଷାରାଣୀ ଜେନା, ନେରଡାଠାରେ ଦେବଦାସୀ ଜେନା, ବାଲିପୋଖରୀଠାରେ ଅକ୍ଷୟ ତ୍ରିପାଠୀ, ମାଳଦାଠାରେ ମିନତୀ ପରିଡା, ରହଣିଆଠାରେ ରଞ୍ଜନ ପରିଡ଼ା, ତେସିଙ୍ଗାଠାରେ ଧନେଶ୍ୱର ଖୁଣ୍ଟିଆ, ରଣଜିତ୍ ଠାରେ ସୁଜାତା ସାହୁ, ପାଟୁଳିଠାରେ ଅନୀତାରାଣୀ ରାଉତ, ରାଜେନ୍ଦ୍ରପୁରଠାରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜଗନ୍ନାଥ ପ୍ରସାଦଠାରେ ସମାଜସେବୀ ନାରାୟଣଚନ୍ଦ୍ର ବେହେରା ଓ ସନ୍ତୋଷ ମହାପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ ଶାରଦା ବିଦ୍ୟା ମନ୍ଦିର ସହ ସରସଦା, ବାରିକପୁର, ମଞ୍ଜୁରାରୋଡ, ନପଙ୍ଗ, ଡାହାଲା, ଷୋଳମପୁର, ହାରାମଣି ବାଳିକା ବିଦ୍ୟାଳୟ, କୁଲଣା, ଯଶୋଟିକିରି, ଆଖୁଆପଦା, ଜଗନ୍ନାଥ ପ୍ରସାଦ, ପରମାନନ୍ଦପୁର, ରାଢୋ, ଜଳମଣ୍ଡୁଆ, ନାଆମୀ ପ୍ରମୁଖ ବିଦ୍ୟାଳୟଠାରେ ମଧ୍ୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଛି। ବ୍ଲକର ୧୦ଟି ସମିତି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରହଣିଆ ସମିତିଠାରେ ସଭାପତି ସାଗର ଲେଙ୍କା ଓ ସମ୍ପାଦକ ସନ୍ତୋଷ ଦାସ, ତେସିଙ୍ଗାଠାରେ ସଭାପତି ନାରାୟଣଚନ୍ଦ୍ର ଦାସ ଓ ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ବାଲିପୋଖରୀଠାରେ ସମ୍ପାଦକ ପିନାକୀ ଦାସ, ଜଳମଣ୍ଡୁଆ ସମିତିଠାରେ ସଭାପତି ରତ୍ନାକର ପାତ୍ର ଓ ସମ୍ପାଦକ ଜୟନ୍ତ ଭୋଇ, ନାରାୟଣପୁରଠାରେ ସଭାପତି ଜୟନ୍ତ ସାହୁ ଓ ସମ୍ପାଦକ ସୁମନ୍ତ ସେନାପତି, ନେରଡାଠାରେ ସଭାପତି ସତ୍ୟନାରାୟଣ ମିଶ୍ର ଓ ସମ୍ପାଦକ ସୋମ୍ୟରଞ୍ଜନ ପଣ୍ଡା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଦୋବଲ: ଧାମନଗର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅଜୟ ବେଜ ପତାକା ଉତ୍ତୋଳନ କରିଥିଲେ। ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ଦେବାଶିଷ ସାମଲ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ ପ୍ରଦୀପ ମହାପାତ୍ର ନେତୃତ୍ୱରେ ନାରୀ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୃତିବାସ ତ୍ରିପାଠୀ, ପ୍ରଭାତ ସାମଲ, ପ୍ରିୟରଂଜନ ସାମଲ, ଜ୍ଞାନରଞ୍ଜନ କର, ପ୍ରମୋଦ ନାୟକ, ହୃଦାନନ୍ଦ କର, ରଞ୍ଜିତ ମହାନ୍ତି, ପ୍ରଶାନ୍ତ ରାଉତ, ପ୍ରଶାନ୍ତ ସାହୁ, ପ୍ରଦୀପ ଆନ୍ଦିଆ, ମାନସ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ। ବୈଦିକ ସତ୍‌ସଙ୍ଗ ସମିତିରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ପତାକା ଉତ୍ତୋଳନ କରିଥିବା ବେଳେ କମଳାକାନ୍ତ ଦାସ, କରୁଣାକର ସାହୁ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ତିହିଡି ବ୍ଲକ ବିଜେଡି

ତିହିଡି: ତିହିଡି ବ୍ଲକ ବିଜେଡି ପକ୍ଷରୁ କାର୍ଯ୍ୟାଳୟରେ ଯୁବନେତା ଦେବଦତ ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ତିହିଡି ବଜାର ପରିକ୍ରମା ସହ ମେଡିକାଲରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଛନ୍ତି ଦଳୀୟ କର୍ମୀ। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠନେତା କମଳା କାନ୍ତ ଲେଙ୍କା, ବିଶ୍ୱଜିତ ବେହେରା, ଯୁବନେତା ସଂଗ୍ରାମ କେଶରୀ ଦାସ, ଗଣେଶ ନାୟକ, କମଳାକାନ୍ତ ଦାସ, ସରଫଚ ତାପସ ବେହେରା, କୀର୍ତନ ରାଉତ ସୁରେନ୍ଦ୍ର ନାୟକ ଶଶିଧର ସାମଲ, ଅନିରୁଦ୍ଧ ବାରିକ, ଭରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ୟୁଏସ ଇଣ୍ଟରନ୍ୟାସନାଲ ସ୍କୁଲ

ତିହିଡିସ୍ଥିତ ୟୁଏସ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ ତଥା ସ୍ୱାଧୀନତା ଦିବସ ପାଳିତ ହୋଇଛି। ଶିକ୍ଷାବିତ ଦେବେନ୍ଦ୍ର ସାମଲ, ସ୍କୁଲ ଅଧ୍ୟକ୍ଷ ପ୍ରିତମ କୁମାର ବିଶ୍ୱାଳ ଶିକ୍ଷକ ଦେବଦତ ପାଣିଗ୍ରାହୀ ପ୍ରମୁଖ ଅତିଥି ଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତା, ଅଲିମ୍ପିଆଡର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଛି। ଉତ୍ସବରେ ପିଲାଙ୍କ ସହ ଅଭିଭାବକ ଅଭିଭାବିକା, ସ୍କୁଲର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

ବାସୁଦେବପୁର: ବାସୁଦେବପୁର ପୌରପାଳିକାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ ଦାସ, ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇଥିଲେ। ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ। ପୌର ଉପାଧ୍ୟକ୍ଷ ଉତମ ବାରିକ, ଶିକ୍ଷାବିତ ଦୁଃଶାସନ ରାଉତ, ଏବି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

● ଧୂଷୁରୀ ପ୍ରେସ ୟୁନିଅନ

ଅସୁରାଳି: ହୃଦାନନ୍ଦ ପାଠାଗାରରେ ଧୂଷୁରୀ ପ୍ରେସ ୟୁନିଅନ ତରଫରୁ ସଭାପତି ସନ୍ତୋଷ ଦାସ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସାମ୍ବାଦିକ ସିଦ୍ଧାର୍ଥ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ରବି ପାଣିଗ୍ରାହୀ, ବରିଷ୍ଠ ନାଗରିକ ଓ ସମ୍ପାଦକ ଦୁର୍ଯ୍ୟୋଧନ ତରାଇ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଚନ୍ଦ୍ରଶେଖର ନାୟକ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା ଅନୁକମ୍ପା ମହିଳା ସଂଗଠନ ସଭାପତି କବିତା ସାହୁ, ଉପସଭାପତି ନମିତା ପଣ୍ଡା, ମନୋରମା ନାୟକ, ପ୍ରମିଳା ସେଠୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବାରିକପୁର: ଭଣ୍ଡାରିପୋଖରୀ ବ୍ଲକ ଅଂଚଳର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୟି ସୋର୍ ସାମାଜିକ ସଙ୍ଗଠନ ପକ୍ଷରୁ ରାଜେନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସଙ୍ଗଠନ ସମ୍ପାଦକ କୁମାର ରାହୁଲଙ୍କ ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ, ବିଡିଓ ଦେବଦତ ଦାଶ, ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଯାଜପୁର ଜିଲ୍ଲା କିନ୍ନର ସଭାପତି କାଜଲ ନାୟକ ଭଦ୍ରକ କିନ୍ନର ସଧାରଣ ସମ୍ପାଦିକା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ଅନୁଷ୍ଠା

ଫର୍ ଫର୍ ଉଡ଼ିଲା ତ୍ରିରଙ୍ଗା | ସ୍ୱାଧୀନତା ସଂଗ୍ରାମରେ ଯାଜପୁରର ଅବଦାନ ଅବିସ୍ମରଣୀୟ

ଯାଜପୁର, ୧୬।୮ (ସମିସ): ଯାଜପୁର ଜିଲ୍ଲା ସଦର ମହକୁମାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରଶାସନିକ ଭବନ ପଡ଼ିଆଠାରେ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଜାତୀୟ ଦିବସରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ଓ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ମତ ଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଯାଜପୁର ଜିଲ୍ଲାର ଅବଦାନ ଅବିସ୍ମରଣୀୟ। ବରୀ କଳାମାଟିଆର ୧୯୪୨ ମସିହା ଅସହଯୋଗ ଆନ୍ଦୋଳନ ଓ ସେଠାରେ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ମାୟାଧର ଭୂୟାଁ, ସାନନ୍ଦ ସ୍ୱାଇଁ, ସାଉଁଟି ମଲ୍ଲିକ ଓ ହାତିବନ୍ଧୁ ପଣ୍ଡାଙ୍କ ତ୍ୟାଗ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏହା କେବେ ବି ଭୁଲିବାର ନୁହେଁ ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ରଞ୍ଜୁଲତା ହୋତା, ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଲୋକପ୍ରତିନିଧି, ଆଇନଜୀବୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ପ୍ରମୁଖ ଯୋଗ ଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଯାଜପୁର ଟାଉନ: ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗାନ୍ଧୀଛକ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ନେତୃମଣ୍ଡଳୀମାନେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥିଭାବେ ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସର ସଭାପତି ପ୍ରତୀମା କର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।ଏଥିରେ ଅନ୍ୟମାନଙ୍କ ଭିତରେ ନାରାୟଣ ସାମନ୍ତ, ଦିଗମ୍ବର କର, ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ଭାସ୍କର ମହାନ୍ତି, ମାନସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଯେନା, ବିଭୂତି ମହାପାତ୍ର, ସଂଗ୍ରାମ ସାହାଣୀ, ଅବଦୁଲ ରୈଫ, କପିଳେଶ୍ୱର ଦଳାଇ, ଅବଦୁଲ ସଲିମ, ପରିମଳ ବିଶ୍ୱାଳ, ପାଣ୍ଡୁ ସାହୁ, ସୁରେନ୍ଦ୍ର ଦାସ, ଅକ୍ଷୟ ଶତପଥୀ, ବିଦ୍ୟାଧର ଦାସ, ବିଜୟ ମହାପାତ୍ର, ନୃସିଂହ ସାହୁ, ନକୁଳ ସାହୁ, ଅମୂଲ୍ୟ ବିଶ୍ୱାଳ, ବିଦ୍ୟାଧର ବାରିକ, ସମରେନ୍ଦ୍ର ନାୟକ, ଚିନ୍ମୟ ନାୟକ, ଗୋବିନ୍ଦ ସାହୁ ପ୍ରଭୃତ ଯୋଗଦେଇଥିଲେ।

ପାଣିକୋଇଲି: ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ, ପାଣିକୋଇଲି ଥାନା, ମା' ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ୍ ଆସୋସିଏସନ, ବରିଷ୍ଠ ନାଗରିକ ମଞ୍ଚଚ, ମା' ତାରଣୀ ଟ୍ରକ୍ ମାଲିକ ସଙ୍ଘ, ପାଣିକୋଇଲି, ଗୋଲେଇପୁର, କରଦା, ମୂଳାପାଳ ଓ ପଥରପଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଆମେ ବିପଦରେ ସାଥି, ପାଣିକୋଇଲି ଓ ହାଟସାହି ପ୍ରାଥମିକ କୃଷି ସେବା ସମବାୟ ସମିତି, ପଥରପଦା ନେତାଜୀ ଯୁବକ ସଙ୍ଘ, ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ, ଶେଷ ପରିଚୟ ବୃଦ୍ଧାଶ୍ରମ, ଓଚିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ପଥରପଦା ଉପ୍ରା ବିଦ୍ୟାଳୟ, ମା' ତାରିଣୀ ମହାବିଦ୍ୟାଳୟ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ବିଦ୍ୟା ସ୍କୁଲ ଓ କଲେଜ, ଜବାହାର ନବୋଦୟ ବିଦ୍ୟାଳୟ, ମୂଳାପାଳ, ପାଣିକୋଇଲି ଓ ଅମୃତିଆ ସରସ୍ୱତୀ ଶିଶୁ ମନ୍ଦିର, କୋରାଇ ପ୍ରେସ୍ କ୍ଲବ, ଦୁର୍ଗା କମିଟି ସମେତ ସବୁଠି ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାଣିକୋଇଲିଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ସ୍ଥାନୀୟ ନେମ୍ ଆଣ୍ଡ ଫେମ୍ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ବଜାର ପରିକ୍ରମା ପରେ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଶେଷ ହୋଇଥିଲା। ଇତ୍ୟ ଅବସରରେ ବିଧାୟକ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହିତ ତିରଙ୍ଗା ଓ ବୃକ୍ଷ ତ୍ୟାଗର ପ୍ରତୀକ ବୋଲି କହିଥିଲେ।

ସିଂହପୁର: ବିଞ୍ଜାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଓ ଏହାର ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ବ୍ରଜ କିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ସିଂହପୁର ମିନି ବସ୍ ଆସୋଏ ସନ ଓ ପେଟ୍ରୋଲ ପମ୍ପରେ ସାମ୍ବାଦିକ ଅନିରୁଦ୍ଧ ବେଉରିଆ ପତାକା ଉତ୍ତୋଳନ କରିଥିଲେ। ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ଅସ୍ଥାୟୀ ମଣ୍ଡପରେ ସଭାପତି ପଦ୍ମନାଭ ଦାଶ ପତାକା ଉତ୍ତୋଳନ କରିଥିଲେ। ବ୍ୟବସାୟ ସଂଘର ସମ୍ପାଦକ ନିରଞ୍ଜନ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶାନ୍ତ କୁମାର ନାୟକ, ଘନଶ୍ୟାମ ଦାସ, ନିରଞ୍ଜନ ଦାସ, ବିଦ୍ୟାଧର ଜେନା, ପ୍ରଦୀପ କୁମାର ଜେନା, କଳାକର ପାତ୍ର, ମେଘନାଥ ମହାଳିକ, ନାରାୟଣ ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ନାୟକ, ଜ୍ଞାନେନ୍ଦ୍ର ବେଉରିଆ, ନିତ୍ୟାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ। କୃଷି ସେବା ସମବାୟ ସମିତିରେ ସଭାପତି ବୈଷ୍ଣବ ଚରଣ ସାମଲ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଉତ୍କଳ କୁମାର ସାମଲ, ସମିତିର ସଦସ୍ୟ, କୃଷକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସିଂହପୁର ମହିଳା କୃଷି ସମୃଦ୍ଧି ସମବାୟ ସମିତିରେ ସିଂହପୁର ଆର ଆଇ ସୋମନାଥ ନାୟକ ପତାକା ଉତ୍ତୋଳନ କରିଥିଲେ। ଯାଜପୁର ଆଞ୍ଚଳିକ ଉନ୍ନୟନ କମିଟି ସଭାପତି ଅକ୍ଷୟ କୁମାର ବେହେରା, ଉପଦେଷ୍ଟା ବସନ୍ତ କୁମାର ସାହୁ, ଜୟନ୍ତ କୁମାର ସାହୁ, ବୈକୁଣ୍ଠ ନାଥ ଧଳ, ସଭାପତି ଅଞ୍ଜଳି ସାହୁ, ଭାଗ୍ୟଲକ୍ଷ୍ମୀ ସାହୁ, ଦମୟନ୍ତୀ ରାଉତ, ଗୀତାଞ୍ଜଳି ସାହୁ, ପ୍ରେମଲତା ମହାକୁଡ ଉମାକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସିଂହପୁର ହାଇସ୍କୁଲ, ଉପ୍ରା ବିଦ୍ୟାଳୟ, ସମେତ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

ଧର୍ମଶାଳା: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏନସିସି ପ୍ୟାରେଡରେ ଧର୍ମଶାଳା ବାଣୀପୀଠ ପ୍ରଥମ, କୋତପୁର ଜାଗୁଳାଇ ହାଇସ୍କୁଲ ଦ୍ୱିତୀୟ ଓ ଚର୍ଚ୍ଚିକା ହାଇସ୍କୁଲ ତୃତୀୟ ହୋଇଥିଲା ବେଳେ ସାଧାରଣ ପ୍ୟାରେଡରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, ଧର୍ମଶାଳା ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ଭେଙ୍କେଟଶ୍ୱର ସ୍କୁଲ ତୃତୀୟ ହୋଇଥିଲା। ସେହିପରି ସ୍କୁଲ ପିଲାମାନଙ୍କ ଦ୍ୱାରା ଆନୁଷ୍ଠିତ ପ୍ରଜ୍ଞାପନମେଢ଼ ପ୍ରଦର୍ଶନରେ ଗୁରୁକୁଳ ପବ୍ଲିକ ସ୍କୁଲ ପ୍ରଥମ, ଧର୍ମଶାଳା ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତୃତୀୟ ସ୍ଥାନ ହସଲ କରିଥିଲା। ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଅତିରିକ୍ତ ତହସିଲଦାର ଭବେଷ ମାଝୀ ଓ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଯୋଗଦେଇଥିଲେ।ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ଠାରେ ୭୯ ତମ ସ୍ୱାଧୀନତା ଦିବସ ସମାରୋହରେ ପାଳିତ ହୋଇଯାଇଛି। ଆଇନଜୀବୀ ଶ୍ୟାମପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଗୁପାଳ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ବ୍ଲକ ଜାରକା ମେନମାର୍କେଟ ସ୍ଥିତ ପ୍ଲେସ୍କୁଲ ପରିସରରେ ସ୍ୱାଧିନତା ଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି ଅତିଥି ଭାବେ ଯୋଗଦେଇ ପତକା ଉତ୍ତୋଳନ କରିଥିଲେ। ସେହିପରି ଧର୍ମଶାଳା ବ୍ଲକର ବିଭିନ୍ନ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ଗୁଡିକରେ ସ୍ୱାଧୀନତା ଦିବସ ପାଳନ ସହିତ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା।

ବରୁଆଁ: ଯାଜପୁର ସଦର ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଦର ଥାନାରେ ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସରକାରୀ ଶିକ୍ଷ ତାଲିମ୍ ଅନୁଷ୍ଠାନରେ ଅଧ୍ୟକ୍ଷ ପଦ୍ମନ ଚରଣ ସେଠୀ, ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ସୁଜନପୁରରେ ଅଧ୍ୟକ୍ଷ ସୀମନ୍ତ ଭାନୁ ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ, ଜଳ ସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ବଟକୃଷ୍ଣ ସାହୁ, ବରୁଆଁ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବ୍ରଜ କିଶୋର ପାଢ଼ୀ, ମହେଶ୍ୱରପୁର ପଞ୍ଚାୟତରେ ସରପଞ୍ଚ ସୁଜିତ୍ କୁମାର ରାୟ, ଜମଧର ପଞ୍ଚାୟତରେ ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁରେ ସରପଞ୍ଚ ଅନାହାର ବାନୋ ଓ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

କାଳିଆପାଣି: ସୁକିନ୍ଦା ନଗଡ଼ାରେ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମିଶନ ଜ୍ୟୋତି ଟ୍ରଷ୍ଟ ତରଫରୁ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ସମାଜସେବୀ ସତୀଶ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ କବି ତଥା ଲେଖିକା ଡ.ଚନ୍ଦ୍ରକଳା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

ବିଞ୍ଜାରପୁର: ବିଞ୍ଜାରପୁର ବ୍ଲକର ପୁରପଲ୍ଲୀରେ ହର୍ଷୋଲ୍ଲାସରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପତକା ଉତ୍ତୋଳନ କରାଯିବା ସହ ମ୍ରିନ୍ନ ବଣ୍ଟାଯାଇଛି। ବିଞ୍ଜାରପୁର ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲା ବେଳେ ବିଡିଓ ହିତାଂଶୁ ଶେଖର ସାମଲ, ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଞ୍ଜାରପୁର ଥାନାରେ ଥାନାଧିକାରୀ ବାମଦେବ ନନ୍ଦ, ଅଳକୁଣ୍ଡ ଥାନାରେ ଥାନାଧିକାରୀ ଦେବାଶିଷ ଶତପଥି ପତକା ଉତ୍ତୋଳନ କରିଥିବା ବେଳେ ସମସ୍ତ ଅଧିକାରୀ ଓ ପୁଲିସ କର୍ମୀ ଉପସ୍ଥିତ ଥିଲେ। ସେହିପରି ବିଇଓଙ୍କ କାର୍ଯ୍ୟାଳୟରେ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳୀ ରଥ, କଟକ ସେଣ୍ଟ୍ରାଲ ସମବାୟ ବ୍ୟାଙ୍କରେ ମ୍ୟାନେଜର ସଦାନନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଞ୍ଜାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଆଶାଲତା ସାହୁ, ଚନ୍ଦ୍ରମୁଁ ପଞ୍ଚାୟତ ସରପଞ୍ଚ ମାନସ କୁମାର ମଲ୍ଲିକ, ମାଁସଡା ପଞ୍ଚାୟତରେ ସରପଞ୍ଚ କଳିକା ଦାସ, ଶାସନ୍ଦାରେ ସରପଞ୍ଚ କାମଦେବ ଧଳ, ଅରେଇ ଗ୍ରାମ ପଞ୍ଚାୟତରେ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ଉତ୍ତରକୂଳରେ ସରପଞ୍ଚ ପ୍ରୀତିକ୍ରିଷ୍ଣା ଜେନା, କଏଣା ରଘୁନାଥପୁରରେ ସରପଞ୍ଚ ନିଶିପ୍ରଭାଜେନା, ସୟଦପୁରରେ ସରପଞ୍ଚ ଏମତି ସବିର, ଉତ୍ତଙ୍ଗାରରେ ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ବିଞ୍ଜାରପୁର ପାହ୍ନର ସଭାପତି ଅଶୋକ ସାହୁ, ଖରିଆ ପ୍ରାଥମିକ କୃଷି ସମବାୟ ସେବା ସମିତିରେ ସମ୍ପାଦକ ସମୀର ମଲ୍ଲିକ, ବରୁଣେଇ ପ୍ରାଥମିକ କୃଷି ସମବାୟ ସେବା ସମିତିରେ ସମ୍ପାଦକ ମାନସ କବି ପ୍ରମୁଖ ପତକା ଉତ୍ତୋଳନ କରିଥିଲେ।

ଦଶରଥପୁର: ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରଶାସନ ତରଫରୁ ଦଶରଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଡିଓ ଆକାଶ ପଟ୍ଟନାୟକ, ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ସଭ୍ୟ ପାର୍ଥସାରଥୀ ମହାପାତ୍ର, ସିଡିପିଓ ଶାନ୍ତିଲତା ସେଠୀ, ସମିତିସଭ୍ୟ ପ୍ରଶାନ୍ତ ମଲିକ, ପୂର୍ବତନ ଜନ ପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଭାତ ଫେରି ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଡିଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦଶରଥପୁର ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ଦଶରଥପୁର ଥାନାରେ ଆଇଆଇସି ଶରତ କୁମାର ନାୟକ, ଦଶରଥପୁର ମେଡିକାଲରେ ସ୍ୱାସ୍ଥ୍ୟାଧିକାରିଣୀ ଅନୁସ୍ମୟା ଜେନା ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ମଙ୍ଗଳପୁର: ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, କମିଟିର ସମସ୍ତ ସଭ୍ୟ ସଭ୍ୟାମାନଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ସେହିପରି ଜୟଚଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡୀ, ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଲ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମ୍ରିତାପ୍ରିତମ ମଲ୍ଲ, ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର, ମଙ୍ଗଳପୁର +୨ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରଶ୍ମି ସାମଲ, ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଉଜ୍ଜ୍ୱଳକାନ୍ତ ଦାସ, ୭ ନମ୍ବର ଜୋନର ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ଥାଳକୁଡ଼ି ସରପଞ୍ଚ ଗୀତାଞ୍ଜଳି ସେଠୀ, ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ, କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନା, ଦତ୍ତପୁର ସରପଞ୍ଚ ଶୁଚିସ୍ମିତା ମହାନ୍ତି ପ୍ରମୁଖ ପଞ୍

୭୯ ତମ ସ୍ୱାଧୀନତା ଦିବସ ପାଳନ

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶ ପ୍ରେମର ଭାବ ଜାଗ୍ରତ ହେବା ଆବଶ୍ୟକ

ନୟାଗଡ଼, ୧୬।୮ (ସମିସ)

ନୟାଗଡ଼ ସଦର ମହକୁମାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସକାଳେ ଡାକବାଜିରେ ରାମଧୂନ ପରିକ୍ରମା, ପ୍ରଭାତଫେରୀ, ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଓ କଲେଜରେ ଜାତୀୟ ପତାକା ଉତ୍ତୋଳନ ପରେ ତ୍ରିନାଥଛକରେ ଅବସ୍ଥାପିତ ମହାତ୍ମା ଗାନ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସକାଳ ୯ଘଟିକା ସମୟରେ ପିଟିଏସ୍ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ୟାରେଡରେ ଭାଗ ନେଇଥିବା ୪୯ ଗୋଟି ଦଳ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ । ପ୍ୟାରେଡେରେ ଭଲ ପ୍ରଦର୍ଶନ କରିଥିବା ୫ଗୋଟି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ସଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୩ଟି ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଯଥାକ୍ରମେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଚୟନରେ ପ୍ରିୟରଞ୍ଜନ ମିଶ୍ର, ରାଜ୍ୟସ୍ତରୀୟ କିଶୋରୀ-କିଶୋର ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ବିଦ୍ୟାବିଜିତା ମହାନ୍ତି, ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ୬୮ତମ ସ୍ୱନକ୍ଷତ୍ର ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ବିଶ୍ୱବିଜିତା ମହାନ୍ତି, ରୁତଭିକା ପାଲ, ଶିଖରପୁର ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରୀ ଯିଏକି ଡ.ଏପିଜେ ଅବଦୁଲ କଲାମ ଭାରତରତ୍ନ ସମ୍ମାନ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ନୟାଗଡ଼ ପୁରୁଣା ସହରର ସ୍ୱର୍ଗତ ଶିବୁନ୍ ସିଦ୍ଧାର୍ଥ ସାହୁଙ୍କର ଅଙ୍ଗ ପ୍ରଦାନ କରିଥିବାରୁ ତାଙ୍କ ମା' ଜୟନ୍ତୀ ସାହୁଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସୁରଜ୍ ଆଓାର୍ଡ ପ୍ରଦାନ କରାଯାଇଛି । ତାଙ୍କ ମାଆଙ୍କୁ ଆଜିର ଦିବସରେ ଏହି ମହତ୍ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ । ସେହିପରି ନୟାଗଡ଼ ରେଡକ୍ରସ ଭଲେଣ୍ଟିୟର୍ସ ଫୋରମର ବିଭିନ୍ନ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ଅନୁଷ୍ଠାନର ସଂଯୋଜିକା ସୁନୀତା ରାଣୀ ମହାପାତ୍ରଙ୍କୁ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ପରିଶେଷରେ ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼ଙ୍କ ଆନୁକୂଲ୍ୟରେ କରାଯାଇଥିଲା । ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଟାରୀ କ୍ଲବ ନୟାଗଡ଼ ଓ ବ୍ଲଡ୍ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ । ପରେ ପରେ ନୟାଗଡ଼ ପୌରପରିଷଦ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା ।

ଭାପୁର: ଭାପୁର ବ୍ଲକ ପରିସରରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜାତୀୟପତାକା ଉତ୍ତୋଳନ କରିଥିଲେ । ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକର ଜନପ୍ରତିନିଧି ଓ କ୍ଲବ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅର୍ଜୁନ ପ୍ରଧାନ, ଡାକ୍ତରଖାନାରେ ଡାକ୍ତର ବିଶ୍ୱନାଥ ସାହୁ, ଫତେଗଡ଼ ଥାନାରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ଫାଣ୍ଡିରେ ସୁଶାନ୍ତ କୁମାର ବେହେରା, ଭାପୁର ବଜାରରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘ ତାର ନିଜସ୍ୱ ଗୃହରେ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ବଜାରରେ ବଜାର ସଭାପତି କାର୍ତ୍ତିକଚନ୍ଦ୍ର ନାୟକ, ମାନପୁରଠାରେ ଖଣ୍ଡପଡ଼ା ଭାପୁର ବିକାଶ ପରିଷଦର ସଭ୍ୟ ମାନେ, ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମସ୍ତ ବ୍ୟାଙ୍କ, ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଭାତ ଫେରି କରି ଜାତୀୟ ସଙ୍ଗୀତ ଗାନ କରି ଗାଁ ଗାଁ ବୁଲି ଜନସାଧାରଣଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରାଇଥିଲେ ।

ଗଣିଆ: ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ତହସିଲ କାର୍ଯ୍ୟାଳୟ ପଞ୍ଚାୟତ ସମିତି, ଗଣିଆ ଥାନା, ଶିଶୁ ରାଇଜ, ଗଣିଆ ଉନ୍ନୟନ କମିଟି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ କେନ୍ଦ୍ର, ମହାନଦୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ବଣିକ ସଂଘ ଓ ମୋଟର କର୍ମଚାରୀ ସଂଘ, ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ବେଲପଡ଼ା ପଞ୍ଚାୟତ ସ୍ତରୀୟ ଉତ୍ସବ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ କିଶୋର ପ୍ରସାଦ ପଞ୍ଚାୟତ ସ୍ତରୀୟ ସ୍ୱାଧୀନତା ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଆୟୋଜିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରୀତିବାଳା ରଣା, ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ା, ପ୍ରଧାନଶିକ୍ଷୟତ୍ରୀ ନିହାର ବାଳା ରାଉତ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ପୂର୍ବତନ କ୍ରୀଡ଼ା ଶିକ୍ଷକ ବିରଞ୍ଚି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡରେ ଆରସି ସାମନ୍ତରାୟ ମହାବିଦ୍ୟାଳୟ, କିଶୋର ଚନ୍ଦ୍ର ଜେଆରସି ଗ୍ରୁପ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉନ୍ନତ ପ୍ୟାରେଡ ପ୍ରଦର୍ଶନ କରିଥିଲେ ।

ଖଣ୍ଡପଡ଼ା: ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବ୍ଲକ ପରିସରରେ ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏ ଅବସରରେ ଏବିଡିଓ ଝାଡେଶ୍ୱର ଦାଶ, ଜିପିଓ ଅନିତ ବଡ଼ସେଟଙ୍କ ସମେତ କାର୍ଯ୍ୟରତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ । ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ, ଏନଏସି କାର୍ଯ୍ୟାଳୟ, କୋର୍ଟ, ଥାନା, ଆଞ୍ଚଳିକ ସାମ୍ବାଦିକ ସଂଘ, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ କାର୍ଯ୍ୟାଳୟ, ଉମାଦେବୀ ଘରୋଇ ମୋଟର ଆସୋସିଏସନ, ବିଭିନ୍ନ କ୍ଲବ, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରଯାଇଥିଲା । ସେହିପରି କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଫାଣ୍ଡି ସମେତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା । ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମରେ ତହସିଲଦାର ରାଜାରାମ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତହସିଲସ୍ତରୀୟଉତ୍ସବରେ ବିଧାୟକ ଜଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ବିମଳ କୁମାର ବାରିକ, ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇଥିଲେ । ଏ ଅବସରରେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ବିକ୍ରମ କେଶରୀ ଦେଓ, ସମାଜସେବୀ ଚିତ୍ତ ରଞ୍ଜନ ମିଶ୍ର, କ୍ରୀଡା ଶିକ୍ଷକ ସତ୍ୟଜିତ ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଅନ୍ୟପକ୍ଷରେ ବ୍ଲକ ଅଧୀନ ସମସ୍ତ ୨୨ ଗୋଟି ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିବା ସୂଚନା ମିଳିଛି ।

ଶରଣକୁଳ: ଶରଣକୁଳ ଓ ଗୋଡିପଡ଼ା ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବିଭିନ୍ନ କାର୍ଯ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଶରଣକୁଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମହେଶ୍ୱର ମହାପାତ୍ର, ଆଞ୍ଚଳିକ ସାମ୍ବାଦିକ ସଂଘରେ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର, ଲଡୁକେଶ ବଣିକ ସଂଘରେ ଉପସଭାପତି ରମେଶ ଚନ୍ଦ୍ର ମହାପାତ୍ର, କେଏସ୍‌ବି ପବ୍ଲିକ ସ୍କୁଲ ଭିକାରିପଡ଼ାରେ ସଭାପତି ମନୋରଞ୍ଜନ ଦାଶ, ବିପନ୍ନ ସହାୟକ ସଂଘରେ ଶିକ୍ଷାବିତ କିଶୋର ଚନ୍ଦ୍ର କର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପଥୁରିଆ ସାହି ଦାମୋଦର ଶିଶୁରାଇଜ ଓ ଜନକଲ୍ୟାଣ ସମିତି ସୁଆରସାହିରେ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅଧିକାରୀ ମିନତୀ ସାହୁ, ସହଯୋଗ ସ୍ୱେଚ୍ଛାସେବୀ ସଙ୍ଗଠନରେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସଭାପତି ସୁରେନ୍ଦ୍ର କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ । ପରେ ଶରଣକୁଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଜାତୀୟ ପତାକା ଧରି ପ୍ରଭାତଫେରୀରେ ବାହାରିଥିଲେ ।

ଓଡ଼ଗାଁ: ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶ ପ୍ରେମର ଭାବ ଜାଗ୍ରତ ହେବା ଆବଶ୍ୟକତା ରହିଛି । ଓଡ଼ଗାଁ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପରୋକ୍ତ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ଭାବଗ୍ରାହୀ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେହିପରି ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଂଘମିତ୍ରା ଶର୍ମା, ଓଡ଼ଗାଁ ବ୍ଲକରେ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଓଡ଼ଗାଁ ଏନ୍‌ଏସିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ପତାକା ଉତ୍ତୋଳନ କରିଥିଲେ । ଏଥିସହିତ ବିଇଓଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ରାଜକିଶୋର ସାହୁ, ଓଡ଼ଗାଁ ଆଦର୍ଶ ଥାନାରେ ଆଇଆଇସି ଅଭୟ ବେହେରା, ବନବିଭାଗ କାର୍ଯ୍ୟାଳୟରେ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲିକ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ନିଲାଞ୍ଜନ ଦାସ, ଓଡ଼ଗାଁ ସିମ୍ବାଦିକ ସଂଘ ଓଡ଼ଗାଁ ଏବଂ ସତ୍ୟସାଇ ସେବାକେନ୍ଦ୍ରରେରେ କ୍ୟାପଟେନ ରବୀନ୍ଦ୍ର କୁମାର ବଳ, ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ । ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ୨ ଶହ ମିଟର ଲମ୍ବ ବିଶିଷ୍ଟ ଏକ ଜାତୀୟ ପତାକା ପରିକ୍ରମା କରିଥିଲା । ଓଡ଼ଗାଁ ସରକାରୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକ, ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପଥରା ବୃଦ୍ଧାଶ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ କୁରାଳରେ ଅଧ୍ୟକ୍ଷ ଭାବଗ୍ରାହୀ କର, କୁରାଳ ରାଧାକୃଷ୍ଣ ଥିଏଟର ସଭାପତି ଗୌରଚନ୍ଦ୍ର ସାହୁ, କୋମଣ୍ଡ କଲେଜ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀରେ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ, ପନ୍ତିଖାରୀ ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ରଙ୍ଗଣୀପାଟଣା ରାଧାକାନ୍ତ ଯୁବକ ସଂଘ ଏବଂ ପଞ୍ଚାୟତରେ ସରପଞ୍ଚ ସସ୍ମିତା ପାତ୍ର, ଗାୟତ୍ରୀ ବିଦ୍ୟାମନ୍ଦିର ଓଡ଼ଗାଁ, ଗୋପବନ୍ଧୁ ଯୁବକ ସଂଘ ଛାମୁସାହି, ବସ୍ ଓନର ଆସୋସିଏସନ୍ ଓଡ଼ଗାଁରେ ଖେଳ ମଣିଷ ଭାବେ ଜଣାଶୁଣା ଦିବାକର ନାୟକ ପତାକା ଉତ୍ତୋଳନ କରିଥିଲେ । ଏତଦ ବ୍ୟତୀତ ଓଡ଼ଗାଁ, କୋମଣ୍ଡ, କୁରାଳ, ନନ୍ଦିଘୋର ବାହାଡାଝୋଲାରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଘରୋଇ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି ।

ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ସଫଳତା

ଓଡ଼ଗାଁ: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ କୀର୍ତ୍ତିଅର୍ଜିତାଙ୍କ ଧାରାବାହିକ ଭାବେ ଜିଲ୍ଲାସ୍ତରୀୟ ସଫଳତା ପାଇଛନ୍ତି । ସେ ଚଳିତବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଜିଲ୍ଲା ସ୍ତରରେ ପ୍ରଥମ ହୋଇଥିବା ବେଳେ ଅବକାରୀ ବିଭାଗ ଦ୍ୱାରା ଆୟୋଜିତ ନିଶା ନିବାରଣ ପ୍ରବନ୍ଧ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି । ଏଥିସହିତ ବିଗତ ବର୍ଷ ୨୦୨୪ ମସିହାରେ ସ୍ୱଚ୍ଛ ଭାରତ ଅଭିଯାନ, ନାରୀ ସଶକ୍ତିକରଣ, ସର୍ବଶିକ୍ଷା ଅଭିଯାନ, ବାଳିକା ସଶକ୍ତିକରଣର ସହିତ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଜିଲ୍ଲାସ୍ତରରେ ମଧ୍ୟ ପ୍ରଥମ ହୋଇ ସମ୍ମାନିତ ହୋଇଥିଲେ । ତାଙ୍କର ଧାରାବାହିକ ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଓଡ଼ଗାଁ ବୁଦ୍ଧିଜୀବୀ ମହଲରରୁ ଅନେକ ପ୍ରଶଂସା ମିଳିଛି ।

■ **ଦୁଇଗ୍ରାମ ମଧ୍ୟରେ ବିବାଦ**

ପୁଲିସ କଲା ପତାକା ଉତ୍ତୋଳନ

ଭାପୁର: ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜାତୀୟ ପତାକା ଉତ୍ତୋଳନକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ଦେଖାଦେଇଛି । ହାଇସ୍କୁଲ ସମେତ ସମସ୍ତ ଘରଦ୍ୱାର ପଦ୍ମାବତୀ ଗ୍ରାମର ସୀମା ମଧ୍ୟରେ ଥିବାବେଳେ ଏହାର ଖେଳପଡ଼ିଆଟି ନିକଟସ୍ଥ ତଳମାରଡ଼ା ଗ୍ରାମ ସୀମା ସରହଦରେ ରହିଛି । ଏହି ଖେଳପଡ଼ିଆରେ ପଦ୍ମାବତୀ ଗ୍ରାମର ଯୁବକମାନେ ଶୁକ୍ରବାର ଜାତୀୟ ପତାକା ଉତ୍ତୋଳନ ପାଇଁ ସଜବାଜ ହୋଇ ସମସ୍ତ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରିବା ସମୟରେ ତଳମାରଡା ଗ୍ରାମର କିଛି ଯୁବକ ଏହାକୁ ବିରୋଧ କରିଥିଲେ । ଯାହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଖବରପାଇ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସଦଳବଳେ ସେଠାରେ ପହଞ୍ଚି ଦୁଇ ଗ୍ରାମବାସୀଙ୍କୁ ବୁଝାଇ ଶାନ୍ତ କରିବା ସହ ଦୁଇ ଗ୍ରାମର ଯୁବକମାନଙ୍କୁ ସେଠାରୁ ବିଦାକରି ପଦ୍ମାବତୀ ପଞ୍ଚାୟତ ସରପଞ୍ଚ ଆଜୟକୁମାର ମଲ୍ଲିକଙ୍କୁ ଡକାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶନିବାର ଦୁଇ ଗ୍ରାମର ମୁରବୀମାନଙ୍କୁ ଡକାଇ ଏହାର ଆଶୁ ସମାଧାନ ପାଇଁ ଉଦ୍ୟମ କରିଛନ୍ତି ।

ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ

ଡକାୟତି ଯୋଜନା ପଣ୍ଡ; ୪ ଗିରଫ

୪ ବନ୍ଧୁକ, ୮ ଗୁଳି, ରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ

ଖୋର୍ଦ୍ଧା,୧୬।୮ (ସମିସ): ସଦର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ବଡ଼ଧରଣର ଡକାୟତି ପୂର୍ବରୁ ପୁଲିସ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳତା ପାଇଛି। ଗିରଫମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାର ମନୋଜ ସାହୁ (୨୫), ଖୋର୍ଦ୍ଧା ବକ୍ସିଲେନ୍‌ର ସୁନିଲ ସାହୁ (୨୫), ସଦର ଥାନା ଅଧୀନ କଦଳୀବାଡ଼ିର ସଦାଶିବ ପ୍ରଧାନ ଓରଫ ଧଣ୍ଡ(୩୪) ଓ ନୟାପଲ୍ଲୀ ଥାନା ଏନ୍-୩/୧୬୪ ଆଇଆର୍‌ସି ଭିଲେଜ୍‌ର ଧନଞ୍ଜୟ ନାୟକ (୩୩)। ସେମାନଙ୍କଠାରୁ ପୁଲିସ ୪ ବନ୍ଧୁକ, ୮ ଅଫୁଟା ଗୁଳି, ୩ ରଡ୍, ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ୍ ଓ ଏକ ସ୍କୁଟିକୁ ପୁଲିସ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ଦଧିମାଛଗାଡ଼ିଆ ଖେଳପଡ଼ିଆଠାରେ କେତେକ ଯୁବକ ଏକାଠି ବସି ଡକାୟତି ଯୋଜନା କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଯୁବକମାନେ ଦୌଡ଼ିଥିଲେ। ଅଧିକ ସନ୍ଦେହ ହେବାରୁ ପୁଲିସ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିଲା। ଜଣେ ଘଟଣାସ୍ଥଳରୁ ଖସି ଯାଇଥିଲା। ପରେ ପଚରାଉଚରା ସମୟରେ ରାମେଶ୍ୱର ପେଟ୍ରୋଲ ପମ୍ପ୍ ଓ ଟାଙ୍ଗୀ ଅଞ୍ଚଳର ପେଟ୍ରୋଲ ପମ୍ପ୍ ଲୁଟିବା ପରେ ଏନ୍‌ଏଚ୍-୨୩ ଦେଇ ଆନ୍ଧ୍ର ଅଭିମୁଖେ ଫେରାର୍ ହୋଇଯିବାକୁ ଯୋଜନା କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏହି ଘଟଣାରେ ପୁଲିସ ୨୪୭/୨୫ରେ ଏକ ମାମଲା ରୁଜୁ କରି ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ଫେରାର୍ ଥିବା ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ଫାର୍ମ ହାଉସ୍‌ରେ ପୁଲିସର ଚଢ଼ଉ

୨୮ ଲକ୍ଷର ବ୍ରାଉନ୍‌ସୁଗର, ହରିଣ ଶିଙ୍ଗ, ବନ୍ଧୁକ ଜବତ

ଖୋର୍ଦ୍ଧା,୧୬।୮ (ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଟାଙ୍ଗିଆପଡ଼ା ନିକଟ ଏକ ଫାର୍ମ ହାଉସ୍‌ରେ ବ୍ରାଉନ୍‌ସୁଗର ତିଲ୍‌ବେଳେ ପୁଲିସ ଚଢ଼ଉ କରି ୨୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଛି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫହୁଏହେଲେ ଆଦର୍ଶ ଥାନା ଅନ୍ତର୍ଗତ ବାସେଳୀ ସାହିର କ୍ଷୀରୋଦ ବେହେରା (୨୩), ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀର ସଂଗ୍ରାମ କେଶରୀ ନାଥ ଓରଫ ବାବୁଲି ଓରଫ୍ ବାଦଲ (୪୮)। ସେମାନଙ୍କଠାରୁ ପୁଲିସ ବ୍ରାଉନ୍‌ସୁଗର ସମେତ ହରିଣ ଶିଙ୍ଗ, ଜଙ୍ଗଲୀ ବାରହା, ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୁଲିସକୁ ଚକ୍‌ମା ଦେଇ ଫାର୍ମ ହାଉସ୍ ମାଲିକ ଫେରାର୍ ହୋଇଥିବାବେଳେ ତାକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ

ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଟାଙ୍ଗିଆପଡ଼ା ନିକଟ ଫାର୍ମ ହାଉସ୍‌ରେ ଏକ ବଡ଼ଧରଣର ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ଫାର୍ମ ହାଉସ୍ ନିକଟ ଅଞ୍ଚଳରେ ଛପି ରହିଥିଲେ। ଫାର୍ମ ହାଉସଠାରେ ଅଭିଯୁକ୍ତ ୩ ଜଣ ଏକାଠି ହେବା କ୍ଷଣି ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ମାଲ୍ କିଣିବାକୁ ଆସିଥିବା ଅଭିଯୁକ୍ତ ଜଣକ କୌଶଳକ୍ରମେ ଖସିଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ପୁଲିସ ଧରିଥିଲା। ସେମାନଙ୍କଠାରୁ ୨୮୩.୫୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର, ୨ ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ, ଅନ୍ୟ ଏକ ଲମ୍ବା ରାଇଫଲ୍ (ବନ୍ଧୁକ), ଦୁଇଟି ବାଇକ୍, ଦୁଇଟି ମୋବାଇଲ୍ ଫୋନ୍ ପୁଲିସ ଜବତ କରିଥିଲା। ଫାର୍ମ ହାଉସ୍ ଭିତରେ ଚଢ଼ଉବେଳେ ପୁଲିସ ତା' ଭିତରୁ ଏକ ହରିଣ ଶିଙ୍ଗ ଜବତ କରିବା ସହ ଜଙ୍ଗଲୀ ବାରହା ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲା। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଜିଲ୍ଲାକୁ ନିଶା କାରବାରମୁକ୍ତ ଲାଗି ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ପ୍ରଧାନ, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଭୂଷଣ୍ଡପୁର ଷ୍ଟେସନରେ ଅଟକିଲା ଭୁବନେଶ୍ୱର-ଜଗଦଲପୁର ଟ୍ରେନ୍

ଭୂଷଣ୍ଡପୁର,୧୬।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଅବସରରେ ଟାଙ୍ଗୀ ବ୍ଲକ୍ ଭୂଷଣ୍ଡପୁର ଷ୍ଟେସନରେ ଭୁବନେଶ୍ୱର-ଜଗଦଲପୁର ଦ୍ରୁତଗାମୀ ରେଳ ଗାଡ଼ି ରହଣୀକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି ରେଳ ଗାଡ଼ି ରହଣୀ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ଭୂଷଣ୍ଡପୁର, ବାଲିପାଟପୁର, କନ୍ତଳବାଇ, ସାନରାଉତପଡ଼ା, ଉକ୍ତଳା ଗୋପୀନାଥପୁର ଓ ମୂଆଗଡ଼ ପଞ୍ଚାୟତର ବାସିନ୍ଦା ଭୂଷଣ୍ଡପୁର ଷ୍ଟେସନରୁ ରେଳ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏହି ରେଳ ରହଣୀର ଯଥେଷ୍ଟ ଆବଶ୍ୟକତା ଥିଲା ତାହା ପୂରଣ ହୋଇଥିବା ହେତୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଅଶୋକ ପାତ୍ର, ଗୋପାଳ କୃଷ୍ଣ ଜେନା, ଗୀତାଞ୍ଜଳି ପାଟଶାଣୀ, ରଘୁନାଥ ମାଝୀ, ଗିରିଶ ଚନ୍ଦ୍ର ମହାରଣା, ଦୁର୍ଯ୍ୟୋଧନ ରାଉତରାୟ ସୌରଭ ଦାସ ମହାପାତ୍ର, ତାରାପ୍ରସାଦ ଚ୍ୟାଉ ପଟ୍ଟନାୟକ, ବୈକୁଣ୍ଠ ନାଥ ବେହେରା, ଅମଲ ଚକ୍ରବର୍ତ୍ତୀ, ପ୍ରଭାସ ମଣ୍ଡଳ, କିଶୋର ରାଉତରାୟ, ପ୍ରଭାକର ରାଉତରାୟ, ପ୍ରଶାନ୍ତ ସ୍ୱାଇଁ, ଲୋକନାଥ ଦାଶଙ୍କ ସମେତ ଏହି ସବୁ ପଞ୍ଚାୟତର ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଟ୍ରେନ୍‌କୁ ସ୍ୱାଗତ କରିଥିଲେ।

ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ଟାଙ୍ଗୀ,୧୬।୮ (ସମିସ): କନ୍ଧନୟାଗଡ଼ରେ ପଞ୍ଚଦଶ ବାର୍ଷିକ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗ୍ରାମର ଉତ୍ସାହୀ ଯୁବ କଳାକାରଙ୍କୁ ପାରମ୍ପରିକ ରାଧାକୃଷ୍ଣ, ବଳରାମ ଓ ଅନ୍ୟାନ୍ୟ ଭୂମିକାର ବେଶ ପୋଷାକରେ ସଜ୍ଜିତ କରାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତି ଅରୁଣ ସୁବୁଦ୍ଧି, ଲକ୍ଷ୍ମୀଧର ବେହେରା, ଜମ୍ବେଶ୍ୱର ଖମାରି, ନବଘନ ବେହେରା, ଦିଲ୍ଲୀପ ବେହେରା, ବିଜୟ ବେହେରା, ଶଙ୍କର୍ଷଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଆଲୋକ ବେହେରା, ହରିହର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସିଗ୍‌ମା ପବ୍ଲିକ୍ ସ୍କୁଲରେ ନନ୍ଦୋତ୍ସବ

ଖୋର୍ଦ୍ଧା,୧୬।୮ (ସମିସ): ସିଗ୍‌ମା ପବ୍ଲିକ୍ ସ୍କୁଲରେ ଶନିବାର ମହାସମାରୋହରେ ନନ୍ଦୋତ୍ସବ ପାଳିତ ହୋଇଛି। ଶ୍ରୀକୃଷ୍ଣଙ୍କ ଶିଶୁ ଅବତାରକୁ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ଅଲଙ୍କୃତ କରାଯାଇଛି। ଅନୁଷ୍ଠାନର ଶିକ୍ଷୟିତ୍ରୀ ସୁମିତ୍ରା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପ୍ରତିଷ୍ଠାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଭଜନକୀର୍ତ୍ତନ, ନୃତ୍ୟନାଟିକା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷୟିତ୍ରୀ କରିସ୍ମା ସାହୁ, ରଚିତା ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶତାଧିକ ଶିଶୁ ରାଧା-କୃଷ୍ଣ ବେଶରେ ସଜ୍ଜିତ ହୋଇ ମାଠିଆ ଏବଂ ବଇଁଶୀ ଧରି ବିଭିନ୍ନ ଭଜନ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ ଖୁଣ୍ଟିଆ, ବର୍ଣ୍ଣାଳି ମାଝୀ, ଶୁଭଦର୍ଶିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ନିରଞ୍ଜନପୁରରେ ନନ୍ଦୋତ୍ସବ

ଜଟଣୀ,୧୬।୮ (ସମିସ): ଜଟଣୀ ବ୍ଲକ୍ ନିରଞ୍ଜନପୁରରେ ବେଶ୍ ଧୂମ୍‌ଧାମ୍‌ରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବେହେରା ସାହିର ନୀଳଚକ୍ର ଯୁବକ ସଂଘ ପକ୍ଷରୁ ୨୦ତମ କୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଗ୍ରାମରେ ବେଶ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ପ୍ରଭୁଙ୍କୁ ଧୂପ ଦୀପ ଏବଂ ବିଭିନ୍ନ ସୁସ୍ୱାଦୁ ପ୍ରସାଦ ଠାକରୁଙ୍କଠାରେ ଅର୍ପଣ କରି ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଆୟୋଜକ ଯୁବକ ସଂଘ ପକ୍ଷରୁ ଲଉଡ଼ି ଖେଳ ପ୍ରତିଯୋଗିତା ହୋଇଥିଲା।

ବାଲୁଗାଁ ଓ ବାଣପୁରରେ ଜନ୍ମାଷ୍ଟମୀ ଉତ୍ସବ

ବାଲୁଗାଁ,୧୬।୮ (ସମିସ): ଚିଲିକା ବ୍ଲକ୍ ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟସ୍ଥିତ ସର୍ବପୁରାତନ ରାଧାକୃଷ୍ଣ ମନ୍ଦିର ଶ୍ରୀବାଳମୁକୁନ୍ଦ ଦେବଙ୍କ ପୀଠରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ତିଥିରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଧାକୃଷ୍ଣ ମନ୍ଦିର ପୀଠରେ ନିଆରା ପରମ୍ପରା ଦେଖିବାକୁ ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଠାକୁରଙ୍କଠାରୁ ବରପ୍ରାପ୍ତ ନିମନ୍ତେ ଆସିଥିବା ୩୫ଜଣ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ।

୩୫ ଅଧିଆ ବରପ୍ରାପ୍ତ

ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁ ଉଠିବା ସମୟମଧ୍ୟରେ ପ୍ରଭୁ ବାଳମୁକୁନ୍ଦ ଦେବ ସ୍ୱପ୍ନରେ ଆସି ଦର୍ଶନ ଦେଉଥିବା ସହ ମନସ୍କାମନା ପୂରଣ କରୁଥିବାର ବିଶ୍ୱାସ ରହିଥିବାବେଳେ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କ ମୁଖରୁ ଏହା ଶୁଣିବାକୁ ମିଳିଛି। ବିଭିନ୍ନ ମାରାତ୍ମକ ରୋଗରୁ ଆରୋଗ୍ୟ ଲାଭ ନ ହେବା ଓ ବିବାହର ବହୁ ବର୍ଷ ଧରି ନିଃସନ୍ତାନ ରହିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନ ହେବାରେ ଶେଷରେ ଶିବ ମନ୍ଦିରରେ ଅଧିଆ ପଡ଼ି ଆରୋଗ୍ୟ ଲାଭ କରିଥିବା ଜନମାନସରେ ବିଶ୍ୱାସ ରହିଛି। ମାତ୍ର ଭଗବାନ ବିଷ୍ଣୁଙ୍କ ନିକଟରେ ମନସ୍କାମନା ପୂରଣ ନିମନ୍ତେ ଅଧିଆ ପଡ଼ିବା ଏହି ପୀଠରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳୁଛି। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ହେବା ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ତରଫରୁ ପୁରାଣପାଠ କରାଯାଇଥିଲା। ଶେଷରେ ପୂଜା କରାଯାଇ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କୁ ଉଠାଇ ପ୍ରସାଦ ଦିଆଯାଇଥିଲା। ବିଗତ ବର୍ଷରେ ଏହି ତିଥିରେ ଅଧିଆ ପଡ଼ିଥିବା ବହୁ ଶ୍ରଦ୍ଧାଳୁ ଭଗବାନ ବିଷ୍ଣୁଙ୍କ ବରଦାନ ପାଇ ନିଜର ମନସ୍କାମନା ପୂରଣ ହୋଇଥିବା ଯଥା- ନିଃସନ୍ତାନ ମହିଳା ସନ୍ତାନପ୍ରାପ୍ତ ହୋଇଥିବା ଓ ବହୁ ଭକ୍ତ ବିଭିନ୍ନ ରୋଗର ଆରୋଗ୍ୟ ଲାଭ କରିଥିବା ବହୁ ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି।

ବାଣପୁର: ସୁପ୍ରସିଦ୍ଧ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଶୁକ୍ରବାର ଜନ୍ମାଷ୍ଟମୀ ତଥା ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥି ମଧ୍ୟରାତ୍ରରେ ରୋହିଣୀ ବୃଷରାଶି ନକ୍ଷତ୍ର ତିଥିର ସଂଯୋଗ ଅମୃତବେଳାରେ ବଜୁଳି କନ୍ୟା ଭାବରେ ମା' ଭଗବତୀଙ୍କ ଧରାବତରଣ ହୋଇଛି। ଏହାସହ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱରଙ୍କ ପୀଠରେ ଭଗବାନ ଶ୍ରୀକୃଷ୍ଣ ଗୋପାଳଙ୍କ ଜନ୍ମୋତ୍ସବ ନୀତିକାନ୍ତି ମହାଆଡ଼ମ୍ବର ସହ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଜନ୍ମୋତ୍ସବ ପାଳନ ଅବସରରେ ପରମ୍ପରା ଅନୁଯାୟୀ, ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ସେବନ, ବେଶ ଓ ବଲ୍ଲଭ ଆଳତି ପରେ ସର୍ବସାଧାରଣ ଦର୍ଶନ ହୋଇ ଶଙ୍କୁଡ଼ି, ଧୂପ, ପରେ ପହଡ଼, ସନ୍ଧ୍ୟାରେ ନିଶଙ୍କୁଡ଼ି ଧୂପ, ଆଳତି ହୋଇ ଦିନର ସମସ୍ତ ନୀତିକାନ୍ତି ଶେଷ ପରେ ମଧ୍ୟରାତ୍ର ପୂର୍ବରୁ ମା'ଙ୍କୁ ମହାସ୍ନାନ କରାଯାଇ ବଡ଼ସିଂହାର ବେଶ ପରେ ଘଣ୍ଟ କାହାଳି ବାଜି ଜନ୍ମ ବିଧି ନୀତିକାନ୍ତି ପାଳନ କରାଯାଇଥିଲା। ମା'ଙ୍କ ନିକଟରେ ଖଇ, ରାଶି କୋରା, ନଡ଼ିଆ କୋରା, ଫଳ ମୂଳ ଆଦି ଧୂପ ଲାଗି ହୋଇ ଜନ୍ମ ଆଳତି ବଢ଼ିବା ପରେ ଶଙ୍କୁଡ଼ି ପଣା କାନ୍ତି ଧୂପ ହୋଇ ରାତ୍ର ପହୁଡ଼ ପଡ଼ିଥିଲା। ସେହିପରି ଉକ୍ତ ସମୟରେ ଶ୍ରୀଦକ୍ଷେଶ୍ୱର ଦେବ ମନ୍ଦିରସ୍ଥିତ ବିଜେ ଶ୍ରୀଗୁରୁଣ୍ଡି ଗୋପାଳଙ୍କ ମଧ୍ୟରାତ୍ରରେ ଜନ୍ମ ବିଧି ସ୍ୱତନ୍ତ୍ର ନୀତିକାନ୍ତି ସହ ପାଳିତ ହୋଇଯାଇଛି।

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

'ଅନେକ ସଂଗ୍ରାମୀଙ୍କ ଜନ୍ମ ଓ କର୍ମପୀଠ ହେଉଛି ଖୋର୍ଦ୍ଧା ମାଟି'

ଖୋର୍ଦ୍ଧା,୧୬।୮ (ସମିସ): କ୍ରାନ୍ତିକାରୀ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱତନ୍ତ୍ରତା, ଯବାନଙ୍କ ବଳିଦାନ ଓ ତ୍ୟାଗକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସ୍ୱାଧୀନତା ଦିବସ ଧୂମ୍‌ଧାମରେ ପାଳିତ ହୋଇଛି। ଜିଲ୍ଲାର ସବୁଠି ତ୍ରିରଙ୍ଗା ପତାକା ଉଡ଼ିବା ଦେଖାଯାଇଥିବାବେଳେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଅମ୍ରିତ ରତୁରାଜ ଯୋଗଦେଇ ପତାକା ଉତ୍ତୋଳନ କରିଥିବାବେଳେ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଖୋର୍ଦ୍ଧା ହେଉଛି ବୀର ଜାତିର ମାଟି। ବହୁ ମୁକ୍ତି ସଂଗ୍ରାମୀଙ୍କ ଜନ୍ମପୀଠ ଓ କର୍ମପୀଠଭାବେ ଅଲିଭା ସ୍ୱାକ୍ଷର ବହନ କରିଛି। ଏହି ମାଟି କଳା, ସାହିତ୍ୟ ଓ ସଂସ୍କୃତିର ପ୍ରବାହମାନଙ୍କୁ ସୃଷ୍ଟି କରି ଜାଗରଣ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା। ଏହି ମାଟିର ବରପୁତ୍ର ରାଜା ମୁକୁନ୍ଦଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ମାଧବ ରାଉତରାୟଙ୍କ ତ୍ୟାଗ ଓ ବଳିଦାନକୁ ଏ ଜାତି କେବେ ଭୁଲିପାରିବ ନାହିଁ। ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଜି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀଙ୍କୁ ଏମାଟି ଜନ୍ମ ଦେଇଛି। ଭାରତର ସ୍ୱାଧୀନତା ଓ ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ଆଜି ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ଖ୍ୟାନାମା ଶିଳ୍ପୀ ଅଦୈତ ଚରଣ ଗଡ଼ନାୟକ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ରିଆନ୍ ବାଶା, ହାଇସ୍କୁଲ, ସିବିଏସ୍‌ଇ, +୨ କଳା, ବିଜ୍ଞାନ, ବାଣିଜ୍ୟ ଟପ୍ପର ଯଥାକ୍ରମେ- ସୌରଜିତ୍ ପ୍ରଧାନ, ସୋମେଶ ପ୍ରଧାନ, ବିଜୟଲକ୍ଷ୍ମୀ ମାର୍ଥା, ସୁଶିଲ କୁମାର ନାୟକ, ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଚିତ୍ରାଙ୍କନ, କୌତୁକ ବେଶ ପୋଷାକ, ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଓଡ଼ିଆ ଦେଶାତ୍ମବୋଧ ସଙ୍ଗୀତର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ପରେଡ୍‌ରେ ସମୁଦାୟ ୫୪ଟି ଟ୍ରୁପ୍ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ୩ଟି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଯଥାକ୍ରମେ ବିଜେବି ହାଇ ସ୍କୁଲ

୭୯ତମ ସ୍ୱାଧୀନତା ଦିବସ ପାଳିତ

'ଗଣତନ୍ତ୍ରକୁ ସମୃଦ୍ଧ କରିବାକୁ ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି'

କେନ୍ଦ୍ରାପଡ଼ା,୧୬।୮ (ସମିସ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ଅଭିଭାଷଣରେ ଆମ ଗଣତନ୍ତ୍ରକୁ ସମୃଦ୍ଧ ଓ ସଶକ୍ତ କରିବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ରହିଛି । ଏହି ଦାୟିତ୍ୱ ନିର୍ବାହ ସହ ସମାଜର ସବୁ ବର୍ଗର ବ୍ୟକ୍ତିଙ୍କୁ ସାଥିରେ ନେଇ ସାମାଜିକ ଭେଦଭାବ ଦୂର କରି ଏକ ପରିପକ୍ୱ ଓ ପରିପୃଷ୍ଟ ଗଣତନ୍ତ୍ର ପ୍ରତିଷ୍ଠା ଓ ବିକାଶ ପଥରେ ସହଭାଗୀ ହେବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି କହିଥିଲେ । ଏ ଅବସରରେ ପୁଲିସ ବିଭାଗର ୩ ଜଣ (ସରୋଜ ସାହୁ, ଡିଏସପି, ଦିଲ୍ଲୀପ ସାହୁ ଆଇଆଇସି ଟାଉନ ଥାନା ଓ ଶିଶିର କୁମାର ସାହୁ ଏଏସଆଇ ରାଜନଗର ଥାନା), ୨ ଜଣ ଅଗ୍ନିଶମ କର୍ମଚାରୀ (ଶଶୀଶେଖର ପଣ୍ଡା ଓ ବିଜୟ ସାହୁ), ଜଣେ ଡାକ୍ତର (ରଶ୍ମିରଞ୍ଜନ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜନଗର), ଗୋଟିଏ ଉତ୍କଳ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀ (ଗୋଲାରହାଟ, ଡେରାବିଶ), ଜଣେ କ୍ରୀଡ଼ାବିତ (ସାହଦତ ଖାଁ) ଓ ରାଜ୍ୟସ୍ତରୀ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ତେଜ ତନୁୟଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପରେଡ଼ରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଏନସିସି ବର୍ଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳକ ପ୍ରଥମ, ସରକାରୀ ହାଇସ୍କୁଲ ଏନସିସି ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳିକା ତୃତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବର୍ଗରେ ମାଇଁ ଏନସିସି ଆଲୁମିନା ଆସୋସିଏସନ ପ୍ରଥମ ହୋଇଥିବାବେଳେ ସରକାରୀ ବାଳିକା ବିଦ୍ୟାଳୟ କେନ୍ଦ୍ରାପଡ଼ା ଦ୍ୱିତୀୟ ଓ ସରସ୍ୱତୀ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଅଧିକାର କରିଥିଲେ । କନିଷ୍ଠ ବର୍ଗରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ଜେନିତ ଇଣ୍ଟରନ୍ୟାସନାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପ୍ରଜ୍ଞାପନ ମେଢ଼ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରଥମ, ଜିଲ୍ଲା ସମଗ୍ର ଶିକ୍ଷା ଦ୍ୱିତୀୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରାପୁର ଛକସ୍ଥ ଗରୁଆଳ ଯାଦବ ଭବନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିସହ ଜିଲ୍ଲା ଯାଦବ ଭବନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପବିତ୍ର ଜନ୍ମାଷ୍ଟମୀ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ସହସମ୍ପାଦକ ବିଶ୍ୱରଞ୍ଜନ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ଯାଦବ ସାଧାରଣ ସମ୍ପାଦକ ଲୋକନାଥ ଦାସ, ମ୍ୟୁନିସିପାଲିଟି ଯାଦବ ସଭାପତି ଅଜୟ ଦାସ, କେନ୍ଦ୍ରାପଡା ବ୍ଲକ ଯୁବ ଯାଦବ ସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା ଯୁବ କାର୍ଯ୍ୟକାରୀ ସଭାପତି ଧୀରେନ ଦାସ, କେନ୍ଦ୍ରାପଡ଼ା ବ୍ଲକ ମହିଳା ସଭାନେତ୍ରୀ ରୀନାରାଣୀ ଦାସ, ସମାଜସେବୀ ଜିତନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ସ୍ୱାଧୀନତା ଦିବସ କଜଳାସ୍ଥ କଂଗ୍ରେସ କାର୍ଯ୍ୟାଳୟରେ ପାଳନ କରାଯାଇଛି । ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ଚେୟାରମ୍ୟାନ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଖଟୁଆ, ଦଳିତ ନେତା ସର୍ବେଶ୍ୱର ସେଠୀ, ବିଦୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡ଼ା, ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ସିପିଆଇଏମ୍ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମ୍ପାଦକ ଗୟାଧର ଧଳ ପତାକା ଉତ୍ତୋଳନ କରିଥିଲେ । ଜିଲ୍ଲା କମିଟି ସଦସ୍ୟ ଜଗତଜୀବନ ଦାଶ, ଶ୍ରମିକ ନେତା ମାଧବ ଦାସ, ସନ୍ୟାସୀ ସାହୁ ପ୍ରମୁଖ ଯୋଗଦେଇ ଦେଶର ସମ୍ବିଧାନ, ଗଣତନ୍ତ୍ର, ଧର୍ମନିରପେକ୍ଷତା, ସ୍ୱାଧୀନ ବୈଦେଶିକ ନୀତି, ସାମାଜିକ ନ୍ୟାୟ ଆଜି ବିପନ୍ନ ବୋଲି ମତବ୍ୟକ୍ତ କରିଥିଲେ । ଏହା ବିରୁଦ୍ଧରେ କମ୍ୟୁନିଷ୍ଟମାନେ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ଆଗେଇ ଆସିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

ପଟ୍ଟାମୁଣ୍ଡାଇ: ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦରେ ଅଧକ୍ଷ ହେମନ୍ତ ସାହୁ, ଏସଡିପିଓ ଅଫିସରେ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନାରେ ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନାରେ ଆଇଆଇସି ଶ୍ରୀକାନ୍ତ ବାରିକ, ସବ୍‌ରେଜିଷ୍ଟ୍ରସନ ଅଫିସରେ ସବରେଜିଷ୍ଟ୍ରାର ଅଶୋକ ମହାନ୍ତି, ସବଡିଭିଜନ ହସ୍ପିଟାଲରେ ଡା. ନିରାକାର ପରିଡା, ଜଳସମ୍ପଦ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ବିଦ୍ୟୁତ ବିଭାଗ ସବଡିଭିଜନ ଅଫିସରେ ସହକାରୀ ଯନ୍ତ୍ରୀ ଙ୍ଗ ସ୍ମୃତିରଞ୍ଜନ ରଥ, ପଟ୍ଟାମୁଣ୍ଡାଇ କଲେଜରେ ଅଧକ୍ଷ ପ୍ରଫେସର ମନୋଜ ପରିଡା, ବିଜେଡି ଅଫିସରେ ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଧୋୟାଞ୍ଚଳରେ ଅବସରପ୍ରାପ୍ତ କର୍ମଚାରୀ ସେବାପରିଷଦ ସମ୍ପାଦକ ରାଜକୁମାର ବିଶ୍ୱାଳ, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରଠାରେ ସ୍ୱାମୀ ଅସୀମାନନ୍ଦ ଦାସ, ଭେଙ୍କଟେଶ୍ୱର ଙ୍ଗରାଜୀ ମିଡିୟମ ସ୍କୁଲରେ ଆଡ଼ଭୋକେଟ ସଞ୍ଜୟ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିସହ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍କୁଲ, କଲେଜ, ଅଫିସ ଓ ବ୍ୟବସାୟିକ ପ୍ରତିଷ୍ଠାନ ଓ ସଂଗଠନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ।

ପଞ୍ଚୁପାଣ୍ଡବ: ଡେରାବିଶ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସତ୍ରୁଘନ ମଲିକ ପତାକା ଉତ୍ତୋଳନ କରିଥିଲେ । ଦାମୋଦରଜୀଉ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର, ରାମଚଣ୍ଡୀ ଶିକ୍ଷା ନିକେତନରେ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ରାଜନଗର: ୭୯ତମ ସ୍ୱାଧୀନତା ଦିବସ ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି । ବ୍ଲକ ପରିସରରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ଯୀଶୁକୃଷ୍ଣ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକସ୍ତରୀୟ ପରେଡ଼ରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସୈନିକ ଓ ବିଭିନ୍ନ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ରାଜନଗର ଜେଏମଏଫସି କୋର୍ଟରେ ନ୍ୟାୟଧୀଶ ଶିବାନୀ ମିଶ୍ର, ବନଖଣ୍ଡ କାର୍ଯ୍ୟାଳୟରେ ଡିଏଫଓ ଭରଦରାଜ ଗାଓଁକର, ବ୍ଲକ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ରାଉତ, ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ ନେତା ଅଶୋକ ପ୍ରତିହାରୀ, ରାଜନଗର ଥାନାରେ ଆଇଆଇସି ନରେଶ ସାହୁ, ତାଳଚୁଆ ମେରାଇନ ଥାନାରେ ଆଇଆଇସି ବିମଲ ମଲ୍ଲିକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ରଶ୍ମିରଞ୍ଜନ ମହାନ୍ତି, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧକ୍ଷ ଘନଶ୍ୟାମ ମିଶ୍ର, ତ୍ରିନାଥ ବଜାରସ୍ଥ ବିଜେଡି କାର୍ଯ୍ୟାଳୟରେ ଦେବେନ୍ଦ୍ର ଜେନା, ତହସିଲରେ ତହସିଲଦାର ଯୀଶୁକୃଷ୍ଣ ଦାସ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିଓ ମନୋରଞ୍ଜନ ସେଠୀ, ଅବସରପ୍ରାପ୍ତ ସେନା କାର୍ଯ୍ୟାଳୟରେ ସୁବେଦାର ଗଗନ ସ୍ୱାଇଁ, ରାଜନଗର ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସଭାପତି ଦଧିବାବନ ଭୂୟାଁ, ରାଜନଗର ହାଇସ୍କୁଲରେ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ ପତାକା ଉତ୍ତୋଳନ କରିଥିଲେ ।

ରାଜନଗର ବ୍ଲକ ସୈନିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ସଭାପତି ସୁବେଦାର ଗଗନ ବିହାରୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସେନା ଅଧିକାରୀ ରବୀନ୍ଦ୍ର ମହାରଣା ପତାକା ଉତ୍ତୋଳନ କରିଥିଲେ । ଏଥିରେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ, ଅକ୍ଷୟ ନାୟକ, ରମାକାନ୍ତ ମାହୁନ୍ତ, ସୁବାସ ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ନାଥଶର୍ମା, ଜେମାଲତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜନଗର ବ୍ଲକ ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ଦଳୀୟ କାର୍ଯ୍ୟାଳୟରେ ପାଳନ କରାଯାଇଛି । ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ ପତାକା ଉତ୍ତୋଳନ କରିଥିଲେ । ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଂଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ସର୍ବେଶ୍ୱର ମହାନ୍ତି, କୈଳାସ ପରିଡ଼ା, ବାଇଧର ସେଠୀ, ତ୍ରିଲୋଚନ ସାହୁ, ବିଚିତ୍ର ମଲିକ, ରଂଜନ ମହାନ୍ତି, ଶୁଭସ୍ମିତା ରାଉତ, ପରମେଶ୍ୱର ଦାସ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ତ୍ରିନାଥ ବଜାରସ୍ଥ ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ବିଜେଡି ବରିଷ୍ଠ ନେତା ଦେବେନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ । ବରିଷ୍ଠ ବିଜେଡି ନେତା ଅଶୋକ ବଳ, ମାଗୁଣୀ ଚରଣ ଲେଙ୍କା, ମୋହନ ଦାସ, କାମଦେବ ରାଉତ, ଗଗନ ବଳ, ବାବାଜୀ ସାହୁ, ବିଚିତ୍ର ମଲିକ, ବିଜୟ ପାତ୍ର, ଦିଲ୍ଲୀପ ବେହୁରା, ଦାମୋଦର ମହାନ୍ତି କୁଳମଣି ସାହାଣୀ, ଆଶୋକ ଦାସ, ନରହରି ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଡେରାବିଶ: ୭୯ତମ ସ୍ୱାଧୀନତା ଦିବସ ଡେରାବିଶ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଡେରାବିଶ ବ୍ଲକ୍ କାର୍ଯ୍ୟାଳୟରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ । ପରେ ବିଧାୟକ କୁରୁଜଙ୍ଗା ଆଦର୍ଶ ବିଦ୍ୟାଳୟକୁ ଯାଇ ସେଠାରେ ପତାକା ଉତ୍ତୋଳନ କରିବା ପରେ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଡେରାବିଶ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସରୋଜ ନାୟକ, ଚାନ୍ଦୋଳ ମହାବିଦ୍ୟାଳୟରେ ଅଧକ୍ଷ ଅକ୍ଷୟ ବଳ, ଡେରାବିଶ କଲେଜରେ ଅଧକ୍ଷ ଚନ୍ଦ୍ରଶେଖର ନାୟକ, ଡେରାବିଶ ଥାନାରେ ଅଧିକାରୀ ଅମ୍ବିକା ପ୍ରସାଦ ଦାସ, ଚାନ୍ଦୋଳ ଫାଣ୍ଡିରେ ଅଧିକାରୀ ପ୍ରତାପ ରଥ, ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଭାନେତ୍ରୀ କାମିନୀ ମିଶ୍ର, ଚାନ୍ଦୋଳସ୍ଥ ଗଜ ଉଦ୍ଧାରଣ ରିକ୍ସା ଟ୍ରଲି ଚାଳକ ସଂଘ କାର୍ଯ୍ୟାଳୟରେ ଶ୍ରମିକ ନେତା ଅଶୋକ ତ୍ରିପାଠୀ, ଚାନ୍ଦୋଳ ବଜାରସ୍ଥ ବିଜେପି ଚାନ୍ଦୋଳ ମଣ୍ଡଳ କାର୍ଯ୍ୟାଳୟରେ ପୂର୍ବତନ ଜିଲ୍ଲା ଉପସଭାପତି ସ୍ମାରକ ମହାନ୍ତି, ଡେରାବିଶ ସାଂସ୍କୃତିକ ସଂଗଠନ କାର୍ଯ୍ୟାଳୟରେ ମହେନ୍ଦ୍ର ସିଂ ପତାକା ଉତ୍ତୋଳନ କରିଥିଲେ । କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ପ୍ରତିଷ୍ଠାତା ସମ୍ପାଦକ ପ୍ରାଧ୍ୟାପକ ଅଜୟ ରାଉତ ପତାକା ଉତ୍ତୋଳନ କରିଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା । ଦାନପୁର ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ପର୍ଶୁରାମ ମଲ୍ଲ ପତାକା ଉତ୍ତୋଳନ କରିଥିଲେ । କଳିଙ୍ଗ ଆବାସିକ ବିଦ୍ୟାଳୟରେ ଅଧକ୍ଷ ମନୋଜ ପ୍ରଧାନ, ବିବି ମଡେଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ପତାକା ଉତ୍ତୋଳନ କରିଥିଲେ । ସେହିପରି ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କନକଲତା ପ୍ରଧାନ ପତାକା ଉତ୍ତୋଳନ କରିଥିବାବେଳେ ବିଭିନ୍ନ ପଞ୍ଚାୟତ ଓ ସମବାୟ ସମିତି କାର୍ଯ୍ୟାଳୟରେ ସରପଞ୍ଚ ଓ ସଭାପତି ପତାକା ଉତ୍ତୋଳନ କରିଥିଲେ ।

ମାର୍ଶାଘାଇ: ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ମାର୍ଶାଘାଇ ମହାବିଦ୍ୟାଳୟରେ ଅଧକ୍ଷ ଡଃ ଶଶୀକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡଃ ପ୍ରଭାତ ଲେଙ୍କା, ଅଧ୍ୟାପକ ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମାର୍ଶାଘାଇ ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ, ଉପନିବନ୍ଧକ କାର୍ଯ୍ୟାଳୟ, ସବ୍‌ଟ୍ରେଜରୀ କାର୍ଯ୍ୟାଳୟ, ମାର୍ଶାଘାଇ କୃଷି ଜିଲ୍ଲା କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନରେ ଜାତୀୟ ଦିବସ ପାଳନ କରାଯାଇଥିଲା । ମାର୍ଶାଘାଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ସଂଜୟ ମଲ୍ଲିକ, ସରକାରୀ ଉଚ୍ଚବିଦ୍ୟାଳୟରେ ଗୋପୀନାଥ ବେହେରା, ଜନଶକ୍ତି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣା, ମଧୁସାଗର ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ, ପିଏନ୍‌ଏସ୍ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଅଧକ୍ଷ ସ୍ମୃତିରଞ୍ଜନ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ଗୋବିନ୍ଦପୁର: ଗୋବିନ୍ଦପୁର ସମେତ ଧୋୟାଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଗୋବିନ୍ଦପୁର କୃଷି ସେବା ସମବାୟ ସମିତିରେ ସଭାପତ

ଗାଁଠୁ ସହର ସବୁଠି ଉଡ଼ିଲା ତ୍ରିରଙ୍ଗା

ଜଗତସିଂହପୁର, ୧୬।୮ (ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ବାଣୀକ୍ଷେତ୍ର ଜଗତସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ ଭାଗୀରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଢ଼ିଆରୀ, ମା' ରମାଦେବୀ, ସରଳା ଦେବୀ, ନବକୃଷ୍ଣ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କୁ ନିଜର ଶ୍ରଦ୍ଧା ଅର୍ଘ୍ୟ ଅର୍ପଣ କରିଥିଲେ । ଅନୁସନ୍ଧିତ୍ସୁ ହୋଇ ତଥ୍ୟକୁ ବିଶ୍ଳେଷଣ କରିବା ସହ ପରମ୍ପରାଗତ ରୁଢୀବାଦୀ ଚିନ୍ତାଧାରାକୁ ନିଜର ଉନ୍ନତ, ସୃଜନଶୀଳ ପ୍ରଶ୍ନବାଚୀ ଦ୍ୱାରା ଏକ ପରିବର୍ତ୍ତନର ସ୍ୱର ଆଣିବାପାଇଁ ସେ ଯୁବଶକ୍ତିକୁ ପରାମର୍ଶ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀଶଙ୍କର ଉଦ୍‌ଗାତା ମୁଖ୍ୟଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଧ୍ରୁତି ସୁନ୍ଦର ସ୍ୱାଇଁଙ୍କୁ ମୁଖ୍ୟଅତିଥି ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣଚନ୍ଦ୍ର ସ୍ମାରକ ମେଧାବୃତ୍ତି, ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥ, ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପୂର୍ବାହ୍ନ ୮ଘ.୩୦ ମିନିଟ ସମୟରେ ମୁଖ୍ୟଅତିଥି ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେଡ୍ ପରେ ମୁଖ୍ୟଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ଜିଲ୍ଲା କାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଏସଡିପିଓ ଅଜିଙ୍କା ମାଣେ, ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ, ଉପାଧକ୍ଷ ରାଜେନ୍ଦ୍ର ବିଶୋଇ, ଜିଲ୍ଲାସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା ପରେଡ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପରିଚାଳନା କରିଥିବାବେଳେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସଂଯୋଜନା କରିଥିଲେ ।

ଅନ୍ୟପକ୍ଷରେ ସହରର ସିପି ନିକଟରେ ଥିବା ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଡକ୍ଟର ସରୋଜ ଷଡ଼ଙ୍ଗୀ ଓ ଅନ୍ୟ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

ସେହିପରି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଉନ ହଲସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ ନେହେରୁ, ଲାଲବାହାଦୂର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଉତ୍କଳମଣି ଗୋପବନ୍ଧୁ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ସରଳା ଦେବୀ, ଭାଗୀରଥି ମହାପାତ୍ର, ପ୍ରାଣକୃଷ୍ଣ ପଢ଼ିହାରୀ, ମାଳତୀ ଦେବୀ, ରମା ଦେବୀ, ଜାତୀୟ କବି ବୀରକିଶୋର ଦାସ, ଲୋକନାଥ ରାୟ, ବ୍ରହ୍ମାନନ୍ଦ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ, ଶଶୀଭୂଷଣ ଦାସ ଓ ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, କଂଗ୍ରେସ କର୍ମୀ ମାନସ ରଥ, ସତ୍ୟବ୍ରତ ଦାସ, ପ୍ରମୋଦ ସାହୁ, ବିଶ୍ୱଜିତ ପୋଥାଲ, ଆଶୀର୍ବାଦ ତ୍ରିପାଠୀ, ଡଃ ଜଗଦାନନ୍ଦ ବେହେରା, ଶରତ ମଲ୍ଲିକ, ହିଫଜୁଲ୍ ରହେମାନ, ଇମତିୟାଜ ଅହମ୍ମଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

ଜଗତସିଂହପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଉପସଭାପତି ସୌଭାଗ୍ୟ ମହାନ୍ତି, ପୌରା ଉପାଧକ୍ଷ ରାଜେନ୍ଦ୍ର ବିଷୋଇ, ମିଡ଼ିଆ ସେଲ ଅଧକ୍ଷ ଗଣେଶ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, କାଳୀକିଙ୍କର ମହାନ୍ତି, ତ୍ରୈଲୋକ୍ୟ ପଣ୍ଡା, ସୈନିକ ବିନୋଦ ବିହାରୀ ମହାନ୍ତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜନାରାୟଣ ସାହୁ, ସମୀର ନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ଲିଙ୍ଗରାଜ ଲେଙ୍କା, ସମ୍ବିତ ଷଡ଼ଙ୍ଗୀ, ସବିତା ସ୍ୱାଇଁ ଯୋଗ ଦେଇଥିଲେ ।

ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆଙ୍କ ପୌରୋହିତ୍ୟ ଓ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାଧୀନତା ଦିବସ ସଭାରେ ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଡଃ ଜ୍ୟୋତିର୍ମୟୀ ମହାନ୍ତି ଓ କୋଷାଧକ୍ଷ ସୋମନାଥ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଜନ୍ମାଷ୍ଟମୀ ଅବସରରେ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶ ଧାରଣ କରି ନଗର ପରିକ୍ରମା କରିଥିଲେ ।

ବାଲିକୁଦା: ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବାଲିକୁଦା ବ୍ଲକରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବାଲିକୁଦା ଥାନାରେ ଅଧିକାରୀ ସୁଶାନ୍ତ ସାହୁ, ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ହିମାଂଶୁ ସାହୁ, ବାଲିକୁଦା ତହସିଲ କାର୍ଯ୍ୟାଳୟ ଓ ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତହସିଲଦାର ବିକାଶ ରଞ୍ଜନ, ବାଲିକୁଦା ପଞ୍ଚାୟତ କାର୍ଯ୍ୟାଳୟ, ଜାଭିୟର ସ୍କୁଲ, ବାଲିକୁଦା ସରକାରୀ ବିଦ୍ୟାଳୟରେ ସରପଞ୍ଚ ରାଜକିଶୋର ସାହୁ, ଜଳସମ୍ପଦ କାର୍ଯ୍ୟାଳୟରେ ଯନ୍ତ୍ରୀ ସୁଚିସ୍ମିତା ଷଡ଼ଙ୍ଗୀ, ବଡଗା ପଞ୍ଚାୟତରେ ସରପଞ୍ଚ ଟୁନିଲତା ବେହେରା, ଅଗ୍ନିଶମ କାର୍ଯ୍ୟଳୟରେ ଅଧିକାରୀ ଅଲେଖ ସେଠୀ, ଜଗନ୍ନାଥ ଫିଲିଂ ଷ୍ଟେସନରେ ଅଧକ୍ଷ ଭାଗୀରଥି ସାହୁ, ଭାରତ ଫାଇନାନ୍ସ କମ୍ପାନୀରେ ମ୍ୟାନେଜର ପ୍ରଭାତ ନାୟକ ପତାକା ଉତ୍ତୋଳନ କରିଥିଲେ । କୋଷାଧକ୍ଷ ରାକେଶ ଦାସ, ମିଞ୍ଜନ ମଲ୍ଲିକ, ଅଶ୍ୱିନୀ ଜେନା, ଜ୍ଞାନରଞ୍ଜନ ମଲ୍ଲିକ, ଶ୍ରାବଣୀ ମହାପାତ୍ର, ଶୁଭମ୍ ମହାନ୍ତି, ସୌମ୍ୟରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବରିଷ୍ଠ ନାଗରିକ ସଙ୍ଘ କାର୍ଯ୍ୟାଳୟରେ ସଭାପତି ଶରତ କିଶୋର କାନୁନଗୋ, ବାଲିକୁଦା ପ୍ରେସ କ୍ଲବ୍‌ରେ ସଭପତି ମନୋଜ ଦାଶ, ବାଲିକୁଦା ମହାବିଦ୍ୟାଳୟରେ ଅଧକ୍ଷ କୃଷ୍ଣଚନ୍ଦ୍ର ମହାନ୍ତି, ବାଳିକା ମହାବିଦ୍ୟାଳୟରେ ଅଧକ୍ଷା ତନୁଜାବାଳା କାନୁନଗୋ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ରଘୁନାଥପୁର: ରଘୁନାଥପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରଘୁନାଥପୁର ପଞ୍ଚାୟତ ସମିତିରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଜାତୀୟ ପତକା ଉତ୍ତୋଳନ କରିଥିଲେ । ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ତହସିଲରେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ମେଡିକାଲରେ ଡା ସୁକାନ୍ତ ଦଳାଇ, ପିଏନବିରେ ଅଧିକାରୀ ଧୈର୍ଯ୍ୟଧର ବେହେରା ପତକା ଉତ୍ତୋଳନ କରିଥିଲେ । ସେହିପରି ତାରପୁର ପଞ୍ଚାୟତରେ ସରପଞ୍ଚ ସୁଷମା ମଲ୍ଲିକ, ବରାଗୋଳରେ ଜୟନ୍ତୀ ଦାସ, ରେଢୁଆରେ କିଶୋର ବେହେରା, ତଂଆରାରେ ବଟକୃଷ୍ଣ ନାୟକ, ଧରାଧରପୁରରେ ନଳିନୀପ୍ରଭା ମୁଦୁଲି, ଚିକଣିଆରେ ବିଷ୍ଣୁଚରଣ ସେଠୀ, ବିଦ୍ୟାଧରପୁରରେ ସରପଞ୍ଚ ସାହେଦା ତବସୁମ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତାରପୁର ସୋସାଇଟି ଓ ମା' ନାରାୟଣୀ ସୋସାଇଟ, ରେଢୁଆ ବିସି କଲେଜ, କୁର୍ତ୍ତାଙ୍ଗ ସ୍ୱାମୀ ଆରୂପାନନ୍ଦ କଲେଜ, ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ, କ୍ଲବ, ବଜାର କମିଟି ଓ ମହିଳା ସଂଗଠନ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା ।

ପାରାଦୀପ: ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡ଼ିୟମରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବନ୍ଦର ଅଧକ୍ଷ ପିଏଲ ହରନାଦ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବନ୍ଦରର ଅଗ୍ରଣୀ ସ୍ଥିତି ବଜାଇ ରଖିବାକୁ ସମସ୍ତଙ୍କୁ ନୂତନ ଶକ୍ତି ସହିତ ଏକାଠି କାମ କରିବାକୁ ଅଧକ୍ଷ ଆହ୍ୱାନ ଦେଇଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ପରେଡ ବିଜେତାଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ । ଅପରାହ୍ନରେ ପାରାଦୀପ ବନ୍ଦର ଓ ଜଗତସିଂହପୁର ଫୁଟବଲ ଏକାଡେମୀ ମଧ୍ୟରେ ଏକ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ବିଜୁ କନଭେନସନ ସେଣ୍ଟରରେ ସ୍କୁଲ ପିଲାଙ୍କ ମଧ୍ୟରେ ଆନ୍ତଃସ୍କୁଲ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଅନ୍ୟପକ୍ଷରେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ନୂଆବଜାରସ୍ଥ ସଙ୍ଘ କାର୍ଯ୍ୟାଳୟ ରେ ୭୯ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏଥିରେ ସଂଘର ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମ ରେ ବିଜେଡି ନେତା କୁମର ବର ନାୟକ, ଅନୁପ ସହାଣୀ, ଲପନ ପରିଡ଼ା, ଦୀପକ କୁମାର ସ୍ୱାଇଁ, ଅଶୋକ ସାହୁ, ରମାକାନ୍ତ ସ୍ୱାଇଁ ଙ୍କ ସମେତ କର୍ମଚାରୀ ତପନ ଦାସ, ନିର୍ମଳ ମହାପାତ୍ର, ଶିବ ବଳିଆରସିଂ, ବଟ କିଶୋର ସ୍ୱାଇଁ ଓ ସୁବ୍ରତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ମୁଖ୍ୟ ପ୍ରଦୀପ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏ ଅବସରରେ ଇଫକୋ ଡିଏଭି ସ୍କୁଲ ଓ ଜ୍ୟୋତି ଲେଡିଜ୍ କ୍ଲବ୍‌ର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଇଫ୍‌କୋ ପି ଆଣ୍ଡ ଏର ମହାପ୍ରବନ୍ଧକ ବିଜୟ ପରିଡ଼ା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପାରାଦୀପ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ଅଧିକାରୀ ପ୍ରବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କମ୍ପାନୀର ସୁରକ୍ଷା ତଥା ଅନ୍ୟାନ୍ୟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ପାରାଦୀପ ରିଫାଇନରୀରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିରେ ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଡିପିଏସ୍ ପାରାଦୀପ ରିଫାଇନାରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଏ ଅବସରରେ ପାରାଦୀପ ରିଫାଇନାରୀ ନିକଟସ୍ଥ ଅନାଥାଶ୍ରମରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା ।

ପିପିଏଲ ଡିଏଭି ସ୍କୁଲ୍‌ରେ ପିପିଏଲର ସିଜିଏମ (ଏଚଆର, ଆଇଆର) ସୁମିତ୍ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସ୍କୁଲ ଅଧକ୍ଷ ସଞ୍ଜୀବ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଓ ଓଡ଼ିଆରେ ଛାତ୍ରୀ କଳ୍ପନା ବାରିକ ଓ ଲକ୍ଷ୍ମୀପ୍ରିୟା ଜେନା ସ୍ୱାଧୀନତାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଗୁରୁତ୍ୱ ବିଷୟରେ କହିଥିଲେ । ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ା ଶିକ୍ଷକ ଶାଶ୍ୱତ ଭାରତୀୟ, ଦିବ୍ୟେନ୍ଦୁ ଦାସ, ସତ୍ୟବ୍ରତ କାଠ, ଜୟଦେବ ଚକ୍ରବର୍ତ୍ତୀ, ପ୍ରେରଣା ଦାସ, ସୁଭାଷ ଦାସ, ତତ୍ତ୍ୱଦର୍ଶିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପାରାଦୀପଗଡ଼ ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବିଡିଓ ଦୀପକ ସ୍ୱାଇଁ ଯୋଗଦେଇ ରାଜ୍ୟ କରାଟେ ଚାମ୍ପିଅନସିପରେ ୩୫ଟି ସ୍ୱର୍ଣ୍ଣପଦକ ଜିତିଥିବା ପାରାଦୀପ କରାଟେ ଆସୋସିଏସନ୍‌ର ୩୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପଞ୍ଚାୟତ ମହିଳା ମହାସଂଘର ୧୩ ଜଣ ସିଆରପି, ଏମବିକେ ଓ ବ୍ୟାଙ୍କ୍ ମିତ୍ର ଓ ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୪ଟି ହାଇସ୍କୁଲର ୨୪ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା । ମୁଖ୍ୟବକ୍ତା ଭାବେ ଆଇନଜୀବୀ ସଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ଏମବିକେ କଳ୍ପନା ମହାପାତ୍ର, ବିଷ୍ଣୁଚରଣ ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ ଯୋଗ ଦେଇଥିଲେ ।

ମଣିଜଙ୍ଗା: ତିର୍ତ୍ତୋଲ ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଓ ଅଫିସରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ମଣିଜଙ୍ଗା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଙ୍କ ପ୍ରତ୍ୟୁଷ ତରାଇ ପତାକା ଉତ୍ତୋଳନ କରିଥିଲେ । ସେହିପରି ସବ୍‌ରେଜିଷ୍ଟ୍ରାର ଅଫିସରେ ଅମରେନ୍ଦ୍ର କୁମାର

ଗୋ-ମାଂସ ବିକ୍ରିକୁ ନେଇ ଉତ୍ତେଜନା; ୬ ଅଟକ

ବାରିପଦା, ୧୬।୮ (ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଶଙ୍ଖାଭଙ୍ଗା ଗ୍ରାମରେ ଗୋମାଂସ ବିକ୍ରି ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଶଙ୍ଖାଭଙ୍ଗା ଗ୍ରାମର ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ସେଠାରେ ଗ୍ରାମବାସୀ ମାଂସ ରୋଷେଇ କରୁଥିବା ବେଳେ ତାହା ଗୋ ମାଂସ ବୋଲି କିଛି ଲୋକେ ଅଭିଯୋଗ କରିଥିଲେ; ଯାହାକୁ ନେଇ ଗ୍ରାମବାସୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ଗଣ୍ଡଗୋଳ ସୃଷ୍ଟି ହେବାରୁ ଘଟଣାସ୍ଥଳରେ ବାରିପଦା ସଦର ଥାନା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅଭିଯୋଗକ୍ରମେ ପୁଲିସ ୬ଜଣ ଗ୍ରାମବାସୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ସେମାନେ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ କୁଆବୁଡା ଗ୍ରାମର ଲକ୍ଷ୍ମଣ ମାଣ୍ଡି(୧୯), କେଉଟଣମାରି ଗ୍ରାମର ଦୁଲାରୀ ମୁର୍ମୁ(୪୦), ବଡ଼ସାହି ଥାନା ଅନ୍ତର୍ଗତ ଡୁକୁରା ଗ୍ରାମର ମକରା ମୁର୍ମୁ(୩୦), ଶଙ୍ଖାଭଙ୍ଗା ଗ୍ରାମର ଗୋପୀନାଥ ମାଣ୍ଡି(୨୫), ମୋରଡା ଥାନା ଅନ୍ତର୍ଗତ ଇଟାପୋଖରୀର ଗ୍ରାମର ଚମ୍ପା କିସ୍କୁ(୧୯) ଓ ପୁଣ୍ଡୁ ମାଣ୍ଡି(୪୫)। ୮୦ କିଲୋ ରୋଷେଇ ମାଂସ ଓ ୧କିଲୋ ମାଂସ ଜବତ କରାଯାଇଛି। ଅନ୍ୟପଟେ ପଶ୍ଚିମବଙ୍ଗ ଅଞ୍ଚଳରୁ ଜଣେ ବ୍ୟକ୍ତି ଗୋମାଂସ ଆଣି ଶଙ୍ଖାଭଙ୍ଗା ପଡ଼ିଆ ନିକଟରେ ବିକ୍ରି କରୁଥିବା ସ୍ୱୀକାର କରିଛି। ତେବେ ତାଙ୍କଠାରୁ ମାଂସ କିଣି ରୋଷେଇ କରୁଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

କ୍ଷମତା ସଂକୁଚିତ ସମ୍ପୂର୍ଣ୍ଣ ଅଣସାମ୍ବିଧାନିକ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ ବ୍ଲକ୍ ଅଧ୍ୟକ୍ଷଙ୍କ ଦାବିପତ୍ର

ବାରିପଦା, ୧୬।୮ (ସମିସ)



ପଞ୍ଚାୟତିରାଜ ବିଭାଗର ପ୍ରସ୍ତୁତ ଡ୍ରାଫ୍ଟକୁ ନେଇ ମୟୂରଭଞ୍ଜ ଜିଲ୍ଲାର ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଫଳରେ ସମସ୍ତେ ଏହାକୁ ବିରୋଧ କରି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୭୩ତମ ପଞ୍ଚାୟତିରାଜ ସାମ୍ବିଧାନିକ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ମାତ୍ର ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା ୨୦୭୪୫/୩୧ ଜୁଲାଇ ୨୦୨୫ ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା ଡ୍ରାଫ୍ଟ ଅନୁସାରେ୨୦ଲକ୍ଷ ଟଙ୍କା ତଳକୁ ଆସୁଥିବା ପ୍ରକଳ୍ପ ଗୁଡିକରେ ଅଧ୍ୟକ୍ଷ/ଅଧ୍ୟକ୍ଷାମାନଙ୍କ କାଉଣ୍ଟର ଦସ୍ତଖତକୁ ଉଚ୍ଛେଦ କରାଯାଇଛି; ଯାହାକି ସମ୍ପୂର୍ଣ୍ଣ ଭାବେ ଅଣସାମ୍ବିଧାନିକ। ଏପରିକି ବ୍ଲକ କାର୍ଯ୍ୟାଳୟକୁ କୌଣସି ପ୍ରକଳ୍ପ ୨୦ଲକ୍ଷ ଟଙ୍କାରୁ ଅଧିକ ଆସୁ ନ ଥିବାରୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଂକୁଚିତ କରାଯାଉଛି ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ଯେଉଁ କ୍ଷମତା ପ୍ରଦାନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଭାବେ ସଙ୍କୁଚିତ କରାଯିବାର ପ୍ରୟାସ କରାଯାଉଛି। ଏହି ଡ୍ରାଫ୍ଟଟି କାର୍ଯ୍ୟକାରୀ ହେଲେ ଆର୍ଥିକ ଅନିୟମିତତା ହେବା ସହିତ ଅଞ୍ଚଳର ଉନ୍ନତି ବିକାଶରେ ବାଧକ ସାଜିବ। ପ୍ରଶାସନ ଏବଂ ଜନସାଧାରଣ ମଧ୍ୟରେ ଏକ ବୃହତ ଦୂରତ୍ୱ ସୃଷ୍ଟି ହେବା ସୁନିଶ୍ଚିତ। ଏହାର ପୁର୍ନବିଚାର କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅକ୍ଷୁଣ୍ଣ ରଖିବାକୁ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଶୋଇ, ରାଇରଙ୍ଗପୁର, ମୋରଡା, ରରୁଆଁ, ଶାମାଖୁଣ୍ଟା, ବହଳଦା, ତିରିଂ, କୁଳିଅଣା, ଖୁଣ୍ଟା, ବେତନଟୀ, କରଞ୍ଜିଆ, ଗୋପବନ୍ଧୁନଗର, ବଡ଼ସାହି ଓ ଉଦଳା ଆଦି ୨୦ଟି ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ଉପସ୍ଥିତ ଥିଲେ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; ଜାରକାନାଳ ଏକାଦଶ ଚାମ୍ପିଅନ

ମହୁଲଡିହା, ୧୬।୮ (ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମ ପଞ୍ଚାୟତ ସାତକୋଶିଆ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ୧୫ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଗ୍ରାମ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବସନ୍ତ ପୈବର୍ତ୍ତି, ଠାକୁରମୁଣ୍ଡାର ଖେଳ ଶିକ୍ଷକ କାନ୍ଦୁରୁ ପାତ୍ର, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ମହାନ୍ତ, ଥାନା ଏଏସ୍‌ଆଇ ସଞ୍ଜୟ କୁମାର ନାଏକ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରଞ୍ଜନ ମହାନ୍ତ ବକ୍ତବ୍ୟେର ଭାଇଚାରାର ବାର୍ତ୍ତା ଦେଇଥିଲେ। ଏହି ଆନ୍ତଃଜିଲ୍ଲା ପ୍ରତିଯୋଗିତାରେ ୩୨ଟି ଫୁଟବଲ ଟିମ୍ ଓ ୨ଟି ମହିଳା ଟିମ୍ ଭାଗନେଇ ଥିଲେ। ପୁରୁଷ ବିଭାଗ ଫାଇନାଲ ମ୍ୟାଚରେ ଜାରକା ନାଳ ଏକାଦଶ (କେନ୍ଦୁଝର) ପେନାଲଟିକ ଜରିଆରେ ୧-୦ ଗୋଲରେ ଧବଣୀ ଏକାଦଶକୁ ଓ ମହିଳା ଗ୍ରୁପରେ କଳିଙ୍ଗ ନଗର ଏକାଦଶ (ଯାଜପୁର) ୧-୦ ଗୋଲରେ ସାତକୋଶିଆ ଏକାଦଶକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଶେଷରେ ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

‘ମୟୂରଭଞ୍ଜର ଅନାଲୋଚିତ ମୁକ୍ତି ସଂଗ୍ରାମୀ’ ପୁସ୍ତକ ସମୀକ୍ଷା

ବାରିପଦା, ୧୬।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଡ. ଶ୍ୟାମସୁନ୍ଦର ଦାସଙ୍କ ଦ୍ୱାରାର ଲିଖିତ ‘ମୟୂରଭଞ୍ଜର ଅନାଲୋଚିତ ମୁକ୍ତି ସଂଗ୍ରାମୀ’ ପୁସ୍ତକର ଏକ ସମୀକ୍ଷା ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଆଭାସୀ ମାଧ୍ୟମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଏଭଳି ବିଷୟରେ ଗବେଷଣାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସେବାନିବୃତ୍ତ ପ୍ରଶାସନିକ ଅଧିକାରୀ ତଥା ଶିକ୍ଷା ସଚିବ ଡ. ଅରୁଣ କୁମାର ରଥ ପୁସ୍ତକର ସମୀକ୍ଷା କରି କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ବିଚାରକ ଆଦିତ୍ୟ କୁମାର ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୈଳାସଚନ୍ଦ୍ର ମହାନ୍ତି, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଶିକ୍ଷାବିତ ଗଙ୍ଗାଧର ବେହେରା, ଡ. ସୁଶାନ୍ତ କୁମାର ପାତ୍ର ପ୍ରମୁଖ ଯୋଗଦାନ କରି ମୟୂରଭଞ୍ଜର ଗୌରବଗାଥାକୁ ସ୍ମରଣ କରିଥିଲେ। ଡ. ଶ୍ୟାମସୁନ୍ଦର ଦାସ ଅତିଥି ପରିଚୟ ଦେଇଥିଲେ। ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ଦୀନେଶ ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପ-ସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ; ଲକ୍ଷାଧିକ ଟଙ୍କାର ମାଛ ନଷ୍ଟ

ବୈଶିଙ୍ଗା, ୧୬।୮ (ସମିସ): ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମ୍ୟ ପୋଖରୀକୁ ଲିଜସୂତ୍ରରେ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନେଇ ମାଛଚାଷ କରିଥିଲେ। ହେଲେ କିଛି ଦୁର୍ବୃତ୍ତ ପୋଖରୀରେ ବିଷ ପକାଇ ଦେଇଥିବାରୁ ଲକ୍ଷାଧିକ ଟଙ୍କାର ମାଛ ମରି ପାଣିରେ ଭାସୁଥିବା ଗୁରୁବାର ଦେଖିବାକୁ ମିଳିଛି। ସୂଚନା ମୁତାବକ, କଳମା ଗ୍ରାମର ମା'ମଙ୍ଗଳା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗ୍ରାମର ଦରଖୋଳି ପୋଖରୀକୁ ତିନିବର୍ଷ ପାଇଁ ଲିଜ୍ ନେଇ ମାଛଚାଷ କରିଥିଲେ। ବାର୍ଷିକ ୨୦ହଜାର ୫ଶହ ଟଙ୍କାରେ ପୋଖରୀ ଲିଜ ନିଆଯାଇଥିବା ବେଳେ ଆସନ୍ତା ବର୍ଷ ଜୁନମାସରେ ଏହାର ଅବଧି ଶେଷ ହେବାକୁ ଥିଲା। ଦୁଇବର୍ଷ ଧରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବାର୍ଷିକ ୮୦ ହଜାର ଟଙ୍କାର ମାଛ ଜାଆଁଳ ସମେତ ପାଣି ସଫା ପାଇଁ ଚୂନ ସିଞ୍ଚନ, ଧାର୍ଯ୍ୟ ସମୟରେ ହଜାର ହଜାର ଟଙ୍କାର ମାଛଦାନା ପକାଯାଉଥିଲା। ଆସନ୍ତା ଖରାଦିନେ ଲିଜ ଅବଧି ସରିବା ପୂର୍ବରୁ ମାଛ ଧରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା; ମାତ୍ର ଦୁର୍ବୃତ୍ତମାନେ ପୋଖରୀରେ ବିଷ ପକାଇ ଦେଇଥିବାରୁ ଲକ୍ଷାଧିକ ଟଙ୍କାର କୁଇଣ୍ଟାଲ କୁଇଣ୍ଟାଲ ମାଛ ମରି ପାଣିରେ ଭାସୁଛି। ପୋଖରୀରେ ମାଛଗୁଡିକ ପଚି ଦୁର୍ଗନ୍ଧ ହେବା ଆରମ୍ଭ ହେଲାଣି। ଏ ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରାଯିବ ବୋଲି ଗୋଷ୍ଠୀ ପକ୍ଷରୁ କୁହାଯାଇଛି।

ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର/ବହଳଦା, ୧୬।୮ (ସମିସ): ତିରିଂ ଥାନା ଅନ୍ତର୍ଗତ ଝରାଡିହି ଫାଣ୍ଡି ଅଞ୍ଚଳର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଝରାଡିହି ଫାଣ୍ଡି ଅଞ୍ଚଳର ସୁରଦା-ଯଶିପୁର ପଞ୍ଚାୟତର ବାଙ୍ଗି ବାସ୍କେ (୧୯) ରଙ୍ଗାମାଟିଆ ଗ୍ରାମର କୁଆଁର ହାଁସଦାଙ୍କୁ ବିବାହ କରିଥିଲେ। ସେ ଦେଢ଼ ମାସର ଗର୍ଭବତୀ ଥିଲେ। ଛୋଟ ଛୋଟ କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ରହୁଥିଲା। ଫଳରେ ସେ ବୁଧବାର ବିଷ ଖାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ତାଙ୍କର ମୃତ୍ୟୁ ଘଟିଛି।

ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାରିପଦା, ୧୬।୮ (ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ କବି ବିଷ୍ଣୁ ଶତପଥୀ ଏବଂ ସମ୍ମାନିତ ଅତିଥି ଲକ୍ଷ୍ମୀକାନ୍ତ ସାଗରିକା ସିଂହ ଅନୁଷ୍ଠାନ ସ୍ଥାପନର ଇତିହାସ ଏବଂ ଏବର ପରିସ୍ଥିତି ଓ ଅବସ୍ଥିତି ବିଷୟରେ ବିଶଦ ବର୍ଣ୍ଣନା ସହ ଛାତ୍ରୀଙ୍କ କୃତିତ୍ୱ ବର୍ଣ୍ଣନା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଚନ୍ଦ୍ରକାନ୍ତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ

ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଯୋଗଦେଇଥିଲେ। ନାଟ୍ୟ ସଂସଦର ଉପଦେଷ୍ଟା ଡ. ସ୍ୱାଗତିକା ମିଶ୍ର ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟକ୍ଷା ଡ. କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଣିଜ୍ୟ ବିଭାଗର ମୁଖ୍ୟା ରୋଜି କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ

ବାରିପଦା, ୧୬।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଅବସରରେ ‘ପ୍ରତିଶ୍ରୁତି’ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାରସ୍ୱତ ସମାରୋହ ଓ ବହୁଭାଷୀ କବି ସମ୍ମିଳନୀ ସଭାପତି ଡା.ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଉପ-ଜିଲ୍ଲାପାଳ ଡ.ଦୟାସିନ୍ଧୁ ପରିଡ଼ା କବିତା ମାଧ୍ୟମରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶିକା ଭାରତୀ ବେବର୍ତ୍ତାଙ୍କୁ ଅନୁଷ୍ଠାନ ତରଫରୁ ‘ଭଞ୍ଜଶ୍ରୀ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବୟିତ୍ରୀ ସୁଧାମୟୀ ଦାସ ଓ ଭାରତୀ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବନମାଳୀ ପାତ୍ର, ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ, ହିମାଂଶୁ ଶେଖର ଦାସ, ପ୍ରତିମା ବାରିକ, ଶରତ ଚନ୍ଦ୍ର ନାୟକ, ପଦ୍ମନାଭ ସାହୁ, ଦୀପକ ନାୟକ, ବାସୁଦେବ ନାପିତ୍, ଡ.ମନ୍ଦାକିନୀ ସାହୁ, ଯତୀନ୍ଦ୍ରନାଥ ସାହୁ, ପ୍ରିୟନାଥ ପାଣି, ଅଧ୍ୟାପକ ରାଜେନ୍ଦ୍ର ସାମଲ, ପ୍ରଦୀପ ମହାନ୍ତି, ବିଶ୍ୱମିତ୍ରା ଦାସ, କାବେରୀ ମିଶ୍ର, ଆଶିଷ ବସା, ଦେବଜାନୀ ବେହେରା, ମୀନତି ସିଂହ, ଭଗବତୀ ଦାଶ, ଲଳିତ ସିଂବାବୁ, ମିନତୀ ଦାଶ, ମୀନକେତନ ମହାନ୍ତି, ସତୀଶ ଚନ୍ଦ୍ର ବେହେରା, ମମତାମୟୀ ଭୋଇ, ବାସନ୍ତୀଲତା ମହାପାତ୍ର, ରାଜଲକ୍ଷ୍ମୀ ଦାସ, ବୀଣାପାଣି ପଣ୍ଡା, ପ୍ରଦୀପ ନାୟକ, ଅଜମ୍ବର ପୃଷ୍ଟି, ନରିସଂହ ବାରିକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

ପାହାଡରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

କପ୍ତିପଦା, ୧୬।୮ (ସମିସ): ହୁଡ଼ି ଉପରୁ ମିଳିଲା ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ। କପ୍ତିପଦା ଥାନା ଜେଏସ ଜାମୁଡିହା ପଞ୍ଚାୟତ ସାପଅଣା ହୁଡ଼ିରୁ ମିଳିଛି ମୃତଦେହ। ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ସେପଟେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ବାପଘର ଲୋକ ଅଭିଯୋଗ କରିଛନ୍ତି। ଜୟନ୍ତୀପଟ୍ଟା ଗ୍ରାମର ମାମୁନି ପ୍ରଧାନଙ୍କ ମୃତଦେହ ଘର ଠାରୁ ୩ କିମି ଦୂରରେ ସାପ ଅଣା ହୁଡ଼ି ଉପରେ ଏକ ଗଛରେ ଝୁଲିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଏ ନେଇ ତାଙ୍କ ଶ୍ୱଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ଶ୍ୱଶୁର ଘର ଲୋକେ ବାପ ଘର ଲୋକଙ୍କୁ ଖବର ଦେଇଥିଲେ। ୮୦ ଫୁଟ ଉପରେ ହୁଡ଼ି ଉପରେ ମୃତଦେହ ଝୁଲିଥିବା ବେଳେ ସେଠାରେ ରକ୍ତ ପଡ଼ିଥିବା ବାପ ଘର ଲୋକେ ଦେଖିବାକୁ ପାଇଥିଲେ। ଯେଉଁଥିପାଇଁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର। ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

କମେଣ୍ଟମରାକୁ ନେଇ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବିରେ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ବାରିପଦା, ୧୬।୮ (ସମିସ)

ବୈଶିଙ୍ଗା ଥାନା ଅଞ୍ଚଳରେ ଅଣ୍ଟାଳ କମେଣ୍ଟମରାକୁ କେନ୍ଦ୍ର କରି ରାସ୍ତାରେ ଯୁବକଙ୍କୁ ଗୋଡେଇ ଗୋଡେଇ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାର ୩ଜଣ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ସେମାନଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଛି; ଯାହାକୁ ନେଇ ସମ୍ପୃକ୍ତ ଯୁବକଙ୍କ ପରିବାର ଲୋକେ ଓ କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଏସପି ବରୁଣ ଗୁଣ୍ଡୁପାଲିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ଗ୍ରାମର କାର୍ତ୍ତିକ ପାଢ଼ୀ ଓ ତାଙ୍କ ଭାଇ ମା' ଓ ସ୍ତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବାକୁ କେନ୍ଦ୍ର କରି ଥାନାକୁ ଏତଲା ଦେବାକୁ ଯାଉଥିଲେ। ପୁରୁଣିଆ ଉପକଣ୍ଠ ଡାଳଭଙ୍ଗା ଛକରେ ଦୁଇଭାଇଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଧାରୁଆ ମାରଣାସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ କାର୍ତ୍ତିକ ପାଢ଼ୀ ଗୁରୁତର ଆହତ ହୋଇ ପ୍ରଥମେ ବାଲେଶ୍ୱର ହସ୍ପିଟାଲ ଭର୍

୭୯ତମ ସ୍ୱାଧୀନତା ଦିବସ ପାଳିତ

ବିଶ୍ୱ ଦରବାରରେ ଭାରତର ସ୍ଥାନ ଆଜି ସ୍ୱତନ୍ତ୍ର: ଉପମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୧୬।୮ (ସମିସ): କେନ୍ଦୁଝର ଜିଲ୍ଲାସାରା ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କେନ୍ଦୁଝର ଷ୍ଟାଡିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ବିଶ୍ୱ ଦରବାରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଭାରତର ଭୂମିକା ବିଷୟରେ ଅବତାରଣା କରିବା ସହ ଦେଶ ପାଇଁ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସେହି ସଂଗ୍ରାମୀ ମହାପୁରୁଷଙ୍କୁ ଭକ୍ତିପୁତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟକୁ ବିକାଶ ପଥରେ ଆଗେଇ ନେଉଛନ୍ତି ଓ ଏହିକ୍ରମରେ କେନ୍ଦୁଝରଠାରେ ଏକ ବୃହତ ଷ୍ଟିଲ ପ୍ଲାଣ୍ଟର ନିର୍ମାଣ କରିବା ପାଇଁ ତାଙ୍କର ଦୀର୍ଘ ବର୍ଷର ସଂକଳ୍ପ ଆଜି ପୂରଣ ହେବାକୁ ଯାଉଛି ବୋଲି କହିଥିଲେ।

ପ୍ୟାରେଡ୍‌ରେ ସଶସ୍ତ୍ର ରିଜର୍ଭ ପୁଲିସ୍ ବାହିନୀ, ହୋମଗାର୍ଡସ୍ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି, ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍, ସିଭିଲିଆନ୍ ଦଳ ମାର୍ଚ୍ଚପାଷ୍ଟ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ମାନସ ବେହେରା ପ୍ୟାରେଡ୍ ପରିଚାଳନା କରିଥିଲେ। ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ପୌରାଧକ୍ଷା ନିକୁ ସାହୁ, ଆଇଏଏସ ପ୍ରୋବେସନର ପବନ କୁମାର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ପୌର ନିର୍ବାହୀ ଅଧିକାରୀ ଲଳିତ ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ ମଲ୍ଲିକ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ତାକର୍ଷକ ପ୍ୟାରେଡ୍ ପାଇଁ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନର ଦଳଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟଅତିଥି ସକାଳେ ସହରରେ ହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୁନ ପ୍ରସାର କରାଯାଇଥିଲା। ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ ସହ ଜିଲ୍ଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟ ପରିଚାଳନା କରିଥିଲେ।

କେନ୍ଦୁଝର ସଦର ବ୍ଲକ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବରେ ବସନ୍ତ ଦାନୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଖଣ୍ଡଳମଣି ବାରିକ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଜନ୍ମାଷ୍ଟମୀ ଉତ୍ସବରେ ୧୦୭ ଜଣ ଶିଶୁ ଶ୍ରୀକୃଷ୍ଣ ବେଶ ଧାରଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ, ଫକିର ମୋହନ ମହାନ୍ତି, ବିନତା ସାହୁ, ସୁଶ୍ରୀ ଅଞ୍ଜଳି ସାହୁ, ପଦ୍ମିନୀ ସାହୁ, ରେବତୀ ସାହୁ, ରେଣୁବାଳା ସାହୁ, ଗାୟତ୍ରୀ ମହାନ୍ତି, ଚିନ୍ମୟୀ ପ୍ରଧାନ, ସ୍ନେହଲତା ବେହେରା, ସରୋଜିନୀ ବେହେରା, ଶର୍ମିଷ୍ଠା ମହାନ୍ତି, ବୀଣାପାଣି ଗିରି, ସଂଯୁକ୍ତା ମହାନ୍ତି, ସାଗରିକା ସାହୁ, ମନ୍ଦାକିନୀ ଦେହୁରୀ, ଦୀପାରାଣୀ ସାହୁ, ରଶ୍ମି ନାୟକ, ଗୁରୁଜୀ ସୁରେଶ କୁମାର ଷଡଙ୍ଗୀ, ଦିବ୍ୟରଞ୍ଜନ ମହାନ୍ତି, ପ୍ରମୋଦ ରାଉତ, ସହଦେବ ସାହୁ, ସୁଶାନ୍ତ ଖଟୁଆ, ପର୍ଶୁରାମ ନାଏକ, ଗୋଲକ ଦେହୁରୀ, ଅର୍ଜୁନ ଚରଣ ସାହୁ, ସେବକ ସନ୍ତୋଷ ସାହୁ, ସେବିକା ସବିତା ଦେହୁରୀ, ଗୀତା କାରୁଆ ସହଯୋଗ କରିଥିଲେ।

ଆନନ୍ଦପୁର: ଶାଳପଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଂଜନ ବେହେରା, ଶିକ୍ଷକ ଗୌତମ ନାୟକ ଓ ବିପ୍ରବର ଦଳାଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଉକ୍ତ ସଭାରେ ବିଜ୍ଞାନ ଅଲିମ୍ପିଆଡ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ସାଗରିକା ଜେନାଙ୍କ ତତ୍ତ୍ୱାବଧାନରେ ଉପଖଣ୍ଡସ୍ତରୀୟ ପ୍ୟାରେଡରେ ବିଦ୍ୟାଳୟର ଛାତ୍ରଛାତ୍ରୀ କନିଷ୍ଠ ବର୍ଗରେ ପ୍ରଥମ ଓ ବରିଷ୍ଠ ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା ବାରିକ ଉପଖଣ୍ଡସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ମୁକେଶ ସାହୁ ଦଶମ ସିବିଏସଇ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସମ୍ମାନିତ ହୋଇଥିଲେ। ବିଦ୍ୟାଳୟ ତରଫରୁ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଜିନିଲତା ସାହୁ ପରିଚାଳନା କରିଥିଲାବେଳେ ଶିକ୍ଷକ ଜୀବନଜ୍ୟୋତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ କାର୍ଯ୍ୟାଳୟରେ ଉପସଭାପତି ପ୍ରାଣନାଥ ଜେନା ପତାକା ଉତ୍ତୋଳନ କରିଥିଲେ। ସେବାସଂଘର ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା, ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ସାଂସ୍କୃତିକ ସମ୍ପାଦକ କଳାକର ଜେନା, ଉପଦେଷ୍ଟା ବିଦେଶୀ ଚରଣ ଜେନା, ପଦ୍ମନାଭ ଜେନା ପ୍ରମୁଖ ଉପସ୍ଥିତ ବାଇଲୋ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ବକ୍ତବ୍ୟ ରଖିଥିଲେ। ସେବାସଂଘର ଉପସଭାପତି ଶ୍ରୀକାନ୍ତ ଜେନା, ଉପଦେଷ୍ଟା ଚିତ୍ତରଞ୍ଜନ ଜେନା, ଅଭିମନ୍ୟୁ ଜେନା, ନାରାୟଣ ଜେନା, କେନ୍ଦ୍ରୀୟ ସାଂଗଠନିକ ସମ୍ପାଦକ ପ୍ରମୋଦ ଜେନା, ଦଶରଥ ଜେନା, ମନୋଜ ଜେନା, ଦିଲ୍ଲୀପ ଜେନା, ପ୍ରମୋଦ ଜେନା, ରଞ୍ଜନ ଜେନାଙ୍କ ସମେତ ସେବାସଂଘର ସମସ୍ତ ସଦସ୍ୟ ଏବଂ ବାଇଲୋ ଗ୍ରାମର ଶତାଧିକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। କର୍ମକର୍ତ୍ତା ଏବଂ ସଦସ୍ୟମାନେ ସୁଡୁସୁଡିଆ ବାଇପାସ୍ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେବାସଂଘର ସଦସ୍ୟଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

ଯୋଡ଼ା: ଯୋଡ଼ା ପୌରପାଳିକା ଅନ୍ତର୍ଗତ ବାଂଶପାଣିସ୍ଥିତ ଯୋଡ଼ା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଙ୍ଘର ସଭାପତି ମାତାପ୍ରସାଦ ଜୟସ୍ୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସୁଶାନ୍ତ ବାରିକ ଗାଡି ମାଲିକ, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ପାଖାପାଖି ୨୦୦ ଛାତ୍ରଛାତ୍ରୀ ଦେଶାତ୍ମବୋଧକ ଗୀତ ଗାନ କରିଥିଲେ। ସଙ୍ଘ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ବିଜୁ ଆପଟ, ସହସମ୍ପାଦକ ରାଜେଶ କାରୁଆ, କୋଷାଧକ୍ଷ ରାଜେଶ ରୋଶନଙ୍କ ସହ ସମସ୍ତ କର୍ମଚାରୀ ଓ ଶତାଧିକ ଗାଡ଼ି ମାଲିକ, ବିଜେପି ନଗର ସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ସୁଶାନ୍ତ ବେବର୍ତ୍ତା ଉପସ୍ଥିତ ଥିଲେ।

ବେଲବାହାଳି: ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜୟମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପରିଡା ଅଭିବାଦନ ଗ୍ରହଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହରିଡ଼ାପାଳ ସରପଞ୍ଚ ମିନତୀ ମହାରଣା, ସମିତିସଭ୍ୟା ବିଦ୍ୟୁତଲତା ସାହୁ, ସହକାରୀ ଶିକ୍ଷକ ପ୍ରସନ୍ନ ରାଉତ, ବିଭୁତି ଭୂଷଣ ମଲ୍ଲିକ, ନିହାର ରଞ୍ଜନ ଜେନା, ବୋଦ୍ଧିରାମ ସା, ସନ୍ତୋଷ ପରିଡା, ଶିକ୍ଷୟିତ୍ରୀ ଦେବକୀ ଖୁଣ୍ଟିଆ, ଦୁଃଖିନୀ ସାହୁ, ସୁଚିସ୍ମିତା ପାଣିଗ୍ରାହୀ, ସମାଜସେବୀ ସୁମନ୍ତ ମହାରଣା, ହିମାଂଶୁ ଭୂଷଣ ସାହୁ ସହଯୋଗ କରିଥିଲେ।

ସେହିପରି ଘସିପୁରା ବ୍ଲକ ଦେଓଗାଁସ୍ଥିତ କୁଶଳେଶ୍ୱର ଜାଗର ମେଳା ପଡ଼ିଆଠାରେ ଦେଓଗାଁ ପଞ୍ଚାୟତସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡ଼ କରିଥିଲେ। ଛାତ୍ରଛାତ୍ରୀ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ସମବାୟ ସମିତି ସଭାପତି ରମାକାନ୍ତ ବଳ, ସମିତିସଭ୍ୟା କଳ୍ପନା ବଳ, ଅନାମଚରଣ ରାଉତ, ଅନନ୍ତ ଚରଣ ରାଉତ, ବିଜୟ ଜେନା ଯୋଗଦାନ କରିଥିଲେ। ଦେବବ୍ରତ ସାହୁ, ଅଜୟ ବେହେରା, ଏସକେ ଆଇସାନ୍ ମହମ୍ମଦ, ବସନ୍ତ ଜେନା, ସୁରେନ୍ଦ୍ର ସାହୁ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

ରାମଚନ୍ଦ୍ରପୁର: ଘସିପୁରା ବିଡ଼ିଓ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ପରିଡାଙ୍କୁ ବଣିକ ସଂଘ ତରଫରୁ ସଭାପତି ସୁବାସ ରାମ ଓ ଜଳେଶ୍ୱର ପୋଦାରଙ୍କ ଦ୍ୱାରା ସଂସ୍କୃତି ସାରଥୀ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଥିଲା। ସୂଚନା ଲୋକସମ୍ପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ, ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲି, ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ, ଏସିଏଫ୍ ଅକ୍ଷୟ ଛତ୍ରିୟା, ଜେଲ ଅଧୀକ୍ଷକ ସ୍ମିତାରାଣୀ ଖଟୁଆ, ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ, ତହସିଲଦାର ସଜତ ମାର୍କୀ, ସହକାରୀ ଜିଲ୍ଲାପାଳ ଫୁଲରାଇ ବେଶ୍ରା, ସୋମରେନ୍ଦ୍ର ଦାସ, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଏନ୍‌ସିସି ଅଫିସର ଗିରିଶଚନ୍ଦ୍ର ପ୍ରଧାନ ଓ ବସନ୍ତ ମହାନ୍ତ ପ୍ୟାରେଡ ପରିଚାଳନା କରିଥିଲେ। ଅପରାହ୍ନରେ ନାଗରିକ ଏକାଦଶ ଓ ଅଫିସିଆଲ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ହାଟଡ଼ିହୀ: ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଉଦୟନାଥ କରଙ୍କ ସଂଯୋଜନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ ପ୍ରଭାତ ଫେରୀ ପରେ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପଳତା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ସୁଆର, ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ଯୋଗ ଦେଇଥିଲେ। ଏହାସହ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଉପଦେଷ୍ଟା ଅକ୍ଷୟ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୁରୁମା' ପ୍ରଧାନ ଆଚାର୍ଯ୍ୟା ମାନାରାଣୀ ତ୍ରିପାଠୀ, ଗୁରୁମା ଚିତ୍ରଲେଖା ସାମଲ, ସ୍ନେହଲତା ଖୁଣ୍ଟିଆ, ଶାଶ୍ୱତୀ ପ୍ରଧାନ, ବଲ୍ଲଭି ମିଶ୍ର, ଶୁଚିସ୍ମିତା ସାହୁ, ସ୍ନେହଲତା ବାରିକ, କମଳା ଜେନା, ଗୁରୁଜୀ ହେମନ୍ତ ରାଉତ, ଶରତଚନ୍ଦ୍ର ବିନ୍ଧାଣି, ଗୟାଧର ରାଉତ, ଗଙ୍ଗାଧର ଆଇଚ ସହଯୋଗ କରିଥିଲେ।

ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ାଙ୍କ ସଂଯୋଜନାରେ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ସଭ୍ୟା କୌଶଲ୍ୟା ସେଠୀ ଯୋଗ ଦେଇଥିଲେ। ଏବିଡିଓ ରଶ୍ମିରେଖା ନାଏକ ଏଥିରେ ସହଯୋଗ କରିଥିଲେ।

ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିବା ବେଳେ ଫରେଷ୍ଟର ମଳୟ ସାହୁ ଏହାର ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀଙ୍କ ସହ ସବୁଜବାହିନୀ ସାମିଲ ଥିଲେ। ହାଟଡ଼ିହୀ କୃଷି କାର୍ଯ୍ୟାଳୟରେ ଭାରପ୍ରାପ୍ତ କୃଷି ଅଧିକାରୀ ଭାମାଞ୍ଜରୀ ମହାନ୍ତ ପତାକା ଉତ୍ତୋଳନ କରିଥିଲା ବେଳେ ଏଥିରେ କୃଷି ଅଧିଦର୍ଶକ ନିରଞ୍ଜନ ରଥ, ଆମ୍ବା ଚେୟାରମ୍ୟାନ ଜାନକୀଲତା ଜେନା, ଏଟିଏମ୍ ଅଶୋକ ବିଶ୍ୱାଳ, ବିଜୟ ପ୍ରଧାନ, ବିଟିଏମ ଅଟଳ କୁମାର, ଭିଏଡବ୍ଲ୍ୟୁ ସାଧନା ରାଉତ, କେଦାର ଭୋଳ, ବ୍ରଜକିଶୋର ମୁଣ୍ଡା, ଜଗନ୍ନାଥ ପରିଡ଼ା, କେବେରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷକ ସାଥୀ ବିଜୟ ସାହୁ, ମନ୍ମଥ ଜେନା କ୍ୟାପଟେନ ଧର୍ମେନ୍ଦ୍ର ସାହୁ, ଶାନ୍ତନୁ ସାହୁ ପରିଚାଳନା କରିଥିଲେ। ପାଟଣା ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ତହସିଲରେ ତହସିଲଦାର ଅଶ୍ୱିନ ନାଏକ, ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରେସ କ୍ଲବ ଏବଂ ତୁରୁମୁଙ୍ଗା ବିଜେପି କାର୍ଯ୍ୟାଳୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ,ପାଟଣା ଥାନାରେ ଥାନାଧିକାରୀ ମାନସ ମହାକୁଳ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ରେଞ୍ଜ ଅଫିସରେ ରେଞ୍ଜର ବନବିହାରି ସର୍‌ଦାର, ତୁରୁମୁଙ୍ଗା ଥାନାରେ ଓପିଏସ୍ ସୌରଭ ରଞ୍ଜନ ପ୍ରଧାନ, ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରର ଅତନୁ ଅଭିନନ୍ଦନ ଦାସ, ତୁରୁମୁଙ୍ଗା ବଜାର କମିଟି ପକ୍ଷରୁ ଷ୍ଟାଡିୟମରେ ବଜାର କମିଟି କୋଷାଧକ୍ଷ କ୍ଷେତ୍ରମୋହନ ସାହୁ, ତୁରୁମୁଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ ଅଧ୍ୟକ୍ଷ ଅଶ୍ୱସ୍ଥମା ଗିରି, ଡିଗ୍ରୀ କଲେଜରେ ଅଧ୍ୟକ୍ଷ ତ୍ରୈଲୋକ୍ୟପରିଡା, ମୁକ୍ତି ତୀର୍ଥ କ୍ଲବ ସ୍ୱାମରେ ସଭାପତି ଭାଗୀରଥି ଦାଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା କମିଟି ସଭାପତି ବଜେନ୍ଦ୍ର ପତି, ଜିଏନ ହାଇସ୍କୁଲରେ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ, ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ, ସମବାୟ ବ୍ୟାଙ୍କରେ ଅବସରପ୍ରାପ୍ତ ତହସିଲଦାର ଯତୀନ୍ଦ୍ର ସେଠୀ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ

ରାୟଗଡ଼ା ଏକ ସମ୍ଭାବନାର ଜିଲ୍ଲା : ମନ୍ତ୍ରୀ

ରାୟଗଡା,୧୬।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ରାୟଗଡ଼ା ଜିଲ୍ଲା ସଦରମହକୁମାର ସ୍ଥାନୀୟ ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମନ୍ତ୍ରୀ ପ୍ରଥମେ ମୁକ୍ତି ଯୋଦ୍ଧାର ସହୀଦ ବୀରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା ଯୋଜନାରେ ୧କୋଟି ମହିଳା ଉପକୃତ ହୋଇଛନ୍ତି, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଭାରତରେ ଆଗରେ ରହିଛି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ପାଇଁ ଗରିବ ଝିଅଙ୍କ ପାଇଁ ବ୍ୟବସ୍ଥା କରାଯାଇଛି, ମାଧସିଂ ହାତ ଖର୍ଚ୍ଚ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶାରେ ସର୍ବାଙ୍ଗୀନ ଉନ୍ନତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ଉଦ୍ୟୋଗ ଯୋଜନା, ସିଏମ୍ କିଷାନ, ସମୃଦ୍ଧ କୃଷକ ଯୋଜନାରେ ଲୋକକୁ ସୁବିଧା ଦିଆଯାଉଥିବା କଥା ଓ ସରକାର କଥା ଦେଇ କଥା ରଖିଲେ ବୋଲି କହିଥିଲେ । ସେ ଆହୁରି କହିଥିଲେ, ରାୟଗଡ଼ା ଏକ ସମ୍ଭାବନାର ଜିଲ୍ଲା, ଏଠାରେ ପ୍ରଚୁର ପରିମାଣରେ ପ୍ରାକୃତିକ ସମ୍ପଦ ଭରପୁର ହୋଇ ରହିଛି ବୋଲି କହିଥିଲେ । ପୁଲିସ ରିଜର୍ଭ ଇନ୍ସପେକ୍ଟର କବିବର ଦେଉରୀଙ୍କ ନେତୃତ୍ୱରେ ୩୬ଟି ଦଳ ପରେଡ ପରିବେଷଣ କରିଥିଲେ । ପରେଡ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ଭାବେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର ୨୬ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତୀୟ ସେନା ବାହିନିରେ ବିଚକ୍ଷଣ ସିଗନାଲ ମ୍ୟାନର ଦାୟିତ୍ୱ ବହନ କରି ମେନ ସଇନ-ଡେସପାଚ ଉପାଧିରେ ସମ୍ମାନିତ ହୋଇଥିବା ସ୍ୱର୍ଗତ ତ୍ରିନାଥ ଦାଶଙ୍କୁ ମୋରଣତ୍ତର ଭାବରେ ତାଙ୍କ ସ୍ତ୍ରୀ ଶ୍ରୀମତୀ ପ୍ରେମଲତା ଦାଶଙ୍କୁ ଏବଂ ସୌର ଚକ୍ରରେ ସମ୍ମାନିତ ହୋଇଥିବା ଗୁଣୁପୁର ବ୍ଲକ୍ ରେଗେଡା ଗ୍ରାମ ପଞ୍ଚାୟତର ଜଗୁଲୁ ଶବରଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ସମେତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରକ୍ଷୀ ଅଧିକ୍ଷକ ଏସ୍. ସ୍ୱାତୀ କୁମାର ପ୍ରମୁଖ ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଜିଲ୍ଲା କାରାଗାରରେ, ସେବା ସମାଜରେ ଫଳ ବଣ୍ଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସ୍ୱଦ୍ଧାର ଗୃହରେ ଫଳ ବଣ୍ଟନ କରିଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଶକ୍ତି ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରିଥିଲେ । ମାତୃଶକ୍ତି ବୃଦ୍ଧାଶ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ର କାନ୍ତ ମାଝୀ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଠାନ ବଣ୍ଟନ କରିଥିଲେ । ସକାଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା । ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବାବେଳେ ସହରରେ ଅବସ୍ଥାପିତ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ । ଜିସିଡ଼ି ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଶିକ୍ଷକ ଅଶୋକ ଦାଶ ମଞ୍ଚ ପରିଚାଳନା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ କର୍ମଚାରୀ କୁମୁଦିନୀ ମିଶାଲ, କ୍ଷିପ୍ର ଲେଖିକା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ଡମ୍ବରୁଧର ପଣ୍ଡା, ସୁବାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ଶିକ୍ଷିତ ଚପରାଶି, ରଞ୍ଜିତ ପରିବାକା, ଚପରାଶି, ଗୁଡଲା ଚନ୍ଦ୍ରଶେଖର, ଚପରାଶି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ବିଷମକଟକ

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍‌ର ସ୍ଥାନୀୟ ମିନିଷ୍ଟାଡିୟମଠାରେ ବ୍ଲକ୍‌ସ୍ତରୀୟ ସ୍ୱାଧିନତା ଦିବସ ପାଳନ ଉତ୍ସବରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟଅତିଥି ଏବଂ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତୁ କୁମାର ଦିପ, ଖ୍ରୀଷ୍ଟିଆନ ହସ୍ପିଟାଲ ସୁପରିଟେଣ୍ଡ ଡ. ସୁନଲ ଜିବନ୍ ମଲ୍, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଜଗନ୍ନାଥ ମେହେର, ଅବସରପ୍ରାପ୍ତ ନୌସେନା ଯବାନ ତଥା ବିଷମ କଟକ ଯୋଗାଣ ନୀରିକ୍ଷକ ଦେବଦତ ଲେଙ୍କା, ମା' ମାର୍କମା ମହାବିଦ୍ୟଳୟର ଏନ୍‌ସିସି ଲେଫଟନ୍ୟାଟ୍ ବି. ରବିଶଙ୍କର ଏବଂ ମା' ମାର୍କମା ଯୁକ୍ତ-୩ ମହାବିଦ୍ୟାଳୟ ଅଧକ୍ଷ ଡ଼. ଅଶ୍ୱିନୀ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ସିଆରସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ବିଷମ କଟକ ବ୍ଲକ୍‌ର ୭ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପରେଡରେ ଭାଗ ନେଇଥିଲେ । ହାଟ ମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟର ଜେଆରସି ପ୍ରଥମ, ମା' ମାର୍କାମ ମହାବିଦ୍ୟାଳୟର ଯୁକ୍ତ-୩ର ଏନ୍‌ସିସି ଦ୍ୱିତୀୟ ଓ ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟର ଜେଆରସି ତୃତୀୟହୋଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମୋ ଜଙ୍ଗଲ ଜମି ଯୋଜନାରେ ବିଷମ କଟକ ତହସିଲର ତରଫରୁ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ବଣ୍ଟନ କରାଯାଇଥିଲା । ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡ୍ଡୀ, ସମସ୍ତ ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଦୁର୍ଗୀ

ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର, ପଞ୍ଚାୟତ ସମିତି ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ଭାଲେରୀଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସରପଞ୍ଚ ବିଜୟ କୁମୁରୁକା ପତକା ଉତ୍ତୋଳନ କରିଥିଲେ । ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସ୍ୱୁବ୍ଧି ପତକା ଉତ୍ତୋଳନ କରିଥିଲେ । ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ଜିତେନ୍ଦ୍ର ସାହୁ ପତକା ଉତ୍ତୋଳନ କରିଥିଲେ ।

ଗୁଡାରୀ

ଗୁଡାରୀ ପଞ୍ଚାୟତ କାର୍ଯ୍ୟାଳୟ, ତହସିଲ ଅଫିସ, ଗୁଡ଼ାରୀ ପୁଲିସ ଥାନା ସମେତ ଅନ୍ୟାନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଗୁଡାରୀ ସରସ୍ୱତୀ ଶିଶୁ ମନ୍ଦିର ଏବଂ ରାଧାକୃଷ୍ଣ ଇଂରାଜୀ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ବିଭିନ୍ନ ସ୍ୱାଧିନତା ସଂଗ୍ରାମୀଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ । ଗୁଡାରୀ ଦୁର୍ଗା ମଣ୍ଡପରେ ମଧ୍ୟ ଏହି ଦିବସ ପାଳିତ ହୋଇଛି ।

ଚନ୍ଦ୍ରପୁର

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚନ୍ଦ୍ରପୁର ବ୍ଲକ୍‌ରେ ବ୍ଲକ୍ ଅଧକ୍ଷ କୋଇନ କିମ୍ବାକା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସୁନିଲ କୁମାର ପ୍ରଧାନ, ପୁଲିସ ଷ୍ଟେସନରେ ଆଇଆଇସି ପ୍ରଶାନ୍ତ କୁମାର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ଡ଼. କେଡି ମଲ୍ଲିକ, ନୋଡାଲ ଉଚ୍ଚ ବିଦ୍ୟାଳୟରେ କେଶବ ମଣ୍ଡଳ ବେହେରା, ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ କାଳନ୍ଦୀ ଚରଣ ବେହେରା, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରଞ୍ଜିତା ବ୍ରେକବେଡା, ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଶ୍ରୀ ନାୟକ, ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜୁ ପାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଚନ୍ଦ୍ରପୁର ୪ର୍ଥ ବାଟାଲିୟନର ଏଫ କମ୍ପାନୀ ସିଆରପିଏଫ କାର୍ଯ୍ୟାଳୟରେ ମଧ୍ୟ ଦିବସ ପାଳିତ ହୋଇଥିଲା । ଡ଼ାଙ୍ଗସରଡ଼ା ଏସଏସଡି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍‌ନାୟକ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଶବର ପତାକା ଉତ୍ତୋଳନ କରିଥିଲେ ।

ରାୟଗଡା ରେଳ ଡିଭିଜନ

ରାୟଗଡା: ପୂର୍ବତଟ ରେଳବାଇର ରାୟଗଡ଼ା ଡିଭିଜନ ସ୍ଥାନୀୟ ରାୟଗଡା ରେଲବାଇ ଗ୍ରାଉଣ୍ଡରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଡିଭିଜନଲ ରେଲୱେ ମ୍ୟାନେଜର ଅମିତାଭ ସିଂଘଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ରେଳ ସୁରକ୍ଷା ବାହିନୀ, ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଦଳ ଦ୍ୱାରା ପ୍ରଦତ୍ତ ରାଷ୍ଟ୍ରୀୟ ସଲାମୀ ଗ୍ରହଣ କରିଥିଲେ । ଡିଆରଏମ ଶ୍ରୀ ସିଂଘଲ ଡିଭିଜନରେ ନିଆଯାଇଥିବା ପ୍ରଭାବଶାଳୀ ସଫଳତା ଏବଂ ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ । ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କ ବାର୍ତ୍ତା ପାଠ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ସାଂସ୍କୃତିକ ଆସୋସିଏସନ, କର୍ମଚାରୀ ଏବଂ ଆରପିଏଫ ଦ୍ୱାରା ଡଗ୍ ଶୋ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

ସେଣ୍ଟ ଜାଭିୟର୍ସ ହାଇସ୍କୁଲ

ରାୟଗଡ଼ାର ସ୍ଥାନୀୟ ନିୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସିପାଲ ରମେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧାପକ ଶ୍ରୀନିବାସ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସଂଯୋଜିକା ସୁନୀତା ଖାଡାଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍

ରାୟଗଡା: ରାୟଗଡ଼ା ସହରର ସ୍ଥାନୀୟ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍ ପକ୍ଷରୁ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧାପିକା ରାଜଲକ୍ଷ୍ମୀ ଦେବୀ ଯୋଗଦେଇଥିଲେ । ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍ ଓ ସହରର ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ମା ତୁଝେ ସଲାମ୍ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିନାୟକ କର, ରାୟଗଡ ବାର୍ ଆସୋସିଏସନ୍‌ର ସମ୍ପାଦକ ମଙ୍ଗଳ ମୂର୍ତ୍ତି ବେଉରିଆ, ସେଞ୍ଚୁରିଆନ୍ ଶିକ୍ଷା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ, ଓଡ଼ିଶୀ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ, ଉପସଭାପତି ନୀଳମଣି ପାଟଯୋଶୀ ଉଦ୍‌ଘାଟନ କରିଥିଲେ । ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ଶିବ ପ୍ରସାଦ ମିଶ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବିଭିନ୍ନ ମହାବିଦ୍ୟାଳୟ ଅଧାପକ ଅଧାପିକା, ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା, ରାୟଗଡ଼ା ସହରର ବିଭିନ୍ନ କଳାକାର ଉପସ୍ଥିତ ଥିଲେ । ଉଦ୍‌ଘୋଷିକା ବିଦିଶା ଶତପଥି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ମିହିର ପଣ୍ଡା, ସୁରଜ ସ୍ୱାଇଁ, ଜୀତେନ୍ଦ୍ର ରେଡ଼ୀ, ପ୍ରଶାନ୍ତ ବିଶୋଇ, ଜୟନ୍ତ ନାୟକ, ପ୍ରଫୁଲ୍ଲ ପରିଡା, ବ୍ୟୋମକେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

କଲ୍ୟାଣସିଂହପୁର

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପୂଜାରିଗୁଡ଼ା ପଞ୍ଚାୟତର ବିନିଶପୁର ଛକଠାରେ ଥିବା ଶହୀଦ ପୀଠରେ ୭୯ତମ ସ୍ୱାଧିନତା ଦିବସ ପାଳିତ ହୋଇଛି । ସମିତି ଅଧକ୍ଷା ଅମ୍ରିତା କାଡ୍ରାକା ସେଠାରେ ପତାକା ଉତ୍ତୋଳନ କରିଥିଲେ । ଏଥିରେ କନ୍ଧକୂଳ ସମାଜ ସଭାପତି ଯୋଗେନ୍ଦ୍ର ୱାଡକା, ବିଡ଼ିଓ ମନୀଷା ଦାସ, ଡବ୍ଲୁଇଓ ଚନ୍ଦନ ଦାସ ବାଙ୍ଗାରିଙ୍କ ସମେତ ବିନିଶପୁର ଶହୀଦଙ୍କ ପରିବାର ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତ୍ୟେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକଘର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶିଶୁ ମନ୍ଦୀର, ଇଂରାଜୀ ବିଦ୍ୟାଳୟ, ହନୁମାନ ଛକ, ପ୍ରିୟଦର୍ଶିନୀ କ୍ଲବ୍, ବ୍ୟାଙ୍କ, ମିନି ବ୍ୟାଙ୍କ, ବନବିଭାଗ କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଆମ୍ବୋଦକର ଥାନାଠାରେ ପତାକା ଉତ୍ତୋଳନ କରାଯାଇଥିଲା । ବ୍ଲକ୍‌ରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ପତାକା ଉତ୍ତୋଳନ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଗୁଣୁପୁର

ଗୁଣୁପୁର ଉପଖଣ୍ଡସଦର ମହକୁମା ଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ସମ୍ମିଳିତ ପରେଡ଼ରେ ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ସୁନ୍ଦର ଭାରତ ଗଠନ ନିମନ୍ତେ ଶିକ୍ଷା, ସମୃଦ୍ଧି ଉନ୍ନତମାନର ହେବା ଆବଶ୍ୟକ ଓ ଦେଶ ପାଇଁ ସ୍ୱାଧୀନତା ଆଣିଥିବା ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକେଇବା ସହ ସେମାନଙ୍କୁ ସଲାମି ଦେବା କୁ ସେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁଣୁପୁର ଭାରତୀୟ ସଂରକ୍ଷିତ ବାହିନୀ ଦୁର୍ଗପତି ବ୍ରଜମୋହନ ନାୟକ, ଡେପୁଟି କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲିକ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଗୁଣପୁର ଆଦର୍ଶ ଥାନା ଅଧିକାରୀ କେ.କେ.ବି.କେ. କହଁର, ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର, ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଅଗ୍ନିଶମ ଅଧିକାରୀ ରଜନୀକାନ୍ତ ଗୌଡ଼ ସହକାରୀ ନିର୍ବାହୀଯନ୍ତ୍ରୀ ହରେକୃଷ୍

ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ

କୋରାପୁଟ,୧୬।୮ (ସମିସ):

ଜିଲ୍ଲା ପୁଲିସ ପ୍ୟାରେଡ ପଡିଆରେ ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଛି । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ସ୍ୱାଧୀନତା ଆନ୍ଦୋଳନରେ କୋରାପୁଟ ଅଞ୍ଚଳର ସଂଗ୍ରାମୀମାନଙ୍କୁ ସ୍ମରଣ କରି ସ୍ମୃତି ଚାରଣ କରିଥିଲେ । କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୪୨ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ସେ ନିଜ ଅଭିଭାଷଣରେ କହି ସେହି ଅର୍ଥରେ ଦେଓମାଳି ଓ ପଣ୍ଡି ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ କରାଯିବା ସହ ଜିଲ୍ଲା ସଂଗ୍ରାହଳୟ ସ୍ଥାପନ କରାଯିବ ବୋଲି କହିଛନ୍ତି । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ଯୋଜନା ଗୁଡ଼ିକ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରୋବେସେନରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ପ୍ରଥମ ସ୍ଥାନ ପାଇଥିବା ବେଳେ ବିକାଶ ବିଦ୍ୟାଳୟ ୨ୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୩ୟ ସ୍ଥାନ ପାଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାରେ ସମଗ୍ର ଶିକ୍ଷା ଅଭିଯାନ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଥିବା ବେଳେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱିତୀୟ ଏବଂ ଉଦ୍ୟାନ ବିଭାଗ ୩ୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡର ଶ୍ରେଷ୍ଠ ଦଳ ଓ ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ଦଳ ଗୁଡିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେଡରେ ୨୭ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପୁଲିସ ଆରଆଇ ଭିଏସ୍ ଜୀବନ ସଂଗ୍ରାମ ପରେଡ ପରିଚାଳନା କରିଥିଲେ । ପରେଡ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ବୃକ୍ଷ ରୋପଣ ଓ ରକ୍ତଦାନ ଶିବିରର ଉଦ୍‌ଘାଟନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସାସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଅଧ୍ୟାପକ ରବି ଶତପଥି, କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ଏକେ ବେହେରା, ଏସ୍‌କେ ସେଠୀ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ମୁଖ୍ୟଅତିଥି ମହାଜନ ମଣ୍ଡଳ କାରାଗାର ଓ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରି ଅନ୍ତେବାସୀ ଏବଂ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ ।

କୋରାପୁଟ ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକଙ୍କୁ ରାଷ୍ଟ୍ରପତି ପଦକ

କୋରାପୁଟ,୧୬।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ କୋରାପୁଟ ମଣ୍ଡଳ କାରାଗାରର ବରିଷ୍ଠ ଅଧିକ୍ଷକ କୁଅଁର ମାରାଣ୍ଡି ସମ୍ମାନଜନକ ରାଷ୍ଟ୍ରପତି ପଦକ ଓ ମାନପତ୍ର ପାଇଛନ୍ତି । ଓଡିଶା ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ସମାରୋହରେ ଶ୍ରୀ ମାରାଣ୍ଡିଙ୍କ ସମେତ ୩୦ ଜଣ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସମ୍ମାନଜନକ ରାଷ୍ଟ୍ରପତି ପଦକ ଗ୍ରହଣ କରିଛନ୍ତି । ୨୦୦୦ ମସିହାରେ କୁଅଁର ମାରାଣ୍ଡି ରାଜ୍ୟ କାରାଗାର ସେବାରେ ସହକାରୀ କାରାପାଳ ଭାବେ ଯୋଗଦାନ କରିଥିଲେ । ସେ ୨୦୦୯ ମସିହାରେ କାରାପାଳ,୨୦୨୦ ମସିହାରେ ଜିଲ୍ଲା କାରା ଅଧିକ୍ଷକ ଏବଂ ୨୦୨୪ ମସିହାରେ ବରିଷ୍ଠ ଅଧିକ୍ଷକ ପଦବୀକୁ ପଦୋନ୍ନତି ପାଇଥିଲେ । ତାଙ୍କ ଉତ୍ତମ କାର୍ଯ୍ୟକଳାପ ପାଇଁ ଉପରିସ୍ଥ ଅଧିକାରୀମାନଙ୍କ ଦ୍ୱାରା ସେ ବହୁବାର ପ୍ରଶଂସିତ ହୋଇଛନ୍ତି । ସେ ବନ୍ଦୀ ମାନଙ୍କର କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ମାନ ଅୟୋଜନ କରିଥାନ୍ତି । ସେ ଜେଲରେ ଅନ୍ତେବାସୀଙ୍କ ପାଇଁ ଅନେକ ସଂସ୍କାର ମୂଳକ, ଆଧାରିକ, ସାଂସ୍କୃତିକ ଏବଂ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ଜେଲ ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପ୍ରେରଣା ଯୋଗାଇଛନ୍ତି । ସେ ରାଷ୍ଟ୍ରପତି ପଦକ ହାସଲ କରିଥିବାରୁ କୋରାପୁଟ ମଣ୍ଡଳ କାରାଗାରର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ବନ୍ଧୁବର୍ଗମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସ୍ୱାଧୀନତା ଦିବସରେ ଉପାଧ୍ୟକ୍ଷାଙ୍କୁ ଅଣଦେଖା ଅଭିଯୋଗ

ଜୟପୁର,୧୬।୮ (ସମିସ): ଜୟପୁର ପୌରସଂସ୍ଥାର କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧିନତା ଦିବସ ଅବସରରେ ଜାତୀୟ ପତକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପତକା ଉତ୍ତୋଳନ ଉତ୍ସବରେ ପୌର ଉପାଧ୍ୟକ୍ଷାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ଉପାଧ୍ୟକ୍ଷା ବି.ସୁନିତା କାର୍ଯ୍ୟାଳୟରେ ପହଞ୍ଚିବାର ମାତ୍ର ୫ ମିନିଟ ପୂର୍ବରୁ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜାତୀୟ ପତକା ଉତ୍ତୋଳନ କରିବା ସହ ଭାଷଣ ଆରମ୍ଭ କରିଦେଇଥିଲେ । ଉପାଧ୍ୟକ୍ଷା ସୁନିତା ତରବରିଆ ଭାବରେ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲେ । କିନ୍ତୁ ପତକା ଉତ୍ତୋଳନ ହୋଇଯାଇଥିବା ଏବଂ ଭାଷଣବାଜି ଦେଖି ଫେରିଯାଇଥିଲେ । ସେ ନିଜ ୱାର୍ଡରେ ପତକା ଉତ୍ତୋଳନ କାର୍ଯ୍ୟ ଶେଷ କରି ପହଞ୍ଚିବା ନେଇ ସୂଚନା ଓ ଅନୁରୋଧ କରିଥିଲେ ସୁଦ୍ଧା ତାଙ୍କ ଅନୁରୋଧକୁ ଅଣଦେଖା କରାଯାଇ ସେ ପହଞ୍ଚିବା ପୂର୍ବରୁ ପତକା ଉତ୍ତୋଳନ କରାଯାଇ ତାଙ୍କୁ ଦେଶର ସ୍ୱାଧିନତା ଦିବସ ପାଳନ କରିବା ଅଧିକାରରୁ ବଞ୍ଚିତ କରାଯାଇଛି ବୋଲି ଉପାଧ୍ୟକ୍ଷା ଶ୍ରୀମତି ସୁନିତା ଅଭିଯୋଗ କରିଛନ୍ତି । ଦେଶର ସ୍ୱାଧିନତା ଦିବସ ପାଳନ କରିବାର ସମସ୍ତ ନାଗରିକଙ୍କ ଅଧିକାର ରହିଛି, କିନ୍ତୁ ଏଥିରୁ ବଞ୍ଚିତ କରିବା ସମ୍ବିଧାନ ବିରୋଧି ଏବଂ ପୌରସଂସ୍ଥା ଆଇନକୁ ଅଣଦେଖା କରାଯାଇଛି ବୋଲି ସେ ଗୁରୁତର ଅଭିଯୋଗ କରିଛନ୍ତି । ତାଙ୍କର ପ୍ରଶ୍ନର ସଠିକ ଉତ୍ତର ନ ମିଳିଲେ ସେ ଆଗାମୀ ଦିନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଛନ୍ତି, ସ୍ୱାଧିନତା ଦିବସ ପାଇଁ ପୂର୍ବରୁ ସମସ୍ତଙ୍କୁ ନିର୍ଦ୍ଧାରିତ ସମୟରେ ଯୋଗଦେବା ପାଇଁ ସୂଚନା ଦିଆଯାଇଥିଲା । ସକାଳ

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ମୁହାଁମୁହିଁ

ଅନ୍ୟାନ୍ୟ ସଂସ୍ଥା ଗୁଡିକର କମିଟିର କର୍ମକର୍ତ୍ତା ରହିଥିବା ଯୋଗୁଁ ଉକ୍ତ ସଂସ୍ଥାର ପତକା ଉତ୍ତୋଳନକୁ ଯିବା ପାଇଁ ତରବରିଆ ଭାବେ ପତାକା ଉତ୍ତୋଳନ କରି ଏକ ସରକାରୀ ସଂସ୍ଥାର ସ୍ୱାଧିନତା ଦିବସରେ ଅନ୍ୟମାନଙ୍କୁ ଉପସ୍ଥିତିରୁ ବଞ୍ଚିତ କରିବାର ତାଙ୍କର ଅଧିକାର ନାହିଁ ବୋଲି ଉପାଧ୍ୟକ୍ଷା ଶ୍ରୀମତି ସୁନିତା ଅଭିଯୋଗ କରିଛନ୍ତି । ଏଥିସହ ମକାପୁଟ ସ୍ଥିତ ପୌରସଂସ୍ଥାର ଡମ୍ପିଂ ୟାର୍ଡ ତଥା ଖତ ପ୍ରସ୍ତୁତି କେନ୍ଦ୍ରରେ କିଭଳି ସକାଳ ୧୦ଟା ୪୫ ମିନିଟର ପତକା ଉତ୍ତୋଳନ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି । ୭ ଟା ଠାରୁ ୮ଟା୪୦ ମିନିଟ ମଧ୍ୟରେ ଉପାଧ୍ୟକ୍ଷାଙ୍କୁ ଅପେକ୍ଷା କରାଯାଇ ଅଧ୍ୟକ୍ଷ ନିଜେ ୩ ଥର ଫୋନ କରିଥିଲେ । କିନ୍ତୁ ସେ ଫୋନ ଉଠାଇନଥିଲେ ଏବଂ ସ୍ୱାଧିନତା ଦିବସରେ ଅନେକ କାର୍ଯ୍ୟକ୍ରମ ରହିଥିବା ଯୋଗୁଁ ଉପସ୍ଥିତ ଅନ୍ୟମାନଙ୍କ ମତାମତ ଅନୁଯାୟୀ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା । ତାଙ୍କୁ ପୌରସଂସ୍ଥା କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଧିନତା ଦିବସରେ ଯୋଗଦେବାର ସମସ୍ତ ଅଧିକାର ରହିଛି । ଏଥିରେ ଅଣଦେଖା କରିବାର ପ୍ରଶ୍ନର କୌଣସି ଉତ୍ତର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

'ସକାଳ' ମୁଦ୍ରଣ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ

ଜୟପୁର,୧୬।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଇରିଗେସନ କୋଲନୀ ସ୍ଥିତ 'ସକାଳ' ଖବରକାଗଜ ମୁଦ୍ରଣ କାର୍ଯ୍ୟାଳୟଠାରେ ୭୯ତମ ସ୍ୱାଧିନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟିର ଅଧ୍ୟକ୍ଷ ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ । ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଜାତୀୟ ସଂଗୀତ ଗାନ କରିଥିଲେ । ବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଇରିଗେସନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ସୁଚିସ୍ମିତା ମହାନ୍ତି, ଉପାଧ୍ୟକ୍ଷା ସଂଯୁକ୍ତା ପଟ୍ଟନାୟକ, ଅନ୍ୟାନ୍ୟ ଶିକ୍ଷୟିତ୍ରୀ, 'ସକାଳ' ଖବରକାଗଜର ସାମ୍ବାଦିକ ସୁପ୍ରିତ ପୂଜାରୀ, ପ୍ରସାର ପ୍ରଚାର ବିଭାଗର କାର୍ଯ୍ୟ ନିର୍ବାହୀ ସୁଧିର କୁମାର ମାଦଳା, ବିଜ୍ଞାପନ କାର୍ଯ୍ୟନିର୍ବାହୀ ସୟଦ ହବିବ, ସହାୟକ ସିଟିପି ଅପରେଟର୍ ଏସ୍ ଜଗଦିଶ ରାଓ, ପ୍ରେସ୍‌ର ବିଦ୍ୟୁତ ବିଭାଗର କର୍ମଚାରୀ ସଞ୍ଜିବ ସାହୁ, ଅର୍ଜୁନ ପାତ୍ର, ଜଗନ୍ନାଥ ଦଳପତି, ସୁରକ୍ଷା କର୍ମଚାରୀ ଫୁଲମନ ଶବର, ଜଗନ୍ନାଥ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

ବିଷମ କଟକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷିତ

ବିଷମ କଟକ,୧୬।୮ (ସମିସ): ରାଜ୍ୟ ନଗର ଉନ୍ନୟନ ବିଭାଗ ଆଜି ରାଜ୍ୟର ୭ଜିଲ୍ଲାର ୧୨ଟି ବିଜ୍ଞାପିତ ପରିଷଦ ଅଞ୍ଚଳ ଗଠନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ତାଲିକାରେ ରାୟଗଡା ଜିଲ୍ଲାର ବିଷମ କଟକଙ୍କ ନାମ ମଧ୍ୟ ସ୍ଥାନ ପାଇଛି । ବିଷମ କଟକ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଏହି ଦାବିକୁ ଆଜି ଓଡିଶା ସରକାର ପୁରଣ କରିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ରାଜ୍ୟ ସରକାର ଏନ୍‌ଏସି ମାନ୍ୟତା ଦାବିକୁ ପୂରଣ କରିଥିବାରୁ ବିଷମ କଟକ ପ୍ରେସ୍ କ୍ଲବ, ବଣିକ ସଂଘ, ନାଗରିକ ମଞ୍ଚ, ବିଭିନ୍ନ ରାଜନୈତିକ ଦଳ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରାଯାଇଛି । ବିଷମ କଟକକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା ହେବାରେ ଉଦ୍ୟମ ଜାରି ରଖିଥିବା ନାଗରିକ ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, ଦିଲିପ କୁମାର ପଟ୍ଟନାୟକ, ଶଶି ଭୂଷଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ବକ୍ସି, ଏସ୍.ବାବୁରାଓ, କୃଷ୍ଣ ଚନ୍ଦ୍ର ସାହୁ, ଡି.ଶିବପ୍ରସାଦ, ପୃଥ୍ୱୀ ରାଜ ସାହୁ, ଚନ୍ଦ୍ରମୌଳି ପଟ୍ଟନାୟକ, ଦିଲିପ ମହାରଣା, ରବିନ୍ଦ୍ରନାଥ ପଣ୍ଡା, ଜି.ପ୍ରଦୀପ କୁମାର, ସନ୍ତୋଷ କୁମାର ପଣ୍ଡାଙ୍କ ସହ ଅନ୍ୟ ସମସ୍ତ ନେତୃମଣ୍ଡଳୀଙ୍କୁ ବିଷମ କଟକବାସୀଙ୍କ ତରଫରୁ ଧନ୍ୟବାଦ୍ ଜ୍ଞାପନ କରାଯାଇଛି ।

ସିଜିମାଳି ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଲେ ସାଂସଦ

ରାୟଗଡ଼ା,୧୬।୮ (ସମିସ): କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ରାୟଗଡ଼ା ଗସ୍ତବେଳେ ଶୁକ୍ରବାର କାଶିପୁର ବ୍ଲକ ସିଜିମାଳି ଅଞ୍ଚଳ ପରିଦର୍ଶନରେ ଯାଇ ସେଠାକାର ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସିଜିମାଳି ଅଞ୍ଚଳବାସୀ ଏବଂ ମା' ମାଟି ମାଳି ସୁରକ୍ଷା ମଞ୍ଚ ଗତ ଦିନରେ କଂଗ୍ରେସ ଭେଟେରାନ୍ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ନିଜ ସମସ୍ୟା ଜଣାଇବା ପରେ ସପ୍ତଗିରି ସିଜିମାଳି ଗସ୍ତ କରିଥିବା ଜଣାପଡ଼ିଛି । ଅଞ୍ଚଳବାସୀ ଏମ୍‌ପି ଉଲାକାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ । ଶନିବାର ଏମ୍‌ପି ଉଲାକା ରାୟଗଡ଼ା ଜେଲକୁ ଯାଇ ନାରିଙ୍ଗିଦେଇ ମାଝିଙ୍କୁ ଭେଟି ତାଙ୍କ ସମସ୍ୟା ପଚାରି ବୁଝିଥିଲେ ।

ଉପଜିଲ୍ଲାପାଳଙ୍କ ଗୁଡାରୀ ପରିଦର୍ଶନ

ଗୁଡାରୀ,୧୬।୮ (ସମିସ): ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଉପଜିଲ୍ଲାପାଳ ଦୁଦାଲ ଅଭିଷେକ ଗୁଡାରି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ସେ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଗୁଡାରୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ମା' ଗୃହ ପରିଦର୍ଶନ କରିବାପରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ । ଏହାପରେ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାର ଏ ସ୍ନେହଲତାଙ୍କ ସହ ଆଲୋଚନା କରିଥିଲେ । ଗୁଡ଼ାରି ପ୍ରେସ୍ ୟୁନିଅନର ପ୍ରମୋଦ କୁମାର ପତି, ମକରଧ୍ୱଜ କାଦମ୍ବାଲୁ, ପ୍ରସାଦ ଲିମା ଉପସ୍ଥିତ ରହି ଗୁଡାରିରୁ ଭୁବନେଶ୍ୱର ଓ ଗୁଡାରିରୁ ରାୟଗଡ଼ାକୁ ସରକାରୀ ବସ୍ ଚଳାଚଳ କରିବା ନିମନ୍ତେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ ।

ଟ୍ରାକ୍ଟର-ବାଇକ୍ ଧକ୍କା; ଜଣେ ମୃତ

ପୋଡ଼ାଗଡ,୧୬।୮ (ସମିସ):ଦଶମନ୍ତପୁରସଦରମହକୁମାରେଟ୍ରାକ୍ଟରବାଇକ୍‌ମୁହାଁମୁହିଁଧକ୍କାହେବା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ଚିକାମ୍ବ ପଞ୍ଚାୟତ ଅଧୀନସ୍ଥ ବନାସିଲଗାଁରବାରିକମୁଦୁଲିବୋଲିଜଣାପଡ଼ିଛି । ଦୁର୍ଘଟଣାପରେଟ୍ରାକ୍ଟରଚାଳକଫେରାର ହୋଇଯାଇଛି । ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରୁଛି ।

ଜୟପୁର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

ଜୟପୁର,୧୬।୮ (ସମିସ): ଜୟପୁର ସହରରେ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଦଶହରା ପଡିଆଠାରେ ଗତ ଶୁକ୍ରବାର ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଏ. ସସ୍ୟା ରେଡ୍ଡି ଯୋଗଦେଇ ପୂର୍ବାହ୍ନ ୯.୧୫ ମି ସମୟରେ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଭାଷଣ ମାଧ୍ୟମରେ ମୁଖ୍ୟଅତିଥି ଉପଜିଲ୍ଲାପାଳ କୁମାରୀ ରେଡ୍ଡି କହିଛନ୍ତି ଯେ, ଆଜିର ଦିବସରେ ଆମେ ନିଜନିଜ କର୍ତ୍ତବ୍ୟ ପ୍ରତି ସଚେତନତା ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଏହି ଦୁଇଟିକୁ ମୂଳମନ୍ତ୍ର କଲେ ତେବେ ନିଶ୍ଚିତ ଭାବରେ ଆମ ସହର, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ । ଏହାପରେ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଏନସିସି, ସ୍କାଉଟ, ଗାଇଡ ଏବଂ ସିଭିଲରେ ୩୭ଟି ପ୍ଲାଟୁନ ଦଳର ପରିଦର୍ଶନ ଏବଂ ପ୍ୟାରେଡ ମାଧ୍ୟମରେ ଅଭିବାଦନ ଗ୍ରହଣ କରିଥିଲେ । ଏହା ପରେ ଜିଲ୍ଲା ଓ ରାଜ୍ୟସ୍ତରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏହି ଅଞ୍ଚଳର ପ୍ରତିଭା ଭାବେ କୁନ୍ଦ ମାଝୀ, ହିରାମଣି ମାଝୀ, ଗ୍ଲୋବାଲ ଫେଷ୍ଟରେ ରାଜ୍ୟ ସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେଇଥିବା ଏବଂ ମାର୍ଶଲ ଆର୍ଟର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀ ଓ ପରେଡରେ ଭାଗ ନେଇଥିବା ବିଜେତା ଦଳମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପ୍ୟାରେଡ ପଡିଆର କାର୍ଯ୍ୟକ୍ରମ ପରେ ଉକ୍ରଳ ବାଳାଶ୍ରମରେ ଥିବା ଅନ୍ତେବାସୀ ଓ ଉପଖଣ୍ଡ କାରାଗାର ଅନ୍ତେବାସୀ, ଜିଲ୍ଲା ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯାଇଥିଲା । ଏହି ଉତ୍ସବରେ ଏସଡିପିଓ ପାର୍ଥ କାଶ୍ୟପ, ଗୋଷ୍ଠି ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍

ଅର୍ଜୁନପୁରରେ ଚାଷୀ ସମାବେଶ

ତେଲନଦୀରେ ବ୍ୟାରେଜ୍ ନିର୍ମାଣ ଦାବି | ଉପକୃତ ହେବେ ୧୦ ପଞ୍ଚାୟତବାସୀ

ଦେଓଗାଁ,୧୬।୮ (ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଜୁନପୁର ଶିବମନ୍ଦିର ପରିସରରେ ଶୁକ୍ରବାର ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଚାଷୀ ନେତା, ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକକର୍ମୀ ଓ ୧୦ଟି ପଞ୍ଚାୟତର ଚାଷୀମାନେ ଯୋଗ ଦେଇଥିଲେ। ବର୍ତ୍ତମାନ ସ୍ୱଳ୍ପବୃଷ୍ଟିପାତ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅର୍ଜୁନପୁର ନିକଟ ତେଲନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଦାବି ହୋଇଥିଲା। ଏଠାରେ ବ୍ୟାରେଜ ନିର୍ମାଣ ହେଲେ ବୃହତ ମେଗା ଉଠାଜଳସେଚନ ଥିବା ୧୩ନଂ ଜୋନର ୧୦ଟି ପଞ୍ଚାୟତର ୫୪ଟି ଗାଁରେ ଜଳସେଚନ ସମେତ ପାନୀୟଜଳ ସମସ୍ୟା ଦୂରହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।ଅର୍ଜୁନପୁରନିକଟସ୍ଥ ବ୍ରାହ୍ମଣୀପଲା ଓ କେନ୍ଦୁଘାଟ(ଶାସନପାଲି) ତେଲନଦୀରେ ମେଗା ବୃହତ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ହେଉଥିବା ଜଳସେଚନ ବର୍ତ୍ତମାନ ମାତ୍ର ୬୫ ପ୍ରତିଶତ ଗାଁକୁ ଲାଗୁଥିବା ବେଳେ ଆଉ ୩୫ପ୍ରତିଶତ ଚାଷଜମିକୁ ପାଣି ଲାଗୁନାହିଁ। ପ୍ରତି ୨୦ହେକ୍ଟରରେ ନିର୍ମାଣ ହୋଇଥିବା ଆଉଟଲେଟ କୁ ବୃଦ୍ଧି କରାଯାଇ ପ୍ରତି ଗୋଟିଏ ହେକ୍ଟର ଜମିରେ ଗୋଟିଏ ଲେଖାଏଁ ଆଉଟଲେଟ କରିବାକୁ ଚାଷୀମାନେ ଦାବି କରିଥିଲେ। ରବିଚାଷ ପାଇଁ ସିଂହାଟିମାଲ, ଖଇରମାଲ, ମୁଣ୍ଡପଲା, ବ୍ରାହ୍ମଣୀପଲା, ଫଲସାପଦର, ଅର୍ଜୁନପୁର, କେନ୍ଦୁଘାଟ, ଗୌରଗୋଠ, ଆମଦହନ ଓ ରତାଖଣ୍ଡି ଗାଁ ଗୁଡ଼ିକରେ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ କରିବାପାଇଁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏଥିପାଇଁ ଏକ ଚାଷୀ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗକୁ ଉକ୍ତଦାବି ପୂରଣ ନହେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ତିନିଦିନ ଛୁଟି ଘୋଷଣା ଦାବିକଲା କୋଶଲ ମୁକ୍ତି ମୋର୍ଚ୍ଚା

ପାଟଣାଗଡ଼,୧୬।୮ (ସମିସ): ପଶ୍ଚିମ ଓଡିଶା ତଥା କୋଶଲାଞ୍ଚଳ ବାସିଙ୍କ ମହାନ ଗଣଭିତ୍ତିକ ପର୍ବ ନୂଆଖାଇ ପାଇଁ ରାଜ୍ୟ ସରକାର ତିନି ଦିନ ଛୁଟି ଘୋଷଣା ଦାବି ନେଇ ଗୁରୁବାର କୋଶଲ ମୁକ୍ତି ମୋର୍ଚ୍ଚା ର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଉପଜିଲ୍ଲାପାଳ ପାଟଣାଗରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁସାରେ ପଶ୍ଚିମଓଡ଼ିଶା ତଥା କୋଶଲାଞ୍ଚଳ ର ଦୁଇ କୋଟି ଜନସାଧାରଣଙ୍କ ମହାନ ଗଣପର୍ବ, ଭାଇଚାରାର ପର୍ବ, କୃଷିଭିତ୍ତିକ ପର୍ବ ହେଉଛି ନୁଆଁଖାଇ।ଏହି ପର୍ବ ପାଇଁ ପଶ୍ଚିମ ଓଡିଶାର ଲୋକେ

- ● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର
- ● ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଅନ୍ୟ ରାଜ୍ୟ ତଥା ଦେଶ ବାହାରେ ଥିଲେ ମଧ୍ୟ ଘରକୁ ଫେରି ଏହି ମହାନ ପର୍ବରେ ସାମିଲ ହୋଇଥାନ୍ତି।ନୁଆଁଖାଇ ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ବାହାର ରାଜ୍ୟ, ଦେଶ ତଥା ଏପରିକି ବିଦେଶରେ ମଧ୍ୟ ପ୍ରବାସୀମାନେ ନୂଆଖାଇ ପାଳନ କରିଥାନ୍ତି। କିନ୍ତୁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାବାସୀଙ୍କ ମହାନ ଗଣପର୍ବ ନୂଆଖାଇକୁ ବୈମାତୃକ ମନୋଭାବ ରଖି ଆସୁଛନ୍ତି। ପୂର୍ବ ଓଡ଼ିଶାରେ ସରକାର ରଜ ପର୍ବପାଇଁ ତିନି ଦିନ ଛୁଟି ଘୋଷଣା କରିଥିବାବେଳେ ନୂଆଖାଇ ପାଇଁ କେବଳ ଗୋଟିଏ ଦିନ ଛୁଟି ମଞ୍ଜୁର କରିଛନ୍ତି। ଏଣୁ ନୂଆଖାଇ ପାଇଁ ତିନି ଦିନ ଛୁଟି ଘୋଷଣା ସହ ସରକାରୀ କ୍ୟାଲେଣ୍ଡରରେ ଏହାକୁ ସ୍ଥାନିତ କରିବା ପାଇଁ ଦାବି କରିଛି କୋଶଲ ମୁକ୍ତି ମୋର୍ଚ୍ଚା। ଗୁରୁବାର କୋଶଲ ମୁକ୍ତି ମୋର୍ଚ୍ଚାର ଆବାହକ ଶ୍ରୀ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ କଚେରୀ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ କୋଶଲ ସଂଗ୍ରାମୀ ମାନେ।ପରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ନୁଆଁଖାଇକୁ ତିନି ଦିନ ସରକାରୀ ଛୁଟି ଘୋଷଣା ସହ ସରକାରୀ କେଲେଣ୍ଡରରେ ସ୍ଥାନ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ସେଥିପାଇଁ ପ୍ରଶାସନ ସହ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।ଦାବିପତ୍ର ପ୍ରଦାନ ସମୟରେ କୋଶଲ ମୁକ୍ତି ମୋର୍ଚ୍ଚାର ଜଗନ ମେହେର, ଜିତୁ ନାଏକ, ଜନସନ ନାଗ, ସୁବାଷ ଚନ୍ଦ୍ର ଆଚାର୍ଯ୍ୟ, ଜନାର୍ଦନ ସିଂ,ପ୍ରକାଶ ସାହୁ, ଅଭିଳାଷ ଭୋଇ, ଜୈସିଂ ପୂଝାରୀ, ସନ୍ତୋଷ ପଧାନ, ଝସକେତନ ରାଏ, ଧବଳେଶ୍ୱର ଭୋଇ,ରମେଶ କୁମୁରା, ରଞ୍ଜିତ ସାହୁ, ଯୁଧିଷ୍ଠିର ମିର୍ଦ୍ଧା, କାର୍ତ୍ତିକ ହଂସ, ଭଗବାନ ମାଝୀ, କୈଳାଶ ବେହେରା, ରାଜ କିଶୋର ଛତ୍ରିଆ, ଅମ୍ଳାନ ପଧାନ, ବୀରେନ୍ଦ ବାଗଙ୍କ ସହ ଅନେକ କୋଶଲ ସଂଗ୍ରାମୀ ଉପସ୍ଥିତ ଥିଲେ।

● ସେମାନେ ଯାହା କୁହନ୍ତି

ପଶ୍ଚିମ ଓଡ଼ିଶାକୁ ସରକାର ବାରମ୍ବାର ବୈମାତୃକ ମନୋଭାବ ଦେଖାଉଛନ୍ତି।ଆମର ତିହାର, ପୂଜା ପର୍ବ ଯାହା କିଛି ଅଛି ସବୁକୁ ସରକାର ଅଣଦେଖା କରୁଛନ୍ତି। ପ୍ରତିବର୍ଷ କେତେ ଆନ୍ଦୋଳନ ପରେ ଗୋଟିଏ ଦିନ ଛୁଟି ମିଳୁଛି। ଆମ ପରମ୍ପରା ଅନୁସାରେ ତିନି ଦିନ ଛୁଟି ଦରକାର।

ଜନସନ ନାଗ (କୋଶଲ ମୁକ୍ତି ମୋର୍ଚ୍ଚା ସଦସ୍ୟ)

ପ୍ରତିବର୍ଷ ନୂଆଁଖାଇ ସମୟରେ ଦାବି କଲାପରେ ଗୋଟିଏ ଦିନ ଛୁଟି ମଞ୍ଜୁର ହେଉଛି। ପୂର୍ବ ଓଡ଼ିଶାର ରଜ ପର୍ବ ପଶ୍ଚିମ ଓଡ଼ିଶାରେ ପାଳନ ନ ହେଲେ ମଧ୍ୟ ତିନି ଦିନ ଆମେ ଛୁଟି ପାଳନ କରୁଛୁ। କିନ୍ତୁ ଆମର ଶିଘ୍ର ତିହାର ନୁଆଁଖାଇରେ ଗୋଟିଏ ଦିନ ଛୁଟି ମିଳୁଛି।ଯେହେତୁ ବାହାର ରାଜ୍ୟ ତଥା ଦେଶରୁ ନୁଆଁଖାଇ ପାଇଁ ଏଠାକୁ ଲୋକେ ଆସୁଛନ୍ତି ଯିବା ଆସିବା ପାଇଁ ତିନି ଦିନ ସମୟ ଲାଗୁଛି। ତେଣୁ ତିନିଦିନ ଛୁଟି ଘୋଷଣା କରାଯାଉ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ। ସେଥିପାଇଁ ପ୍ରଶାସନ ଦାୟୀ ରହିବ।

ଜଗନ ମେହେର (କୋଶଲ ମୁକ୍ତି ମୋର୍ଚ୍ଚା ସଦସ୍ୟ)

ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ନୂଆଁଖାଇ ପର୍ବକୁ ସରକାରୀ ଛୁଟିର ମାନ୍ୟତା ମିଳିପାରିନାହିଁ।ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦେଇଛୁ। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ।

ଗିରିରାଜ ଭୋଇ (ଆବାହକ କୋଶଲ ମୁକ୍ତି ମୋର୍ଚ୍ଚା)

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ଦେଓଗାଁ,୧୬।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ଅଞ୍ଚଳରେ ଜନୈକା ନବମ ଶେଣୀ ଛାତ୍ରୀଙ୍କୁ ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକୁ ଆଧାରକରି ଥାନାରେ କେସନଂ ୨୬୭/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଯୁବକ ବରକାନୀର ଚୂଡ଼ାମଣି ମେହେର(୨୧)କୁ ପୁଲିସ କୋର୍ଟ ଚାଲାଣ କରିଥିବା ଡିଏସ୍‌ପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି। ସୂଚନାନୁସାରେ ସଂପୃକ୍ତା ଛାତ୍ରୀ ଶୁକ୍ରବାର ବିଦ୍ୟାଳୟରେ ସ୍ୱାଧୀନତା ଦିବସ ସାରି ଘରକୁ ଫେରୁଥିବାବେଳେ ବାଟରେ ଚୂଡ଼ାମଣି ଛାତ୍ରୀଙ୍କୁ ଅଟକାଇ ଜୋରଜବରଦସ୍ତ ଧରି ଟଣାଓଟରା କରିଥିଲା। ଏଥିରେ ଛାତ୍ରୀଙ୍କ ଡ୍ରେସ୍ ଚିରିଯାଇଥିଲା। ଛାତ୍ରୀ ଘରକୁ ଆସି ଘଟଣା ସମ୍ପର୍କରେ କହିବାପରେ ପରିବାର ଲୋକେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ।

ବିବାହ ପାଇଁ ଅରାଜି ହେବାରୁ ପ୍ରେମିକଙ୍କୁ ପୁଲିସ ଜିମାଦେଲେ

ଦେଓଗାଁ,୧୬।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଇନ୍‌ଷ୍ଟାଗ୍ରାମରେ ପ୍ରେମ କରୁଥିଲେ ଜଣେ ଯୁବକ। ସମ୍ପର୍କ ନିବିଡ଼ ହେବା ପରେ ପ୍ରେମିକା ଘରକୁ ରାତିରେ ଲୁଚିଛପି ଯାଇଥିଲେ। ତେବେ ପ୍ରେମିକା ସହ ଘରଭିତରେ ଥିବାବେଳେ ପରିବାର ଲୋକଙ୍କ ହାତରେ ଧରାପଡ଼ିଗଲେ। ଧରାପଡ଼ିବା ପରେ ପରିବାର ଲୋକେ ବିବାହ ପାଇଁ କହିବାରୁ ଏଥିରେ ପ୍ରେମିକ ଅରାଜି ହୋଇଥିଲେ।ତେଣୁପ୍ରେମିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଏବେ ପ୍ରେମିକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରେମିକାଙ୍କ ଅଭିଯୋଗକୁ ଆଧାରକରି ଥାନାରେ କେସନଂ ୨୬୮/୨୫ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଯୁବକ ହେଲେ ବେଲପଡ଼ା ଥାନା ସେମେଲପାଲି ଗାଁର କହ୍ନେଇ ବାଗ(୧୯) ବୋଲି ଡିଏସପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି।

ମହିଳା ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୂଆପଡ଼ା,୧୬।୮ (ସମିସ): ନୂଆପଡ଼ା ଜିଲ୍ଲା ସଦର ଥାନା ରାଧାକୃଷ୍ଣ ପଡ଼ାରେ ରହୁଥିବା ଜଣେ ମହିଳା ପୁଲିସ କର୍ମଚାରୀଙ୍କ ମୃତଦେହ ଶନିବାର ନୂଆପଡ଼ା ରେଲୱେ ଫାଟକ ନିକଟରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛ। ମୃତକଙ୍କ ନାମ ରୁକ୍ମଣୀ ନାଗ (୨୮) ବୋଲି ଜଣା ପଡ଼ିଛି। ସେ ନୂଆପଡ଼ା ପୁଲିସରେ କାର୍ଯ୍ୟରତ ଥିଲେ। ସେ ରେଲୱେ ଫାଟକ ପାଖରେ ଥିବା ଏକ ଗଛରେ ଓଢ଼ନି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ନୂଆପଡ଼ା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ରଖିଛି। ମହିଳା ପୁଲିସ କର୍ମଚାରୀ କାହିଁକି ଆତ୍ମହତ୍ୟା କଲେ ବର୍ତ୍ତମାନ ସନ୍ଦେହ ଘେରରେ ରହିଛି। ମୃତ ପୁଲିସ କର୍ମଚାରୀଙ୍କ ସ୍ୱାମୀ ମଧ୍ୟ ପୁଲିସ ବିଭାଗରେ କାମ କରୁଥିବା ଜଣାପଡିଛି। ପୁଲିସ ରାତିରେ ଶବ ବ୍ୟବଚ୍ଛେଦ କରାଇଛି। ଏକ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଛି।

ଏଟିଏମ୍‌ରେ ଟଙ୍କା ନଥିବାରୁ ନିରାଶ ଗ୍ରାହକ

କଲମପୁର,୧୬।୮ (ସମିସ): କଲମପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓ ଲଖିରାମ ଫୁଏଲ ପେଟ୍ରୋଲ ପମ୍ପ ନିକଟରେ ଅଞ୍ଚଳବାସୀଙ୍କ ପାଇଁ ମାତ୍ର ଦୁଇଟି ଏଟିଏମ ସ୍ଥାପିତ ହୋଇଛି। ଏହି ଦୁଇଟି ଏଟିଏମରେ ପରିଚାଳନା କରୁଥିବା ସଂସ୍ଥା ଟଙ୍କା ଜମା ନ କରିବାରୁ ଟଙ୍କା ଉଠାଣ ପାଇଁ ଆସି ଗ୍ରାହକ ମାନେ ନିରାଶରେ ଫେରି ଯାଉଛନ୍ତି। ଏଭଳି ପରିସ୍ଥିତି ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଲାଗି ରହିଥିଲେ ମଧ୍ୟ ପରିଚାଳନା କରୁଥିବା ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ରୁଆ କାମ କରୁଥିବା ବେଳେ ମଜୁରି ଦେବାକୁ ଅସୁବିଧା ଭୋଗୁଛନ୍ତି। ଆଗକୁ ଗଣେଶ ପୂଜା ସହିତ ନୂଆଁଖାଇ ପର୍ବ ପାଖେଇ ଆସୁଥିବା ବେଳେ ଏଟିଏମ ଧାରୀ ମାନେ ଏପରି ଅବ୍ୟବସ୍ଥା ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର

ଭତ୍ତା ବାବଦକୁ ୩୦୦୦ଟଙ୍କା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର

ଭବାନୀପାଟଣା,୧୬।୮ (ସମିସ): ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଦଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ରୁ ୩୫୦୦ ଟଙ୍କା କରିବା ପାଇଁ ସଂକଳ୍ପ ପତ୍ରରେ ଉଲ୍ଲେଖ କରିଥିଲା। ରାଜ୍ୟର ପାଖାପାଖି ୬୦ ଲକ୍ଷରୁ ଗରିବ ଓ ଅବହେଳିତ ଭତ୍ତାଧିକାରୀମାନେ ଟିକିଏ ଭଲରେ ବଞ୍ଚିବା ଆଶାରେ ଭୋଟ ଦେଇଥିଲେ। କିନ୍ତୁ ସରକାର ହେବାର ୬ ମାସ ପରେ କେବଳ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଏବଂ ୮୦%ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ପାଇଁ ଭତ୍ତା ୩୫୦୦ଟଙ୍କା ଘୋଷଣା କଲେ। ଯାହାଦ୍ୱାରା ରାଜ୍ୟର କେବଳ ୪ ଲକ୍ଷ ୧୭ ହଜାର ହିତାଧିକାରୀ ଗତ ଜାନୁଆରୀ ୧୫ରୁ ଲାଭବାନ ହେଲେ। କିନ୍ତୁ ରାଜ୍ୟରେ ବାକି ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ବିଧବା, ଅବିବାହିତା ଓ ୪୦% ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପାଖାପାଖି ୫୬ଲକ୍ଷ ଭତ୍ତାଧିକାରୀମାନେ ୧୪ମାସ ହେଲା ଭତ୍ତା ୩୦୦୦ଟଙ୍କା ଘୋଷଣାକୁ ଚାହିଁବସିଛନ୍ତି। ତେଣୁ ଆଜି 'ମୁଇଁ କଲାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନର ସଂଗଠକ ଙ୍କ.ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସର୍କିଟ୍ ହାଉସରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହୋଦୟଙ୍କୁ ଭେଟି ୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିଶ୍ରୁତି ଭତ୍ତା ୩୦୦୦ଟଙ୍କା କେବେ ଘୋଷଣା କରିବେ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏହାର କୌଣସି ସନ୍ତୋଷଜନକ ଉତ୍ତର ନରଖି ଆଗାମୀ ଦିନରେ ରାଜ୍ୟର ରାଜସ୍ୱକୁ ଦେଖି ବିଚାର କରାଯିବ ବୋଲି କହିଥିଲେ। ସରକାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପୂର୍ବରୁ ଘୋଷଣା ନ କଲେ, ସଂଗଠନ ହିତାଧିକାରୀଙ୍କୁ ଧରି ରାଜାରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଗଠନର ନାରୀ ନେତ୍ରୀ କବିତା ରାଉତ, ନିରୋଦ ରାଉତ, ଓକିଲ କ୍ଷୀରୋଦ ନାଗ, ସସ୍ମିତା ସିଂ, ରାଜେନ୍ଦ୍ର ମହାରଣା, ଟଙ୍କଧର ସାହୁ, ମଧୁଲାଲ ନାଏକ, ସୌମ୍ୟରଞ୍ଜନ କର, କୁନୁ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ।

ଆସ ବୁଲିଯିବା ଆମ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୬।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଗର୍ଭବତୀ, ପ୍ରସୂତି ମହିଳା ଏବଂ ୭ ମାସରୁ ୩ ବର୍ଷ ଶିଶୁ ମାନଙ୍କ, ସୁପୋଷଣ ନିମନ୍ତେ ଛତୁଆ, ଚିନାବାଦାମ ଲଡ୍ଡୁ, ଚିକ୍କି, ସୁଜି ହାଲୁଆ ସହ ଅଣ୍ଡା ବଣ୍ଟନ ଏବଂ ୩ ବର୍ଷରୁ ୫ ବର୍ଷ ଶିଶୁ ମାନଙ୍କ ପାଇଁ କେନ୍ଦ୍ରରେ ଖାଦ୍ୟ ତିଆରି ହେଉଛି। ସେହିପରି ବାଳିକାମାନଙ୍କୁ ମଧ୍ୟ ଛତୁଆ ସହ ଅଣ୍ଡା ଦିଆ ଯାଉଛି। ଏହା କିପରି ଚାଲିଛି ତାହାକୁ ଲୋକ ଲୋଚନ ଆଣିବା ଏବଂ ତନଖିବା ପାଇଁ ସରକାର ପୁଣି ଆଉ ଏକ ନୂତନ ଯୋଜନା କରିଛନ୍ତି। ସେହି ଯୋଜନାଟିର ନାମ ହେଉଛି ଆସ ବୁଲିଯିବା ଆମ ଅଙ୍ଗନବାଡ଼ି କେନ୍ଦ୍ର। ଏହି ଯୋଜନାରେ ଅଙ୍ଗନବାଡି କର୍ମୀ, ଗାଁର ୱାର୍ଡସଭ୍ୟ, ଶିକ୍ଷକ, ଏସଏଚଜି ମହିଳା, ଏବଂ ଯାଞ୍ଚ କମିଟି, ମଦର କମିଟି ଏବଂ ଗାଁର ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ସହ ନିଜ କେନ୍ଦ୍ରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି।

ଅଙ୍ଗନବାଡି କର୍ମୀ ଗୋଲାପି ବାଗଙ୍କ ନିମନ୍ତ୍ରଣରେ ଗୋଇଣ୍ଡିମୁଣ୍ଡା ପଡା ନୂତନ ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷକ ଖଗେନ୍ଦ୍ର ପ୍ରଧାନ, ଆଶା ଦିଦି ବିଦୁଲତା ମାଝି, ଏସଏଚଜିର ମହିଳା ବୃନ୍ଦ, ଯାଞ୍ଚ କମିଟି ସଭ୍ୟ, ସଭ୍ୟା, ମଦର କମିଟିର ସଭ୍ୟା ମାନେ ଏବଂ ଗାଁର ଅନେକ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସହାୟିକା ସେବନି ମାଝି ସହଯୋଗ କରିଥିଲେ।

ପାଗଳ କୁକୁର ଆତଙ୍କ, ଜିଲ୍ଲାପାଳଙ୍କୁ ଫେରାଦ

ବଲାଙ୍ଗିର,୧୬।୮ (ସମିସ): ଆତଙ୍କ ଖେଳାଉଛନ୍ତି ପାଗଳ କୁକୁର। କିଛିଦିନ ମଧ୍ୟରେ କୁକୁର କାମୁଡ଼ାରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ବହୁ ଗୃହପାଳିତ ପଶୁଙ୍କୁ କାମୁଡ଼ି ମାରି ଦେଉଛନ୍ତି। ଗତ କିଛି ଦିନ ହେଲା ଏହି ପାଗଳ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଯୋଗୁ ଗ୍ରାମବାସୀ ଭୟରେ ଘରୁ ବାହାରି ପାରୁନଥିବା ବେଳେ ଗାଁର ଶିଶୁଙ୍କ ଖେଳିବା ବି ବନ୍ଦ ହୋଇଯାଇଛି। କିଛି ଦିନ ତଳେ କୁକୁର କାମୁଡ଼ାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ଗାଁରେ କୁକୁର ଭୟ ସମସ୍ତଙ୍କୁ ଘାରିଛି। ତେବେ ଏହା ଗୁଡଭେଲା ବ୍ଲକ୍ ଚିଡେ ଗାଁରେ ଦୃଶ୍ୟ ହୋଇଥିବା ବେଳେ ଏହାର ସମାଧାନ ଓ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରି ଶନିବାର ଜିଲ୍ଲାପାଳ ଅଫିସକୁ ଆସି ଗ୍ରାମବାସୀ ସହାୟତା ଦାବି କରିଛନ୍ତି।

ଗତ କିଛି ଦିନ ତଳେ ଗୁ